ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ସୋମବାର, ଫେବୃଆରୀ ୯/୨୦୨୬ (୧୪ ପୃଷ୍ଠା) | Bhubaneswar, Monday, February 9/2026 | Page 14 | ₹ 7.00
୫୨ଶ ଭାଗ ୭୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 77 | ମୂଲ୍ୟ ₹୭/-



**ପାକ୍ ଏଜେଣ୍ଟ ସହ ଗୌରବ, ସ୍ତ୍ରୀଙ୍କ ସମ୍ପର୍କ ରହିଛି: ହିମନ୍ତ**

ଆସାମ କଂଗ୍ରେସ ସଭାପତି ଗୌରବ ଗୋଗୋଇ ଏବଂ ତାଙ୍କ ସ୍ତ୍ରୀ ଏଲିଜାବେଥ କୋଲବର୍ନଙ୍କର ପାକିସ୍ତାନ ସହ ନିବିଡ଼ ସମ୍ପର୍କ ରହିଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଅଭିଯୋଗ କରିଛନ୍ତି।

୧୦

୧୪

**ୱିଲ୍ ଜ୍ୟାକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ**

ନେପାଳ ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ମ୍ୟାଚ୍‌ରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଇଂଲଣ୍ଡର ୱିଲ୍ ଜ୍ୟାକ୍ସ।



# ଶିମିଳିପାଳରେ ପାରଦ ୧ ଡିଗ୍ରୀ

ବାରିପଦା,୮।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନରେ ପାରଦ ନିମ୍ନଗାମୀ ହୋଇଛି। ଉପରବାର୍‌ହାକାମୁଡ଼ାରେ ତାପମାତ୍ରା ୧ ଡିଗ୍ରୀ ସେଲ୍‌ସିୟସ ରେକର୍ଡ ହୋଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ସୂଚନା ଦେଇଛନ୍ତି। ଶିମିଳିପାଳ ସଂଲଗ୍ନ ଜନବସତି ସମେତ ଜିଲାବ୍ୟାପୀ ଅସମ୍ଭାଳ ଶୀତ ପରିଲକ୍ଷିତ ହୋଇଛି। ଶିମିଳିପାଳ ଅଭୟାରଣ୍ୟର ଚହଲାରେ ୫ଡିଗ୍ରୀ, ଗୁଡୁଗୁଡ଼ିଆରେ ୮ଡିଗ୍ରୀ, ବରେହିପାଣି ଓ ନଅାଁଣାରେ ୯ଡିଗ୍ରୀ, ରାମତୀର୍ଥରେ ୧୩ଡିଗ୍ରୀ, ସାତକୋଶିଆ ଏବଂ କିଆଝରିରେ ତାପମାତ୍ରା ୧୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଜିଲାର ୨୬ଟି ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୭ଡିଗ୍ରୀ ପାଖାପାଖି ରହୁଛି। ଅବାଧ ଗଛକଟା ଓ ଖଣିଖନନ ଯୋଗୁ ଏହାର ପ୍ରଭାବ ଜିଲାବାସୀଙ୍କ ଉପରେ ପଡୁଥିବା ପରିବେଶବିତ୍‌ମାନେ କହିଛନ୍ତି।

**ଆଜିର ସମ୍ପାଦକୀୟ**
ଦୋଳି ଦୁର୍ଘଟଣା



ଆର୍ଜେଣ୍ଟିନା ସରକାରଙ୍କ ଫାସିବାଦୀ ଓ ବୈଷମ୍ୟଭେଦୀ ନୀତି ବିରୋଧରେ ବ୍ୟୁନସ୍ ଆୟର୍ସ ସହରରେ ରବିବାର ଆୟୋଜିତ ପ୍ରାଇଡ୍ ମାର୍ଚ୍ଚରେ ଭାଗନେଇଥିବା ଜଣେ ଟ୍ରାନ୍ସ ଓମେନ୍ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଭ୍ୟାନ୍-ବାଇକ୍ ମୁହାଁମୁହିଁ : ପରିବାରର ୪ ମୃତ

କଣ୍ଟାବାଞ୍ଜି ,୮।୨
(ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ ମାଓବାଦୀ ପ୍ରବଣ ପଣ୍ଡରେନ ଗ୍ରାମ ନିକଟରେ ରବିବାର ସନ୍ଧ୍ୟା ସାଢେ ୭ଟାରେ ଏକ ବାଇକ୍ ଓ ପିକ୍‌ଅପ ଭ୍ୟାନ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ଘଟଣାସ୍ଥଳରେ ଗୋଟିଏ ପରିବାରର ଜଣେ ନାବାଳକ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଲାଠୋର ଥାନା ଅଧୀନ ଧଅାଁରା ଖମନ ଗ୍ରାମର ଚିର ପୁଟେଲ(୬୫), ତାଙ୍କ ସ୍ତ୍ରୀ ଫୁଲମତି(୬୨), ପୁଅ ଶୋଭନ (୩୧) ଏବଂ ଚିରଙ୍କ ନାତି ଦେବାଶିଷ ପୁଟେଲ(୮) ଏକ ବାଇକ୍‌ରେ ତୁରେକେଲା-ମହଖଣ୍ଡ ମୁଖ୍ୟ ରାସ୍ତା ଦେଇ ତୁରେକେଲା ଅଭିମୁଖେ ଆସୁଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ୍ ଭ୍ୟାନ୍ ସହ ମୁହାଁମୁହିଁ ଧକ୍କା ହେବାରୁ ଘଟଣାସ୍ଥଳରେ ସମସ୍ତଙ୍କ ମୃତ୍ୟୁ ଘଟିଥିବା ଜାଣିବାକୁ ମିଳିଛି। ଖବରପାଇ ତୁରେକେଲା ପୋଲିସ ପହଞ୍ଚି ଅଧିକ ତଦନ୍ତ ଚଳାଇଛି। ଘଟଣା ସମ୍ପର୍କରେ ଅଧିକ ତଥ୍ୟ ହସ୍ତଗତ ହୋଇନାହିଁ। ସୂଚନାଯୋଗ୍ୟ, ଶୋଭନ ଗତ ମାସରେ ବିବାହ କରିଥିଲେ।

# ଶୋଷ, ଚାଷ ପାଇଁ ପାଣି ନିଅଣ୍ଟ

**ଓଡ଼ିଶାରେ ପ୍ରବାହିତ ୧୧ ପ୍ରମୁଖ ନଦୀରେ ଜଳପ୍ରବାହ ହ୍ରାସ ପାଇବାରେ ଲାଗିଛି। ୨୦୦୧ରେ ରାଜ୍ୟରେ ୯୫.୫୪ ବିଲିୟନ୍ କ୍ୟୁବିକ୍ ମିଟର(ବିସିଏମ୍) ଜଳ ପ୍ରବାହିତ ହେଉଥିଲା। ଇତିମଧ୍ୟରେ ପ୍ରବାହ ହ୍ରାସକୁ ଦେଖିଲେ ଆଗାମୀ ଦିନରେ ଏହା ୮୫.୮୯ ବିସିଏମ୍ ହେବ ବୋଲି ଆକଳନ କରାଯାଇଛି। ରାଜ୍ୟରେ ପ୍ରଚୁର ଜଳସମ୍ପଦ ଥିବା ସତ୍ତ୍ୱେ ଋଷିକୁଲ୍ୟା, ବୈତରଣୀ ଏବଂ ବାହୁଦା ଭଳି କେତେକ ନଦୀରେ ୨୦୪୭ ସୁଦ୍ଧା ଜଳକ୍ଲିଷ୍ଟ ସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଦ୍ରୁତ ସହରୀକରଣ, ଅନିୟନ୍ତ୍ରିତ ଭୂତଳ ଜଳ ଉତ୍ତୋଳନ ଏବଂ ଭୂପୃଷ୍ଠ ଜଳ ଉତ୍ସଗୁଡ଼ିକର ବଣ୍ଟନରେ ଅସମାନତା ଏହାର ପ୍ରମୁଖ କାରଣ। ସେହିପରି ଉପରମୁଣ୍ଡ ଛତିଶଗଡ଼ ସମେତ ପଡ଼ୋଶୀ ରାଜ୍ୟଗୁଡ଼ିକରେ ଏକାଧିକ ବ୍ୟାରେଜ୍ ନିର୍ମାଣ ଯୋଗୁ ନଦୀଜଳ ପ୍ରବାହ କମିବାରେ ଲାଗିଛି। ଓଡ଼ିଶାରେ ଜନସାଧାରଣଙ୍କୁ ପାନୀୟ ଜଳ ଏବଂ ଚାଷ ପାଇଁ ପାଣି ନିଅଣ୍ଟ ହେଉଛି। ଏହାକୁ ଦୃଷ୍ଟିରେ ରଖି ସରକାର ପ୍ରାଥମିକ ପର୍ଯ୍ୟାୟରେ ୨୦ହଜାର କୋଟି ଟଙ୍କାର ପ୍ରତିକାର ପଦକ୍ଷେପ ନେଇଥିବା ସୂଚନା ମିଳିଛି।**

## କମୁଛି ନଦୀଜଳ ପ୍ରବାହ



ଯାଜପୁର,୮।୨(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟର ନଦୀଗୁଡ଼ିକରେ ଜଳପ୍ରବାହ ହ୍ରାସକୁ ଦେଖିଲେ ସମନ୍ୱିତ ପ୍ରଯୁକ୍ତିବିଦ୍ୟା ଆଧାରିତ ଜଳ ସମ୍ପଦ ପରିଚାଳନା ପଦ୍ଧତି ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି। ତଦନୁଯାୟୀ ରାଜ୍ୟ ଜଳ ସମ୍ପଦ ବିଭାଗ ପକ୍ଷରୁ ୩।୨।୨୦୨୬ରେ ହୋଇଥିବା ବୈଠକରେ ଏକ କାର୍ଯ୍ୟାନ୍ୱୟନ ଯୋଜନା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ୨୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଉକ୍ତ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅନୁସଚିବ ଆରତି ମଲ୍ଲିକ ଆବଶ୍ୟକ ରିପୋର୍ଟ ପ୍ରସ୍ତୁତ କରିବାକୁ ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍ ଏବଂ ଚିଫ୍ ଇଞ୍ଜିନିୟରଙ୍କୁ ୭।୨।୨୦୨୬ରେ ଚିଠି ଲେଖିଛନ୍ତି।

ଆନ୍ତଃରାଜ୍ୟ ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଏବଂ ଓଡ଼ିଶାରେ ଉତ୍ପତ୍ତି ହୋଇଥିବା ବୈତରଣୀ, ବୁଢାବଳଙ୍ଗ ଓ ଋଷିକୁଲ୍ୟା ସହ ଏହାର ଶାଖାନଦୀଗୁଡ଼ିକ ସମୁଦ୍ରରେ ମିଶିଛନ୍ତି। ସାଧାରଣ ଲୋକଙ୍କ ପାଇଁ ବ୍ୟବହୃତ ହେଉଥିବା ନଦୀଜଳର ୧୨ ଗୁଣ ଅଧିକ ଜଳ ଶିଳ୍ପ ପାଇଁ ବ୍ୟବହୃତ ହେଉଛି। ଏଠାରେ ବ୍ରାହ୍ମଣୀ, ବୈତରଣୀ ଓ ଏହାର ଶାଖାନଦୀଗୁଡ଼ିକର ଜଳକୁ ଉଦାହରଣ ଭାବେ ନିଆଯାଇପାରେ। ଏହି ନଦୀଜଳ ଉପରେ ନିର୍ଭର କରି ଯାଜପୁର ଜିଲାରେ ୧୦ରୁ ଊର୍ଦ୍ଧ୍ୱ ବୃହତ୍ ଶିଳ୍ପ କାରଖାନା ଗଢ଼ିଉଠିଛି। ଏହି ନଦୀଗୁଡ଼ିକରୁ ବର୍ଷକୁ ଜଳସେଚନ ପାଇଁ ୩୯୫୧.୫୧ ବିସିଏମ୍, ଲୋକଙ୍କ ପାଇଁ ଜଳଯୋଗାଣ କ୍ଷେତ୍ରରେ ୮୨.୩୦ ବିସିଏମ୍, ଶିଳ୍ପ ପାଇଁ ୧୦୫୫.୯୫ ବିସିଏମ୍ ଓ ପର୍ଯ୍ୟାବରଣ ପାଇଁ ୪୭୨୨.୭୦ ବିସିଏମ୍ ଜଳ ଆବଶ୍ୟକ ହୁଏ। ଏଭଳି ପରିସ୍ଥିତି ସାରା ରାଜ୍ୟରେ ଦେଖାଦେଉଥିବାରୁ ଖରାଦିନେ ଲୋକଙ୍କୁ ଜଳକ୍ଲିଷ୍ଟତାର ସମ୍ମୁଖୀନ ହେବାକୁ ପଡୁଛି। ଏବେ ଭୂତଳ ଜଳକୁ ନେଇ ଚିନ୍ତାଜନକ ସ୍ଥିତି ଉପୁଜିଛି। କେଉଁ କମ୍ପାନୀ କେତେ ପରିମାଣର ଭୂତଳ ଜଳ ବ୍ୟବହାର କରୁଛି, ତା'ର ଠିକ୍ ତଥ୍ୟ ପ୍ରଶାସନ ପାଖରେ ଖୋଜିଲେ ବି ମିଳୁନି। ତଥାପି କେହିବି ଏହି ଗୁରୁତର ସମସ୍ୟାର ପ୍ରତିକାର ପାଇଁ ଚେଷ୍ଟା କରୁ ନ ଥିବା ଭଳି ମନେହେଉଛି। କିନ୍ତୁ ବିଭାଗ ପକ୍ଷରୁ ପ୍ରସ୍ତୁତ ରିପୋର୍ଟରେ ବର୍ଷ ବର୍ଷ ଧରି ଜଳସମ୍ପଦର ଉପଯୋଗ ଏବଂ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହୋଇଛି, ତଥାପି କୃଷି, ଶିଳ୍ପ ଏବଂ ଲୋକଙ୍କ ଚାହିଦାକୁ ନେଇ ଦୀର୍ଘକାଳୀନ ଜଳ ସୁରକ୍ଷା ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ ବୋଲି ଦର୍ଶାଯାଇଛି।

ଓଡ଼ିଶାରେ ବର୍ତ୍ତମାନ ବାର୍ଷିକ ପ୍ରାୟ ୩୩.୬୧ ବିସିଏମ୍ ଜଳ ଚାହିଦା ଦ୍ରୁତଗତିରେ ବୃଦ୍ଧି ପାଉଛି। ଅର୍ଥନୈତିକ ପ୍ରସାର, ଜନସଂଖ୍ୟା ବୃଦ୍ଧି ଏବଂ ଶିଳ୍ପାୟନ ପାଇଁ ଏହି ଚାହିଦା ଆଗାମୀ ଦିନରେ ପ୍ରାୟ ଦୁଇଗୁଣ ହେବ ବୋଲି ଆକଳନ କରାଯାଇଛି, ଯାହା ୫୫ ରୁ ୬୨ ବିସିଏମ୍ ମଧ୍ୟରେ ପହଞ୍ଚିବ। ଏହାର ସମାଧାନ ପାଇଁ ଆଧୁନିକ ଜଳସେଚନ ପ୍ରଣାଳୀ, ଶିଳ୍ପ ଜଳ ପୁନଃ ବ୍ୟବହାର, ବିକଳ୍ପ ଜଳ ଉତ୍ସର ବିକାଶ, ଜଳଛାୟା ପରିଚାଳନା, ଭୂପୃଷ୍ଠ ଜଳ ଭଣ୍ଡାରର ☞ପୃଷ୍ଠା-୪

# ପୁଅକୁ ଛୁରି ଭୁସି ହତ୍ୟାକଲେ ବାପା

ଢେଙ୍କାନାଳ,୮।୨ (ରତନ ନାୟାର)

**ଜମିବାଡ଼ି ବିବାଦକୁ ନେଇ ଘଟଣା**

**ଅଭିଯୁକ୍ତ ଗିରଫ**

ନିଶାଗ୍ରସ୍ତ ହୋଇ ଉପଦ୍ରବ କରୁଥିବା ବାପାଙ୍କୁ ଅଟକାଇବାରୁ ବାପା ସାଜିଲେ ପିଶାଚ। ଛୁରି ଭୁସି ହତ୍ୟାକଲେ ନିଜ ପୁଅକୁ। ରବିବାର ଏଭଳି ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କମ୍ପୁଲେଇ ଗ୍ରାମରେ। କମ୍ପୁଲେଇ ଗ୍ରାମର ବିଭୂତି ସାହୁ (୫୫) ଓ ତାଙ୍କର ପ୍ରଥମ ସ୍ତ୍ରୀଙ୍କ ପରିବାର ମଧ୍ୟରେ ଜମିବାଡ଼ି ବିବାଦ ଲାଗିଥିଲା। ବିଭୂତି ଅନ୍ୟଜଣଙ୍କୁ ଦ୍ୱିତୀୟ ସ୍ତ୍ରୀ ଭାବେ ରଖିବାରୁ ତାଙ୍କ ପରିବାରରେ ଅଧିକାଂଶ ସମୟରେ ବିବାଦ ଲାଗି ରହୁଥିଲା। ସେହିପରି ଜମିବାଡ଼ିକୁ ନେଇ ମଧ୍ୟ ପ୍ରଥମ ସ୍ତ୍ରୀଙ୍କ ପରିବାର ସହିତ ବିଭୂତିଙ୍କର ବିବାଦ ହେଉଥିଲା। ଶନିବାର ରାତିରେ ବିଭୂତି ମଦ୍ୟପାନ କରି ଘରକୁ ଆସି ଗାଳିଗୁଲଜ କରିଥିଲେ। ଏହାକୁ ଦେଖି ପ୍ରଥମ ସ୍ତ୍ରୀଙ୍କ ପୁଅ କ୍ଷୀରୋଦ (୨୫) ପ୍ରତିବାଦ କରିଥିଲେ। ଫଳରେ ବିଭୂତି ପୁଅ କ୍ଷୀରୋଦଙ୍କ ଉପରକୁ ଇଟାମାଡ଼ କରିଥିଲେ। କ୍ଷୀରୋଦଙ୍କ ଅଣ୍ଟାରେ ଇଟା ବାଜି ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏ ସଂକ୍ରାନ୍ତରେ ରାତିରେ କ୍ଷୀରୋଦ କଙ୍କଡ଼ାହାଡ଼ ଥାନା ପୋଲିସକୁ ଜଣାଇଥିଲେ। ରବିବାର ସକାଳେ କ୍ଷୀରୋଦ କଙ୍କଡ଼ାହାଡ଼ ଥାନାକୁ ଯାଇ ବାପାଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ତେବେ ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ନ ଥିବା କ୍ଷୀରୋଦଙ୍କ ଭଉଣୀ ପ୍ରିୟଙ୍କା ଅଭିଯୋଗ ଆଣିଛନ୍ତି। ବାପାଙ୍କ ବିରୋଧରେ ଅଭିଯୋଗ କରି କ୍ଷୀରୋଦ ଘରକୁ ଫେରିବା ପରେ ବାପା ବିଭୂତି ହଠାତ୍ ପୁଅ ପେଟରେ ଛୁରି ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ କ୍ଷୀରୋଦଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ପରେ ବିଭୂତି ଫେରାର ହୋଇଯାଇଥିଲେ। କଙ୍କଡାହାଡ଼ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ବହୁ ଖୋଜାଖୋଜି କରିବା ପରେ ଉକ୍ତ ଗ୍ରାମରୁ ବିଭୂତିଙ୍କୁ ପୋଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ ☞ପୃଷ୍ଠା-୪

# ସଂଘ କହିଲେ ଅବସର ନେବି: ଭାଗବତ

ମୁମ୍ବାଇ,୮।୨(ପି.ଟି.)


ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ

୨୦୨୫ ସେପ୍ଟେମ୍ବର ୧୧ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତଙ୍କୁ ୭୫ ବର୍ଷ ପୂରିଥିବାବେଳେ ସେ ଏବେ ମଧ୍ୟ ସରସଂଘ ଚାଳକ ଦାୟିତ୍ୱ ତୁଲାଉଛନ୍ତି। ଆର୍‌ଏସ୍‌ଏସ୍ ତାଙ୍କୁ ଏହି ଭୂମିକାରେ ରହିବାକୁ ପରାମର୍ଶ ଦେଇଥିବାରୁ ସେ ନିଜକୁ ଦାୟିତ୍ୱମୁକ୍ତ କରିନାହାନ୍ତି। ତେବେ ସଂଘ ଯଦି ପଦ ଛାଡ଼ିବାକୁ କୁହେ, ସେ ଅବସର ନେବାକୁ ପ୍ରସ୍ତୁତ ବୋଲି ରବିବାର ଭାଗବତ ସ୍ପଷ୍ଟ କରିଛନ୍ତି। ଆର୍‌ଏସ୍‌ଏସ୍ ପ୍ରତିଷ୍ଠାର ଶତବାର୍ଷିକୀ ପାଳନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମର ପ୍ରଶ୍ନୋତ୍ତର ବେଳେ ଭାଗବତଙ୍କୁ ଅବସର ସମ୍ପର୍କରେ ପଚରାଯାଇଥିଲା। ଏହାର ଉତ୍ତରରେ ଭାଗବତ କହିଥିଲେ, ସେ ଅଧିକ ବୟସରେ ଉପନୀତ ହେବା ସତ୍ତ୍ୱେ ସଂଘ ତାଙ୍କୁ କାର୍ଯ୍ୟ କରିବାକୁ କହିଛି। ଅବସର ନେବାକୁ ସଂଘ ଯେବେ କହିବ, ସେ ପଦ ଛାଡ଼ିଦେବେ। ସରସଂଘ ଚାଳକ ପଦରେ ସବୁବେଳେ ଜଣେ ହିନ୍ଦୁ ରହିବା ଉଚିତ। ଏହି ପଦ ପାଇଁ କୌଣସି ନିର୍ବାଚନ ହୋଇ ନ ଥାଏ। ବିଭାଗୀୟ ମୁଖ୍ୟମାନେ ତାଙ୍କୁ ନିଯୁକ୍ତ କରିଥାନ୍ତି। ୭୫ ବର୍ଷରେ ପଦାର୍ପଣ କରିବା ପରେ ଜଣେ ବ୍ୟକ୍ତି ପଦ ଛାଡ଼ି କାର୍ଯ୍ୟ ଜାରି ରଖିବା ଉଚିତ ବୋଲି ସାଧାରଣତଃ କୁହାଯାଇଥାଏ। ଭାଗବତ ଏକକ ଦେୱାନୀ ସଂହିତା (ୟୁସିସି) ଉପରେ ମଧ୍ୟ ମତ ରଖିଛନ୍ତି। ସେ କହିଛନ୍ତି, ସବୁ ବର୍ଗର ଲୋକଙ୍କୁ ବିଶ୍ୱାସକୁ ନେଇ ୟୁସିସି ପ୍ରଣୟନ କରାଯିବା ଉଚିତ। ଏହାଦ୍ୱାରା ସମାଜରେ ବିଭାଜନକୁ ଏଡ଼ାଯାଇପାରିବ। ଉତ୍ତରାଖଣ୍ଡରେ ୟୁସିସି ପାଇଁ ୩ ଲକ୍ଷ ପ୍ରସ୍ତାବ ଆସିଥିଲା। ବିଭିନ୍ନ ପକ୍ଷଙ୍କ ସହ ଆଲୋଚନା ପରେ ଏହା ଗୃହୀତ ହୋଇଥିଲା ବୋଲି ଭାଗବତ କହିଛନ୍ତି। ସଂଖ୍ୟାବହୁଳ କି ସଂଖ୍ୟାଲଘୁ ବୋଲି କିଛି ନାହିଁ। ଭାରତୀୟ ସମାଜରେ ଆମେ ସମସ୍ତେ ସମାନ। ମୁସଲମାନ ଓ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ସହ ବନ୍ଧୁତା ଓ ବିଶ୍ୱାସ ସୃଷ୍ଟି ଲାଗି ସେମାନଙ୍କ ସହ ଆଲୋଚନା କରାଯିବା ଉପରେ ଭାଗବତ ଗୁରୁତ୍ୱାରୋପ କରିଛନ୍ତି।

# ଶତ୍ରୁ ସାଟେଲାଇଟ୍ ଉପରେ ନଜର ରଖିବ ଭାରତ

ପାଟନା,୮।୨

## କକ୍ଷପଥରେ ସର୍ଭିଲାନ୍ସ କ୍ଷମତା ହାସଲ



ଭାରତର ଅଭିବୃଦ୍ଧିଶୀଳ ଘରୋଇ ମହାକାଶ କ୍ଷେତ୍ରକୁ ଏକ ବଡ଼ ସଫଳତା ମିଳିଛି। ଅହମଦାବାଦର ଆଜିସ୍ତା ଇଣ୍ଡଷ୍ଟ୍ରିଜ୍ ପ୍ରା.ଲିଃ ଏହାର ଏରୋସ୍ପେସ୍ ବିଭାଗ ଜରିଆରେ ଏକ ନୂଆ ସାମର୍ଥ୍ୟର ପ୍ରଦର୍ଶନ କରିଛି। ଏହା କକ୍ଷପଥରେ ଅନ୍ୟ ସାଟେଲାଇଟ୍‌ରେ ଥିବା ବସ୍ତୁର ଫଟୋ ହାସଲ କରିବାର ନୂଆ ସ୍ୱଦେଶୀ କ୍ଷମତା ହାସଲ କରିଛି। ଭାରତର ଏକ ଘରୋଇ ସେକ୍ଟର ପାଇଁ ଏହା ପ୍ରଥମ ହୋଇଥିବାବେଳେ ଭାରତୀୟ ମହାକାଶ ସ୍ଥିତି ସଚେତନତାକୁ ସୁଦୃଢ଼ କରିବା ଦିଗରେ ଏକ ବଡ଼ ପଦକ୍ଷେପ। ଏହାକୁ କକ୍ଷପଥ ଗୁପ୍ତଚରଗିରି କୁହାଯାଏ।

୮୦ କିଲୋଗ୍ରାମ ଭୂପର୍ଯ୍ୟବେକ୍ଷଣ ସାଟେଲାଇଟ୍ ଏଏଫ୍‌ଆର୍ ବ୍ୟବହାର କରି ଆଜିସ୍ତା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ର ଫଟୋକୁ ସଫଳତାର ସହ ଧରିପାରିଛି। ଫେବୃଆରୀ ୩ରେ ଏହା ଉପରେ ୨ ଥର ଯୋଜନାବଦ୍ଧ ପରୀକ୍ଷା କରାଯାଇଥିଲା। ନିମ୍ନ ଆର୍ଥ ଅର୍ବିଟ୍‌ରୁ ଆଇଏସ୍‌ଏସ୍ ଅନ୍ୟତମ ଅଧିକ ଦୃଶ୍ୟମାନ ଏବଂ ସହଯୋଗୀ ଟାର୍ଗେଟ ହୋଇଥିବାବେଳେ ଉକ୍ତ ସଫଳତା ଭାରତର ଘରୋଇ ସେକ୍ଟର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆରମ୍ଭ ବୋଲି କୁହାଯାଉଛି। ଦିଗ୍‌ବଳୟ ନିକଟ ଏବଂ ☞ପୃଷ୍ଠା-୪

# ଆଦିବାସୀ କଳା, କଳାବସ୍ତୁର ଲାଇଭ୍ ପ୍ରଦର୍ଶନ

ଭୁବନେଶ୍ୱର,୮।୨(ସୁଚିସ୍ମିତା ସାହୁ)

ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟିଆର୍‌ଆଇଟିଆଇ) ପକ୍ଷରୁ କଳା ଓ କଳାବସ୍ତୁକୁ ନେଇ ଲାଇଭ୍ ପ୍ରଦର୍ଶନ କାର୍ଯ୍ୟକ୍ରମ ଓଡ଼ିଶା ରାଜ୍ୟ ଜନଜାତି ସଂଗ୍ରହାଳୟ ପରିସରରେ ଆରମ୍ଭ ହୋଇଛି। ପାରମ୍ପରିକ ଆଦିବାସୀ କଳାକୁ ପ୍ରୋତ୍ସାହନ, ସଂରକ୍ଷଣ ଏବଂ ପ୍ରଦର୍ଶନ ଉଦ୍ଦେଶ୍ୟରେ ୧୫ଦିନ ବ୍ୟାପୀ ଅର୍ଥାତ୍ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ରାୟଗଡା ଜିଲା ଆଇଟିଡିଏ ଗୁଣୁପୁର ଇଡ୍‌ତାଲ ଏବଂ ସଉରା ଚିତ୍ରକଳାରେ ଦକ୍ଷ ୫ଜଣ କାରିଗରଙ୍କୁ ପ୍ରାୟୋଜିତ କରିଛି, ଏମାନେ କାର୍ଯ୍ୟକ୍ରମ ସମୟରେ ଆଦିବାସୀ କଳାର ଲାଇଭ ପ୍ରଦର୍ଶନ କରିବେ। ସେହିପରି ମୟୂରଭଞ୍ଜ ଜିଲା ଆଇଟିଡିଏ କପ୍ତିପଦା ଉଦଳା ପକ୍ଷରୁ ମାହାଲି ଜନଜାତିର ବାଉଁଶ କାରିଗରରେ ନିପୁଣ ୫ଜଣ ଅଭିଜ୍ଞ ଆଦିବାସୀ କାରିଗରଙ୍କୁ ନିଜ କଳା ପ୍ରଦର୍ଶନ ଲାଗି ବ୍ୟବସ୍ଥା ହୋଇଛି। ଏହି ଅବସରରେ ଏସ୍‌ସିଏସ୍‌ଟିଆରଆଇଟିଆଇ ନିର୍ଦ୍ଦେଶକ ସୁଧାକର ଶବର କହିଛନ୍ତି, ଏହିପରି ଲାଇଭ ପ୍ରଦର୍ଶନ କାର୍ଯ୍ୟକ୍ରମଗୁଡ଼ିକ ଓଡ଼ିଶାର ସମୃଦ୍ଧ ଆଦିବାସୀ ଐତିହ୍ୟର ସୁରକ୍ଷା ଏବଂ ଜନସାଧାରଣଙ୍କ ମଧ୍ୟରେ ଆଦିବାସୀ କଳା ଓ କଳାବସ୍ତୁ ପରମ୍ପରା ବିଷୟରେ ସଚେତନତା ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି କାର୍ଯ୍ୟକ୍ରମରେ ଛାତ୍ର, ଗବେଷକ, ପର୍ଯ୍ୟଟକ ଏବଂ କଳା ଉତ୍ସାହୀ ଉପକୃତ ହେବେ ବୋଲି ଆଶା କରାଯାଉଛି।


ଶିଳ୍ପୀ ଓ କାରିଗରମାନେ ଆଦିବାସୀ କଳା ଓ କଳାବସ୍ତୁର ଲାଇଭ୍ ପ୍ରଦର୍ଶନ କରୁଛନ୍ତି।

## ୨ ବାଇକ୍ ମୁହାଁମୁହିଁ ଧକ୍କା: ୩ ମୃତ, ୪ ଗୁରୁତର

ପଟ୍ଟାଙ୍ଗି,୮।୨(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅଧୀନ ସୁଙ୍କି-ଅମ୍ବାବାଲି ପଞ୍ଚାୟତ ବୋରିଗୁଡ଼ା ଛକ ନିକଟରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ୩ ଜଣଙ୍କ ରବିବାର ମୃତ୍ୟୁ ହୋଇଛି। ଏଥିରେ ୪ ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ପେଡୁରୁ ପଞ୍ଚାୟତ ପଡାଲଗୁଡ଼ା ଗ୍ରାମର ଅନିତା ସେଡ଼ା, ତାଙ୍କ ସ୍ୱାମୀ ସେଡା ଆପାନା ଓ ଗୁମୁଡୁପାଡୁ ଗ୍ରାମର ଚିନ୍ତା ଏକବ୍।

ସୂଚନାନୁଯାୟୀ, ରବିବାର ରାତିରେ ଅନିତା, ସ୍ୱାମୀ ସେଡା, ୨ ପିଲା ଦାନିୟାଲ ଏବଂ ଦିନାଙ୍କ ସହ ବାଇକ୍ ଯୋଗେ ଆନ୍ଧ୍ର ପ୍ରଦେଶର ବାରିଗାଁକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ମୁହାଁମୁହିଁ ହୋଇଥିଲେ। ଏଥିରେ ଅନିତା ଓ ଚିନ୍ତାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନିତାଙ୍କ ସ୍ୱାମୀ, ତାଙ୍କ ୨ ପିଲା, ଅନ୍ୟ ବାଇକ୍‌ରେ ଥିବା ମୁସୁରି ଇସାକ ଓ ଆଉ ୨ଜଣ ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ସମସ୍ତ ଗୁରୁତରଙ୍କୁ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ମେଡିକାଲରେ ପହଞ୍ଚିବା ପୂର୍ବରୁ ସେଡାଙ୍କ ମୃତ୍ୟୁ ହୋଇଥିଲା।

## ସଡ଼କ ଦୁର୍ଘଟଣାରେ ଧରିତ୍ରୀ କର୍ମଚାରୀ ମୃତ

ରାୟଗଡ଼ା, ୮।୨
(ଆଶିଷ ରଞ୍ଜନ ପଣ୍ଡା)

ସଡ଼କ ଦୁର୍ଘଟଣାରେ ଧରିତ୍ରୀ ରାୟଗଡ଼ା ସଂସ୍କରଣର ପ୍ରିଣ୍ଟ ଷ୍ଟେଶନରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ରବିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ମୃତକ ହେଲେ ରାୟଗଡା ସଦର ବ୍ଲକ୍ ପିତାମହଲ ପଞ୍ଚାୟତ ଅନ୍ତର୍ଗତ ଦିଶାରୀଗୁଡା ଗ୍ରାମର ସୁନୀଲ ହିମିରିକା (୪୪)। ମୃତକଙ୍କ ପରିବାର ବର୍ଗ ଏବଂ ଗ୍ରାମବାସୀ କ୍ଷତିପୂରଣ ଦାବି କରି ରାସ୍ତାରୋକୋ କରିଛନ୍ତି। ରାୟଗଡ଼ା ଏସ୍‌ଡିପିଓ ଗୌରହରି ସାହୁ, ଶେଷଖାଲ ଥାନା ଅଧିକାରୀ କ୍ଷୀରୋଦ ବାଗ ଏବଂ ପୋଲିସ କର୍ମଚାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି। ଖବର ଲେଖା ହେବା ସୁଦ୍ଧା ଆନ୍ଦୋଳନ ଜାରି ରହିଥିବା ଜଣାପଡ଼ିଛି।

ସୂଚନା ମୁତାବକ ପିତାମହଲ - ସିରିକଣା ମୁଖ୍ୟ ବାଇପାସ୍ ରାସ୍ତାର ଦିଶାରୀଗୁଡା ଛକ ନିକଟରେ ସୁନୀଲ ଚାଲି କରି ରାସ୍ତା ଅତିକ୍ରମ କରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଘଟଣାସ୍ଥଳରେ ପିତାମହଲ ପଞ୍ଚାୟତ ସରପଞ୍ଚ ଟୁଟୁ ତାଡିଙ୍ଗି ପହଞ୍ଚି ଦୁର୍ଘଟଣା ଘଟାଇ ଥିବା ବାଇକ୍ ଚାଳକଙ୍କୁ ଧରିବା ପାଇଁ ପୋଲିସ ନିକଟରେ ଦାବି କରିଥିଲେ। ଏ ନେଇ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟ ମେଡିକାଲରେ ପଚରା ଉଚୁରା କରୁଛି। ଦୁର୍ଘଟଣାକାରୀଙ୍କୁ ଶୀଘ୍ର ଧରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେଇଛି। ରାୟଗଡା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ ରେଡକ୍ରସ ପାଣ୍ଠିରୁ ୨୦ ହଜାର ସହାୟତା ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସୁନୀଲଙ୍କ ମୃତ୍ୟୁ ଖବର ଶୁଣି ଧରିତ୍ରୀ ପରିବାର ପକ୍ଷରୁ ଶୋକ ପ୍ରକାଶ କରାଯାଇଛି।


ସୁନୀଲ ହିମିରିକା

# ପୋଲତଳୁ ହୋମଗାର୍ଡ, ଯୁବକଙ୍କ ମୃତଦେହ ଜବତ

ନନ୍ଦପୁର,୮।୨
(ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର-ହାଣ୍ଡିପୁଟ ସଂଯୋଗୀ ଏମ୍‌ଡିଆର ୫୫ ରାସ୍ତା ଖିଲୁଆ ପେଟିଆବାଡ଼ ପୋଲତଳ ପାଣିରୁ ଥାନାର ହୋମଗାର୍ଡ ଓ ଜଣେ ଯୁବକଙ୍କ ମୃତଦେହ ରବିବାର ଜବତ କରାଯାଇଛି। ଅଗ୍ନିଶମ ବାହିନୀ ସହାୟତାରେ ଏକ ବାଇକ ମଧ୍ୟ ଜବତ କରାଯାଇଛି। ମୃତକମାନେ ହେଲେ ହୋମଗାର୍ଡ ଭଗବାନ ଖରା ଓ ହିକିମପୁଟ ଗ୍ରାମର ଉଗ୍ରସେନ ପାଙ୍ଗି(୩୩)।

ସୂଚନାନୁଯାୟୀ, ଶନିବାର ହୋମଗାର୍ଡ ଭଗବାନ ଡ୍ୟୁଟି ସାରି ରାତି ୮ଟାରେ ନୀଳ ଦୋରାପୁଟ ଘରକୁ ଫେରିବାକୁ ନନ୍ଦପୁର ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରିଥିଲେ। ଏହି ସମୟରେ ଉଗ୍ରସେନ ଦାମନଯୋଡ଼ିରୁ କାମ ସାରି ବାଇକ ଯୋଗେ ଫେରୁଥିଲେ। ବସ୍‌ଷ୍ଟାଣ୍ଡରେ କିଛି ଜିନିଷ କିଣୁଥିବା ବେଳେ ଉଭୟଙ୍କ ଦେଖା ହୋଇଥିଲା। ଉଭୟ ବାଇକ ଯୋଗେ ନନ୍ଦପୁରରୁ ବାହାରିଥିଲେ। କିନ୍ତୁ ରାତିରେ ଘରକୁ ନ ଫେରିବାରୁ ପରିବାର ଲୋକେ ରବିବାର ସକାଳୁ ଖୋଜାଖୋଜି କରି ନନ୍ଦପୁର ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ପୋଲିସ ଦିନତମାମ ବସ୍‌ଷ୍ଟାଣ୍ଡରୁ ୫ କି.ମି. ଦୂର ହିକିମପୁଟ ଯାଏ ରାସ୍ତାକଡ଼ର ସମସ୍ତ ସିସିଟିଭି ଯାଞ୍ଚ କରିଥିଲା। ଏକାଧିକ ସିସିଟିଭିରେ ଉଭୟ ବାଇକ ଯୋଗେ ଯାଉଥିବା ଦେଖିବାକୁ ମିଳିଥିଲା। ହିକିମପୁଟ ଅଞ୍ଚଳର ସିସିଟିଭିରେ ୨ ନିଖୋଜ ନଜର ନ ଆସିବାରୁ ପୋଲିସ ସନ୍ଦେହ କରି ରାସ୍ତାକଡ ନାଳ ଓ ପୋଲ ତଳ ଯାଞ୍ଚ କରିଥିଲା। ଖିଲୁଆ ପେଟିଆବାଡ ପୋଲ ତଳେ ଏକ ହେଲମେଟ ଭାସୁଥିବା ଦେଖି ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକ, ଥାନାଧିକାରୀ ତ୍ରିନାଥ ତୋଟାପାଡିଆ, ଏସ୍‌ଆଇ ବେଦୋବର ସାହୁ, ଏଏସ୍‌ଆଇ ଗୁପ୍ତେଶ୍ୱର ଗଉଡ, ଅଗ୍ନିଶମ ବାହିନୀ ଏଏସଓ ହେମନ୍ତ କୁମାର ସାମଲଙ୍କ ନେତୃତ୍ୱାଧୀନ ଟିମ୍ ପୋଲତଳ ପାଣି ଭିତରେ ଯାଞ୍ଚ କରିଥିଲେ। ପାଣି ଭିତରୁ ୨ ମୃତଦେହ ଓ ବାଇକ ଜବତ କରାଯାଇଥିଲା। ରାସ୍ତା ଉପରେ ବାଇକର ଭଙ୍ଗା ହେଡଲାଇଟ ମିଳିଥିବାରୁ ଦୁର୍ଘଟଣା ଘଟି ଉଭୟ ପୋଲ ତଳକୁ ଖସି ପଡ଼ିଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ ତୋଟାପାଡ଼ିଆ ସୂଚନା ଦେଇଛନ୍ତି। ୨ ମୃତଦେହ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବ ସଂରକ୍ଷିତ ଘରେ ରଖି ତଦନ୍ତ କରାଯାଉଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଏସ୍‌ଡିପିଓ ମଲ୍ଲିକ ସୂଚନା ଦେଇଛନ୍ତି।


ଭଗବାନ ଖରା ଓ ଉଗ୍ରସେନ ପାଙ୍ଗୀ।

# ରାତିରେ ଖସୁଛି ପାରଦ, ଦିନରେ ତାତି

ଭୁବନେଶ୍ୱର, ୮।୨ (ବନ୍ଦନା ସେଠୀ)

ରାଜ୍ୟରେ ହଠାତ୍ ପାରଦ ତଳମୁହାଁ ହୋଇଛି। ଫଳରେ ଏବେ ରାତିରେ ଶୀତ ଓ ଦିନରେ ଖରାତାତି ଅନୁଭୂତ ହେଉଛି। ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୨ରୁ ୩ ଡିଗ୍ରୀ ହ୍ରାସ ପାଇଛି। ସେହିଭଳି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୫ରୁ ୬ ଡିଗ୍ରୀ ସେଲ୍‌ସିୟସ କମ୍ ଏବଂ ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୩ ରୁ ୪ ଡିଗ୍ରୀ କମ୍ ରହିଛି। ଗତ ୨୪ ଘଣ୍ଟାରେ ୬ଟି ଅଞ୍ଚଳର ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଜି.ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ଓ ପାରଳାଖେମୁଣ୍ଡିରେ ସର୍ବାଧିକ ୩୩.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ତେବେ ଆସନ୍ତା ୪/ ୫ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଦେଖାଦେବା ନେଇ ପୂର୍ବାନୁମାନ କରାଯାଇଛି। ସୋମବାର ଖୋର୍ଦ୍ଧା, ଗଜପତି, ଗଞ୍ଜାମ, କଟକ, ପୁରୀ, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ସ୍ଥାନରେ କୁହୁଡ଼ି ଦେଖାଦେବ। ସେହିପରି ମଙ୍ଗଳବାର ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଏବଂ ବୁଧବାର ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ କୁହୁଡ଼ି ଦେଖାଦେବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କାର୍ -ଟ୍ରକ୍ ମୁହାଁମୁହିଁ ଧକ୍କା: ରୋଗୀଙ୍କ ସମେତ ୨ ମୃତ, ୫ ଗୁରୁତର

ଚିକିଟି,୮।୨(ପ୍ରକାଶ ଚନ୍ଦ୍ର ସାହୁ)

ଜଣେ ଗୁରୁତର ରୋଗୀଙ୍କୁ ପରିବାର ଲୋକେ ବ୍ରହ୍ମପୁର ବଡ଼ ମେଡିକାଲରୁ କାର୍‌ରେ ବିଶାଖାପାଟଣା ନେଉଥିବା ବେଳେ ଟ୍ରକ୍ ସହ ମୁହଁମୁହିଁ ଧକ୍କା ହୋଇଛି। ଏଥିରେ ରୋଗୀ ଓ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଛି। କାର୍ ଡ୍ରାଇଭରଙ୍କ ସମେତ ୫ ଜଣ ଗୁରୁତର ହୋଇଛନ୍ତି। ରବିବାର ଅପରାହ୍ନ ପ୍ରାୟ ୩ଟାରେ ଆନ୍ଧ୍ର ସୀମାନ୍ତ ପଲାସା-ଟାକେଲି ମଧ୍ୟସ୍ଥ ନନ୍ଦିଗାଁ ନିକଟରେ ଏହି ଦୁର୍ଘଟଣା ହୋଇଛି। ୨ ମୃତକ ହେଲେ ଡବ୍ଲ୍ୟୁ. ଡାଲେଆ (୪୦) ଓ ଡବ୍ଲ୍ୟୁ. ମଇନା (୪୫)। ଡବ୍ଲ୍ୟୁ. ମୁତିଆମା (୩୮), ଡବ୍ଲ୍ୟୁ. ନୀଳାଦ୍ରି(୨୫), ଡି. ରାମା ରାଓ (୩୦), ବି. ଚନ୍ଦ୍ର ମଣି (୩୩) ଏବଂ ଡ୍ରାଇଭର ପି. ଏଙ୍କେଟେସ (୪୦) ଗୁରୁତର ହୋଇଛନ୍ତି। ଏହି ଦୁର୍ଘଟଣା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

ପାତି ସୁନପୁର ଗ୍ରାମର ଡାଲେଆ ଅସୁସ୍ଥ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନିଆଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ଅନ୍ୟ ମେଡିକାଲ ନେବା ପାଇଁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ଏକ କାର୍ ଭଡାକରି ତାଙ୍କୁ ବିଶାଖାପାଟଣାସ୍ଥିତ ଏକ ଘରୋଇ ମେଡିକାଲକୁ ନେଉଥିଲେ। ବାଟରେ ନନ୍ଦିଗାଁ ନିକଟରେ ଉକ୍ତ କାର୍ ସହ ଟ୍ରକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ରୋଗୀ ଡାଲେଆ ଓ ତାଙ୍କ ପରିବାରର ମଇନାଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଗୁରୁତର ଆହତମାନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବା ଜଣାପଡିଛି। ଟାକେଲି ପୋଲିସ ଦୁର୍ଘଟଣାଗ୍ରସ୍ତ କାର ଓ ଟ୍ରକ୍‌କୁ ଜବତ କରିବା ସହ ୨ ମୃତଦେହ ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇଛି।

# ରାଜନୈତିକ ଉଦ୍ଦେଶ୍ୟ ରଖି ଫସାଇ ଦିଆଯାଇଛି: ବିକ୍ରମ

ବ୍ରହ୍ମପୁର,୮।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ବ୍ରହ୍ମପୁର ଜେଲରେ ଥିବା ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ରବିବାର ଏମ୍‌କେସିଜି ମେଡିକାଲକୁ ଅଣାଯାଇଥିଲା। ତାଙ୍କୁ ପୋଲିସର କଡ଼ା ସୁରକ୍ଷା ବଳୟରେ ମେଡିକାଲ ଆଉଟଡୋର୍‌କୁ ଅଣାଯାଇଥିଲା। ତାଙ୍କର ଉଚ୍ଚ ରକ୍ତଚାପ, ଅର୍ଶ ଓ ଗଲ ବ୍ଲାଡରରେ ଚିକିତ୍ସା ଆବଶ୍ୟକ ପଡୁଥିବା ଓପିଡିରେ ଡାକ୍ତର ପରାମର୍ଶ ଦେଇଥିଲେ। ପ୍ରଥମେ ମେଡିସିନ ବିଭାଗ ଡାକ୍ତର ଓ ପରେ ସର୍ଜରୀ ଏବଂ ଦନ୍ତ ବିଭାଗ ଡାକ୍ତର ବିକ୍ରମଙ୍କ ଚିକିତ୍ସା କରିଥିଲେ। ଚିକିତ୍ସା ପରେ ତାଙ୍କୁ ପୋଲିସ ଭ୍ୟାନକୁ ନିଆଯାଉଥିବା ବେଳେ ସେ କହିଛନ୍ତି, ମୁଁ ନିର୍ଦ୍ଦୋଷ, ମୋତେ ଫସାଇ ଦିଆଯାଇଛି। ବିଜେଡିକୁ ବଦନାମ କରିବାକୁ ଷଡ଼ଯନ୍ତ୍ର କରାଯାଇଛି। ମାମଲାରେ ରାଜନୈତିକ ସମ୍ପୃକ୍ତି ରହିଛି। ନ୍ୟାୟିକ ବ୍ୟବସ୍ଥାରେ ବିଶ୍ୱାସ ରହିଛି, ମୋତେ ନିଶ୍ଚୟ ନ୍ୟାୟ ମିଳିବ। ମହାପ୍ରଭୁ ଜଗନ୍ନାଥ ମୋ ସହ ଅଛନ୍ତି ବୋଲି ସେ କହିଛନ୍ତି। କିଏ ଫସାଇଛନ୍ତି, ଜନସାଧାରଣ ସବୁ ଜାଣିଛନ୍ତି ବୋଲି ଖବରଦାତାଙ୍କ ପ୍ରଶ୍ନରେ ଉତ୍ତର ଦେଇ ବିକ୍ରମ କହିଛନ୍ତି।

ତେବେ ବିକ୍ରମ ପୂର୍ବରୁ ୨ ଥର କୋର୍ଟରେ ହାଜର ହେବା ସମୟରେ କୌଣସି ପ୍ରତିକ୍ରିୟା ରଖି ନ ଥିବା ବେଳେ ଏବେ ଗଣମାଧ୍ୟମରେ ବିସ୍ଫୋରକ ବୟାନ ଦେବା ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ପୀତବାସ ହତ୍ୟା ମାମଲାରେ ବିକ୍ରମଙ୍କ ସମେତ ବ୍ରହ୍ମପୁରର ପୂର୍ବତନ ମେୟର ଶିବ ଶଙ୍କର ଦାଶ ଓରଫ ପିଣ୍ଟୁଙ୍କ ସମେତ ୧୬ ଜଣଙ୍କୁ ପୋଲିସ ପର୍ଯ୍ୟାୟକ୍ରମେ ଗିରଫ କରିବା ପରେ ସେମାନଙ୍କୁ ଜେଲ ପଠାଯାଇଛି।

ପୂର୍ବରୁ ଅଭିଯୁକ୍ତମାନେ କୋର୍ଟରେ ଜାମିନ ଆବେଦନ କରିଥିବା ବେଳେ ତାହା ଖାରଜ ହୋଇସାରିଛି। ଆସନ୍ତା ୯ ତାରିଖରେ ସମସ୍ତ ଅଭିଯୁକ୍ତ ଜିଲା ଜଜ୍ କୋର୍ଟରେ ହାଜର ହେବା ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ପରେ ଏହି ମାମଲାର ବିଚାର ଏଡିଜେ-୩ କୋର୍ଟରେ ହେବା ସହ ଚାର୍ଜଫ୍ରେମ ହୋଇ ବିଚାର ଆରମ୍ଭ ହେବ ବୋଲି ଜଣାପଡିଛି।


ଏମ୍‌କେସିଜି ମେଡିକାଲରେ ବିକ୍ରମ ପଣ୍ଡା।

**ପୀତବାସ ପଣ୍ଡା ହତ୍ୟା ମାମଲା**

ଏମ୍‌କେସିଜିରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜେଲ ଫେରିଲେ ପୂର୍ବତନ ବିଧାୟକ

10001/23/2526


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଫାଇଲେରିଆ ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନ

୧୦ - ୧୯ ଫେବୃଆରୀ ୨୦୨୬

ଏଥର ବଲାଙ୍ଗିର, ବରଗଡ଼, ଗଞ୍ଜାମ, ଢ଼େଙ୍କାନାଳ ଓ ଯାଜପୁର ଆଦି ୫ଟି ଜିଲ୍ଲାର ୭ଟି ବ୍ଲକ୍/ସହରାଞ୍ଚଳରେ ଏହି କାର୍ଯ୍ୟକ୍ରମ ହେବ

- ଫାଇଲେରିଆ ନିରୋଧକ ଏବଂ କୃମିନାଶକ ଔଷଧ ସେବନ ବ୍ୟକ୍ତିର ସୁସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ସହ ସମାଜରୁ ଫାଇଲେରିଆ ରୋଗ ଦୂର କରିବା ପାଇଁ ଗୋଟିଏ ପାଦ ଆଗକୁ ବଢ଼ାଏ
- ଫାଇଲେରିଆ ନିରୋଧକ ଔଷଧ ସହ କୃମିନାଶକ ଔଷଧ ମଧ୍ୟ ଏକସଙ୍ଗେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିଆଯିବ
- **ଗର୍ଭବତୀ ମହିଳା, ୨ ବର୍ଷରୁ କମ୍ ବୟସର ଶିଶୁ ଏବଂ ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତିଙ୍କୁ ଏ ଔଷଧ ଖାଇବା ମନା**
- ଆଶାକର୍ମୀ କିମ୍ବା ତାଲିମ୍ ପ୍ରାପ୍ତ ସ୍ୱେଚ୍ଛାସେବୀମାନେ ଘର, ସ୍କୁଲ, କଲେଜ ଓ ଅଫିସ୍‌କୁ ଆସି ଏହି ଔଷଧ ଖୁଆଇବେ

OIPR-10001/10003/2/25-26/0013

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

ଭାରତ ସରକାର
ବର୍ଷାଜଳ ସଂରକ୍ଷଣ ଦ୍ୱାରା ରୂପାନ୍ତରିତ ହେବ ଗ୍ରାମାଞ୍ଚଳର ଦୃଶ୍ୟଚିତ୍ର
ଛାତ ଉପରେ ବର୍ଷାଜଳ ସଂରକ୍ଷଣରେ ସକ୍ଷମ ଭବନଗୁଡିକର ନିର୍ମାଣ ହେବ, ବ୍ୟାପକ ବୃକ୍ଷରୋପଣ ଅଭିଯାନରୁ ବଢ଼ିବ ଗ୍ରାମଗୁଡ଼ିକର ସବୁଜିମା
ବିକଶିତ ଭାରତ - ରୋଜଗାରର ଗ୍ୟାରେଣ୍ଟି ଏବଂ ଆଜୀବିକା ମିଶନ (ଗ୍ରାମୀଣ) - ଭିବି ଜି ରାମ ଜି
(ବିକଶିତ ଭାରତ - ଜି ରାମ ଜି) ଅଧିନିୟମ, ୨୦୨୫
୧୨୫ ଦିନ
ରୋଜଗାରର ଗ୍ୟାରେଣ୍ଟି
CBC 35101/13/0111/2526



କଟକ ବାଲିଯାତ୍ରା ଉପର ପଡ଼ିଆରେ ଚାଲିଥିବା ବାରବାଟୀ ଶିଶିର ମେଳାରେ ମୁଖ୍ୟ ଆକର୍ଷଣ ସାଜିଥିବା 'ଜଳପରୀ'। **(ଫଟୋ: ରାଜକିଶୋର ମହାନ୍ତି)**

# ଯୁକ୍ତ୨ ପରୀକ୍ଷା: କପି ରୋକିବାକୁ ଦୁଇସ୍ତରୀୟ କଡ଼ା ଯାଞ୍ଚ

**ପରୀକ୍ଷା କେନ୍ଦ୍ର ପରିସରକୁ ବିନା ମୋବାଇଲରେ ଯିବେ ଅଧିକାରୀ, କର୍ମଚାରୀ**

ଭୁବନେଶ୍ୱର,୮।୨(ସୁଚିସ୍ମିତା ସାହୁ)

ଯୁକ୍ତ୨ ପରୀକ୍ଷାରେ କପିକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ। ପ୍ରବେଶ ପଥରେ ହିଁ ଛାତ୍ରୀଛାତ୍ରଙ୍କୁ ଦୁଇସ୍ତରରେ କଡାକଡ଼ି ଯାଞ୍ଚ କରାଯିବ। ପରୀକ୍ଷା କେନ୍ଦ୍ର ଭିତରକୁ ଯେପରି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଯାଇ ନ ପାରିବ ସେଥିପାଇଁ ପରୀକ୍ଷାର୍ଥୀଙ୍କ ଶରୀର ଯାଞ୍ଚ ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ୱତନ୍ତ୍ର କପଡ଼ା ତିଆରି କୋଠରିରେ ଛାତ୍ରଙ୍କୁ ପୁରୁଷ ଓ ଛାତ୍ରୀଙ୍କୁ ମହିଳା ପରୀକ୍ଷା ନିରୀକ୍ଷକମାନେ ଯାଞ୍ଚ କରିବେ। ପରୀକ୍ଷା ସହିତ ଜଡ଼ିତ ନ ଥିବା କୌଣସି ବ୍ୟକ୍ତି ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିପାରିବେ ନାହିଁ। ପରୀକ୍ଷା ଆରମ୍ଭର ଅଧଘଣ୍ଟା ପୂର୍ବରୁ ପରୀକ୍ଷାର୍ଥୀମାନେ ହଲ୍‌କୁ ପ୍ରବେଶ କରିବେ। ୧୫ ମିନିଟ ପୂର୍ବରୁ ହିଁ ପିଲାମାନେ ନିଜ ସିଟ୍‌ରେ ବସିବେ ବୋଲି କଡ଼ା ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହିପରି ପରୀକ୍ଷା ସମୟରେ ସୁରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ହେବେ। ☞ପୃଷ୍ଠା-୪

ସର୍ବପ୍ରଥମେ ଜୀବନ ବୀମା
ପ୍ରିମିଅମ୍ ବନ୍ଦ ହୋଇଯାଏ।
ଲାଭ ଚାଲୁ ରହେ।
ଆକର୍ଷଣୀୟ ଲାଭ ସହିତ ଜୀବନବୀମା ସୁରକ୍ଷା

| ପଲିସି ଅବଧି | ପ୍ରିମିଅମ୍ ପୈଠ ଅବଧି |
|---|---|
| 16 | 10 |
| 21 | 15 |
| 25 | 16 |

ଏଲଆଇସିର ଜୀବନ ଲାଭ
ଏକ ପାର୍, ନନ୍-ଲିଙ୍କଡ, ଲାଇଫ୍, ଇଣ୍ଡିଭିଜୁଆଲ୍, ସେଭିଙ୍ଗସ ପ୍ଲାନ
Plan No.: 736 UIN No.: 512N304V03
• ସର୍ବନିମ୍ନ ମୂଳ ବୀମା ରାଶି : ₹200,000/-.
• ସର୍ବାଧିକ ମୂଳ ବୀମା ରାଶି : ସୀମା-ମୁକ୍ତ
• ପ୍ରବେଶ ପାଇଁ ସର୍ବନିମ୍ନ ବୟସ : 8 ବର୍ଷ
• ପ୍ରବେଶ ପାଇଁ ସର୍ବାଧିକ ବୟସ : ପଲିସି ଅବଧି 25/21/16 ବର୍ଷ ପାଇଁ 50/54/59 ବର୍ଷ
ବିଶଦ ବିବରଣୀ ପାଇଁ, ଆପଣଙ୍କ ଏଜେଣ୍ଟ/ପାଖ ଏଲଆଇସି ଶାଖାକୁ ସମ୍ପର୍କ କରନ୍ତୁ ବା ନିଜ ସହର ନାମ ଏସ୍‌ଏମ୍‌ଏସ୍ କରନ୍ତୁ 56767474 କୁ
ଡାଉନଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ LIC digital | ଦେଖନ୍ତୁ: licindia.in | କଲ୍ ମେସେଣ୍ଟର ସର୍ଭିସ (022) 6827 6827 | ଆମର ହ୍ୱାଟସଆପ୍ ନଂ: 8976862090 'Hi' ଲେଖନ୍ତୁ
ଆମକୁ ଦେଖନ୍ତୁ ଏଠାରେ: LIC India Forever | IRDAI Regn No.: 512
LIC ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ LIFE INSURANCE CORPORATION OF INDIA
ପ୍ରତି ପଦରେ ଆପଣଙ୍କ ସାଥିରେ
LIC/P1/2024-25/52/Ori

# ଟ୍ରେଡ୍ ଡିଲ୍‌କୁ ବିରୋଧ, ୧୨ରେ 'ଭାରତ ବନ୍ଦ'

- ଆମେରିକା ସହ ବାଣିଜ୍ୟ ଚୁକ୍ତି କେନ୍ଦ୍ରର ସମ୍ପୂର୍ଣ୍ଣ ଆତ୍ମସମର୍ପଣ: କୃଷକ ସଙ୍ଗଠନ
- ୫୦୦ ବିଲିୟନ୍ ଡଲାର ମୂଲ୍ୟର ଆମଦାନୀ ଲକ୍ଷ୍ୟ ବଡ଼ ନୁହେଁ: ଗୋୟଲ

ଆମେରିକା ସହ ଭାରତର ବହୁପ୍ରତୀକ୍ଷିତ ଟ୍ରେଡ୍‌ଡିଲ୍ ମାର୍ଚ୍ଚଶେଷ ସୁଦ୍ଧା ସମ୍ପନ୍ନ ହେବାକୁ ଯାଉଛି। ଉଭୟ ପକ୍ଷ ଶନିବାର ଏକ ମିଳିତ ଘୋଷଣାନାମାରେ ଏହାର ରୂପରେଖ ଜାରି କରିଛନ୍ତି। ଉକ୍ତ ବୁଝାମଣା ଦ୍ୱାରା ଭାରତୀୟ ବଜାରକୁ ପୁଞ୍ଜିନିବେଶର ସୁଅ ଛୁଟିବା ସହ ଦେଶରେ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ କହି କେନ୍ଦ୍ର ଯୁକ୍ତି ବାଢୁଥିବାବେଳେ ଏହା ଏକ ଟ୍ରେଡ୍ ଡିଲ୍ ନୁହେଁ, ବରଂ ଆମେରିକା ଚାପରେ ସରକାରଙ୍କ 'ସମ୍ପୂର୍ଣ୍ଣ ଆତ୍ମସମର୍ପଣ' ବୋଲି କୃଷକ ସଙ୍ଗଠନଗୁଡ଼ିକ ଅଭିହିତ କରିଛନ୍ତି। ଏହି ଡିଲ୍‌ରେ ଭାରତୀୟ ଚାଷୀ ଓ ଶ୍ରମିକମାନଙ୍କ ସ୍ୱାର୍ଥକୁ ବଳି ପକାଯାଇଥିବା ଅଭିଯୋଗ ଆଣି କୃଷକ ସଙ୍ଗଠନ ଏବଂ ଟ୍ରେଡ୍ ୟୁନିୟନ୍‌ଗୁଡ଼ିକ ପକ୍ଷରୁ ଫେବୃଆରୀ ୧୨ରେ 'ଭାରତ ବନ୍ଦ' ଡାକରା ଦିଆଯାଇଛି। ଏହି ଦିନ ଦେଶବ୍ୟାପୀ ଧର୍ମଘଟ ସହ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରାଯିବ ବୋଲି ରବିବାର ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍), ଅଲ୍ ଇଣ୍ଡିଆ କିଷାନ ସଭା (ଏଆଇକେଏସ୍) ଓ ଅନ୍ୟ ସଙ୍ଗଠନଗୁଡ଼ିକ ଏକ ବିବୃତିରେ ସୂଚନା ଦେଇଛନ୍ତି।

ନୂଆଦିଲ୍ଲୀ,୮।୨(ଏଜେନ୍ସି)

ଭାରତୀୟ ଚାଷୀମାନେ ଏମ୍.ଏସ୍. ସ୍ୱାମୀନାଥନ୍ କମିଟି ସୁପାରିସ ଅନୁସାରେ ଦୀର୍ଘବର୍ଷ ଧରି ନିଜ ଉତ୍ପାଦିତ ସବୁ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ପ୍ରଦାନର ଆଇନଗତ ଗ୍ୟାରେଣ୍ଟି ସହ କୃଷିଋଣ ଛାଡ଼ ପାଇଁ ଦାବି କରିଆସୁଛନ୍ତି। ସେହିପରି ଶିଳ୍ପ ପାଇଁ ଜମି ଅଧିଗ୍ରହଣ, ଚାଷ ଖର୍ଚ୍ଚ ବୃଦ୍ଧିକୁ ନେଇ ଚିନ୍ତିତ ଚାଷୀକୁଳ ଫସଲ ନଷ୍ଟ ହେଲେ ଅଧିକ କ୍ଷତିପୂରଣ ଦେବାକୁ ମଧ୍ୟ ଦାବି କରୁଛନ୍ତି। ଏଭଳି ସମୟରେ ଭାରତ ଓ ଆମେରିକା ମଧ୍ୟରେ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ଅନ୍ତରୀଣ ବାଣିଜ୍ୟିକ ଚୁକ୍ତି ସମ୍ପନ୍ନ ହେବାକୁ ଯାଉଛି। କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଏହି ଡିଲ୍‌କୁ କୃଷକଙ୍କ ସ୍ୱାର୍ଥ ପରିପନ୍ଥୀ ବୋଲି ଅଭିହିତ କରିଛନ୍ତି। ଆମେରିକାରୁ ଭାରତକୁ ଆସିବାକୁ ଥିବା କୃଷି ଉତ୍ପାଦଗୁଡ଼ିକ ଉପରେ ନୂଆଦିଲ୍ଲୀ ଆଦୌ ଆମଦାନୀ ଶୁଳ୍କ କଷିବ ନାହିଁ। ଏପରି ହେଲେ ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଭାରତୀୟ ବଜାରରେ ଅନାୟାସରେ ପ୍ରବେଶ କରିବେ। ଫଳରେ ଘରୋଇ ବଜାରରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବ ଏବଂ ଦେଶର ଚାଷୀ ସେମାନଙ୍କ ଖାଦ୍ୟଶସ୍ୟ, ଦୁଗ୍ଧଜାତ ସାମଗ୍ରୀ, ସୋୟାବିନ୍ ଅଏଲ୍ ଆଦି କମ୍ ଦାମରେ ବିକ୍ରି କରିବାକୁ ବାଧ୍ୟ ହେବେ ବୋଲି ବିରୋଧୀ ☞ପୃଷ୍ଠା-୪

# ଥାର୍ ପରେ ଆମ୍ବୁଲାନ୍ସ ଦୁର୍ନୀତି

**ଖୁବ୍‌ଶୀଘ୍ର ତଦନ୍ତ ହେବ: ସ୍ୱାସ୍ଥ୍ୟମନ୍ତ୍ରୀ**

ଭୁବନେଶ୍ୱର,୮।୨(ରବିନାରାୟଣ ଜେନା)

ରାଜ୍ୟରେ ଏବେ ଗୋଟିଏ ପରେ ଗୋଟିଏ ଗାଡ଼ି କିଣା ଦୁର୍ନୀତି ଲୋକଲୋଚନକୁ ଆସୁଛି। କିଛିଦିନ ପୂର୍ବରୁ ଜଙ୍ଗଲ ଓ ପରିବେଶ ବିଭାଗରେ ଥାର୍ ଗାଡ଼ି କିଣାରେ ଦୁର୍ନୀତି ଅଭିଯୋଗ ନେଇ ମହାଲେଖାକାର(ଏଜି)ଙ୍କ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଜାରି ରହିଥିବାବେଳେ ଏବେ ସ୍ୱାସ୍ଥ୍ୟବିଭାଗରେ ଆମ୍ବୁଲାନ୍ସ କିଣାରେ ମହାଦୁର୍ନୀତି ଅଭିଯୋଗ ଆସିଛି। ତେବେ ଏହି ଦୁର୍ନୀତି ଟିକେ ପୁରୁଣା, ପୂର୍ବ ସରକାର ସମୟରେ ଯେଉଁ ଆମ୍ବୁଲାନ୍ସ ଗୋଟାକ ୨୬ଲକ୍ଷରୁ ଊର୍ଦ୍ଧ୍ୱ ତଥା ୩୦ଲକ୍ଷ ଟଙ୍କାରେ କିଣାଯାଇଥିଲା, ତାହା ଏବେ ପ୍ରାୟ ୨୨ଲକ୍ଷ ଟଙ୍କାରେ କିଣା ଯାଇଛି। ବିଭାଗରେ ଏଭଳି ବ୍ୟତିକ୍ରମକୁ ନେଇ ପାୱାର କରିଡରରେ ଚର୍ଚ୍ଚା ଜୋର ଧରିଛି।

ରାଜ୍ୟବାସୀଙ୍କୁ ହାତ ପାଆନ୍ତାରେ ସ୍ୱାସ୍ଥ୍ୟସେବା କିଭଳି ମିଳିବ ତାକୁ ନେଇ ସ୍ୱାସ୍ଥ୍ୟ ବିଭାଗରେ ମାଳ ମାଳ ଯୋଜନା। 'ଖୁସି'ଠାରୁ ଆରମ୍ଭ କରି ଜରୁରିକାଳୀନ ସେବା ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ହେଲେ ଯୋଜନା ନାଁରେ ପୂର୍ବ ସରକାର କିଭଳି ଆର୍ଥିକ ଅନିୟମିତତା କରିଛନ୍ତି ତା'ର ଏକ ଜ୍ୱଳନ୍ତ ପ୍ରମାଣ ହାତରେ ଲାଗିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୧୩ ବର୍ଷ ମଧ୍ୟରେ ୩୫୫କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆମ୍ବୁଲାନ୍ସ କିଣା ଯାଇଛି। ହେଲେ ପୂର୍ବବର୍ଷରେ ଆମ୍ବୁଲାନ୍ସ ଯେଉଁ ଦରରେ କିଣା ଯାଉଥିଲା ତାହା ଏବେ ଏକଚତୁର୍ଥାଂଶ କମ୍ ଦରରେ କିଣା ଯାଇ ପାରୁଛି। ଗୋଟିଏ ପଟେ ଡଲାର ମୂଲ୍ୟ ୧ଟଙ୍କା ତୁଳନାରେ ୯୦ରୁ ଊର୍ଦ୍ଧ୍ୱ ଟଙ୍କା ରହୁଥିବାବେଳେ ସ୍ୱାସ୍ଥ୍ୟ ବିଭାଗରେ କିଭଳି ବିପୁଳ ପରିମାଣର ଆର୍ଥିକ ଅନିୟମିତତା ହୋଇଛି ସେନେଇ ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ନାମ ଗୋପନ ରଖି ଅଭିଯୋଗ କରିଛନ୍ତି।

ତଥ୍ୟ ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୩ରୁ ଆମ୍ବୁଲାନ୍ସ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି। ଉକ୍ତ ବର୍ଷ ୨୮୦ଟି ଆମ୍ବୁଲାନ୍ସ ପ୍ରଥମ ପର୍ଯ୍ୟାୟରେ କିଣାଯାଇଥିଲା। ବିଭାଗ ପକ୍ଷରୁ ☞ପୃଷ୍ଠା-୪

TRUE VALUE
MARUTI SUZUKI
କ୍ୱାଲିଟି କାର ଗୁଡ଼ିକ
ପ୍ରତ୍ୟେକ ବଜେଟ୍ ପାଇଁ
ଆଜିହିଁ ଆପଣଙ୍କ ମନପସନ୍ଦର କାରଟି ବାଛନ୍ତୁ।
CELEBRATING 60Lakh STORIES OF TRUST
ଆମର ବିଶାଳ ସାର୍ଟିଫାଇଡ୍ ଗାଡ଼ି ରେଞ୍ଜରୁ ଆପଣଙ୍କର ମନପସନ୍ଦ ଗାଡ଼ିଟି ବାଛି ନିଅନ୍ତୁ।
ବିଶ୍ୱାସ
ଭେରିଫାଇଡ୍ କାର ହିଷ୍ଟ୍ରୀ**
3ଟି ମାଗଣା ସର୍ଭିସ **@5000++ ମାରୁତି ସୁଜୁକୀ ସର୍ଭିସ ଷ୍ଟେସନ
ଗୁଣବତ୍ତା
376 ଟି କ୍ୱାଲିଟୀ ଚେକ ପଏଣ୍ଟସ
1 ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି**
ଏହିଠାରୁ True Value ଆପଟି ଡାଉନଲୋଡ଼ କରନ୍ତୁ।
ଅଧିକ ଜାଣିବା ପାଇଁ, କଲ କରନ୍ତୁ 1800 102 1800 | ଭିଜିଟ୍ କରନ୍ତୁ www.marutisuzukitruevalue.com
TRUE VALUE CERTIFIED
BHUBANESWAR: JYOTE MOTORS: 7064499354, 7064499352 | NARAYANI MOTORS: 7381000168, 9583022097 | SKY AUTOMOBILES: 7440011607 | PURI: NARAYANI MOTORS: 7381000168 | PARADEEP: NARAYANI MOTORS: 7381000168, 9583022097, 9583022047 | KEONJHAR/NAYAGARH/BALUGAON: JYOTE MOTORS: 9776615006 | CUTTACK: TUSHI MOTORS PVT LTD: 9078073430, SKY AUTOMOBILES: 9078080819 | JAJPUR: SKY AUTOMOBILES: 9078080819.
*ନିୟମ ଏବଂ ସର୍ତ୍ତାବଳୀ ଲାଗୁ। ଆଉ ଅଧିକ ଜାଣିବା ପାଇଁ ଆପଣଙ୍କର ନିକଟତମ ଡିଲରକୁ ଯାଆନ୍ତୁ। **ଭେରିଫାଇଡ କାର ହିଷ୍ଟ୍ରି ଏବଂ ୱାରେଣ୍ଟି, କେବଳ True Value ସାର୍ଟିଫାଇଡ୍ କାରଗୁଡ଼ିକରେ ଉପରେ ଲାଗୁହୋଇଥାଏ। ମାଗଣା ସେବା କେବଳ ଶ୍ରମିକ ଖର୍ଚ୍ଚ ଉପରେ ଲାଗୁ ହୋଇଥାଏ। ଏହି ଚିତ୍ରଗୁଡ଼ିକ କେବଳ ଇଲାଷ୍ଟ୍ରେସନ୍ ପାଇଁ ବ୍ୟବହାର କରାଯାଇଛି।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- କେନ୍ଦ୍ରୀୟ ଟ୍ରେଡ ୟୁନିୟନ୍ ମିଳିତ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଆଇଏନ୍‌ଟିୟୁସି, ମୁଖ୍ୟ କାର୍ଯ୍ୟାଳୟ, ୟୁନିଟ୍ ୩, ସମୟ: ପୂର୍ବାହ୍ନ ୧୦ଟା।
- ଜାତୀୟ କୀଟନାଶକ ଦିବସ ପାଳନ, ସ୍ଥାନ: କନ୍‌ଫରେନ୍ସ ହଲ, ଡାଇରେକ୍ଟରେଟ୍ ଅଫ୍ ଫାମିଲି ୱେଲଫେଆର୍, ସମୟ: ଅପରାହ୍ନ ୩ଟା ୩୦।

## କଟକ
- ୭୪ତମ ରାଜ୍ୟ ପୋଲିସ ଆଥ୍‌ଲେଟିକ ଚାମ୍ପିୟନଶିପ୍-୨୦୨୬ର ଦ୍ୱିତୀୟ ଦିବସ, ସ୍ଥାନ: ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ, ସମୟ: ପୂର୍ବାହ୍ନ ୮ଟା ୩୦।
- ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ୧୯ତମ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନ, ସ୍ଥାନ: ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୯ଟା ୩୦।
- କଟକ ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି, ସ୍ଥାନ: ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସାବିତ୍ରୀ ମ୍ୟୁଜିକ ପକ୍ଷରୁ ଅଡିଓ ଉନ୍ମୋଚନ ଉତ୍ସବ, ସ୍ଥାନ: ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବାବା ବୁଖାରୀ ଉର୍ସ କମିଟି ପକ୍ଷରୁ ବାର୍ଷିକ ଉର୍ସ ଉତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ବାବା ବୁଖାରୀ ପୀଠ, ସମୟ: ଅପରାହ୍ନ ୪ଟା।
- ଚତୁର୍ଦ୍ଦଶ ଶିଶିର ମେଳାର ପଞ୍ଚମ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଜିଲା ପ୍ରଶାସନ ପକ୍ଷରୁ ସ୍ୱଦେଶୀ ଓ ସୁଭଦ୍ରା ଶକ୍ତିମେଳାର ଚତୁର୍ଥ ଦିବସ, ସ୍ଥାନ: ବାଲିଯାତ୍ରା ଉପର ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ସେବାୟତ କ୍ରିକେଟ ପ୍ରିମିୟର ଲିଗ୍‌ର ଉଦଯାପନୀ ଉତ୍ସବ, ସ୍ଥାନ: ଜଗନ୍ନାଥ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ତୃତୀୟ ବାର୍ଷିକ ମହୋତ୍ସବ, ସ୍ଥାନ: ଗୋପ ବେଗୁନିଆ ଛକ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଗଡ଼ମାଣିତ୍ରୀ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଟିନି ଟଷ୍ଟ ମଣ୍ଟେଶ୍ୱରୀ ବିଦ୍ୟାଳୟର ୧୦ମ ବାର୍ଷିକ ଉତ୍ସବ, ସ୍ଥାନ: ବିଜେବି ରେଲ୍‌ୱେ ଇନ୍‌ଷ୍ଟିଚ୍ୟୁଟ, ଜଟଣୀ, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ପିଏମ୍‌ଶ୍ରୀ ମଣିଭଦ୍ର ସରକାରୀ ଉଚ୍ଚବିଦ୍ୟାଳୟ, ଗୋପାଳପୁର, ବାହାନଗା, ସମୟ: ସକାଳ ୯ଟା ୩୦।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରେମୁଣା, ସମୟ: ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହର ତୃତୀୟ ଦିବସ, ସ୍ଥାନ: ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ, ଜାମଶୂଳି, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ କଥାମୃତ ପ୍ରବଚନ ସଭା, ସ୍ଥାନ: ଗୋଛାୟତ କମ୍ପ୍ଲେକ୍ସ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା।
- ବାରିଙ୍ଗିଆ ମହୋତ୍ସବର ଦ୍ୱିତୀୟ ଦିବସ, ସ୍ଥାନ: ବାରିଙ୍ଗିଆ ଗ୍ରାମ ପଡ଼ିଆ, ଖଇରା, ସମୟ: ସନ୍ଧ୍ୟା ୬ଟା।
- ରୂପ୍‌ସା ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ପୋଡାଡିହା ମହୋତ୍ସବ ପଡ଼ିଆ, ରୂପ୍‌ସା, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ହସନାବାଦ ପଞ୍ଚାୟତ କଲ୍ୟାଣ ମଣ୍ଡପ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ:ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପଡ଼ିଆ, ମୋରଡ଼ା, ସମୟ: ସକାଳ ୮ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ମେଘାସନୀ ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କଲେଜ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ବାଥୁଡ଼ି ସାଂସ୍କୃତିକ ସମାଜର ଦୁଇ ଦିବସୀୟ ବାର୍ଷିକ ଉତ୍ସବ, ସ୍ଥାନ: ପାଟପୁର ଗ୍ରାମ ପଡ଼ିଆ, ଉଦଳା, ସମୟ: ଅପରାହ୍ନ ୪ ଟା।

## ଗଞ୍ଜାମ
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବୁଗୁଡ଼ା ପଞ୍ଚାୟତ ସମିତି କାର୍ଯାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ବୁଦ୍ଧଖୋଲ କବିତା ଆସର, ସ୍ଥାନ: ବୁଗୁଡ଼ା ବୁଦ୍ଧଖୋଲ ମହୋତ୍ସବ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବଳଦେବଜୀୟୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର, ବୁଗୁଡା, ସମୟ: ପୂର୍ବାହ୍ନ ୧୧ ଟା।

## ଢେଙ୍କାନାଳ
- କଲ୍ୟାଣ ଜୁଏଲର୍ସ ସୋ'ରୁମ ଉଦ୍‌ଘାଟନ, ସ୍ଥାନ: ଗୁଡିଆନାଳୀ (ପେଟ୍ରୋଲ ପମ୍ପ ପାଖ), ସମୟ: ଅପରାହ୍ନ ସାଢେ ୪ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର
- ବାଲିକୁଦା ବ୍ଲକ ପରିସରରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବାଲିକୁଦା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମହାକାଳପଡା, ସମୟ:ପୂର୍ବାହ୍ନ ୧୦ଟା ।
- ହିନ୍ଦୁ ସମ୍ମିଳନୀ, ସ୍ଥାନ:ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ, ପଟ୍ଟାମୁଣ୍ଡାଇ, ଅମରେଶ୍ୱର ମନ୍ଦିର ପ୍ରାଙ୍ଗଣ, ଗୋପ, କେନ୍ଦ୍ରାପଡା ସହର, ସମୟ: ସକାଳ ୯ଟା।
- ଯୁବ ଓଡ଼ିଶା ପକ୍ଷରୁ ଗରଦପୁର ଯୁବ ମହୋତ୍ସବ, ସ୍ୱଦେଶୀ ମେଳା ଓ ପ୍ରଦର୍ଶନୀ, ସ୍ଥାନ: ତହସିଲ ପଡିଆ, ଗରଦପୁର, ସମୟ: ସନ୍ଧ୍ୟା ୬ଟା ।
- ଚିତ୍ରୋତ୍ପଳା ମହୋତ୍ସବ, ସ୍ଥାନ: ବିଶ୍ୱେଶ୍ୱର ମହାଦେବ ମନ୍ଦିର, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ-ବରୀ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଦ୍ୱାଦଶ ବାର୍ଷିକ ନବାହ୍ନ ପାରାୟଣ ମାନସ ପ୍ରବଚନ ଓ ଜ୍ଞାନଯଜ୍ଞର ସପ୍ତମ ଦିବସରେ ସୂର୍ଯ୍ୟପୂଜା ସହ ରାମ ଭରତ ମିଳନ ଓ ସୀତା ହରଣ ଉପରେ ପ୍ରବଚନ, ସ୍ଥାନ:ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ଶ୍ରୀ ଶ୍ରୀ ମୁଣ୍ଡିଆ ହନୁମାନ ପୀଠ ମୁକ୍ତିକ୍ଷେତ୍ର, ଭୋର ୬ଟାରୁ ରାତି ୯ଟା ।
- ଭୈମୀ ଏକାଦଶୀ ମେଳାର ଦ୍ୱାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।

## କୋରାପୁଟ
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବୋରିଗୁମ୍ମା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କସନ୍ଦି ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ସଚେତନ ଶିବିର, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ଚାରାଗୁଲ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।

## ସମ୍ବଲପୁର
- ଜିଲା ପ୍ରଶାସନର ମିଳିତି ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ରେଙ୍ଗାଲି ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଶ୍ରମିକ କର୍ମଚାରୀ ସମନ୍ୱୟ ସମିତିର ଧର୍ମଘଟ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ହୀରାକୁଦ କ୍ରୀଡା ସଂଘ ଆୟୋଜନରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ଅନୁଗୋଳ ପାତାକା ବନାମ ବରଗଡ଼ ୟୁନାଇଟେଡର ମ୍ୟାଚ, ସ୍ଥାନ : ସୁଭାଷ ମଇଦାନ, ସମୟ : ଅପରାହ୍ନ ୨ଟା।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ପକ୍ଷରୁ ତୃତୀୟ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟରେ ଦେବଗଡ଼ ବନାମ ବଲାଙ୍ଗୀର ଜିଲାର ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।

## ବଲାଙ୍ଗୀର
- ବିଜେଡି ପକ୍ଷରୁ ଗଣବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ସରକାରୀ ବସଷ୍ଟାଣ୍ଡ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସଇଁନ୍ତଳା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।

## ରାଉରକେଲା
- ଉଦ୍‌ଯାପନୀ ସନ୍ଧ୍ୟା, ଏନ୍‌ଆଇଟି ନିଟ୍ରୋତ୍ସବ, ସ୍ଥାନ: ସାକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।
- ଏଫ୍‌ଆଇଏଚ୍ ହକି ପୁରୁଷ ଦଳ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବିର୍ସାମୁଣ୍ଡା ହକି ଷ୍ଟାଡିୟମ୍ ଗେଟ୍ ନଂ. ୫, ସମୟ: ପୂର୍ବାହ୍ନ ୧୨ଟା ୨୦।
- ସୁନାଫୁଲ ସାହିତ୍ୟ ସଂସଦର ସଙ୍ଗୀତ ଓ ସାହିତ୍ୟ ସମାରୋହ, ସ୍ଥାନ: ସେକ୍ଟର-୫, ଭଞ୍ଜଭବନ ସମୟ: ସନ୍ଧ୍ୟା ୬ଟା ୩୦।
- ବିଶ୍ରାମୁଣ୍ଡା ହକି ଷ୍ଟାଡିୟମ୍‌ରେ ଇଣ୍ଡିଆ ଓ ବେଲଜିୟମ୍ ଦଳର ଖବରଦାତା ସମ୍ମିଳନୀ, ସ୍ଥାନ: ବିଶ୍ରାମୁଣ୍ଡା ହକି ଷ୍ଟାଡିୟମ, ଛେଣ୍ଡ, ସମୟ: ପୂର୍ବାହ୍ନ ୧୨ଟା ୩୦।

## ବରଗଡ଼
- ସି.କେ ନାଇଡୁ ଟ୍ରଫି, ସ୍ଥାନ:କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ:ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ଭଟଲି, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ନର୍ଲା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ କଳାହାଣ୍ଡି ଗସ୍ତ, ସ୍ଥାନ: ଯୋଗମାୟା ସପ୍ତପୀଠ,କେସିଙ୍ଗା, ପୂର୍ବାହ୍ନ ୧୧ଟା।
- ସିଟିଜେନ ଫୋରମର ବାର୍ଷିକ ଦିବସ, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ଋଷି ସାହା ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବୌଦ୍ଧ
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହରଭଙ୍ଗା ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା।

## ସୁବର୍ଣ୍ଣପୁର
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିନିକା ବ୍ଲକ ବାଙ୍କିଘିର୍ଡି ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସିନାପାଲି, ସମୟ: ପୂର୍ବାହ୍ନ ୧୦ଟା।
- ୧୯ତମ ଆର୍‌ଏସ୍‌ସିସି କପ୍ କ୍ରିକେଟ ଟୁର୍ନାମେଣ୍ଟ ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ତରବୋଡ ସମ୍ଭବ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଗୁରୁକୁଳ ଆମସେନା ୫୯ତମ ବାର୍ଷିକ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଆମସେନା ମହାବିଦ୍ୟାଳୟ ଗୁରୁକୁଳ ଆଶ୍ରମ, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସିନାପାଲି ବ୍ଲକ ଝାରବନ୍ଧ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

## ଝାରସୁଗୁଡ଼ା
- ରୁଦ୍ରାଭିଷେକ ଏବଂ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କାର୍ଯ୍ୟକ୍ରମ, ସ୍ଥାନ: ମହାକାଳ ମନ୍ଦିର, ବାଗଡ଼ିହି, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲଖନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଗାମୀ ମାଙ୍ଗଳିକ କାର୍ଯ୍ୟ ପରିପ୍ରେକ୍ଷୀରେ ପାରିବାରିକ ବନ୍ଧୁମିଳନର ସୂଚନା ରହିଛି। ମାନସିକ ଅସ୍ଥିରତା ଲାଗିରହିଲେ ମଧ୍ୟ ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିବ ଏବଂ କୌଣସି କାମ ଅଟକି ରହିବ ନାହିଁ। ଆଲୋଚନାରେ ନିଜର ସୀମା ଭିତରେ ରହିବା ଭଲ। କର୍ମକ୍ଷେତ୍ରରେ ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ବିବ୍ରତ ହୋଇପାରନ୍ତି।

**ବୃଷ** ନିଜ ପରିସରର ବନ୍ଧୁଙ୍କ ସହଯୋଗ ଅଭାବରୁ ଆନୁଷ୍ଠାନିକ କ୍ଷେତ୍ରରେ ବ୍ୟସ୍ତତା ଅନୁଭବ କରିବେ। କଳା ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇଯିବ। ଭଲ ସମ୍ପର୍କ ରହିଥିବା ପଡ଼ୋଶୀଙ୍କ ସହାୟତାରେ କାର୍ଯ୍ୟ ହାସଲ କରିପାରନ୍ତି।

**ମିଥୁନ** ଆଶା କରୁଥିବା ବ୍ୟକ୍ତିବିଶେଷଙ୍କ ନିକଟରୁ ଯଥା ସମୟରେ ଅର୍ଥଲାଭ ହେବ। ବିଭିନ୍ନ ସଂଘର୍ଷମୟସ୍ଥିତି ମଧ୍ୟରେ ଆପଣଙ୍କୁ ଗତି କରିବାକୁ ପଡିପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ନିଜର ଲୋକମାନେ ଦୂରେଇ ରହୁଥିବାର ଅନୁଭବ କରିପାରନ୍ତି। ବିବାଦୀୟ ପରିସ୍ଥିତିରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**କର୍କଟ** କାର୍ଯ୍ୟସିଦ୍ଧି ଆଶଙ୍କା କଥା ଚିନ୍ତା ନ କରି କାମ କରିଚାଲନ୍ତୁ କୌଣସି ଅସୁବିଧା ହେବନାହିଁ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ। ଯାହା ପାଇବା ସକାଶେ ଚିନ୍ତା କରୁଥିଲେ ଆଜି ତାହା ବିଳମ୍ବରେ ପାଇପାରନ୍ତି। ନିର୍ମାଣ, ଯୋଗାଯୋଗ, ପ୍ରେସ୍, ଆଲୋଚନା ଓ ସଭାସମିତିରେ କାମ ସୁରୁଖୁରୁରେ ସମ୍ପନ୍ନ ହୋଇପାରିବ।

**ସିଂହ** ଆଜିର କର୍ମକ୍ଷେତ୍ରରେ ସହକର୍ମୀଙ୍କ ମତକୁ ବିଚାରକୁ ନ ନେଲେ ପରିସ୍ଥିତି ବଦଳିଯାଇପାରେ। ସମସ୍ତ ସୁବିଧା ଥିଲେ ମଧ୍ୟ ସହଯୋଗ ଅଭାବରୁ ତାହା ମଉଳିଯାଇପାରେ। ବାଣିଜ୍ୟ, ନିର୍ମାଣ, ଯାତ୍ରା, କଚେରି ମାମଲା ସମ୍ପର୍କିତ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ। ଅବହେଳା କାରଣରୁ ସୁଯୋଗ ହାତଛଡ଼ା ହୋଇପାରେ।

**କନ୍ୟା** ଆଜିର ଗ୍ରହସ୍ଥିତି ପାଇଁ ବିଶେଷଭାବରେ ପ୍ରତିକୂଳ ରହିବ ନାହିଁ। ପ୍ରାଥମିକ ସ୍ତରରେ ସମସ୍ୟା ଦେଖାଗଲେ ମଧ୍ୟ ପର ମୁହୂର୍ତ୍ତରେ ସବୁ ଠିକ୍ ହୋଇଯିବ। ସଭାସମିତିରେ ନୀରବତା ଅବଲମ୍ବନ କରିବା ଦ୍ୱାରା ଅନ୍ୟମାନେ ଟିକାଟିପ୍ପଣୀ ଦେଇପାରନ୍ତି। ବନ୍ଧୁ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ତୁଳା** ବନ୍ଧୁଙ୍କ ପରାମର୍ଶରେ ନୂତନ ଯୋଜନାରମ୍ଭ ସକାଶେ ମନ ବଳାଇପାରନ୍ତି। ଶିଳ୍ପ, ବାଣିଜ୍ୟରେ ଉନ୍ନତି ଆପଣଙ୍କ ଅର୍ଥନୈତିକ ସ୍ଥିତିକୁ ଉର୍ଦ୍ଧ୍ୱଗାମୀ କରାଇପାରେ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧିରୁ ପରିସ୍ଥିତିକୁ ସମ୍ଭାଳି ନେବେ। ସାହିତ୍ୟ, ସାମ୍ବାଦିକତା, ରାଜନୀତି ଓ ଅର୍ଥନୀତି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବେ।

**ବିଛା** ଆଜିର ଦିନଚର୍ଯ୍ୟା ମଧ୍ୟରେ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନେ ନିଜର ଭଳି ଅଭିନୟ କରି ପଛରେ ସମାଲୋଚନା କରିପାରନ୍ତି। ଆପୋସ ଆଲୋଚନା ଦ୍ୱାରା ଘରୋଇ ସମସ୍ୟାର ସମାଧାନ କରିପାରିବେ। ପ୍ରକାଶନ, ପ୍ରଶାସନ, ଚୁକ୍ତିପତ୍ର, ରାଜନୀତି ଓ କଳା ସାହିତ୍ୟରେ ଉନ୍ନତି କରିପାରନ୍ତି। ଆଜି ପ୍ରିୟ ବନ୍ଧୁଟିର ଦେଖା ପାଇବେ ନାହିଁ।

**ଧନୁ** ଯେତେ ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମ୍ନା କରିବାରେ ସଫଳତା ପାଇବେ। ବାଣିଜ୍ୟ, ପରିବହନ, ପ୍ରକାଶନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। କଠିନ ଶ୍ରମ ଓ ଭ୍ରମଣ ହେତୁକ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଆଜିର ଯାତ୍ରାରେ ସଫଳତା ମିଳିବ ଏବଂ ଆଶା ମଧ୍ୟ ପୂରଣ ହୋଇଯିବ।

**ମକର** ଅର୍ଥ ସାହାଯ୍ୟ ଆଶାରେ ବନ୍ଧୁଙ୍କୁ ବିଭିନ୍ନ କଥା କହି କାମ ହାସଲ କରିବେ। ସରକାରୀସ୍ତରରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ, ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡିବା ସକାଶେ ଆପ୍ରାଣ ଚେଷ୍ଟା କରି ଉପକୃତ ହୋଇପାରନ୍ତି।

**କୁମ୍ଭ** କର୍ମକ୍ଷେତ୍ରରେ ଅଧସ୍ତନ କର୍ମଚାରୀଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ କଷ୍ଟ ସ୍ୱୀକାର କରିବାକୁ ପଡିବ। ଆଲୋଚନା ପରିସରରେ ସମ୍ପର୍କୀୟଙ୍କ ପକ୍ଷପାତିତାକୁ ନାପସନ୍ଦ କରିବେ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷ ମୁହୂର୍ତ୍ତରେ ନାସ୍ତିବାଣୀ ଶୁଣାଇ ପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମ କିମ୍ବା ସଭାସମିତିକୁ ନିମନ୍ତ୍ରିତ ହେବାର ସୌଭାଗ୍ୟଲାଭ କରିବେ।

**ମୀନ** କର୍ମପରିସର ବୃଦ୍ଧି ଯୋଗୁ ବିଭିନ୍ନ କ୍ଷେତ୍ରରେ ଅନୁପ୍ରବେଶ ଅସ୍ଥିରତା ମଧ୍ୟରେ ରଖିପାରେ। ପାରିବାରିକ, ସାମାଜିକ ଓ ଆନୁଷ୍ଠାନିକ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେବ। ବନ୍ଧୁଙ୍କ ଖାପଛଡା କଥା ଓ ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। କେତେକ ସ୍ଥାନରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଫେବୃଆରୀ ୯ ତାରିଖ, ଫାଲ୍‌ଗୁନ କୃଷ୍ଣପକ୍ଷର କାଳାଷ୍ଟମୀ ସୋମବାର, ରାଶିନକ୍ଷତ୍ର-ବିଶାଖା/ତୁଳା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୨ମି. ଗତେ ଘ.୦୭।୪୭ ମି. ମଧ୍ୟେ, ଘ.୧୦।୫୩ମି.ଗତେ ଘ.୦୧।୦୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୪୭ମି. ଗତେ ଘ.୦୯।୧୧ମି. ମଧ୍ୟେ ରାହୁ କାଳ।

## ଯୁକ୍ତ୨ ପରୀକ୍ଷା...
ହବ୍‌ରେ ପ୍ରଶ୍ନପତ୍ର ସୁରକ୍ଷା ପାଇଁ ୨୪ ଘଣ୍ଟିଆ ବନ୍ଧୁକଧାରୀ ପୋଲିସ ରହିବେ। ହବ୍‌ରୁ ପ୍ରଶ୍ନପତ୍ର ବାହାରି ପରୀକ୍ଷା କେନ୍ଦ୍ରକୁ ପହଞ୍ଚାଇବା ସମୟରେ ମଧ୍ୟ ପୋଲିସ କଡ଼ା ସୁରକ୍ଷା ପ୍ରଦାନ କରିବ। ପରୀକ୍ଷା ପରେ ଉତ୍ତରଖାତାକୁ ସୁରକ୍ଷିତ ଭାବେ ମୂଲ୍ୟାଙ୍କନ କେନ୍ଦ୍ରରେ ପହଞ୍ଚାଯିବ। ପରୀକ୍ଷା ଦିନ ସକାଳ ସାଢ଼େ ୮ଟା ସୁଦ୍ଧା ପ୍ରଶ୍ନପତ୍ର ପ୍ୟାକେଟ୍ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ଜରୁରୀ। ପରୀକ୍ଷା ସରିବା ପୂର୍ବରୁ ପ୍ରଶ୍ନପତ୍ର ଯେପରି ବାହାରକୁ ନ ଆସେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। ପରୀକ୍ଷା କେନ୍ଦ୍ର ପରିସରକୁ ମଧ୍ୟ କୌଣସି ଅଧିକାରୀ, ପର୍ଯ୍ୟବେକ୍ଷକ, ସ୍କ୍ୱାଡ୍ ସଦସ୍ୟ, ଜିଲା ପ୍ରଶାସନର କର୍ମଚାରୀ ମୋବାଇଲ୍ ନେବାକୁ ବାରଣ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ପ୍ରବେଶ ପୂର୍ବରୁ ମୋବାଇଲ୍ ଫୋନ୍‌କୁ ସୁପରିଣ୍ଟେଣ୍ଡେଣ୍ଟଙ୍କ ପାଖରେ ଜମା କରିବେ କିମ୍ବା ନିଜ ଗାଡ଼ିରେ ରଖିବେ। ଏନେଇ ପରୀକ୍ଷା ପୂର୍ବ ପ୍ରସ୍ତୁତିର ସମୀକ୍ଷା କରିବା ସହିତ ପରୀକ୍ଷା ସୁପରିଚାଳନା ପାଇଁ ଜିଲାପାଳ ଓ ଏସ୍‌ପିଙ୍କୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି।

## ଢଗଢମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରକ୍ଷିତକୁ ଦଇବ ସାହା।**

ଅରକ୍ଷିତର କେହି ହେଲେ ସାହା ନ ଥାନ୍ତି। ତା'ର ଜୀବନ, ଖାଦ୍ୟ, ବସ୍ତ୍ର ଓ ସ୍ୱାସ୍ଥ୍ୟ ଆଦି ମୌଳିକ ଆବଶ୍ୟକତା ଦେଖିବାକୁ କେହି ନ ଥାନ୍ତି। ସେମାନେ ବଞ୍ଚି ରହିଥାନ୍ତି ଦଇବଙ୍କ ଆଶ୍ରୟରେ। ସେମାନଙ୍କ ଜୀବନ ରକ୍ଷା ହୋଇଥାଏ ପରମପିତା ଭଗବାନଙ୍କ କୃପା ଦ୍ୱାରା। ଯାହାର କେହି ସାହାଯ୍ୟକାରୀ ନାହାନ୍ତି ତାଙ୍କର ଭଗବାନ ହିଁ ସାହାଯ୍ୟକର୍ତ୍ତା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଭିଆଡ଼ୀ, ଅମଙ୍ଗୁଳା, ନାହିଁ ନାହିଁ ତୁଣ୍ଡି;**
**ଅପାଳକ ମୁଣ୍ଡି, ଖଇଛଡ଼ା ଖୁଣ୍ଟି,**
**ଦାନ୍ତ ନିକୁଟି, ଲେହେକର ମୁଖୀ;**
**ଏ ସାତଙ୍କ ନାଆଁ ଧରନ୍ତେ ରାତି ସଫଳ ପାଆନ୍ତି।**

ଉପରୋକ୍ତ ନାମ ଧାରିଣୀ ନାରୀ ବ୍ରହ୍ମାଙ୍କ ସପ୍ତକନ୍ୟା ଅଟନ୍ତି। ସ୍ତ୍ରୀ ଲୋକମାନେ ରାତିରେ ଶୋଇବା ପୂର୍ବରୁ ଏମାନଙ୍କ ନାମ ଧରି ଉଚ୍ଚାରଣ କଲେ ସୁଫଳ ପାଆନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ଶୋଷ, ଚାଷ ...
ପ୍ରସାରଣ, ବର୍ଷା ଜଳ ଅମଳ ଇତ୍ୟାଦି ଜରୁରୀ। ରାଜ୍ୟର କୃଷି ଉତ୍ପାଦନର ଏକ ବଡ଼ ଅଂଶ ମୌସୁମୀ ଉପରେ ନିର୍ଭର କରେ, ଯାହା ଜଳବାୟୁ ପରିବର୍ତ୍ତନ ଯୋଗୁ କ୍ରମଶଃ ଅନିଶ୍ଚିତ ହୋଇପଡୁଛି। ସ୍ୱାଭାବିକ ବର୍ଷାରେ ବିଚ୍ୟୁତି ଯୋଗୁ ମରୁଡ଼ି କିମ୍ବା ବନ୍ୟା ସୃଷ୍ଟି ହେଉଛି, ଯାହା କୃଷି, ପାନୀୟ ଜଳ ଏବଂ ଶିଳ୍ପକୁ ବହୁଳ ପ୍ରଭାବିତ କରୁଛି। ସମୁଦ୍ର ଉପକୂଳ ରାଜ୍ୟ ଭାବରେ ଓଡ଼ିଶା ଭାରତର ତୃତୀୟ ସର୍ବାଧିକ ଜଳବାୟୁ ସମ୍ବେଦନଶୀଳ ଅଞ୍ଚଳ ଭାବରେ ସ୍ଥାନ ପାଇଛି, ଯେଉଁଠାରେ ପ୍ରାୟତଃ ଅତି ଖରାପ ପାଣିପାଗ ଘଟଣାମାନ ଘଟୁଛି। ଗତ ୨୫ ବର୍ଷ ମଧ୍ୟରେ ରାଜ୍ୟ ୧୮ଟି ବଡ଼ ବନ୍ୟା, ୧୧ ବର୍ଷ ମରୁଡି ଏବଂ ୧୨ଟି ଘୂର୍ଣ୍ଣିଝଡ଼ ସହ୍ୟ କରିଛି, ଯାହା ଭିତ୍ତିଭୂମିକୁ କ୍ଷତି ପହଞ୍ଚାଇବା ସହ ଜଳ ସୁରକ୍ଷାକୁ ଗୁରୁତର ପ୍ରଭାବିତ କରିଛି। ଯାଜପୁର ଜିଲା ପରିବେଶ ସମିତିର ସମ୍ପାଦକ ଶରତ ଚନ୍ଦ୍ର ସାହୁ କହିଛନ୍ତି, ନଦୀକୂଳରେ ସଭ୍ୟତାର ଆରମ୍ଭ ହୋଇଥିଲା। ହେଲେ ନଦୀଜଳ ଆବଶ୍ୟକ ପରିଚାଳନା ଅଭାବରୁ ପ୍ରଦୂଷିତ ହେବା ସହିତ ଜଳପ୍ରବାହ କ୍ରମଶଃ କ୍ଷୀଣ ହେବାରେ ଲାଗିଛି। ଏହା ପରିବେଶ ପ୍ରତି ବହୁ ବିପଦ ସୃଷ୍ଟି କରିଛି। ଏଥିପାଇଁ ସରକାର ଗୁରୁତ୍ୱର ସହ ଆବଶ୍ୟକ ପଦକ୍ଷେପ ନେବାର ସମୟ ଉପନୀତ ହୋଇଛି।

## ଶତ୍ରୁ ସାଟେଲାଇଟ୍ ...
ସୂର୍ଯ୍ୟାଲୋକ ସ୍ଥିତିରେ ଆଜିସ୍ତା ୨ଟି ଫଟୋ ଉଠାଇବା ଉଦ୍ୟମ କରିଥିଲା। ପ୍ରଥମଟି ପ୍ରାୟ ୩୦୦ କିଲୋମିଟର ଦୂରରେ ହୋଇଥିବାବେଳେ ଦ୍ୱିତୀୟଟି ୨୪୫ କି.ମି. ଦୂରରେ ହୋଇଥିଲା। ଏଏଫ୍‌ଆର୍ ସାଟେଲାଇଟ୍‌ର ସେନ୍‌ସର ଉଭୟ ଉଦ୍ୟମରେ ଦ୍ରୁତ ଗତିଶୀଳ ଆଇଏସ୍‌ଏସ୍‌କୁ ଠିକ୍ ଭାବେ ଟ୍ରାକ୍ କରିଥିଲା ଓ ୨.୨ ମିଟର ଚିତ୍ର ନମୁନାର ମୋଟ ୧୫ଟି ପୃଥକ୍ ଫଟୋ ନେଇଥିଲା। ଉଭୟ ଉଦ୍ୟମ ୧୦୦ ପ୍ରତିଶତ ସଫଳ ହେବା ସହ ଏହାର ଟ୍ରାକିଂ ଆଲେଗୋରିଦିମ୍ ଏବଂ ଇଲେକ୍ଟ୍ରୋ-ଅପ୍ଟିକାଲ ଇମେଜିଂ ପ୍ରିସିସନ୍‌କୁ ସ୍ପଷ୍ଟ କରୁଥିବା କମ୍ପାନୀ ଦାବି କରିଛି।

## ଟ୍ରେଡ୍ ଡିଲ୍‌କୁ...
ସମାଲୋଚନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏସ୍‌କେଏମ୍, ଏଆଇକେଏସ୍ ଏବଂ ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍ (ସିଟିୟୁ) ଆସନ୍ତା ୧୨ ତାରିଖରେ 'ଭାରତ ବନ୍ଦ' ଡାକରା ଦେଇଛନ୍ତି। ଏକ ଖବରଦାତା ସମ୍ମିଳନୀରେ ଏସ୍‌କେଏମ୍ ପକ୍ଷରୁ କୁହାଯାଇଛି ଯେ ଫେବୃଆରୀ ୧୨ରେ ଦେଶର ଗ୍ରାମାଞ୍ଚଳରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରାଯିବ। କୃଷକଙ୍କ ସ୍ୱାର୍ଥକୁ ସୁରକ୍ଷା ଦିଆଯିବ ବୋଲି ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋୟଲ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଯାହା ଦେଖିବାକୁ ମିଳୁଛି, ସେଥିରେ ଚାଷୀକୁଳର ସ୍ୱାର୍ଥ ସହ ସାଲିସ କରାଯାଇଛି। କେନ୍ଦ୍ରମନ୍ତ୍ରୀ ଗୋୟଲ ମିଥ୍ୟା ପ୍ରଚାର କରି କୃଷକ ଓ ଦେଶବାସୀଙ୍କୁ ପ୍ରତାରିତ କରିଛନ୍ତି। ବିଶ୍ୱାସଘାତକ ଗୋୟଲ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ଏସ୍‌କେଏମ୍‌ରୁ ଅଲଗା ହୋଇଥିବା ଅଣରାଜନୈତିକ ସଙ୍ଗଠନ ଏଆଇକେଏସ୍ ନେତା କ୍ରିଷ୍ଣା ପ୍ରସାଦ କହିଛନ୍ତି, ଏହି ଡିଲ୍ ଯୋଗୁ ମକା, ବାଜରା ଓ ଡାଲିଜାତୀୟ ଶସ୍ୟ, ଗୋଖାଦ୍ୟ, ସୋୟାବିନ୍ ତେଲ ଆଦି ପାଇଁ ଆମେରିକାର ପ୍ରବେଶପଥ ଉନ୍ମୁକ୍ତ ହୋଇଯିବ। ଏପରି କି ଭାରତର ପାରମ୍ପରିକ ଦୁଗ୍ଧଜାତ ସାମଗ୍ରୀଗୁଡ଼ିକୁ ମଧ୍ୟ ଏହା ପ୍ରଭାବିତ କରିବ। ୟୁରୋପୀୟ ସଂଘ (ଇୟୁ) ସହ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ଏବଂ ଆମେରିକା ସହିତ ଅନ୍ତରୀଣ ଟ୍ରେଡ୍ ଡିଲ୍ ଯୋଗୁ ସେହି ଦେଶଗୁଡ଼ିକର ଅଚଳପ୍ରାୟ ଅର୍ଥନୀତିକୁ ବଳ ମିଳିବ। ଏଥିରୁ ଭାରତକୁ କିଛି ଲାଭ ମିଳିବ ନାହିଁ। ସେହିପରି ପଞ୍ଜାବର କ୍ରାନ୍ତିକାରୀ କିଷାନ ୟୁନିୟନ୍ (କେଏସ୍‌ୟୁ) ନେତା ଦର୍ଶନ ପାଲ୍ କହିଛନ୍ତି, ସ୍ୱଳ୍ପ ଆୟକାରୀ ଚାଷୀମାନେ ଋଣଯନ୍ତାରେ ଛନ୍ଦି ହୋଇଯାଇଥିବାବେଳେ ଉକ୍ତ ଡିଲ୍ ସେମାନଙ୍କ ଆର୍ଥିକ ସ୍ଥିତିକୁ ଆହୁରି ସଙ୍ଗିନ କରିଦେବ। ତେଣୁ କେଏସ୍‌ୟୁ ଏହି ଧର୍ମଘଟକୁ ସମ୍ପୂର୍ଣ୍ଣ ସମର୍ଥନ କରି କୁଶପୁତ୍ତଳିକା ଦାହରେ ସାମିଲ ହେବାକୁ ଯାଉଛି। ଭାରତୀୟ କିଷାନ ୟୁନିୟନ୍ ନେତା ରାକେଶ ଟିକାଏତ୍ ଟ୍ରେଡ୍ ଡିଲ୍‌ରୁ କିପରି ଲାଭ ମିଳିବ ବୋଲି ଗାଁ ଲୋକେ ପ୍ରଶ୍ନ କରିବାରେ ଲାଗିଥିବା କହିଛନ୍ତି। ଏଥିଯୋଗୁ କୃଷକମାନେ ପ୍ରଭାବିତ ହେବେ କହି ଆନ୍ଦୋଳନରେ ସାମିଲ ହେବା ପାଇଁ ଟିକାଏତ୍ ସେମାନଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଭାରତ-ଆମେରିକା ମୁକ୍ତ ବାଣିଜ୍ୟ ଚୁକ୍ତିରେ ସ୍ୱାକ୍ଷର କରନ୍ତୁ ନାହିଁ ବୋଲି ଏସ୍‌କେଏମ୍ ଦାବି କରିଛି। ୧୨ରେ ହେବାକୁ ଥିବା ବନ୍ଦ ପାଳନକୁ ସମସ୍ତ ରାଜନୈତିକ ଦଳ, କୃଷକ, କୃଷି ଶ୍ରମିକ ସଙ୍ଗଠନ ଓ ଟ୍ରେଡ୍ ୟୁନିୟନ୍‌ଗୁଡ଼ିକ ସମେତ ସବୁ ବର୍ଗର ଲୋକେ ସମର୍ଥନ କରନ୍ତୁ ବୋଲି ଅପିଲ୍ କରାଯାଇଛି। ଏସ୍‌କେଏମ୍ (ଅଣରାଜନୈତିକ) ଏନେଇ ଏକ ବୈଠକ କରିବାକୁ ଯାଉଛି। ସିଟିୟୁ, ସିଆଇଟିୟୁ, ଆଇଏନ୍‌ଟିୟୁସି, ଏଆଇଟିୟୁସି ଏବଂ ଏଚ୍‌ଏମ୍‌ଏସ୍ ସମେତ ୧୦ ଟ୍ରେଡ୍ ୟୁନିୟନ୍ ନୂଆଦିଲ୍ଲୀରେ ବୈଠକ କରିବା ପରେ ଏହାକୁ ସମର୍ଥନ ଘୋଷଣା କରିଛନ୍ତି। ଭାରତ ବନ୍ଦ ଯୋଗୁ ବ୍ୟାଙ୍କିଙ୍ଗ୍, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ ରହିବ। ତେବେ ହସ୍ପିଟାଲ, ଆମ୍ବୁଲାନ୍ସ ଭଳି ଜରୁରୀ ସେବା ଜାରି ରହିବ। ସରକାର ସମର୍ଥିତ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ଏଥିରେ ସାମିଲ ହେବନାହିଁ ବୋଲି ସ୍ପଷ୍ଟ କରିଛି। ଇତିମଧ୍ୟରେ କେନ୍ଦ୍ରମନ୍ତ୍ରୀ ଗୋୟଲ କହିଛନ୍ତି, ଦ୍ୱିପାକ୍ଷିକ ଚୁକ୍ତି ଅନୁଯାୟୀ ଆଗାମୀ ୫ ବର୍ଷରେ ୫୦୦ ବିଲିୟନ୍ ଡଲାର ମୂଲ୍ୟର ସାମଗ୍ରୀ ଆମେରିକାଠାରୁ କିଣିବାକୁ ଭାରତ ପାଇଁ କଷ୍ଟକର ହେବନାହିଁ। ୩୦ ଟ୍ରିଲିୟନ୍ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଲକ୍ଷ୍ୟ ରଖିଥିବା ଭାରତ ପାଇଁ ୫୦୦ ବିଲିୟନ୍ ଡଲାର ଏକ ବୃହତ୍ ରାଶି ନୁହେଁ। ଆମେରିକା ଚାଇନା ଉପରେ ୩୫% ଓ ଅନ୍ୟ ଏସୀୟ ଦେଶଗୁଡ଼ିକ ଉପରେ ୧୯% ଟିକସ ଲଗାଉଥିବାବେଳେ ଭାରତୀୟ ସାମଗ୍ରୀଗୁଡ଼ିକୁ ୧୮% ଆମଦାନୀ ଶୁଳ୍କର ସମ୍ମୁଖୀନ ହେବାକୁ ପଡ଼ିବ। ସେହି ଦୃଷ୍ଟିରୁ ଭାରତ ଅପେକ୍ଷାକୃତ ଭଲ ସ୍ଥିତିରେ ରହିଛି ବୋଲି ଗୋୟଲ ସ୍ପଷ୍ଟ କରିଛନ୍ତି।

## ଥାର୍ ପରେ...
୨୮୦ଟି ଟାଟା ଉଇଙ୍ଗର କିଣା ବାବଦକୁ ୧୮କୋଟି ୩୦ଲକ୍ଷ ୧୭ହଜାର ୩୫ଟଙ୍କା ଖର୍ଚ୍ଚ ହୋଇଥିଲା। ସେହିପରି ରାଜ୍ୟରେ ଜରୁରିକାଳୀନ ସେବାକୁ ଲୋକଙ୍କ ନିକଟତର କରିବାପାଇଁ ୨୦୧୩ ଅକ୍ଟୋବରରେ ୧୪୦ଟି ଆମ୍ବୁଲାନ୍ସ ପୁନର୍ବାର କିଣାଯାଇଥିଲା। ସମାନ ଆମ୍ବୁଲାନ୍ସ ୭ଲକ୍ଷ ୨୫ହଜାର ୪୮୭ଟଙ୍କା ଦରରେ ୧୦କୋଟି ୧୫ଲକ୍ଷ ୬୮ହଜାର ୧୨୯ଙ୍କାରେ କିଣାଯାଇଥିଲା। ସେହିପରି ୨୦୧୭ ଅକ୍ଟୋବରରେ ବିଭାଗ ପୁନର୍ବାର ୯୨ଟି ଟାଟା ଉଇଙ୍ଗର ୯ଲକ୍ଷ ୪ହଜାର ୨୨୯ ଟଙ୍କା ଲେଖାଏ ଦରରେ ୮କୋଟି ୩୧ଲକ୍ଷ ୮୯ହଜାର ୭୯ଟଙ୍କାରେ କ୍ରୟ କରିଥିଲା। ମାତ୍ର ପରିସ୍ଥିତି ଏପରି କ'ଣ ହେଲା ଯେ, ଅପ୍ରତ୍ୟାଶିତ ଭାବେ ୨୦୨୦ରେ ସମାନ ପ୍ରକାରର ଆମ୍ବୁଲାନ୍ସକୁ ସରକାର ଗୋଟାକ ୨୨ଲକ୍ଷ ୬୩ହଜାର ୭୯୦ ଟଙ୍କାରେ ଏକାଥରକେ ୪୨୦ଟି କ୍ରୟ କରିଥିଲେ। ଏ ବାବଦକୁ ସରକାର ୯୫କୋଟି ୭ଲକ୍ଷ ୯୧ହଜାର ୮୦୦ଟଙ୍କା ଖର୍ଚ୍ଚ କରିଥିଲେ। ଏହାପରେ ୨୦୨୧ ଜାନୁଆରୀରେ ସରକାରଙ୍କ ପକ୍ଷରୁ ଗାଡ଼ି ପ୍ରକାରରେ ଟିକେ ପରିବର୍ତ୍ତନ କରାଯାଇଥିଲା। ୮୪ଟି ଫୋର୍ସ ଟ୍ରାଭେଲର୍ସ ୨୬ଲକ୍ଷ ୧୫ହଜାର ଟଙ୍କାରେ ୮୪ଟି ଆମ୍ବୁଲାନ୍ସ ବାବଦକୁ ୨୧କୋଟି ୯୬ଲକ୍ଷ ୬୦ହଜାର ଟଙ୍କାରେ କ୍ରୟ କରିଥିଲେ। ୨୦୨୩ ମାର୍ଚ୍ଚ ଏବଂ ନଭେମ୍ବରରେ ସରକାରଙ୍କ ପକ୍ଷରୁ ପୁନର୍ବାର ଟାଟାଉଇଙ୍ଗର ଦୁଇଟି ପର୍ଯ୍ୟାୟରେ ୩୨୯ଟି କ୍ରୟ କରାଯାଇଥିଲା। ହେଲେ ଗୋଟିଏ ଆମ୍ବୁଲାନ୍ସ ପିଛା ଦର ୩୦ଲକ୍ଷ ୮୫ହଜାର ଟଙ୍କା ରହିଥିଲା। ଏଥିପାଇଁ ବିଭାଗକୁ ୧୦୧କୋଟି ୪୯ଲକ୍ଷ ୬୫ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ସରକାର ବଦଳିଲା ପରେ ଏବେ ଆମ୍ବୁଲାନ୍ସ ଗାଡ଼ି ଦରରେ ବିରାଟ ପରିବର୍ତ୍ତନ ହୋଇଛି। ଯେଉଁ ଫୋର୍ସ ଟ୍ରାଭେଲର୍ସ ପୂର୍ବ ସରକାର ୫ବର୍ଷ ତଳେ ୨୬ଲକ୍ଷ ୧୫ହଜାର ଟଙ୍କାରେ କ୍ରୟ କରିଥିଲେ ଏବେ ଭାଜପା ସରକାର ତାକୁ ୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା କମ୍ ଅର୍ଥାତ୍ ୨୨ଲକ୍ଷ ୩ହଜାର ୩୮୦ଟଙ୍କାରେ କ୍ରୟ କରିଛନ୍ତି; ଯେଉଁଥିପାଇଁ ରାଜକୋଷକୁ ବିପୁଳ ପରିମାଣର ଲାଭ ପହଞ୍ଚିଛି। ତେବେ ଏହି କମ୍ ଦରରେ ୨୦୨୫ ସେପ୍ଟେମ୍ବରରେ ରାଜ୍ୟ ସରକାର ୪୨୧ଟି ଆମ୍ବୁଲାନ୍ସ କିଣିଛନ୍ତି। ଏ ବାବଦରେ ୯୨କୋଟି ୭୬ଲକ୍ଷ ୨୨ହଜାର ୯୩୪ଟଙ୍କା ଖର୍ଚ୍ଚ ହୋଇଛି। ସମୁଦାୟ ୧୩ବର୍ଷରେ ରାଜ୍ୟ ସରକାର ୩୫୫କୋଟି ୭୨ଲକ୍ଷ ୫୯ହଜାର ୫୭୭ଟଙ୍କାର ଆମ୍ବୁଲାନ୍ସ କ୍ରୟ କରିଛନ୍ତି। ବିଭାଗ ପକ୍ଷରୁ କିଣା ଯାଇଥିବା ଏହି ଆମ୍ବୁଲାନ୍ସର ଦରକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି, ଏଭଳି ଏକ ବ୍ୟତିକ୍ରମ ଏବେ ନଜରକୁ ଆସିଛି। ଏହାର ଅଧିକ ଅନୁସନ୍ଧାନ କରାଯାଉଛି। ଆବଶ୍ୟକସ୍ଥଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବ ବୋଲି ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି।

## ପୁଅକୁ ଛୁରି ଭୁସି ...
କଙ୍କଡ଼ାହାଡ଼ ଥାନା ଅଧିକାରୀ କଳ୍ପନା ବେହେରା କହିଛନ୍ତି, ଜମିବାଡ଼ି ବିବାଦକୁ ନେଇ ବିଭୂତି ଓ ତାଙ୍କ ପ୍ରଥମ ସ୍ତ୍ରୀଙ୍କ ପରିବାର ମଧ୍ୟରେ ବିବାଦ ରହିଥିଲା। ଘଟଣା ପରେ ବିଭୂତିଙ୍କୁ ଗିରଫ କରାଯାଇଛି। ହତ୍ୟାକାଣ୍ଡକୁ ନେଇ ଅଭିଯୋଗ ଆସି ନ ଥିବାରୁ ମାମଲା ରୁଜୁ ହୋଇନାହିଁ। ମୃତ କ୍ଷୀରୋଦଙ୍କ ଭଉଣୀ ପ୍ରିୟଙ୍କା ଓ ମା' ରଶ୍ମିତା ଅଭିଯୁକ୍ତ ବାପା ବିଭୂତିଙ୍କୁ ଫାଶୀ ଦିଆଯାଉ ଏବଂ ସେମାନଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ଦାବି କରିଛନ୍ତି।

# ଜରଉ ଘାଟିରେ ଓଲଟିଲା ଗାଡ଼ି: ୧୮ ଆହତ, ୯ ଗୁରୁତର

ମୋହନା,୮।୨(ମନ୍ମଥ ମିଶ୍ର)



ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଜରଉ ଘାଟିରେ ରବିବାର ଏକ ଟାଟା ମ୍ୟାଜିକ ଗାଡ଼ି ଓଲଟି ୧୮ ଜଣ ଆହତ ହୋଇଥିବା ବେଳେ ୯ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଆହତମାନେ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ମୋହନା ପୋଲିସ ପହଞ୍ଚି ଉକ୍ତ ଗାଡିକୁ ଜବତ କରି ତଦନ୍ତ ଜାରି ରଖିଛି।

ସୋରଡ଼ା ଥାନା ଅନ୍ତର୍ଗତ ମଧୁରଆମ୍ବ ଗାଁରୁ ୨୭ ଜଣ ମହିଳା ଓ ପୁରୁଷ ଏକ ଟାଟା ମ୍ୟାଜିକ ଗାଡ଼ିରେ ମୋହନା ଥାନା ଅନ୍ତର୍ଗତ ଖାରିଗୁମା ଗାଁକୁ ଏକ ଧର୍ମ ସଭାରେ ଯୋଗ ଦେବାକୁ ଆସୁଥିଲେ। ଗାଁଠାରୁ ଅଳ୍ପ ଦୂର ଜରଉ ଘାଟି ରାସ୍ତାରେ ଗାଡ଼ିଟି କୌଣସି କାରଣରୁ ଭାରସାମ୍ୟ ହରାଇ ୧୦ ଫୁଟ ରାସ୍ତା ତଳକୁ ଖସି ପଡ଼ିଥିଲା। ଯାହାଫଳରେ ଗାଡ଼ିରେ ବସିଥିବା ଯାତ୍ରୀମାନେ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୯ ଜଣ ଅବସ୍ଥା ଗୁରୁତର ହୋଇଥିବାରୁ ଗଞ୍ଜାମ ଜିଲାର ବଡ଼ଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ୨୭ବର୍ଷ ପରେ ୧୭ଜଣଙ୍କୁ ନ୍ୟାୟ

## ସୁପ୍ରିମକୋର୍ଟଙ୍କ ଛାଟ:ଅବସରପ୍ରାପ୍ତଙ୍କୁ ମିଳିବ ବରିଷ୍ଠ ଓଏଏସ୍ ଦରମା

ଭୁବନେଶ୍ୱର,୮।୨(ରବିନାରାୟଣ ଜେନା)

ସଂରକ୍ଷଣକୁ ନେଇ ଅନେକ ସମୟରେ କଥା ସଡ଼କରୁ ସଂସଦ ପର୍ଯ୍ୟନ୍ତ ଯାଉଛି। କେତେବେଳେ ସରକାର ଏହାକୁ ଶୁଣୁଛନ୍ତି ତ ଆଉ କେତେବେଳେ ଏ ସମ୍ପର୍କିତ ନିଷ୍ପତ୍ତି ଝୁଲିରହୁଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଏଭଳି ଏକ ଘଟଣା ସାମ୍ନାକୁ ଆସିଛି, ଯାହା ଅତ୍ୟନ୍ତ ରୋମାଞ୍ଚକର। ତତ୍କାଳୀନ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ରୁ ବଞ୍ଚିତ ଅଧିକାରୀମାନେ ଏବେ ତାଙ୍କ ହକ୍ ପାଇଛନ୍ତି। ୧୭ଜଣଙ୍କୁ ନ୍ୟାୟ ମିଳିଥିବାବେଳେ ସେଥିମଧ୍ୟରୁ ୨ଜଣ ଅବସରପ୍ରାପ୍ତ ଅଧିକାରୀଙ୍କୁ ମଧ୍ୟ ଓଏଏସ୍ ଅଧିକାରୀ ଭାବେ ନୋସନାଲୀ ପେନ୍ସନ ଦେବାକୁ ରାଜସ୍ୱ ବିଭାଗ ପକ୍ଷରୁ ଶନିବାର ବିଜ୍ଞପ୍ତିନାମା ଜାରି ହୋଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୯୯୯ ମସିହାରେ ଓଏଏସ୍‌ରୁ ବଞ୍ଚିତ ଥିବା ୧୫ଜଣ ବିଭିନ୍ନ କ୍ୟାଡର୍‌ର ଅଧିକାରୀଙ୍କୁ ଓଏଏସ୍ କ୍ୟାଡର୍‌ରେ ଫିକ୍ସଡ କରାଯାଇଛି। ବରିଷ୍ଠତା ଦୃଷ୍ଟିରୁ କିଏ କେଉଁଠାରେ ରହିବେ ସେନେଇ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି।

ରାଜସ୍ୱ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ, ଅବସର ନେଇଥିବା ଶ୍ୟାମ ପ୍ରସାଦ ରାଉତ ଏବଂ ସିଦ୍ଧାର୍ଥ ଶଙ୍କର ପାଣି ଏବେ ନୋସନାଲୀ ଓଏଏସ୍ ପେନ୍ସନ ପାଇବେ। ସେହିପରି ଓଏଫ୍‌ଏସ୍ ଅଧିକାରୀ ପୀୟୂଷ କାନ୍ତ ପାଣିଙ୍କୁ ପଦୋନ୍ନତି ଦିଆଯାଇ ବରିଷ୍ଠ ଓଏଏସ୍ ଅଧିକାରୀ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ତଳେ ଏବଂ ସରୋଜ ସାହୁଙ୍କ ଉପରେ ଫିକ୍ସଡ୍ କରାଯାଇଛି। ଏହାସହିତ ସବୀର କୁମାର ପଣ୍ଡା(ଓସିଏସ୍), ସତ୍ୟନାରାୟଣ ପଣ୍ଡା(ଓଏଫ୍‌ଏସ୍), ସୁଶାନ୍ତ କୁମାର ପଣ୍ଡା(ଓଏଫ୍‌ଏସ୍), ଗାୟତ୍ରୀ ପଟ୍ଟନାୟକ (ଓସିଏସ୍), ଫାଲଗୁନୀ ସହାୟ ନାୟକ (ଓଇଏସ୍), ଶ୍ରୀକାନ୍ତ କୁମାର ବେହୁରା (ସବ୍‌ରେଜିଷ୍ଟ୍ରାର), ସ୍ମିତା ମହାନ୍ତି (ସବ୍‌ରେଜିଷ୍ଟ୍ରାର), ରମେଶଚନ୍ଦ୍ର ପଣ୍ଡା (ସବ୍‌ରେଜିଷ୍ଟ୍ରାର), ସୁରଜକୁମାର ପଟ୍ଟନାୟକ (ସବ୍‌ରେଜିଷ୍ଟ୍ରାର) ରହିଛନ୍ତି। ସେହିପରି ସୁଚେତା ମହାପାତ୍ର (ଓଏସ୍‌ସିଏସ୍), ହରପ୍ରିୟା ଦାସ (ଓଏସ୍‌ସିଏସ୍), ପ୍ରିୟବ୍ରତ ପାଢ଼ୀ (ଓଏସ୍‌ସିଏସ୍), ଅମୀୟ କୁମାର ରାଉତ (ଓଏସ୍‌ସିଏସ୍) ଓ ବିଜୟଲକ୍ଷ୍ମୀ ପାଟଶାଣୀ ପ୍ରମୁଖ ରହିଛନ୍ତି। ରାଜସ୍ୱ ବିଭାଗର ଏହି ବିଜ୍ଞପ୍ତିକୁ ନେଇ ଏବେ ଓଏଏସ୍ ଅଫିସର ମହଲରେ ଭିନ୍ନ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଆଗାମୀ ଦିନରେ ଯେଉଁ ଓଏଏସ୍‌ମାନେ ଏଭଳି ସରକାରଙ୍କ ରୋଷର ସମ୍ମୁଖୀନ ହୋଇଛନ୍ତି ସେମାନଙ୍କ କଥାକୁ ସରକାର କି ପ୍ରକାର ବିଚାର କରୁଛନ୍ତି ତାହା ଦେଖିବାର ରହିଛି।

# ‘ଦକ୍ଷତା ପ୍ରତିପାଦନର ସୁଯୋଗ ଦିଏ କ୍ରୀଡ଼ା’

## ୭୪ତମ ରାଜ୍ୟ ପୋଲିସ ଆଥ୍‌ଲେଟିକ ଚାମ୍ପିୟନଶିପ୍ ଉଦ୍‌ଘାଟିତ

କଟକ,୮।୨(କାର୍ତ୍ତିକ ସାହୁ)



ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଉତ୍ସବରେ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ଅଭିବାଦନ ଗ୍ରହଣ କରୁଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି)**

ଓଡ଼ିଶା ପୋଲିସ ପକ୍ଷରୁ ୭୪ତମ ରାଜ୍ୟ ପୋଲିସ ଆଥ୍‌ଲେଟିକ ଚାମ୍ପିୟନଶିପ୍-୨୦୨୬ କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡରେ ରବିବାରଠାରୁ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟ ଅତିଥି ଭାବେ କ୍ରାଇମବ୍ରାଞ୍ଚ ଡିଜିପି ବିନୟତୋଷ ମିଶ୍ର ଯୋଗଦେଇ ଚାମ୍ପିୟନଶିପ୍‌କୁ ଉଦ୍‌ଘାଟନ କରି ଏହା ଓଡ଼ିଶା ପୋଲିସର ଶୃଙ୍ଖଳା, ସଂଯମତା ଓ ସହନଶୀଳତାର ପ୍ରତୀକ ବୋଲି କହିଛନ୍ତି। ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ମାଧ୍ୟମରେ ଓଡ଼ିଶା ପୋଲିସରେ କାର୍ଯ୍ୟରତ କର୍ମଚାରୀମାନେ ନିଜ ଶାରୀରିକ ଓ ମାନସିକ ଦକ୍ଷତାକୁ ପ୍ରତିପାଦିତ କରିବାର ଏକ ସୁଯୋଗ ବୋଲି ସେ କହିଥିଲେ। ଚଳିତବର୍ଷ ପ୍ରତିଯୋଗିତାରେ ମହିଳା କ୍ରୀଡ଼ାବିତ୍‌ଙ୍କ ସଂଖ୍ୟା ପୂର୍ବାପେକ୍ଷା ବୃଦ୍ଧିପାଇଥିବାରୁ ସେ ଖୁସିବ୍ୟକ୍ତ କରିଥିଲେ।

କ୍ରାଇମବ୍ରାଞ୍ଚ ଡିଜିପି ମିଶ୍ର ଆହୁରି କହିଲେ, ବିଗତ ଦିନରେ ଓଡ଼ିଶା ପୋଲିସର କ୍ରୀଡ଼ାବିତ୍‌ମାନେ ଜାତୀୟ ଏବଂ ଅନ୍ତର୍ଜାତୀୟ ପୋଲିସ କ୍ରୀଡ଼ା ପ୍ରତିଯୋଗିତାରେ ଅସାଧାରଣ ସଫଳତା ହାସଲ କରି ରାଜ୍ୟ ତଥା ପୋଲିସ ବିଭାଗର ଗୌରବ ବୃଦ୍ଧି କରିଛନ୍ତି। ଆଗାମୀ ଦିନରେ ଏହି ଚାମ୍ପିୟନ୍‌ଶିପ୍‌ରୁ ସଫଳ ପ୍ରତିଯୋଗୀମାନେ ସର୍ବଭାରତୀୟ ପୋଲିସ ଆଥ୍‌ଲେଟିକ ଚାମ୍ପିୟନଶିପ୍ ସମେତ ଅନ୍ୟାନ୍ୟ ବଡ଼ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଓଡ଼ିଶା ପୋଲିସକୁ ଗର୍ବିତ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଏଭଳି ଚାମ୍ପିୟନଶିପ୍ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି, ଅନୁଶାସନ ତଥା କର୍ତ୍ତବ୍ୟ ପ୍ରତି ଉତ୍ସର୍ଗୀକୃତ ମନୋଭାବ ବୃଦ୍ଧି ପାଇଥାଏ। ରାଜ୍ୟ, ଜିଲା, ରେଞ୍ଜ ସ୍ତରର ଖେଳାଳିମାନେ ଏଥିରେ ସାମିଲ ହୋଇଥିବାରୁ ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ସୃଷ୍ଟିହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଚାମ୍ପିୟନଶିପ୍ ଆୟୋଜନ ଓ ପରିଚାଳନା ନିମନ୍ତେ ସେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ଧନ୍ୟବାଦ ଜଣାଇଥିଲେ।

ଏହି ଚାମ୍ପିୟନଶିପ୍‌ରେ ସମଗ୍ର ରାଜ୍ୟର ବିଭିନ୍ନ ରେଞ୍ଜ ଏବଂ ବାଟାଲିୟନରୁ ୩୬ଟି ପୋଲିସ ଟିମ୍‌ର ମୋଟ ୫୦୨ ଜଣ ଖେଳାଳି ସାମିଲ ହୋଇଛନ୍ତି। ତନ୍ମଧ୍ୟରେ ୪୨୭ ପୁରୁଷ ଓ ୭୫ ମହିଳା ଅଛନ୍ତି। ଚାମ୍ପିୟନଶିପ୍‌ର ଅଧ୍ୟକ୍ଷ ତଥା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇଜିପି (କାର୍ମିକ) ଏସ୍. ପ୍ରବୀଣ କୁମାର, ଆଇଜିପି (ଏସ୍‌ଏପି) ଗଜଭିଏ ସତୀଶ କୁମାର, ଆଇଜିପି (ଗୋଇନ୍ଦା) ଜୟ ନାରାୟଣ ପଙ୍କଜ, ଡିଆଇଜି (ପ୍ରୋଭିଜନିଂ) ଚରଣ ସିଂ ମିନା, ଡିସିପି (କଟକ) ଖିଲାରୀ ଋଷିକେଶ ଦ୍ୟାନଦେଓ ଏବଂ ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ଆଙ୍କୁଲା ଛକରେ ସୃଷ୍ଟିହେଲା କୃତ୍ରିମ ବନ୍ୟା

ଯାଜପୁରଟାଉନ,୮।୨(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)



ଯାଜପୁର-ପାଣିକୋଇଲି ରାସ୍ତାର ଆଙ୍କୁଲା ଛକରେ ରବିବାର ଭୋର ୩ଟା ସମୟରେ ଦେଖିବାକୁ ମିଳିଛି କୃତ୍ରିମ ବନ୍ୟା। ରାସ୍ତା ପାର୍ଶ୍ୱରେ ଥିବା କେନାଲରୁ ପାଣି ଉଛୁଳି ଆଙ୍କୁଲା ଛକରେ ପ୍ରବାହିତ ହୋଇଥିଲା। ପାଖାପାଖି ୪ ଫୁଟ୍ ଉଚ୍ଚର ପାଣି କେତେଜଣ ଲୋକଙ୍କ ଘର, ଦୋକାନ ଗୃହରେ ପଶିଯାଇଥିବାବେଳେ ଆଉ କିଛି ପାଣି ଚାଷ ଜମିରେ ମାଡ଼ି ଯାଇଥିଲା। ସହରର ମୁଖ୍ୟ କେନାଲର ଉପରମୁଣ୍ଡରେ ଗେଟ୍ ଖୋଲାଥିବାବେଳେ ତଳ ମୁଣ୍ଡରେ ଗେଟ୍ ବନ୍ଦ ରହିଥିଲା। ଫଳରେ ପାଣି ତଳ ମୁଣ୍ଡରେ ଯାଇ ନ ପାରି ଉଛୁଳି ବନ୍ଧ ଡେଇଁ ରାସ୍ତା ଉପରେ ପ୍ରବାହିତ ହୋଇଥିଲା। ଖବର ପାଇ ଜଳ ସମ୍ପଦ ବିଭାଗର କର୍ମଚାରୀ ଆସି ତଳମୁଣ୍ଡରେ ଥିବା ଗେଟ୍‌କୁ ଖୋଲିବା ପରେ ପାଣି ତଳ ମୁଣ୍ଡରେ ପ୍ରବାହିତ ହୋଇଥିଲା। ଏହାପରେ ପାଣି ହ୍ରାସ ପାଇଥିଲା।

10001/25/2526

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା

ଜାତୀୟ କୃମିନାଶକ ଦିବସ
୧୦ ଫେବୃଆରୀ ୨୦୨୬



କୃମି ମୁକ୍ତ ଶିଶୁ ହେଉଛନ୍ତି
ରୋଗ ମୁକ୍ତ ଶିଶୁ



ଆପଣ ଜାଣନ୍ତି କି ଯେଉଁମାନେ କୃମି ଦ୍ୱାରା ସଂକ୍ରମିତ ହୋଇଥାନ୍ତି, ସେମାନେ
- ପୁଷ୍ଟିହୀନତା ଓ ରକ୍ତହୀନତା ଯୋଗୁଁ ସର୍ବଦା କ୍ଳାନ୍ତ ଅନୁଭବ କରନ୍ତି।
- ତାଙ୍କର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ବାଧାପ୍ରାପ୍ତ ହୁଏ।

 କୃମି ନିୟନ୍ତ୍ରଣର ଉପାୟ ଅତି ସହଜ

OIPR-10001/10003/2/25-26/0015



୧ ରୁ ୧୯ ବର୍ଷ ବୟସର ସମସ୍ତ ଶିଶୁ ତଥା ପିଲାମାନଙ୍କୁ ଅଙ୍ଗନୱାଡ଼ି ଓ ବିଦ୍ୟାଳୟରେ ବିନାମୂଲ୍ୟରେ କୃମିନାଶକ ଔଷଧ ଖାଇବାକୁ ଦିଆଯିବ। ଅଣପଞ୍ଜୀକୃତ ଓ ବିଦ୍ୟାଳୟ ଯାଉନଥିବା ପିଲାମାନେ ଏବଂ ପ୍ରଜନନକ୍ଷମ ମହିଳାମାନେ (୨୦ରୁ ୨୪ ବର୍ଷ ବୟସ) ଅଙ୍ଗନୱାଡ଼ି କେନ୍ଦ୍ରରେ ଔଷଧ ଖାଇବେ।

ଏହି ଦିନ ଗର୍ଭବତୀ ଓ ପ୍ରସୂତି ମହିଳା କୃମିନାଶକ ଔଷଧ ଖାଇବେ ନାହିଁ।

ଯେଉଁ ପିଲାମାନେ ଜାତୀୟ କୃମିନାଶକ ଦିବସରେ ଔଷଧ ଖାଇନଥିବେ, ସେମାନଙ୍କୁ ୧୭ ଫେବୃଆରୀ ୨୦୨୬ ଦିନ ଔଷଧ ଦିଆଯିବ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/

10001/24/2526

ସ୍ୱର୍ଶ କୁଷ୍ଠ ସଚେତନତା ଅଭିଯାନ
୩୦ ଜାନୁଆରୀ - ୧୩ ଫେବୃଆରୀ ୨୦୨୬

‘ଭେଦଭାବ ସମାପ୍ତ କରି ସମ୍ମାନର ସହ ବଞ୍ଚିବା’

- ଏହି ଅଭିଯାନରେ ଆଶା ଓ ସ୍ୱାସ୍ଥ୍ୟକର୍ମୀ ନିଜ ନିଜ ଅଞ୍ଚଳରେ କୁଷ୍ଠରୋଗ ବିଷୟରେ ସଚେତନ କରିବେ
- ବଧିରା/ତମ୍ବାଳିଆ ଛଉ, ତେଲିଆ/ ଚିକ୍କଣ/ପାଉଁସିଆ ଚର୍ମ, ହାତ/ ପାଦ ବଧିରା କିମ୍ବା ଦୁର୍ବଳ ହେବା, ମୁହଁ ଏବଂ କାନରେ ଗୁଳି ବାହାରିବା ଆଦି କୁଷ୍ଠର ଲକ୍ଷଣ ହୋଇପାରେ
- କୁଷ୍ଠରୋଗର ଚିହ୍ନଟ, ଚିକିତ୍ସା ଏବଂ ପୁନଃକ୍ଷମ ଅସ୍ତ୍ରୋପଚାର ସରକାରୀ ଡାକ୍ତରଖାନାରେ ବିନାମୂଲ୍ୟରେ ଉପଲବ୍ଧ
- ପୁନଃକ୍ଷମ ଅସ୍ତ୍ରୋପଚାର କରାଯାଇଥିବା ରୋଗୀଙ୍କୁ ସରକାରଙ୍କ ତରଫରୁ ୧୨,୦୦୦ ଟଙ୍କା ପାରିଶ୍ରମିକ ଭରଣା ତଥା ଗସ୍ତ ଖର୍ଚ୍ଚ ବାବଦକୁ ୧,୫୦୦ଟଙ୍କା ଦିଆଯାଉଛି

OIPR-10001/10003/2/25-26/0014

କୁଷ୍ଠ ରୋଗର ଲକ୍ଷଣ




କୁଷ୍ଠରୋଗର ଲକ୍ଷଣ ଥିଲେ ତୁରନ୍ତ ସ୍ୱାସ୍ଥ୍ୟକର୍ମୀ କିମ୍ବା ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
@HFWOdisha
http://www.health.odisha.gov.in/

ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଉର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ- ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ- ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। **-ଶ୍ରୀଅରବିନ୍ଦ**



# ଦୋଳି ଦୁର୍ଘଟଣା

ପ୍ରମୋଦ ଉଦ୍ୟାନ କିମ୍ବା ମନୋରଞ୍ଜନର ଖୋରାକ ଯୋଗାଉଥିବା କୌଣସି ମେଳାକୁ ବୁଲିଯିବା ବେଳେ ଆନନ୍ଦ ଲାଭ କରିବା ଥାଏ ମୂଳ ଲକ୍ଷ୍ୟ। କିନ୍ତୁ ତାହା ନିରାନନ୍ଦ ବା ଦୁଃସ୍ୱପ୍ନ ପାଲଟିଗଲେ କଥା ସରିଲା। ମେଳା ଭିତରେ ଭଳିକିଭଳି ଦୋଳି ପିଲା ସହ ବୟସ୍କଙ୍କୁ ମଧ୍ୟ ଆକର୍ଷିତ କରେ। ଅନେକ ସମୟରେ ଭାରତରେ ଦେଖାଯାଉଛି ମେଳାରେ ଖଞ୍ଜାଯାଇଥିବା ଦୋଳି ବା ଚିତ୍ତବିନୋଦନ ଯୋଗାଉଥିବା ସାଧନରେ ତ୍ରୁଟି ଥିବାରୁ ଅସ୍ୱାଭାବିକ ସ୍ଥିତି ଉପୁଜୁଛି। ଏପରିକି ମଣିଷର ଜୀବନ ଯିବା ଭଳି ଘଟଣା ଦେଖାଯାଉଛି। ହରିୟାଣାର ଫରିଦାବାଦରେ ଚାଲିଥିବା ସୂରଜକୁଣ୍ଡ ମେଳାରେ ୭ ଫେବୃଆରୀରେ ଏକ ବଡ଼ ଦୋଳି ଖସିପଡ଼ିବାରୁ ୫୯ ବର୍ଷୀୟ ଜଣେ ପୋଲିସ ଇନ୍ସପେକ୍ଟରଙ୍କ ମୃତ୍ୟୁ ଘଟିଛି। ଏଥିରେ ୧୩ ଜଣ ଗୁରୁତର ଆହତ ହୋଇଛନ୍ତି। ଟିକେ ପଛକୁ ଫେରିଲେ ୧୯ ଜାନୁଆରୀ ୨୦୨୬ରେ ମଧ୍ୟପ୍ରଦେଶର ଝାବୁଆ ସହରରେ ଦୋଳିରେ ବସିଥିବା ଏକ ସରକାରୀ ବିଦ୍ୟାଳୟର ୧୪ ଜଣ ପିଲା ଗୁରୁତର ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୩ ଜଣ ଛାତ୍ରୀ ଥିଲେ। ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ୨୦୨୫ ଏପ୍ରିଲ ୩ରେ ଦିଲ୍ଲୀରେ ଜଣେ ୨୪ ବର୍ଷୀୟା ମହିଳା ତାଙ୍କ ସିଟ୍ ବେଲ୍ଟ ଖରାପ ହୋଇଯିବାରୁ ସେ ରୋଲର କୋଷ୍ଟରରୁ ଖସିପଡ଼ି ପ୍ରାଣ ହରାଇଥିଲେ। ଓଡ଼ିଶାରେ କଟକ ବାଲିଯାତ୍ରାରେ ମଧ୍ୟ ଅଘଟଣ ଘଟିବାର ଦୃଷ୍ଟାନ୍ତ ରହିଛି। ୧୨ ନଭେମ୍ବର ୨୦୨୫ରେ ବାଲିଯାତ୍ରା ତଳପଡ଼ିଆରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ୫୦ ଫୁଟ ଉପରେ ଦୋଳି ଅଟକିଯିବାରୁ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ୮ ଜଣ ଡରି ଚିତ୍କାର କରିଥିଲେ। ଅଗ୍ନିଶମ ବାହିନୀ ସେମାନଙ୍କୁ ଉଦ୍ଧାର କରିଥିଲା। ଏଭଳି ଅସ୍ୱାଭାବିକ ଘଟଣା ଖୋଜିଲେ ତାଲିକା ଲମ୍ବିଚାଲିବ।

ଗହଳି ଦେଖିବା ସତ୍ତ୍ୱେ ଥୋକେ ତା' ଭିତରକୁ ମାଡ଼ିଯିବାକୁ ଆଗଭର। ଉଦ୍ଦେଶ୍ୟ ନିଜେ କିଭଳି ଆଗକୁ ଯାଇ ମଜା ନେଇଯିବେ। କେବଳ ଦୋଳି ଦୁର୍ଘଟଣା ନୁହେଁ, ମେଳା ମଉଛବରେ ଅତ୍ୟଧିକ ଭିଡ଼ ଅନେକ ସମୟରେ ଦଳାଚକଟାଜନିତ ମୃତ୍ୟୁର କାରଣ ପାଲଟିଥାଏ। ଏହି ପରିପ୍ରେକ୍ଷୀରେ ସାଧାରଣ ଲୋକ ତା' ଚିନ୍ତନରେ ପରିବର୍ତ୍ତନ ଆଣିବା ଦରକାର। କାରଣ ମନୋରଞ୍ଜନ ଯେତିକି ଗୁରୁତ୍ୱ ରଖୁଛି, ବ୍ୟକ୍ତିଗତ ସୁରକ୍ଷା ତତୋଽଧିକ ଗୁରୁତ୍ୱପୂର୍ଣ୍ଣ।

ଅନେକ ସମୟରେ ସୁରକ୍ଷା ଦିଗକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଅସ୍ୱାଭାବିକ ସ୍ଥିତି ଉତ୍ପନ୍ନ ହେଉଛି। ସାଧାରଣତଃ ଯାଞ୍ଚକାରୀ ସଂସ୍ଥା ଦୋଳିର ସ୍ଥିତିକୁ ଅନୁଧ୍ୟାନ କରି ନ ଥାଆନ୍ତି। ଅଘଟଣ ଘଟିବା ପରେ ସେଥିରେ ସମ୍ପୃକ୍ତ ଜଣେ ଦୁଇ ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି ଲୋକଦେଖାଣିଆ କାର୍ଯ୍ୟାନୁଷ୍ଠାନ ନେଇଥାଏ। ମେଳା ଆୟୋଜକମାନେ ଲାଭକୁ ସବୁକିଛି ଧରିନେଉଥିବାରୁ ସେମାନଙ୍କ ପାଇଁ ଦର୍ଶକଙ୍କ ନିରାପତ୍ତା ବିଶେଷ ଗୁରୁତ୍ୱ ରଖୁନାହିଁ। ପ୍ରଶାସନ, ପୋଲିସ ଓ ଆୟୋଜନକାରୀଙ୍କର ଲୋକଙ୍କ ପ୍ରତି ଉତ୍ତରଦାୟିତ୍ୱ ରହୁ ନ ଥିବାରୁ ସବୁକିଛି ବେଢଙ୍ଗରେ ଚାଲୁଥିବା ଭଳି ମନେହେଉଛି। ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟନସ୍ଥଳୀ ବିଶେଷକରି ପରିବେଶ ପର୍ଯ୍ୟଟନସ୍ଥଳୀକୁ ଦେଖିଲେ ସ୍ଥିତି ଦିନକୁ ଦିନ କିଭଳି ବିଗିଡ଼ି ଯାଉଛି ଲକ୍ଷ୍ୟ କରିବା କଥା। ନିଜ ଗାଁ କିମ୍ବା ସହରଠାରୁ ଭିନ୍ନ ସ୍ଥାନକୁ ଭ୍ରମଣରେ ଯିବା ଉଦ୍ଦେଶ୍ୟ ରଖି ପ୍ରକୃତିପ୍ରେମୀମାନେ ବଣଜଙ୍ଗଲ, ପାହାଡ଼, ଝରଣା ଆଦିକୁ ବୁଲି ଅବସର ସମୟ କଟାଇବାକୁ ଚାହିଁଥାଆନ୍ତି। ପ୍ରକୃତି କୋଳରେ କିଛି ସମୟ ବିତାଇଲେ ସେମାନେ ଅଫୁରନ୍ତ ଆନନ୍ଦ ପାଇଥାଆନ୍ତି। ମାତ୍ର ଦେଖାଯାଉଛି ପ୍ରାକୃତିକ ପରିବେଶକୁ ଲାଭ ଅର୍ଜନର କେନ୍ଦ୍ର କରିବା ସକାଶେ ସରକାରୀ ଓ ବେସରକାରୀ ସ୍ତରରେ ଗୋଟେ ଜୋରଦାର ଉଦ୍ୟମ ହେଉଛି। ଅତ୍ୟଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ପାହାଡ଼ ତାଡ଼ି ରାସ୍ତା, କୋଠାବାଡ଼ି ତିଆରି କରାଯାଉଛି। ଫଳରେ ଭଙ୍ଗୁର ଅବସ୍ଥାରେ ଥିବା ପରିସଂସ୍ଥାନ ଦୁର୍ବଳ ହୋଇଯାଉଛି। ଉତ୍ତରାଖଣ୍ଡରେ ଚାରଧାମ ସଡ଼କ ପ୍ରକଳ୍ପ ପାଇଁ ଅପର୍ଯ୍ୟାପ୍ତ ଗଛ କଟାଯିବା ସହ ଅନିୟନ୍ତ୍ରିତ ନିର୍ମାଣ ସମ୍ପୃକ୍ତ ଅଞ୍ଚଳର ପରିବେଶକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଲାଣି। ଏ ନେଇ ପରିବେଶପ୍ରେମୀଙ୍କଠାରୁ ସ୍ଥାନୀୟ ଲୋକେ ସ୍ୱର ଉଠାଉଥିଲେ ମଧ୍ୟ ସୁଫଳ ମିଳୁନାହିଁ।

ଆମୋଦପ୍ରମୋଦର କେନ୍ଦ୍ର କୁହାଯାଉଥିବା ଆକର୍ଷଣୀୟ ମେଳାର ଦୋଳି ହେଉ ବା ପର୍ଯ୍ୟଟନସ୍ଥଳୀରେ ରୋପ୍ ୱେ ସୁରକ୍ଷିତ ରହିବା ନିତାନ୍ତ ଦରକାର। ଅନ୍ୟ ଦେଶଗୁଡ଼ିକ ପରିବେଶକୁ ଅକ୍ଷୁର୍ଣ୍ଣ ରଖି ସେମାନଙ୍କ ପର୍ଯ୍ୟଟନକୁ ବିକଶିତ କରିବା ସହ ସୁରକ୍ଷା ଦିଗକୁ ସର୍ବାଧିକ ଗୁରୁତ୍ୱ ଦେଇଥାଆନ୍ତି। ହେଲେ ଭାରତରେ ବେପରୁଆ ଭାବେ ସବୁକିଛି ଚାଲିଛି। ଏଥିସହିତ କୁହାଯାଇପାରେ ଯେ, ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ପ୍ରକୃତିକୁ ଅତିଷ୍ଠ କଲାଣି। ପର୍ଯ୍ୟଟନସ୍ଥଳୀଗୁଡ଼ିକରେ କୁଢ଼ କୁଢ଼ ପଲିଥିଲିନ୍ ବ୍ୟବହାର କରାଯାଇ ସେହିଠାରେ ତାହାକୁ ଛାଡ଼ି ଚାଲିଆସିବାର କୁଫଳ ଭୋଗିବା ଆରମ୍ଭ ହୋଇଥିଲେ ମଧ୍ୟ ସେଥିପ୍ରତି କାହାରି ନିଘା ରହୁନାହିଁ। ଜନସାଧାରଣ ନିଜର ବ୍ୟକ୍ତିଗତ ସୁରକ୍ଷା ପାଇଁ ଯେତେବେଳେ ଚିନ୍ତା କରୁନାହାନ୍ତି ସେତେବେଳେ ଲାଭକୁ ଆଖିଆଗରେ ରଖି କାର୍ଯ୍ୟ କରୁଥିବା ବ୍ୟକ୍ତି ବା ସଂସ୍ଥା ମନମୁଖି କାର୍ଯ୍ୟ କରିବା ସ୍ୱାଭାବିକ। ସେଭଳି ସ୍ଥଳେ ଯାଞ୍ଚ ବା ସ୍ଥିତି ପରଖିବାର ପ୍ରଶ୍ନ ଉଠି ନ ଥାଏ। ଗହଳି ଦେଖିବା ସତ୍ତ୍ୱେ ଥୋକେ ତା' ଭିତରକୁ ମାଡ଼ିଯିବାକୁ ଆଗଭର। ଉଦ୍ଦେଶ୍ୟ ନିଜେ କିଭଳି ଆଗକୁ ଯାଇ ମଜା ନେଇଯିବେ। କେବଳ ଦୋଳି ଦୁର୍ଘଟଣା ନୁହେଁ, ମେଳା ମଉଛବରେ ଅତ୍ୟଧିକ ଭିଡ଼ ଅନେକ ସମୟରେ ଦଳାଚକଟାଜନିତ ମୃତ୍ୟୁର କାରଣ ପାଲଟିଥାଏ। ଏହି ପରିପ୍ରେକ୍ଷୀରେ ସାଧାରଣ ଲୋକ ତା' ଚିନ୍ତନରେ ପରିବର୍ତ୍ତନ ଆଣିବା ଦରକାର। କାରଣ ମନୋରଞ୍ଜନ ଯେତିକି ଗୁରୁତ୍ୱ ରଖୁଛି, ବ୍ୟକ୍ତିଗତ ସୁରକ୍ଷା ତତୋଽଧିକ ଗୁରୁତ୍ୱପୂର୍ଣ୍ଣ।

# ଉଠିବା ଦରକାର, ଉଡ଼ିବା ପଛକଥା



ଡ. ସାରଦା ପ୍ରସାଦ କର

ପ୍ରଥମ ବିଶ୍ୱଯୁଦ୍ଧ ସମୟର ଇଟାଲୀୟ ଆମ୍ବୁଲାନ୍ସ ଚାଳକ, ପରବର୍ତ୍ତୀ ସମୟରେ ଗୁରୁତର ଆହତ ଅର୍ନେଷ୍ଟ ହେମିଂୱେଙ୍କ କଥା ଆଜି ବି ପାସୋରି ପାରି ନାହାନ୍ତି ଅର୍ଥନୈତିକ ବିଶାରଦଗଣ। ୧୯୫୪ରେ ନିଜ ପୁସ୍ତକ 'ଫାରୱେଲ ଟୁ ଆର୍ମସ' ପାଇଁ ନୋବେଲ ପୁରସ୍କାର ନେଉଥିବା ଦୃଶ୍ୟଟିରୁ ଲାଗେ ଯେମିତି ନିଜ ଆହତ ଶରୀରକୁ ଯୁଦ୍ଧଭୂମିରୁ ବୋହି ନେଉଛନ୍ତି ନିଜ ଆମ୍ବୁଲାନ୍ସରେ। ଆଖିଦେଖା କଥାକୁ ଲେଖାରେ ପ୍ରକାଶ କଲେ ସେ- 'ଦ ୱାର୍ଲ୍ଡ ବ୍ରେକ୍ସ ଏଭ୍ରିୱାନ, ଆଣ୍ଡ ଆଫ୍ଟରୱାର୍ଡ, ମେନି ଆର୍ ଷ୍ଟ୍ରଙ୍ଗ ଆଟ୍ ଦ ବ୍ରୋକନ ପ୍ଲେସେସ୍'। ସେହି ଏକା ସମୟରେ ଗୁରୁତର ହୋଇଥିବା ଫ୍ରାନ୍ସର ଉତ୍ତରପୂର୍ବ ଶିଳ୍ପାଞ୍ଚଳ ପୁଣି ଛିଡ଼ାହେଲା, ୧୯୨୪ ବେଳକୁ ଦୁଇପାଦ ଆଗରେ ଥିଲା। ନିଜ ଦେଶରେ ଯୁଦ୍ଧ ନ ହୋଇ ମଧ୍ୟ ମାନବ ସମ୍ବଳ ଆଉ ଆର୍ଥିକ କ୍ଷତି ଆମେରିକାରେ ସର୍ବାଧିକ। ତଥାପି ଜଲ୍‌ଦି ସୁସ୍ଥ ହୋଇ ବିଶ୍ୱ ନେତୃତ୍ୱରେ ଅଗ୍ରଣୀ ଭୂମିକା ନେଇଗଲା। ଫିନ୍‌ଲାଣ୍ଡ ୧୯୧୭-୧୮ରେ ରୁଷିଆଠାରୁ ସ୍ୱାଧୀନତା ପାଇଲା ବେଳେ ଗୃହଯୁଦ୍ଧରେ ଘାଇଲା। ପରବର୍ତ୍ତୀ ସମୟରେ କେହି ବି ସେ ଦେଶକୁ ଗଲେ ବୁଝି ପାରିବନି ଯେ ସେଠାରେ ଦିନେ ସାମାଜିକ ଆର୍ଥିକ ପ୍ରଗତି ଯୁଦ୍ଧ ଘନଘଟାର ସୁନାମିରେ ପୋତି ହୋଇ ପଡ଼ିଥିଲା।

ହେମିଂୱେଙ୍କ ବାର୍ତ୍ତା ଆଜି ଆମ ଦେଶର ଅର୍ଥନୀତି ଶ୍ରେଣୀ ପାଠକଙ୍କୁ ବଡ଼ ଉତ୍ସାହ। ଆମେ କେତେ ଶିଖିଲେ ଆଉ କେତେ କାମରେ ଲଗେଇଛେ ସେସବୁର ସମୀକ୍ଷା କମ୍। ଯାହାହେଉ ଦେଶର ଶୀର୍ଷ ନେତୃତ୍ୱ ଆମକୁ ଆଶ୍ୱସ୍ତ କରନ୍ତି ଯେ ଆମେ ଦିନେ ବିଶ୍ୱଗୁରୁ ହେବୁ। ବାଇଶରେ ହବୁ, ତିରିଶରେ ହବୁ, ଅଣଚାଶରେ ହବୁ ପୁଣି ଏବେ କହିଲେଣି ଷାଠିଏ ବେଳକୁ ଆମକୁ କେହି ଚିହ୍ନି ପାରିବେନି। ହାସ୍ୟାସ୍ପଦ...। ଅପେକ୍ଷାର ଅନ୍ତ ଘଟେଇବା ଆମ ଭଳି ମୂଢ଼ଙ୍କ ପକ୍ଷରେ ଅସମ୍ଭବ ଯେମିତି। ବିକାଶର ଯାନରେ ବସିଲୁ ବୋଲି ଦେଶର ବଜେଟ ଅଧିବେଶନ ଦିନ ତିନି ବାଜାବାଲା, ସରକାର, କର୍ପୋରେଟ ଆଉ ମିଡିଆ କାନ ଫଟେଇ ଶୁଣେଇବେ। ହେମିଂୱେଙ୍କ ବାର୍ତ୍ତା ଏମିତି ଶସ୍ତା ଲୋକପ୍ରିୟତା ନ ଥିଲା। ଆହତର ସ୍ୱର ଭିତରୁ ଆଗକୁ ବଢ଼ିବାର ଉତ୍କଣ୍ଠା, ତୁର୍କୀର ଓଟୋମାନ ସାମ୍ରାଜ୍ୟର ପ୍ରତିଫଳନକୁ ସ୍ୱୀକାର କରିଗଲେ ଆମେ ପାପ ପୁଷ୍କରିଣୀରେ ପଡ଼ିଯିବା ନାହିଁ। ଦୁର୍ଗତିର ଆଲୋଚନା ନ ହେବା ଯାଏ 'ଅଚ୍ଛେ ଦିନ' ମହଙ୍ଗାହୋଇ ଚାଲିଥିବ। 'ଦ ୱାର୍ଲ୍ଡ ବ୍ରେକ୍ସ ଏଭ୍ରିୱାନ', ସମାଜ ଉନ୍ନତି କଳ୍ପେ ପାହାଡ ଭଙ୍ଗା ଚାଲିଛି ଭଲକଥା, ହେଲେ ପଥର ତଳେ ଶୁଭୁଥିବା ସ୍ୱରକୁ ଏଥର ଶୁଣିବା ହେଉ।

ସର୍ବାଧିକ ଋଣ ବୋଝ ମୁଣ୍ଡେଇଥିବା ରାଜ୍ୟ ଭିତରେ ମହାରାଷ୍ଟ୍ର ପଛକୁ ତାମିଲନାଡୁ। ଗରିବୀ ରେଖାତଳେ ୧୫.୬୮ ପ୍ରତିଶତ ସହ ସପ୍ତମ ସ୍ଥାନରେ ଓଡ଼ିଶା ବୋଲି 'ନୀତି ଆୟୋଗ' କହିବାରେ ଆମେ ଗରିବୀକୁ ସ୍ୱୀକାର କରି କେନ୍ଦ୍ରକୁ ସ୍ୱତନ୍ତ୍ର ଦାବି ରଖିପାରିବା। ତେବେ କେତେଦିନ ଆମେ ରତ୍ନଗର୍ଭା ଓଡ଼ିଶାରୁ ଖଣିଜ ଦେବା ସହ ନିଜପାଇଁ ଋଣ ଯନ୍ତାଟି ମୁଣ୍ଡେଇ ବୁଲିବା? ଦୁଇ ହଜାର ମସିହା ବେଳକୁ ଓଡ଼ିଶା ରାଜ୍ୟ ଋଣଭାର ଅଠର ହଜାର କୋଟିରୁ ୨୦୨୪ ମସିହା ବିଜେଡି ସରକାରଙ୍କ ବିଦାୟ ବେଳକୁ ଛୟାନବେ ହଜାର ତିନିଶହ ଦଶ କୋଟିର ଶିଖର ଛୁଇଁବାରେ ବିକାଶର ସ୍ପଷ୍ଟ ଅନୁଭୂତି ଆମେ ପାଇଥିଲୁ। ଭାଜପା ସରକାର ଆସୁଆସୁ ଆଉ ୪୨୪୯.୫ କୋଟି ଟଙ୍କାର ଅଧିକ ଋଣକରି ପାହାଡ଼ଟାଏ ଛିଡା କରେଇଲେ। ଏବେ ପୁଣି ଏକ ଲକ୍ଷ ତିରିଶ ହଜାର କୋଟି ପାର ହେବାରେ ଡବଲ ଇଞ୍ଜିନ ଧାରଣାରେ ଗଡୁଛି, ଆମେ ଦିଶାହୀନ ହୋଇନାହୁଁ ବୋଲି ପାଞ୍ଚ ବର୍ଷ ପରେ ଜଣାପଡିବ। କିନ୍ତୁ ସରକାର ଯେଉଁ ହାତୀ ଘୋଡ଼ା ପ୍ରତିଶ୍ରୁତି ଦେଇଥିବେ ତାକୁ ପୂରଣ କରିବା ପାଇଁ ଅର୍ଥର ଆବଶ୍ୟକତା ବଢ଼ିବ। ୧୫ତମ ଅର୍ଥ ଆୟୋଗ ଆର୍ଥିକ ଦାୟିତ୍ୱ ଓ ଋଣ ପରିଚାଳନା ଆଇନ-୨୦୦୫, ସରକାରଙ୍କ ଉଧାର ୨୦୨୫ ସେପ୍ଟେମ୍ବରରେ ଏକ ଲକ୍ଷ ଛବିଶ ହଜାର କୋଟି ପାରି ହେଲାଦିନ ଆମେ ବିଦେଶୀ ଫୁଲସଜା ଦାମୀ ପୋଡିୟମରୁ ଏକ ଦୀକ୍ଷାନ୍ତ ଭାଷଣ ଦେଇଥିଲୁ। ଓଡ଼ିଶାର ଋଣ ଶୁଝିବା ବାବଦରେ ଗଚ୍ଛିତ ରାଶିକୁ ସମୁଦାୟ ରାଜ୍ୟ ଘରୋଇ ଉତ୍ପାଦର ୨୫ ପ୍ରତିଶତ ମଧ୍ୟରେ ସୀମିତ ରଖିବାକୁ ଉପଦେଶ ଦେଇଥିଲେ। ପ୍ରାପ୍ତ ରାଜସ୍ୱରୁ ସୁଧ ଦେୟର ଅନୁପାତ ୧୫ ପ୍ରତିଶତ ମଧ୍ୟରେ ରଖିବା କଥା କହିଲେ। ଆମେ ଶୁଣିବୁନି ତ ଦୁର୍ଗତି ଧରାବନ୍ଧା।



ପଚାଶ ବର୍ଷ ତଳେ ଓଡ଼ିଶା ଏକ ବାତ୍ୟା, ବନ୍ୟା, ମରୁଡି ପ୍ରପୀଡ଼ିତ ଅଞ୍ଚଳ ବୋଲି ଆମେ ରଚନା ଲେଖୁଥିଲୁ। ଏବେ ସେଇଆ ଲେଖୁଛୁ। ବନ୍ୟା ଦୁର୍ଗତ କେରଳ କି ଆସାମର ଉପରମୁହାଁ ଅର୍ଥନୀତିକୁ ଦେଖିପାରୁନୁ। ପର୍ଯ୍ୟଟନ ଶିଳ୍ପରୁ ସୁଇଜରଲାଣ୍ଡ ମୁଖ୍ୟ ଆୟ ଅନ୍ନ ସାଉଁଟିବା ବେଳେ ଆମପାଖରେ ଯେମିତି ପାହାଡ଼, ଜଙ୍ଗଲ କି ବେଳାଭୂମି ନାହିଁ! ହେମିଂୱେଙ୍କ କଥାଟି ପ୍ରଯୁଜ୍ୟ ଏଠାରେ – 'ଦ ୱାର୍ଲ୍ଡ ବ୍ରେକ୍ସ ଏଭ୍ରିୱାନ, ଆଣ୍ଡ ଆଫ୍ଟରୱାର୍ଡ, ମେନି ଆର୍ ଷ୍ଟ୍ରଙ୍ଗ ଆଟ୍ ଦ ବ୍ରୋକନ ପ୍ଲେସେସ୍'। ହେଲେ ଅସୁବିଧା ଭିତରୁ ଛିଡ଼ାହୋଇ ଦେଖେଇଦେବା ପାଇଁ ଆମ ପାଖରେ ଇଚ୍ଛା ନାହିଁ ଯେମିତି। ସତକଥା ହେଲା ଆମପାଖରେ ମାଳମାଳ ଯୋଜନା ଅଛି, ଯୋଜନାର ରୂପରେଖ ଦେବାପାଇଁ ମାନବ ସମ୍ବଳ, ବୈଷୟିକ ସମ୍ବଳ ଅଛି, ପୁଞ୍ଜି ମଧ୍ୟ ପର୍ଯ୍ୟାପ୍ତ ଖଟା ଯାଉଛି ହେଲେ ଜାତୀୟ ଲକ୍ଷ୍ୟ ପୂରଣ ହେଉନି। ଭ୍ରଷ୍ଟାଚାର ଭଳି କୃଷ୍ଣଗର୍ତ୍ତର ଆଁ ଭିତରେ ସବୁ ଗଳିପଡୁଛି। ପୁଞ୍ଜିପତିଙ୍କ ସଂଖ୍ୟା ବଢ଼ିବାରୁ ଆମେ ଅଯଥା ଉତ୍ସାହିତ ହେଉଛୁ।

ଦେଶର ଜାତୀୟ କି ଆଞ୍ଚଳିକ ଋଣକର୍ତ୍ତାଙ୍କୁ ପଚାରିଲେ ସେହି ଗୋଟିଏ କଥା କହିବେ ଯେ ବିକାଶ ଆସିବ। ବିକାଶର ମହାକୁମ୍ଭଟି ୨୦୬୦କୁ ଦେଖେଇଲା ବେଳେ ରାଜନୈତିକ ପଞ୍ଜିକାରଙ୍କ ଚତୁରତା ସ୍ପଷ୍ଟ ଅନୁମେୟ। ଜିଡିପି ଆଉ ସମୁଦାୟ କରରୁ ଆମେ ସୁଧ ଗଣି ନୟାନ୍ତ ବେଳେ ଆମେରିକା, ଜାପାନର ଉଦାହରଣ ଥୋଇବୁ, ହେଲେ ବିକାଶକୁ ଦୂର ଦିଗ୍‌ବଳୟ ତଳେ ଦେଖେଇବୁ। ୨୦୧୯ ଜିଡିପିର ୨୬୦ ପ୍ରତିଶତ ପବ୍ଲିକ ଋଣ ୨୦୨୫ ବେଳକୁ ୨୧୧ ପ୍ରତିଶତରେ ପହଞ୍ଚିଥିବା ଇରିଟ୍ରିଆ ପରି ଆମେ ବାଟବଣା ନୁହଁ ତ? ଆମେରିକାର ୩୫ କୋଟି ଲୋକଙ୍କ ପାଇଁ ୩୮ ଟ୍ରିଲିଅନ ଡଲାର କି ଚାଇନାର ୨୦ ଟ୍ରିଲିଅନ ଡଲାର ଅର୍ଥନୀତିକୁ ଟପିବା ଲକ୍ଷ୍ୟରେ ଆମ ଗୋଡହାତ ଭାଙ୍ଗିଲେ ଦେଶର ହିତ ହେବନି। ଦେଶକୁ ଉଠିବା ଦରକାର, ଉଡିବା ପଛକଥା। ଯୁବକଙ୍କ ଲାଗି ନିଯୁକ୍ତି, ମହିଳାଙ୍କ ସୁରକ୍ଷା ଓ ବିଳମ୍ବିତ ନ୍ୟାୟ ବ୍ୟବସ୍ଥାରେ ସୁଧାର ଆଣିପାରନ୍ତେ ସରକାର। ପୂର୍ବ ରିଜର୍ଭ ବ୍ୟାଙ୍କ ଗଭର୍ନର ତଥା ଅର୍ଥନୈତିକ ଉପଦେଷ୍ଟା ପରିଷଦ ଅଧ୍ୟକ୍ଷ ସି. ରଙ୍ଗରାଜନ 'ଇନ୍‌ଷ୍ଟିଚ୍ୟୁଶନାଲ ଫ୍ଲ' ବା 'ସଂସ୍ଥାଗତ ତ୍ରୁଟି' କହିବାରୁ ଅକଳରେ ପଡିଲେ। ସରକାର ଏବେ ଯୁଦ୍ଧଭୂମିର ଆହତ ଅଭିଜ୍ଞମାନଙ୍କ କଥା ଶୁଣନ୍ତୁ।

ମହାରାଷ୍ଟ୍ର, ତାମିଲନାଡୁ ଆଉ ଓଡ଼ିଶା ମୁଣ୍ଡଉଥିବା ଋଣକୁ ଆମେ ଗ୍ରୀସ କି ଇଟାଲୀ ସ୍ତରରେ ଦେଖିବା ନା ଇରିଟ୍ରିଆର ଦୁଃଖ ପରି ହଜମ କରିବା? ଉତ୍ପାଦନ, ଆୟ ଆଉ ଖର୍ଚ୍ଚର ସାରଣୀରୁ ଆମେ ଯୋଉ ୭ ପ୍ରତିଶତ ଜିଡିପି ଗଣନା କରୁଛୁ ସେଥିରେ ୧ ପ୍ରତିଶତ ପୁଞ୍ଜିପତିଙ୍କ ମେଶିନରୁ ବାହାରୁଥିବା ୮୦ ପ୍ରତିଶତ ବାସ୍ତବ ଆୟ ସାମିଲ ନୁହେଁ। ଖଣି ଖାଦାନରୁ ସିଧାସଳଖ ଯୋଡି ହେଉଥିବା ଆୟକୁ ୨ କିମ୍ବା ୨.୫ ପ୍ରତିଶତ ତା'ର ଠିକ୍ ନୁହେଁ। ହେଲେ ଏହା ସତ୍ୟ ଯେ ଖଣିଜ ସମ୍ପତ୍ତି ସରିଆସୁଛି। ରତ୍ନଗର୍ଭା ଭୂଗର୍ଭ ରକ୍ତହୀନ ହେଉଛି। ଏବେ ଖଣିଜଭରା ଓଡ଼ିଶା ସେମିକଣ୍ଡକ୍ଟର ଆଉ ସଫ୍ଟୱେର ପାର୍କ କରି ବେକାରି ହଟେଇବା ସ୍ୱପ୍ନ ଦେଖୁଛି। ଏମ୍‌ଓୟୁ ଦସ୍ତଖତ କରି ପୁଞ୍ଜିପତି ସହ ହାତ ମିଳେଇବାରୁ ଯେମିତି ଏ ଦେଶର ଭୋକିଲାଙ୍କ ସୁରାଟ ଗସ୍ତକୁ ରୋକିପାରିବ! ଖଣିଜ ସମୃଦ୍ଧ ଝାଡ଼ଖଣ୍ଡୀ, ବିହାରୀ ପିଲା ଅନ୍ୟ ରାଜ୍ୟରେ ବେଠି ବେଗାରି ଆୟରେ ସନ୍ତୁଷ୍ଟ। ଭାରତ ୨୦୩୦ ବେଳକୁ ଏକ ନିଅଣ୍ଟିଆ ଦୁର୍ଗତି ଭିତରକୁ ଟାଣି ହୋଇଯାଉଛି ଯାହାକୁ ସରକାର ମାନିବା ଲାଗି ଅନିଚ୍ଛୁକ। ଜିଡିପିର ୮୦ ପ୍ରତିଶତ ଋଣକୁ ପଚାଶ ପ୍ରତିଶତ କରିବୁ କହିବା ନିର୍ମଳା ସୀତାରାମନଙ୍କ ଘରୋଇ ବିଚାର। ପାକିସ୍ତାନ ତା' ଆୟର ୭୦ପ୍ରତିଶତ ଋଣ ଶୁଝିବାରେ ଯାଉଛି କହିବା ଆମ ଦେଶାତ୍ମବୋଧ। ଦେଶର ଚାକିରିଆଙ୍କ ଦରମା ପାଇଁ ଆମକୁ ଓଭର ଡ୍ରାଫ୍ଟ ସମ୍ମୁଖୀନ ହେବାରୁ କେମିତି ବଞ୍ଚିହବ ଏବେଠୁ ସରକାର ଚିନ୍ତାକରିବା ବିଧେୟ।

**ଡାକବଙ୍ଗଳା ଛକ, ଭୁବନେଶ୍ୱର**
**ମୋ:୮୨୪୯୮୨୭୧୪୮**

# ଦୁଃଖ ଖୋଜୁଥିବା ମଣିଷ



ଡ. ଦ୍ୟୁତି ଚନ୍ଦ୍ର ସାହୁ

କିଛି ଏମିତି ଅଜବ ଲୋକ ଅଛନ୍ତି, ଆପଣ ବି ଭେଟିଥିବେ କେଉଁଠି କେତେବେଳେ। ଜଞ୍ଜାଳମୁକ୍ତ ହୋଇ ପରିବାରକୁ ନେଇ ନିଜ ଭିତରେ ସୁଖୀ ଥିବା ମଣିଷଟି ସମସ୍ତଙ୍କୁ ଦେଖେଇ ହେଲା ଭଳି ଅନେକ କଥା କହେ। ବିଶେଷକରି ଦୁଃଖୀ ମଣିଷ ନିକଟରେ ମିଥ୍ୟା ବିଳାପ କରେ। ବସି ବସି ବିରକ୍ତ ଲାଗୁଛି। କିଛି କାମଧନ୍ଦା ନାହିଁ କ'ଣ କରିବି। ଘରେ ବସି ବସି ଖାଉଛି। ପୁଅ ବୋହୂ ଯେ ଯା ରାସ୍ତାରେ ଖୁସି ଅଛନ୍ତି। ଝିଅ ଭାରି ଦେଖାଶୁଣା କରୁଛି। ସ୍ତ୍ରୀ ଖୁବ୍ ଦାୟିତ୍ୱ ନେଉଛି। ଭଗବାନ୍‌ଙ୍କ ଦୟାରୁ ଚଳିବାକୁ କିଛି ଅଭାବ ନାହିଁ। ସୁଖରେ ସଂସାର ଚାଲୁଛି। ତଥାପି କାହିଁକି କେଜାଣି ଭଲ ଲାଗୁନି। ଏଭଳି ମଣିଷମାନେ ସବୁ ସୁଖକୁ ଜାବୁଡ଼ି ଧରିବା ପରେ ସୁଖକୁ ଅନ୍ୟ ଆଗରେ ଭିନ୍ନ ଢଙ୍ଗରେ ପ୍ରକାଶ କରି ମଉଜ ନିଅନ୍ତି। ଅନ୍ୟ ସମ୍ମୁଖରେ ଯେଉଁଭଳି ହାବଭାବ ପ୍ରଦର୍ଶନ କରନ୍ତି, ଲାଗେ ଅସରାଏ ଦୁଃଖ ଆସି ଅଜାଡ଼ି ହୋଇପଡ଼ନ୍ତା କି? ସୁଖରେ ଥାଇକି ଦୁଃଖ ଖୋଜୁଥିବା ଏମିତି ମଣିଷମାନେ ସଦାକାଳେ ଅନ୍ୟର ଉତ୍ତରଣକୁ ସହ୍ୟ କରିପାରନ୍ତିନି। ନିଜଠାରୁ ଅଧିକ ସୁଖ ଭୋଗ କରୁଥିବା ମଣିଷଙ୍କୁ ଦେଖିଲେ ନିଜ ଭିତରେ ଶଢ଼ିଯାଆନ୍ତି। ନିଜଠାରୁ ଅପେକ୍ଷାକୃତ କମ୍ ଷ୍ଟାଟସ୍‌ର ହୋଇ ବି ଦୁଃଖକଷ୍ଟରେ ସାମାନ୍ୟ ଖୁସିରେ ବଞ୍ଚୁଥିବା ଲୋକଙ୍କୁ ଦେଖିଲେ ଈର୍ଷାଳୁ ହୋଇଯାଆନ୍ତି ଅକାରଣରେ। ଭାବନ୍ତି ନିଜେ ଭଲ। ବାକି ସଂସାର ଖରାପ। ତା'ପରେ କୁତ୍ସା ରଟନା କରିବା ଆରମ୍ଭ କରିଦିଅନ୍ତି। ଏହା ସ୍ୱଭାବ ପାଲଟିଯାଏ ନିଜ ଅଜାଣତରେ। କାରଣ ନିଜ ପାଖରେ ଢେର ସମୟ ଥାଏ। ବଞ୍ଚୁଥିବା ବାକି ସମୟରେ ସେହି ମଣିଷମାନେ ଦେଖାଣିଆ ଢଙ୍ଗରେ ଦୁଃଖକୁ ଦରାଣ୍ଡି ବୁଲନ୍ତି। କିନ୍ତୁ ଅନ୍ୟର ଖୁସି ସେମାନଙ୍କ ପାଇଁ ଦୁଃଖ ପାଲଟିଯାଏ।

ଦୁଃଖକୁ ଖୋଜୁଥିବା ସୁଖୀ ମଣିଷମାନେ ଅନେକ କଥା ଭୁଲି ଯାଆନ୍ତି। ସେମାନେ ମନେରଖିବା ଉଚିତ୍ ଦୁଃଖ ବାହାରୁ କେବେ ଆସୁନାହିଁ। ଏହା ଆମ ଭିତରୁ ଜନ୍ମ ନେଉଛି। ଆମର ତୁଳନା, ଆମର ଅହଂକାର, ଆମର ଆସକ୍ତି, ଆମର ବଡ଼ପଣିଆ ଏସବୁ ମିଶି ଦୁଃଖର ଜାଲ ବୁଣୁଛି। ଆମେ ଅନ୍ୟଙ୍କ ସଫଳତାକୁ ଦେଖି ଅସନ୍ତୋଷରେ ଜଳୁଛୁ। ନିଜର ବିଫଳତାକୁ ଦେଖି ହତାଶ ହେଉଛୁ। ଯେପରି ସୁଖ ଏକ ପ୍ରତିଯୋଗିତାର ପୁରସ୍କାର। କିନ୍ତୁ ସୁଖ କୌଣସି ପଦକ ନୁହେଁ, ଏହା ମନର ଅବସ୍ଥା। ଆମେ ମାଗଣାରେ କିଣି ଆଣୁଛୁ। ଜୀବନକୁ ଯଦି ଅନୁଶୀଳନ କରିବା, ତେବେ ଦେଖାଯାଏ ଯେ ମଣିଷ ସୁଖରେ ଥାଇ ବି ଅଧିକ ସୁଖ ଖୋଜୁଛି। ଅଜାଣତେ ଦୁଃଖକୁ ନିଜେ ଆମନ୍ତ୍ରଣ କରୁଛି। ଜୀବନର ଏହି ବିରୋଧାଭାସ ମଣିଷତ୍ୱର ସବୁଠାରୁ ଗଭୀର ରହସ୍ୟ। ସେ ସୁଖ ପାଇଁ ଧାଉଁଛି। ଅଥଚ ତାହାର ଚିନ୍ତାଧାରା, ଆସକ୍ତି ଓ ଅହଂକାର ତାକୁ ଦୁଃଖରେ ବାନ୍ଧି ରଖୁଛି। ମଣିଷ ଯେତେବେଳେ ଆସକ୍ତିରେ ଧନ୍ଦି ହୁଏ, ସେତେବେଳେ ଦୁଃଖ ତା'ର ନିୟତି ହୁଏ।

ଆମେ ଯାହାକୁ ଭଲପାଉଛୁ, ତାହାକୁ ହରାଇବାର ଭୟ ଆମ ମନରେ ଦୁଃଖ ଜନ୍ମାଏ। ଯାହାକୁ ଚାହୁଁଛୁ ନ ପାଇଲେ ମନ କ୍ଷୁବ୍ଧ ହୁଏ। ଏହି ଆସକ୍ତି ଓ ଆକାଂକ୍ଷା ହେଉଛି ଦୁଃଖର ମୂଳ କାରଣ। ଏହି କାରଣରୁ ମଣିଷକୁ 'ଦୁଃଖ ଖୋଜୁଥିବା ପ୍ରାଣୀ' ବୋଲି କୁହାଯାଇପାରେ। ଆଧୁନିକ ସମାଜରେ ଆପଣ ଯାହାକୁ ବି ପ୍ରଶ୍ନ କରିବେ- ଆପଣ ସୁଖୀ କି? ତା'ର ଉତ୍ତର ଅନେକ ଢଙ୍ଗରେ ଆସିବ। ଏସବୁ ଦୁଃଖ ଅଧିକ ସ୍ପଷ୍ଟ। ପ୍ରତିଯୋଗିତା ଦୌଡ଼ରେ ମଣିଷ ନିଜକୁ ହରାଇଦେଇଛି। ଅନ୍ୟଙ୍କ ସହିତ ତୁଳନା କରି ସେ ନିଜ ସୁଖକୁ ମାପୁଛି। ଅନ୍ୟଙ୍କ ସଫଳତା ତା'ର ମନରେ ଈର୍ଷା ଜନ୍ମାଉଛି। ଏହି ତୁଳନା ମନୋଭାବ ମଣିଷକୁ ନିଜେ ଦୁଃଖରେ ଫଳେଇଦେଉଛି। ସେ ବାହ୍ୟ ଜଗତକୁ ବଦଳାଇବାକୁ ଚେଷ୍ଟା କରୁଛି, କିନ୍ତୁ ନିଜ ମନକୁ ଦେଖୁନାହିଁ କି ନିଜେ ବଦଳିବାକୁ ଚେଷ୍ଟା କରୁନି।



ଦୁଃଖର ଆଉ ଏକ କାରଣ ହେଉଛି ଅହଂକାର। 'ମୁଁ' ଓ 'ମୋର' ଭାବନା ମଣିଷକୁ ଦୁଃଖରେ ବାନ୍ଧି ରଖେ। ଯେତେବେଳେ କେହି ତା'ର ଅହଂକାରକୁ ଆଘାତ କରେ ସେ ମାନସିକ ଯନ୍ତ୍ରଣା ଭୋଗେ। ଯେଉଁ ମଣିଷ ଅହଂକାରକୁ ତ୍ୟାଗ କରିପାରେ, ତା'ର ଅଧିକାଂଶ ଦୁଃଖ ଦୂର ହୋଇଯାଏ। ତେବେ ଦୁଃଖ ମଣିଷର ଶତ୍ରୁ ନୁହେଁ, ବରଂ ଗୁରୁ। ଦୁଃଖ ଆମକୁ ଜୀବନର ସତ୍ୟ ଶିଖାଏ। ସୁଖରେ ଆମେ ଅସାବଧାନ ହେଉ। ଦୁଃଖ ଆମକୁ ଚିନ୍ତା କରିବାକୁ ବାଧ୍ୟ କରେ। ଦୁଃଖ ମଣିଷକୁ ପରିପକ୍ୱ କରେ। ତା'ର ମନକୁ ଗଭୀର କରେ। ଅନେକ କବି, ଦାର୍ଶନିକ ଓ ସନ୍ଥମାନେ ଦୁଃଖରୁ ନିଜ ଜ୍ଞାନର ଆଲୋକ ପାଇଛନ୍ତି। ସେହିପରି ଦୁଃଖକୁ ଅସ୍ୱୀକାର କରିବା ନୁହେଁ, ତାକୁ ବୁଝିବା ଆବଶ୍ୟକ।

ଚିନ୍ତା, ଭୟ, ସନ୍ଦେହ, ଆଶା ଆଶଙ୍କା ଏହିସବୁ ମନର ତରଙ୍ଗ। ମନ ଶାନ୍ତ ହୁଏ ତ ଦୁଃଖ ନଷ୍ଟ ହୋଇଯାଏ। ସତ୍ୟ ସୁଖ ବାହ୍ୟ ଜଗତରେ ନୁହେଁ, ଆତ୍ମାରେ ଅଛି। ଯେତେବେଳେ ମଣିଷ ନିଜ ସ୍ୱରୂପକୁ ଜାଣିପାରେ, ସେ ଦୁଃଖରୁ ମୁକ୍ତ ହୁଏ। ସେ ବୁଝିପାରେ ଯେ, ସୁଖ ଓ ଦୁଃଖ ଦୁହେଁ କ୍ଷଣିକ। ଜୀବନ ଏକ ପ୍ରବାହ। କେବେ ଆନନ୍ଦ, କେବେ ବିଷାଦ। ଏହାକୁ ସମଭାବରେ ଗ୍ରହଣ କରିବାରେ ହିଁ ଜୀବନର ସାର୍ଥକତା। ମଣିଷ ଯଦି ଦୁଃଖକୁ ଖୋଜିବା ବନ୍ଦ କରି ନିଜକୁ ଖୋଜିବା ଆରମ୍ଭ କରେ, ତେବେ ସେ ସତ୍ୟ ସୁଖକୁ ପାଇପାରିବ। ଆସକ୍ତି ଛାଡ଼ିବା, ଅହଂକାର ତ୍ୟାଗ କରିବା, ନିଷ୍କାମ କର୍ମ କରିବା ଓ ଆତ୍ମଚିନ୍ତନରେ ଲୀନ ହେବା ହେଉଛି ମୁକ୍ତିର ପଥ।

ଆଜିର ଯୁଗରେ ଦୁଃଖ ଅଧିକ ସୂକ୍ଷ୍ମ ହୋଇଯାଇଛି। ସୋସିଆଲ୍ ମିଡିଆରେ ହସୁଥିବା ମୁହଁଗୁଡ଼ିକୁ ଦେଖି ଆମେ ଭାବୁ ସେମାନେ ସବୁଠି ସୁଖୀ, କେବଳ ମୁଁ ଜଣେ ଦୁଃଖୀ। ଏହି ଭ୍ରମ ଆମକୁ ଭିତରୁ ଖାଇଯାଏ। ଆମେ ଅନ୍ୟଙ୍କ ଜୀବନକୁ ଦେଖି ନିଜ ଜୀବନକୁ ମୂଲ୍ୟହୀନ କରୁ। ଲାଇକ୍ ଓ ଅଦରକାରୀ ମତାମତରେ ଜୀବନର ବାସ୍ତବତାକୁ ମାପ କରୁ। ସୁଖରେ ଥାଇ ଦୁଃଖ ଖୋଜୁଥିବା ମଣିଷମାନେ ପ୍ରକାରାନ୍ତରେ ଅଯଥା ଦୁଃଖକୁ ଆବୋରି ବସନ୍ତି। ନିଜ ଭିତରେ ନିଜେ ଶଢ଼ିବା ଆରମ୍ଭ କରନ୍ତି। ଦୁଃଖ ଖୋଜି ଖୋଜି ଦୁନିଆ ପାଇଁ ଏକଲା ମନେହୁଅନ୍ତି। ନିଜ ପାଇଁ କିଛି ଲୋଡ଼ା ନାହିଁ ବୋଲି ଅନେକ କିଛି ଖୋଜିବାର ମାନସିକତା ହେତୁ ସାପ ପରି ନିଜ ଚାରିପଟେ ଗୋଡ଼େଇ ହୋଇ ରହେ ଅଶାନ୍ତି। ବାସ୍ତବରେ ଏଭଳି ମଣିଷ ଦୁଃଖ ଖୋଜନ୍ତିନି ବରଂ ତାଙ୍କ ଅଜ୍ଞାନତା ଓ ମୂଢ଼ପଣ ଆପଣାର ସମାଧିକୁ ସହଜରେ ତିଆରି କରନ୍ତି।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଏକ ଟିମର ବର୍ଜ୍ୟପରିଚାଳନା ଅତ୍ୟନ୍ତ ପ୍ରଶଂସନୀୟ। କର୍ଣାଟକ ବେଙ୍ଗାଲୁରୁ ନିକଟରେ ଥିବା ବିଲାପୁରା ଗାଁକୁ ସମ୍ପୂର୍ଣ୍ଣ ବର୍ଜ୍ୟମୁକ୍ତ କରାଯାଇପାରିଛି। ଦେଖିବାକୁ ଗଲେ ଏହି ଗୋଟିଏ ଗାଁକୁ ନେଇ ବିଲାପୁରା ପଞ୍ଚାୟତ ଗଠନ କରାଯାଇଛି ଏବଂ ଏହାର ଲୋକସଂଖ୍ୟା ୧୨,୦୦୦। ଏହି ଗାଁରେ ମଧ୍ୟ ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟ ରହିଛି। ଗାଁର ଶେଷ ମୁଣ୍ଡରେ ସବୁବେଳେ ବର୍ଜ୍ୟ ଠୁଳ ହୋଇ ରହୁଥିଲା। ବର୍ଜ୍ୟ ସଫା କରିବାରେ ଛାତ୍ରଙ୍କ ଟିମ୍ ସହ ସ୍ଥାନୀୟ ପଞ୍ଚାୟତ ମିଶି କାର୍ଯ୍ୟ କରୁଛି, ଯାହା୨୧ ସେପ୍ଟେମ୍ବର ୨୦୨୪ରୁ ଆରମ୍ଭ ହୋଇଥିଲା। ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକମାନେ ମଧ୍ୟ ଏ ଦିଗରେ ଛାତ୍ରଙ୍କୁ ସହଯୋଗ କରୁଛନ୍ତି। ଏବେ ବର୍ଜ୍ୟ ସଂଗ୍ରହ କରି ତାହାର ପୃଥକୀକରଣ ସକାଶେ ୬ ମହିଳାଙ୍କୁ ନିଯୁକ୍ତ କରାଯାଇଛି। ସେମାନଙ୍କୁ ପିପିଇ କିଟ୍ ମଧ୍ୟ ଯୋଗାଇ ଦିଆଯାଉଛି। ପ୍ରତ୍ୟେକ ଦିନ ଗାଡ଼ି ଦ୍ୱାରା ବର୍ଜ୍ୟ ସଂଗ୍ରହ କରାଯାଉଛି ଏବଂ ଏସ୍‌ଏଚ୍‌ଜି ଗ୍ରୁପ ମହିଳାମାନେ ଏହି ଗାଡ଼ି ଚଳାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୯ ଫେବୃଆରୀ ୧୯୭୭**

- ରାଜ୍ୟର ୩ଟି ପ୍ରକଳ୍ପ ସମେତ ୭୦ଟି ରାସ୍ତା ଓ ପୋଲ ନିର୍ମାଣ ପ୍ରକଳ୍ପ ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ୨୨ କୋଟି ଟଙ୍କା ମଞ୍ଜୁର।
- ହିମାଚଳ ପ୍ରଦେଶର ଜ୍ୱାଳାମୁଖୀଠାରେ ତୈଳ ଓ ପ୍ରାକୃତିକ ବାଷ୍ପ କମିଶନ ପକ୍ଷରୁ ପୁନଃ ତୈଳ ଖନନ କାର୍ଯ୍ୟ ଆରମ୍ଭ।
- ଦୁଇଜଣ ମହାକାଶଚାରୀଙ୍କୁ ନେଇ ସୋଭିଏତ୍ ରୁଷିଆ ପୁଣି ଏକ ମହାକାଶଯାନ ଆକାଶକୁ ଉତ୍କ୍ଷେପଣ କରିଛି।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 9 | | 1 | | | | |
| 4 | 1 | | 2 | | | | | |
| | | | 6 | | 3 | | | 1 |
| 6 | | | 3 | | 1 | | 4 | |
| 5 | 4 | 8 | | | | 2 | | |
| | | | 8 | | | | 5 | 7 |
| | 7 | | | | 8 | 5 | 3 | 9 |
| | 5 | | 1 | 3 | | 8 | | 4 |
| | | 4 | | | | 1 | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 5 | 2 | 4 | 9 | 3 | 6 | 1 |
| 4 | 9 | 3 | 1 | 7 | 6 | 2 | 8 | 5 |
| 6 | 1 | 2 | 8 | 3 | 5 | 7 | 4 | 9 |
| 3 | 6 | 4 | 9 | 1 | 8 | 5 | 2 | 7 |
| 9 | 7 | 8 | 4 | 5 | 2 | 1 | 3 | 6 |
| 2 | 5 | 1 | 7 | 6 | 3 | 4 | 9 | 8 |
| 5 | 4 | 6 | 3 | 9 | 1 | 8 | 7 | 2 |
| 1 | 2 | 7 | 6 | 8 | 4 | 9 | 5 | 3 |
| 8 | 3 | 9 | 5 | 2 | 7 | 6 | 1 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆୟୁଷମାନ କାର୍ଡ ଠିକ୍ ଭାବେ ବଣ୍ଟାଯାଉନି

ମହାଶୟ,

ଆୟୁଷମାନ ସ୍ୱାସ୍ଥ୍ୟ ବୀମା କାର୍ଡ ବଣ୍ଟନ ଠିକ ଭାବେ ହୋଇପାରୁନାହିଁ। କାର୍ଡ ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀମାନେ ତାହାକୁ ନ ବାଣ୍ଟି ନିଜ ନିଜ ଘରେ ମାସ ମାସ ଧରି ପକାଇ ରଖିବା ଦେଖାଯାଉଛି। ଫଳରେ ସରକାରୀ ଜନହିତକର ଯୋଜନାକୁ ଖୋଲାଖୋଲି ଭାବେ ଅବମାନନା କରାଯାଉଛି। ଏଥିସହ ଯଦି କେହିଜଣେ କାର୍ଡ ବଣ୍ଟନକାରୀ କର୍ମୀଙ୍କ ଘରେ ପହଞ୍ଚି କାର୍ଡ ମାଗୁଛନ୍ତି, ତେବେ ସେମାନଙ୍କଠାରୁ ଉତ୍କୋଚ ରାଶି ମଗାଯାଉଛି ବୋଲି ଅଭିଯୋଗ ଆସୁଛି। ନଚେତ୍ କାର୍ଡ ଆସିନାହିଁ ବୋଲି କୁହାଯାଉଛି। ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ମାଗଣାରେ ଚିକିତ୍ସା ଉପଲବ୍ଧ ବ୍ୟବସ୍ଥାରେ ଆସିଥିବା ଆୟୁଷମାନ କାର୍ଡ ସବୁକୁ ଘରକୁ ଘର ବୁଲି ବଣ୍ଟିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଏହାସତ୍ତ୍ୱେ କାର୍ଡ ବଣ୍ଟନରେ ଆନ୍ତରିକତା ସହ ସାଧୁତା ତଥା ସହଯୋଗ ପ୍ରଦର୍ଶନ ନ କରିବା ଦୁର୍ଭାଗ୍ୟଜନକ। ଏହା ନୈତିକ ମୂଲ୍ୟବୋଧର ଅବକ୍ଷୟ ଏବଂ ଆଇନତଃ ଏକ ଧର୍ତ୍ତବ୍ୟ ଅପରାଧ। ଏଣୁ ଏଭଳି ଅବ୍ୟବସ୍ଥା ଦୂର କରିବା ସକାଶେ ପ୍ରଶାସନ ପଦକ୍ଷେପ ନେବା ଜରୁରୀ।

**– ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

## ଚିରନ୍ତନୀ

ଆଖିର ଧରମ ହେବାକୁ ଚିର
ଛଳନାମୟ
ସହଜ ଗତିରେ ଚାହିଁବା ତା'ର
ଲାଗଇ ଭୟ ।
-(ପ୍ରାଚୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପରିତ୍ୟକ୍ତ କାର୍‌ରେ ୩ ମୃତଦେହ**

ନୂଆଦିଲ୍ଲୀ,୮।୨: ଦିଲ୍ଲୀର ପୀରଗଢ଼ି ଫ୍ଲାଏଓଭର ନିକଟସ୍ଥ ପାର୍କିଂରେ ରହିଥିବା ଏକ ପରିତ୍ୟକ୍ତ କାର୍ ମଧ୍ୟରୁ ୩ଟି ମୃତଦେହ ମିଳିଛି। ଖବରପାଇ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ପାଇଥିଲେ। ମୃତକମାନେ ହେଲେ ରଣଧୀର (୬୨), ଶିବନରେଶ (୪୨) ଏବଂ ଲକ୍ଷ୍ମୀ (୪୦)। ରଣଧୀର ଓ ଶିବନରେଶଙ୍କ ଘର ଦିଲ୍ଲୀର ରାନହୋଲା ଅଞ୍ଚଳରେ ହୋଇଥିବାବେଳେ ଲକ୍ଷ୍ମୀଙ୍କ ଘର ଜାହାଙ୍ଗୀରପୁରରେ। ରଣଧୀର କାର୍‌ର ମାଲିକ ବୋଲି ଜଣାପଡ଼ିଛି। ସେମାନଙ୍କ ଶରୀରରେ ଆଘାତ ଚିହ୍ନ ନ ଥିବାରୁ ଏହା ଆତ୍ମହତ୍ୟା ହୋଇଥିବା ପ୍ରାରମ୍ଭିକ ତଦନ୍ତରୁ ଅନୁମାନ କରାଯାଉଛି। ପୋଲିସ ତଦନ୍ତ ଜାରି ରଖିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗୁଡୁଲୁ



@ ଜିତେନ୍ଦ୍ର



@ ନିରଞ୍ଜନ



@ ପିଣ୍ଟୁ



@ ରାକେଶ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# 'ସତ୍ସଙ୍ଗ ମଣିଷ ଭିତରେ ସକାରାତ୍ମକ ଭାବ ସୃଷ୍ଟି କରୁଛି'

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ

ଭୁବନେଶ୍ୱର,୮।୨(ବନ୍ଦନା ସେଠୀ)

ସତ୍ସଙ୍ଗ ମଣିଷ ଭିତରେ ଏକ ସକାରାତ୍ମକ ଭାବ ସୃଷ୍ଟି କରିଥାଏ। ଏହା ମଣିଷ ଭିତରେ ପାରସ୍ପରିକତା ବୃଦ୍ଧି କରୁଛି। ଭ୍ରାତୃଭାବ ସୃଷ୍ଟି ସହ ସୁସ୍ଥ ସମାଜ ଗଠନରେ ଏହା ସହାୟକ ହେଉଛି ବୋଲି ପୂର୍ତ୍ତ, ଅବକାରୀ ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ଏବଂ ଭୁବନେଶ୍ୱର ସତ୍ସଙ୍ଗ ଶ୍ରୀମନ୍ଦିର ପ୍ରତିଷ୍ଠା ଦିବସ ଅବସରରେ ରବିବାର ବରମୁଣ୍ଡାସ୍ଥିତ ଭୁବନେଶ୍ୱର ବାଲିଯାତ୍ରା ପଡ଼ିଆରେ ସୁଧା ସର୍ଜ୍ଜନା ମହାମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ହରିଚନ୍ଦନ ସତ୍ସଙ୍ଗର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ।

ଉତ୍ସବରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରତ୍ୟୁଷରୁ ମହାରାତ୍ର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବାଲିଯାତ୍ରା ପଡ଼ିଆ ମୁଖର ରୂପ ପାଇଥିଲା। ସେହିପରି ବାଲିଯାତ୍ରା ପଡ଼ିଆରେ ନିର୍ମିତ ସୁଦୃଶ୍ୟ ମନ୍ଦିରରେ ଉଷା କୀର୍ତ୍ତନ, ପ୍ରାତଃ ବିନତୀ, ସମବେତ ନାମଜପ, ସତ୍‌ଗ୍ରନ୍ଥ ପାଠରେ ପରିବେଶ ଭାବମୟ ହୋଇଉଠିଥିଲା। ଏହାପରେ ଭ୍ରାତୃ ମଞ୍ଚରେ ଭଜନ, କୀର୍ତ୍ତନ, ଯାଜନ ଏବଂ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ପୂର୍ବତନ ଏମ୍‌ପି ଅମର ପଟ୍ଟନାୟକ ଯୋଗଦେଇ କହିଲେ, ଗୁରୁକେନ୍ଦ୍ରିକ ଜୀବନ ଭଲ ମଣିଷ ହେବାରେ ସହାୟକ ହୋଇଥାଏ। ସମ୍ମାନିତ ଅତିଥି ଭାବେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ଭାଜପା ନେତା ଚିତ୍ତରଞ୍ଜନ ବଂଶ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ରିତ୍ୱିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଶେଷଜ୍ଞମାନେ ଯୋଗଦେଇ ବିଭିନ୍ନ ରୋଗର ନିରାକରଣ ତଥା ସହଜ ଚିକିତ୍ସା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମ ପରିବେଷଣ ଥିଲା 'ବସୁଧାତାରମ୍' କାର୍ଯ୍ୟକ୍ରମ। ଏହା ଉପସ୍ଥିତ ଦର୍ଶକଙ୍କୁ ଖୁବ୍ ଆକର୍ଷିତ କରିଥିବାବେଳେ ନାଟକ 'ପରଶମଣି' ସମସ୍ତଙ୍କୁ ଅଭିଭୂତ କରିଥିଲା। ମେଡିକାଲ କ୍ୟାମ୍ପରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଡାକ୍ତରୀ ପରାମର୍ଶ ଲାଭ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ନେଇଥିଲେ। ସନ୍ଧ୍ୟା ବିନତୀ ପରେ 'ହ୍ୱାଇଟ୍ ବ୍ୟାଣ୍ଡ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।





# ଧାନ ସଂଗ୍ରହ ନେଇ ତେଜିଲା ରାଜନୀତି

ଭୁବନେଶ୍ୱର,୮।୨(ରବିନାରାୟଣ ଜେନା)

- ସରକାର ବିଫଳ: ବିରୋଧୀ
- ଆନ୍ଦୋଳନରେ 'ଫେକ୍' ଚାଷୀ: ସମବାୟ ମନ୍ତ୍ରୀ

ଚଳିତବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଧାନ ସଂଗ୍ରହରେ ବ୍ୟତିକ୍ରମକୁ ନେଇ ଏବେ ଶାସକ-ବିରୋଧୀ ରାଜନୈତିକ କାଦୁଅ ଫିଙ୍ଗାଫିଙ୍ଗି ହେଉଛନ୍ତି। ଆସନ୍ତା ୧୭ରେ ବିଧାନସଭାର ବଜେଟ ଅଧିବେଶନ ରହିଛି। ଏହି ସମୟରେ ଧାନ ସଂଗ୍ରହକୁ ବିଜେଡି ଓ କଂଗ୍ରେସ ପ୍ରମୁଖ ପ୍ରସଙ୍ଗ କରିବା ସହିତ ପଞ୍ଚାୟତ ନିର୍ବାଚନରେ ଚାଷୀ ଏହାର ଉଚିତ ଜବାବ ଦେବେ ବୋଲି ବିରୋଧୀ କହିଛନ୍ତି। ଅପରପକ୍ଷରେ ସରକାରଙ୍କ ପକ୍ଷରୁ ଏହାକୁ ପ୍ରାୟୋଜିତ ବୋଲି କୁହାଯାଇଛି।

ଧାନ ସଂଗ୍ରହକୁ ନେଇ ରବିବାର ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଧାନ କିଣା ପ୍ରକ୍ରିୟା ସୁରୁଖୁରୁରେ ଚାଲିଛି। ମାତ୍ର ଆନ୍ଦୋଳନକାରୀମାନେ ପ୍ରକୃତ ଚାଷୀ ନୁହନ୍ତି, ଫେକ୍ ଚାଷୀ। କେବଳ ବଡ଼ ଚାଷୀମାନେ ବିରୋଧ କରୁଛନ୍ତି, କାରଣ ଗତବର୍ଷ ସେମାନେ ୫୦୦ କୁଇଣ୍ଟାଲ୍ ଧାନ ବିକ୍ରି କରିଥିଲେ ଏବଂ ଏଥର କ୍ୟାପ୍ ହୋଇଥିବାରୁ ସେମାନେ ଟିକେ ଅସୁବିଧା ଭୋଗୁଛନ୍ତି। ଆସନ୍ତାବର୍ଷ ଏଥିପ୍ରତି ଦୃଷ୍ଟି ଦିଆଯିବ। ମିଲରମାନଙ୍କ ପାଖରେ ଜାଗା ନ ଥିବାରୁ କିଛି ସ୍ଥାନରେ ଧାନ କିଣା ପ୍ରକ୍ରିୟା ଟିକେ ବିଳମ୍ବ ହେଉଛି, ପରବର୍ତ୍ତୀ ସମୟରେ ସେ ଧାନକୁ ଉଠାଯାଉଛି। ଯେଉଁମାନଙ୍କର ଟୋକନ୍ ଲାପ୍ସ ହେଉଛି ସେମାନଙ୍କ ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ୧୫ ଦିନ ଟୋକନ୍ ଅବଧି ବୃଦ୍ଧି କରାଯାଉଛି। ସରକାରଙ୍କୁ ବଦ୍‌ନାମ କରିବାକୁ ବିରୋଧୀ ଦଳ ଅଭିଯୋଗ କରୁଛନ୍ତି ବୋଲି ସେ କହିଛନ୍ତି।

ସମବାୟ ମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ନେଇ ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ସରକାର ଫେକ୍ ଚାଷୀଙ୍କ ତାଲିକା ଦିଅନ୍ତୁ। ସରକାର ଧାନ କିଣାରେ ବିଫଳ ହୋଇଛନ୍ତି ଏବଂ ଚାଷୀମାନେ ଆକ୍ରୋଶର ଶିକାର ହେଲେଣି। ଅସନ୍ତୁଷ୍ଟଙ୍କ ମଧ୍ୟରେ ଭାଜପାର କେହି ଚାଷୀ ନ ଥିବେ। ଛୋଟ ହେଉ କି ବଡ଼, ଚାଷୀର ସଂଜ୍ଞା ଏଭଳି ଭାବେ ନିରୂପଣ କରା ନ ଯାଉ। ସମସ୍ତଙ୍କୁ ସମାନ ଗୁରୁତ୍ୱ ଦିଆଯାଉ ବୋଲି ବିଧାୟକ ସାହୁ କହିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ନୀଳମାଧବ ହିକ୍କା କହିଛନ୍ତି, ଭାଜପା ସରକାରରେ ଚାଷୀ କିଏ ମନ୍ତ୍ରୀମାନେ ଜାଣିପାରୁନାହାନ୍ତି। ଓଡ଼ିଶାର ପ୍ରତ୍ୟେକ ମଣ୍ଡିରେ ଧାନ ପଡ଼ିଛି। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଜନସାଧାରଣ ଏହାର ଜବାବ ଦେବେ। ଲୋକମାନେ ୨୪ ବର୍ଷର ସରକାରକୁ ହରାଇ ଦେଲେ। ଏମାନଙ୍କୁ ବି ଠିକଣା ଜବାବ ଦେବେ ବୋଲି ହିକ୍କା କହିଛନ୍ତି।

# ସରୋଜିନୀ ବିଜେଡିରୁ ନିଲମ୍ବିତ

**ଭୁବନେଶ୍ୱର,୮।୨(ରବିନାରାୟଣ ଜେନା):** ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରାଇଙ୍କୁ ନିଲମ୍ବନ କରାଯାଇଛି। ଏସଂକ୍ରାନ୍ତରେ ଦଳ ପକ୍ଷରୁ ଉପସଭାପତି(ମୁଖ୍ୟାଳୟ) ପ୍ରତାପ ଜେନା ରବିବାର ନିଲମ୍ବନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେଥିରେ ସେ ଦର୍ଶାଇଛନ୍ତି, ସରୋଜିନୀଙ୍କ ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ନିଲମ୍ବନ କରାଯାଇଛି।

# ନେତୃତ୍ୱ ବିକାଶ ମିଶନକୁ କଂଗ୍ରେସର ଗୁରୁତ୍ୱ

**୧୦ କ୍ଲଷ୍ଟରସ୍ତରୀୟ ଲିଡର, କୋ-ଲିଡର ନିଯୁକ୍ତ**

ଭୁବନେଶ୍ୱର,୮।୨(ରବିନାରାୟଣ ଜେନା)

ନେତୃତ୍ୱ ବିକାଶ ମିଶନ କଂଗ୍ରେସ ପାଇଁ ଆଗାମୀ ଦିନରେ ସଞ୍ଜୀବନୀ ସାବ୍ୟସ୍ତ ହେବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ରବିବାର ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ନେତୃତ୍ୱ ବିକାଶ ମିଶନ ବିଭାଗ ଏବଂ ଆଦିବାସୀ କଂଗ୍ରେସ ବିଭାଗର ଏକ ମିଳିତ ଆଭାସି (ଭର୍ଚୁଆଲ୍) ସଭାରେ ଯୋଗଦେଇ ଭକ୍ତ କହିଛନ୍ତି, ଅଖିଳ ଭାରତୀୟ କଂଗ୍ରେସ କମିଟି ଦ୍ୱାରା ସମାଜର ବଞ୍ଚିତ ବର୍ଗଙ୍କୁ ନ୍ୟାୟ ମିଳିବ। ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ସଂପ୍ରଦାୟର ସଂଘର୍ଷରତ ଯୁବତୀଯୁବକମାନଙ୍କୁ ଦଳର ମୁଖ୍ୟ ସ୍ରୋତକୁ ଆଣି ଆଗାମୀ ଦିନରେ ଦଳୀୟ ନେତୃତ୍ୱରେ ସାମିଲ କରିବା ପାଇଁ ନେତୃତ୍ୱ ବିକାଶ ମିଶନ ଗଠନ କରାଯାଇଛି। ଏହିକ୍ରମରେ ଓଡ଼ିଶାର ସମସ୍ତ ୫୭ଟି ସଂରକ୍ଷିତ ବିଧାନସଭାଗୁଡ଼ିକୁ ୧୦ଟି କ୍ଲଷ୍ଟରରେ ଭାଗ କରାଯାଇ ପ୍ରତ୍ୟେକ କ୍ଲଷ୍ଟର ପାଇଁ ଜଣେ ଜଣେ ଟିମ୍ ଲିଡର ଓ କୋ-ଟିମ୍ ଲିଡର ନିଯୁକ୍ତ କରାଯାଇଛି। କ୍ଲଷ୍ଟର-୧ ପାଇଁ ଟିମ୍ ଲିଡର ଭାବେ ଅନୁସୂଚିତ ଜାତି ବିଭାଗର ରାଷ୍ଟ୍ରୀୟ ସଂଯୋଜକ ତଥା ଓଡ଼ିଶା ପ୍ରଭାରୀ ଅଜୟ କୁମାର ପାଶ୍ୱାନ ଓ କୋ-ଟିମ୍ ଲିଡର ଭାବେ ଆଇନଜୀବୀ ଆଲବର୍ଟ କିଣ୍ଡୋ ଓ ନେପାଳ ସାହୁ ନିଯୁକ୍ତ ହୋଇଛନ୍ତି। ସେହିପରି କ୍ଲଷ୍ଟର୍-୨ ପାଇଁ ରାଜ୍ୟ ଅନୁସୂଚିତ ଜାତି ବିଭାଗର ଅଧ୍ୟକ୍ଷ ମାନସ କୁମାର ମଲ୍ଲିକ ଟିମ୍ ଲିଡର ଭାବେ ଓ ପିସିସି ସମ୍ପାଦିକା ଅନିମା ମିଞ୍ଜ ଓ ରଞ୍ଜନ ସେଠୀ କୋ-ଟିମ୍ ଲିଡର ଭାବେ ନିଯୁକ୍ତ ହୋଇଛନ୍ତି।

**Gangadhar Meher University,**
Amruta Vihar, Sambalpur, Odisha-768001
Corrigendum. No. 498 /GMU, Date 7.2.2026

**Corrigendum**

In continuation of the Expression of Interest (EOI) published vide **Advertisement No.121/GMU, date 13.01.2026** for engagement of State PSU / Central PSU / Departmental Undertaking as Project Management Consultant (PMC) for construction of different buildings at Gangadhar Meher University, Sambalpur, it is hereby notified that modifications / clarifications are made to the said EOI. Please visit -www.gmuniversity.ac.in for details.

**Sd./- Registrar**

**OFFICE OF THE PANCHAYAT SAMITI, JAMDA**
e-mail : ori-jamada@nic.in

**Notice No: 02** **Date: 06.02.2026**

**No.19001/16/2526** : Sealed Tenders are invited from Registered Contractors towards Const. of VC Hall at Jamda Block Office that may be downloaded from the district website **https://mayurbhanj.odisha.gov.in**. The tender paper along with detail terms and conditions will be downloaded during office hour from **07.02.2026 to 19.02.2026**.

1. Sale of Tender Papers: - **07.02.2026 to 19.02.2026 up to 5.00 PM.**
2. Last Date of receipt of tender paper: - **19.02.2026 up to 5.00 PM.**
3. Date of opening of tender papers AT Block meeting Hall: - **20.02.2026 at 11.00 AM.**
4. Mode of receipt: Through speed post/Registry post only to Block Development Officer, Jamda, At/Po- Jamda, Dist-Mayurbhanj Pin-757045.
5. Envelope should be super-scribed with the name of the works for which tender paper is being submitted otherwise will be rejected.
6. The tender paper received after due date or time will liable for rejection.

Authority reserves the right to reject all or any of the tender without assigning any reasons thereof. Again the authority will not held responsible for any postal delay.

Sd./- Block Development Officer, Jamda Mayurbhanj
OIPR-19001/19274/1/25-26/0001

# ମନମୁତାବକ ପୋଷ୍ଟିଂ ପାଇଁ ବଢ଼ୁଛି ପୋଲିସ ଅଧିକାରୀଙ୍କ ଲବି

**କମିଶନରେଟ୍ ପୋଲିସ, ସ୍ପେଶାଲ କ୍ରାଇମବ୍ରାଞ୍ଚରେ ରହିବାକୁ ସର୍ବାଧିକ ସୁପାରିସ**

- ୨୪ ଘଣ୍ଟାରେ ମତାମତ ଦେବାକୁ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ଚିଠି
- ଦକ୍ଷତା ଅନୁସାରେ ପୋଷ୍ଟିଂ ଦିଆଯାଉଛି: ଡିଜିପି

ଭୁବନେଶ୍ୱର,୮।୨(ତ୍ରିନାଥ ମହାନ୍ତି)

କମିଶନରେଟ୍ ପୋଲିସରେ କାମ କରିବାକୁ ଅଧିକାଂଶ ପୋଲିସ ବାବୁଙ୍କ ଇଚ୍ଛା। ସବୁକିଛି ସୁବିଧା ମିଳୁଥିବାରୁ ସେମାନେ ଜିଲାକୁ ଯିବାକୁ ଚାହୁଁନାହାନ୍ତି। ନିଜ ମନମୁତାବକପୋଷ୍ଟିଂ ପାଇଁ ଡିଜିପିଙ୍କ ନିକଟରେ ବଦଳି ଆବେଦନ କରିବା ସହ ନେତା, ଉଚ୍ଚ ଅଧିକାରୀ ଓ ପ୍ରଭାବଶାଳୀଙ୍କୁ ଧରି ଲବି କରୁଛନ୍ତି। ଏପରିକି ଯେଉଁମାନଙ୍କର କମିଶନରେଟ ପୋଲିସରୁ ଅନ୍ୟ ଜିଲାକୁ ବଦଳି ହେଉଛି, ସେମାନେ ଲାଗିପଡ଼ି ଏହାକୁ ବାତିଲ କରି ଦେଉଛନ୍ତି। ନିକଟରେ ପୋଲିସ ଇନ୍ସପେକ୍ଟର ବଦଳିରୁ ଏହା ସ୍ପଷ୍ଟ ଅନୁମେୟ ହୋଇଛି। ଏସ୍‌ଆଇରୁ ଇନ୍ସପେକ୍ଟର ର୍‍ୟାଙ୍କକୁ ପଦୋନ୍ନତି ପରେ ୪୨୭ ପୋଲିସ ଅଧିକାରୀଙ୍କୁ ବିଭିନ୍ନ ଜିଲାରେ ପୋଷ୍ଟିଂ ଦିଆଗଲା। ହେଲେ ଶେଷରେ ପୁଣି ସେଥିରୁ ୫୦ଜଣଙ୍କ ବଦଳି ବାତିଲ କରାଯାଇ ଭୁବନେଶ୍ୱର ଓ ସ୍ପେଶାଲବ୍ରାଞ୍ଚରେ ରଖାଗଲା। ଏହା ପଛରେ ଲବି ହୋଇଥିବା ଚର୍ଚ୍ଚା ହେଉଛି। ସେହିଭଳି ବିନା ୟୁନିଫର୍ମରେ ସରକାରଙ୍କ ପାଇଁ ଗୋଇନ୍ଦାଗିରି ଲାଗି ମଧ୍ୟ ବହୁ ପୋଲିସ ଅଧିକାରୀଙ୍କ ଇଚ୍ଛା ବଢ଼ିଛି। ତେବେ ବଦଳି ପାଇଁ ସୁପାରିସ ତାଲିକା ଦେଖି ପୋଲିସ ମୁଖ୍ୟାଳୟ ଆଶ୍ଚର୍ଯ୍ୟ ହୋଇଯାଇଛି। ଏଥିସହ ସମସ୍ତ ବିଭାଗୀୟ ମୁଖ୍ୟଙ୍କୁ ପୋଲିସ ମୁଖ୍ୟାଳୟ ପକ୍ଷରୁ ଗତ ୪ ତାରିଖରେ ଚିଠି କରାଯାଇଛି। ବଦଳି ପାଇଁ ସୁପାରିସ ଉପରେ ମତ ରଖିବାକୁ ୨୪ ଘଣ୍ଟା ସମୟ ଦିଆଯାଇଛି। କ୍ରାଇମବ୍ରାଞ୍ଚ ମହାନିର୍ଦ୍ଦେଶକ, ଗୋଇନ୍ଦା ନିର୍ଦ୍ଦେଶକ, ଭିଜିଲାନ୍ସ ନିର୍ଦ୍ଦେଶକ, ପୋଲିସ କମିଶନର, ମାନବ ଅଧିକାର ସେଲ୍‌ର ଅତିରିକ୍ତ ମହାନିର୍ଦ୍ଦେଶକ, ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀ ମୁଖ୍ୟ, ଇଓଡବ୍ଲ୍ୟୁ ମୁଖ୍ୟ, ବ୍ରହ୍ମପୁର-ବାଲେଶ୍ୱର ଡିଆଇଜି, ସବୁ ଜିଲାର ଏସପି, ଭୁବନେଶ୍ୱର ସ୍ପେଶାଲ ବ୍ରାଞ୍ଚ ଏସପି, ସପ୍ତମ ବାଟାଲିୟନ ମୁଖ୍ୟଙ୍କ ସହ ଅନୁଗୋଳର ପିଟିସି ମୁଖ୍ୟଙ୍କୁ ଚିଠି ଲେଖିଛି ପୋଲିସ ମୁଖ୍ୟାଳୟ। ଚିଠି ସହ ବଦଳି ପାଇଁ ଆବେଦନ କିମ୍ବା ସୁପାରିସ କରିଥିବା ଅଧିକାରୀଙ୍କ ତାଲିକା ସଂଲଗ୍ନ ରହିଛି। ସେଥିରେ ୭୦ଜଣ ଏଏସ୍‌ଆଇ, ୯୦ ଜଣ ଏସ୍‌ଆଇ ଓ ୬୬ଜଣ ଇନ୍ସପେକ୍ଟରଙ୍କ ନାମ ରହିଛି। ୭୦ଜଣିଆ ତାଲିକାରୁ ପ୍ରାୟ ୪୦ ଜଣ ପୋଲିସ ବାବୁ ସ୍ପେଶାଲ ବ୍ରାଞ୍ଚରେ କାମ କରିବାକୁ ଆବେଦନ କରିଛନ୍ତି। କିଏ କେଉଁଠି ଅଛନ୍ତି, କେଉଁଠିକି ଯିବାକୁ ଚାହୁଁଛନ୍ତି, ତାହାର ତାଲିକା ଦେବାକୁ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦେଇଛି ପୋଲିସ ମୁଖ୍ୟାଳୟ। ଏବେ ପ୍ରଶ୍ନ ଉଠୁଛି, କିଏ କରୁଛି ପୋଲିସ ବଦଳି ପାଇଁ ସୁପାରିସ। ନିଜ ପସନ୍ଦର ଚୌକି ପାଇଲେ ସାଧାରଣ ଲୋକେ ନ୍ୟାୟ ପାଇବେ ତ? ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବାରେ କେତେ ସହାୟକ ହେବେ ସୁପାରିସରେ ବଦଳି ହୋଇଥିବା ପୋଲିସ ବାବୁମାନେ?

ଏନେଇ ମାନବାଧିକାର କର୍ମୀ ହିମାଂଶୁ ନାୟକ କହିଛନ୍ତି ଯେ, ନେତାଙ୍କ ଚାପରେ ପୋଲିସ ଅଧିକାରୀଙ୍କୁ ମନମୁତାବକ ପୋଷ୍ଟିଂ କରାଗଲେ ଅପରାଧ ବଢ଼ିଯିବ। କାରଣ ସେମାନେ ଲୋକଙ୍କ ବଦଳରେ ନେତାଙ୍କ ପାଇଁ କାମ କରିବେ। ଲୋକ ନ୍ୟାୟ ପାଇବା ବଦଳରେ ଅଧିକ ପ୍ରତାରିତ ହେବେ। ତେଣୁ ଦକ୍ଷ ଅଧିକାରୀଙ୍କୁ ପୋଷ୍ଟିଂ ଦେବା ଆବଶ୍ୟକ। ପୋଲିସ ଡିଜି ୱାଇ.ବି ଖୁରାନିଆ କହିଛନ୍ତି, ଆମେ ଦକ୍ଷ ପୋଲିସ ଅଧିକାରୀଙ୍କୁ ଦେଖି ବିଭିନ୍ନ ଜିଲାରେ ପୋଷ୍ଟିଂ ଦେଉଛୁ। ସେଥିରେ କିଛି ପାତର ଅନ୍ତର ନାହିଁ। ଆମେ ଅପରାଧ ନିୟନ୍ତ୍ରଣ ଉପରେ ଫୋକସ ଦେଉଛୁ ବୋଲି ଡିଜିପି କହିଛନ୍ତି।

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର

**OFFICE OF THE SUPERINTENDING ENGINEER, M.I. DIVISION, ANANDAPUR**
At/P.O : Salapada, Dist.-Keonjhar, Pin Code-758020

**e-Procurement Notice**
Bid Identification No.-18/MIDA/2025-26
E-mail ID : mianandapur@yahoo.co.in, eemidanandapur@gmail.com
**No.328 Date 05.02.2026**

**No.32001/36/2526** : The Superintending Engineer, Minor Irrigation Division Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the work | : | Construction of 01(One) no. Check Dam (In-sream storage structures) under MATY scheme and 01 no. of Repair in ERM scheme |
| No. of Works | : | 02 (Two) Nos only |
| Estimated Cost | : | Varies from 23.83 lakhs to 36.60 lakh (Approximately) |
| Cost of Tender Paper | : | 6000/- (Non-refundable |
| Period of Completion | : | 4 (Four) Calendar months |
| Availablity of bid documents for sale and receipt through on-line | : | From dt.12.02.2026, 10.00 A.M. to dt.20.02.2026, up to 5.00 P.M. |
| Last date/Time of receipt of bids in the portal | : | 20.02.2026 (5.00PM) |
| Date of Technical bid opening through online | : | On dt.21.02.2026 at 10.00 A.M. in the Office of the S.E., M.I. Division, Anandapur |
| Mode of payment of Bid Cost | : | Online |
| Digital Signature Certificate of Bidder | : | The Bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website http:/dowrorissa.gov.in | | |
| Name & Address of the OIT | : | Superintending Engineer, Minor Irrigation Division, Anandapur, At/P.O/District - Keonjhar Email ID : mianandapur@yahoo.co.in |

Further details can be seen from the e-Procurement market place http://tendersorissa.gov.in

Sd./- Superintending Engineer, M.I. Division, Anandapur
OIPR-32001/32108/1/25-26/0001

# ୧୨ରେ ଧର୍ମଘଟକୁ କଂଗ୍ରେସର ପୂର୍ଣ୍ଣ ସମର୍ଥନ: ଭକ୍ତ

ଭୁବନେଶ୍ୱର,୮।୨(ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ୪ ଶ୍ରମ କୋଡ୍ ବାତିଲ ସହିତ ବିଭିନ୍ନ ଜନବିରୋଧୀ ନୀତିକୁ ନେଇ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ପକ୍ଷରୁ ଆସନ୍ତା ୧୨ ତାରିଖରେ ଧର୍ମଘଟ ଓ ଭାରତ ବନ୍ଦ ଡାକରା ଦିଆଯାଇଛି। ଅଖିଳ ଭାରତୀୟ ଟ୍ରେଡ୍ ୟୁନିୟନ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ଏହି ଧର୍ମଘଟକୁ ରାଜ୍ୟ କଂଗ୍ରେସ ସମ୍ପୂର୍ଣ୍ଣ ସମର୍ଥନ କରିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଭକ୍ତ କହିଛନ୍ତି, ଉପା ଅମଳରୁ ଚାଲିଆସିଥିବା କଲ୍ୟାଣକାରୀ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଆଇନକୁ କେନ୍ଦ୍ର ସରକାର ଉଚ୍ଛେଦ କରି ଭି ବି ଜି-ରାମ-ଜି ପରି ଶ୍ରମିକବିରୋଧୀ ଯୋଜନା ଲାଗୁ କରିଛନ୍ତି। କଂଗ୍ରେସ ପକ୍ଷରୁ ଏହାକୁ ନେଇ ଦେଶବ୍ୟାପୀ ଧର୍ମଘଟ, ବିକ୍ଷୋଭ, ଅନଶନ କରିଆସିଛି। ବିହନ, ସାର ଓ ଧାନ ସଂଗ୍ରହରେ ଅବ୍ୟବସ୍ଥା କରି ରାଜ୍ୟ ସରକାର ଚାଷୀକୁଳକୁ ଚରମ ଦୁର୍ଦ୍ଦିନକୁ ଠେଲି ଦେଇଛନ୍ତି। ଶ୍ରମିକ, ସାଧାରଣ ଉପଭୋକ୍ତା ଓ ଚାଷୀଙ୍କର ସମୂହ ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟରେ କଂଗ୍ରେସର ତୃଣମୂଳ ସ୍ତର ଯାଏ ନେତା ଓ କର୍ମୀ ଏହି ଧର୍ମଘଟକୁ ସମର୍ଥନ କରିବା ପାଇଁ ପିସିସି ପକ୍ଷରୁ ଡିସିସିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଭକ୍ତ କହିଛନ୍ତି।

ସୂଚନାଯୋଗ୍ୟ, ଆଇଏନ୍‌ଟିୟୁସି ସର୍ବଭାରତୀୟ ଉପସଭାପତି, ଓଡ଼ିଶା ରାଜ୍ୟ ଶାଖା ସଭାପତି ତଥା ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶନିବାର କଂଗ୍ରେସ ଭବନରେ ପିସିସି ସଭାପତିଙ୍କୁ ସାକ୍ଷାତ କରି ଧର୍ମଘଟ ବିଷୟରେ ଅବଗତ କରାଇବା ସହ ଦଳର ସମର୍ଥନ ଲୋଡ଼ିଥିଲେ।

# ପୂଜାମଣ୍ଡପକୁ ମିଳିନାହିଁ ଟଙ୍କା

**ସଂସ୍କୃତି ମନ୍ତ୍ରୀଙ୍କୁ କେନ୍ଦ୍ରାପଡ଼ା ବିଧାୟକଙ୍କ ଚିଠି**

କେନ୍ଦ୍ରାପଡ଼ା,୮।୨(ଜଗନ୍ନାଥ ଧଳ)

ଗତ ଅକ୍ଟୋବରରେ କେନ୍ଦ୍ରାପଡ଼ାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପୂଜା ମଣ୍ଡପ ବୁଲିବା ସହ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତି ମଣ୍ଡପକୁ ୫୦ ହଜାର ଟଙ୍କା ପୂଜା ଖର୍ଚ୍ଚ ଦିଆଯିବ ବୋଲି ଘୋଷଣା କରିଥିଲେ। ତାହା ଅଦ୍ୟାବଧି ମିଳିନାହିଁ। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ରାଜ୍ୟ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଶନିବାର ଚିଠି ଲେଖି ମନେ ପକାଇଛନ୍ତି। ଯାହା ଏବେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଛି।

No.32001/34/2526

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**KHURDA IRRIGATION DIVISION, KHURDA**
Dist. : Khurda, Odisha-752056, Tel/Fax : 06755-796308, Mail id : eekhurdairrigationdivision@gmail.com

**'e'-Procurement Notice No.KHD-06 OF 2025-26, Dtd.04.02.2026**

1. Nam of the work : 17 (Seventeen) nos. of Civil Work, 2. Tender Cost : Varies from Rs.12.33 Lakhs to Rs.49.99 Lakhs, 3. Bid Document Cost : Rs.6000/-, 4. Bid Security : Varies from Rs.12,400/- to Rs.50,000/-, 5. Class of Contractor : B, C & D, 6. Period of Completion : 2 (two) & 4 (four) calendar months, 7. Other details are as follows.

| Procurement Officer | Bid Identification No. | Availability of Tender On-line for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, Khurda Irrigation Division, Khurda | KHD 06-01 of 2025-26 to KHD 06-17 of 2025-26 | 10.02.2026 at 11.00 A.M. | 19.02.2026 up to 5.00 P.M. | 20.02.2026 at 11.00 A.M. |

8. e-mail Id : eekhurdairrigationdivision@gmail.com
9. Date of lottery - **24.02.2026 at 11.00 A.M.**

Further detail conditions can be seen from the Govt. website www.tendersodisha.gov.in

Sd/- Superintending Engineer Khurda Irrigation Division, Khurda
OIPR-32001/32078/1/25-26/0020

**ପରିବହନ ବେଳେ ସାମଗ୍ରୀ ଚୋରି, ଚାଳକ ଗିରଫ**

ବାରଙ୍ଗ,(ଲିଙ୍ଗରାଜରାଉତ): ପରିବହନ କମ୍ପାନୀର ସାମଗ୍ରୀ ନେଇ ମଙ୍ଗୁଳି ଯାଉଥିବାବେଳେ ଗାଡ଼ିରୁ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଗାଡ଼ି ଚାଳକଙ୍କୁ ଗିରଫ କରି ରବିବାର କୋର୍ଟଚାଲଣ କରିଛି। ସେ ହେଲେ ନୟାଗଡ ନୂଆଗାଁ ଥାନା ଅଧିନସ୍ଥ ଡିମ୍ପିରିଝରି ଗ୍ରାମର ବଳରାମ ନାୟକ (୨୦)। ଏନେଇ ଚନ୍ଦକା ପୋଲିସ ମାମଲା (ନଂ.୮୨/୨୬) ରୁଜୁ କରିଛି। ଲୋଡ ହୋଇଥିବା ସାମଗ୍ରୀ ସଂଖ୍ୟା ଅନୁଯାୟୀ ୯ଟି ଏଲଇଡି ଟିଭି ଗାଏବ ହୋଇଥିବା ଯାଞ୍ଚ ବେଳେ ପୋଲିସ ଜାଣିବାକୁ ପାଇଥିଲା।



## ସଂକ୍ଷେପରେ

### ଡେଲିଭରି ବଏଙ୍କ ପାର୍ସଲ ଚୋରି: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୮।୨(ତ୍ରିନାଥ ମହାନ୍ତି)

ଡେଲିଭରି ବଏଙ୍କଠାରୁ ପାର୍ସଲ ଚୋରି କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଚିନ୍ତାମଣୀଶ୍ୱରରେ ରହୁଥିବା ସୌମ୍ୟରଞ୍ଜନ ପ୍ରଧାନ। ଏନେଇ ଥାନାରେ ଡେଲିଭରି ବଏ ଶିବ ପ୍ରଧାନଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରି ପଦକ୍ଷେପ ନେଇଛି।

ସୂଚନାଯୋଗ୍ୟ ଯେ, ଶିବ ଏକ ଘରୋଇ ଅନ୍‌ଲାଇନ ପ୍ଲାଟ ଫର୍ମରେ ପାର୍ସଲ ଡେଲିଭରି ବଏ ଭାବେ କାର୍ଯ୍ୟ କରନ୍ତି। ଗତ ଅକ୍ଟୋବର ୧ ଦିନ ପ୍ରାୟ ୩ଟାରେ ସେ ବୁଦ୍ଧେଶ୍ୱରୀ ରେଲ୍‌ୱେ ଆପାର୍ଟମେଣ୍ଟରେ ପାର୍ସଲ ଡେଲିଭରି କରୁଥିବା ସମୟରେ ପାର୍କିଂସ୍ଥଳରେ ଥିବା ଗାଡ଼ିରୁ ତାଙ୍କ ପାର୍ସଲ ବ୍ୟାଗ ଅଭିଯୁକ୍ତ ଚୋରି କରିନେଇଥିଲେ। ସେଥିରେ ଗୋଟିଏ ଆଇଫୋନ୍ ୧୫, ଡ୍ରେସ ସାମଗ୍ରୀ, ବ୍ୟକ୍ତିଗତ ଚାର୍ଜର ଏବଂ ଅନ୍ୟାନ୍ୟ ପ୍ୟାକେଟ୍‌ଗୁଡ଼ିକ ରହିଥିଲା। ପୋଲିସ ସିସିଟିଭି କ୍ୟାମେରା ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ରବିବାର ପୂର୍ବାହ୍ନରେ ଅଭିଯୁକ୍ତ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ସନ୍ତୋଷୀ ବିହାରସ୍ଥିତ ସନ୍ତୋଷୀ ମା' ମନ୍ଦିର ନିକଟରୁ ପୋଲିସ ଗିରଫ କରିଥିଲା। ଯାଞ୍ଚବେଳେ ତାଙ୍କ ନିକଟରୁ ଅଭିଯୋଗକାରୀଙ୍କ ଏକ ନୀଳ ରଙ୍ଗର ଆଇଫୋନ ଜବତ କରାଯାଇଥିଲା।

### ଏପ୍ରିଲରେ ହରେକୃଷ୍ଣ ହାଇସ୍କୁଲ ହୀରକ ଜୟନ୍ତୀ

ଭୁବନେଶ୍ୱର,୮।୨(ସୁଚିସ୍ମିତା ସାହୁ)

କେନ୍ଦ୍ରାପଡା ଜିଲାର ହରେକୃଷ୍ଣ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ ରବିବାର ଭୁବନେଶ୍ୱରସ୍ଥିତ ଗିରିଦୁର୍ଗା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ୧୯୬୫ରୁ ୨୦୨୫ ମସିହା ବ୍ୟାଚର ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଆୟୋଜିତ ବୈଠକରେ ଦର୍ପନାରାୟଣ ମାହୁନ୍ତଙ୍କ ଅଧକ୍ଷତାରେ ଅଧ୍ୟାପକ ଦୁର୍ଯ୍ୟୋଧନ ପରିଡ଼ା, ଗୌରହରି କୁଣ୍ଡ, ରବୀନ୍ଦ୍ର ପରିଡ଼ା, ସହଦେବ ମଲ୍ଲିକ, ମୁରଲୀଧର ସାମଲ, ନୃସିଂହ ତରାଇ, ଗଙ୍ଗାଧର ଦାସ ପ୍ରମୁଖ ହୀରକ ଜୟନ୍ତୀ ସମାରୋହ ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିବା ସହିତ ବିଦ୍ୟାଳୟର ଉନ୍ନତି, ପାଠାଗାର ଓ ଖେଳ ପଡିଆର ସୁବିଧା ସଂକ୍ରାନ୍ତରେ ମତାମତ ଦେଇଥିଲେ। ଏପ୍ରିଲ ପ୍ରଥମ ସପ୍ତାହରେ ତିନିଦିନିଆ ଜୟନ୍ତୀ ସମାରୋହ ହରେକୃଷ୍ଣ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ରମାନେ ହାଇସ୍କୁଲ ଜୀବନର ସ୍ମୃତିଚାରଣ କରିଥିଲେ। ତ୍ରିଲୋଚନ ସାହୁ, କମଳାକାନ୍ତ ବେହେରା, ନିତ୍ୟାନନ୍ଦ କର, କରୁଣାକର ସ୍ୱାଇଁ, ସୁମନ୍ତ ମାଝୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅଭୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରରେ ବାଲ୍ୟ ବିବାହମୁକ୍ତ ଗ୍ରାମ ଘୋଷଣା ହେବ

ଭୁବନେଶ୍ୱର,୮।୨(ସୁଚିସ୍ମିତା ସାହୁ)

ଓଡ଼ିଶାକୁ ୨୦୩୦ ସୁଦ୍ଧା ବାଲ୍ୟ ବିବାହମୁକ୍ତ ଘୋଷଣା କରାଯିବ। ଏଥିଲାଗି ସ୍ୱେଚ୍ଛାସେବୀ ସଂଗଠନ, ସ୍କୁଲ, କଲେଜ ଓ ସାଧାରଣ ଜନତାଙ୍କ ସହଯୋଗରେ ସରକାର ବାଲ୍ୟବିବାହ ମୁକ୍ତ ଓଡିଶା ପାଇଁ କାର୍ଯ୍ୟ କରୁଛନ୍ତି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ହଷ୍ଟେଲ ୱାର୍ଡେନଙ୍କୁ ବାଲ୍ୟବିବାହ ନିରୋଧ ଅଧିକାରୀ ଭାବେ ଘୋଷଣା କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଭଳି ଲୋକାଭିମୁଖୀ ଯୋଜନା ଘୋଷଣା କରି ବାଲ୍ୟ ବିବାହ ରୋକିବାକୁ ପ୍ରୟାସ ଚାଲିଛି। ଜିଲାସ୍ତରରେ ବାଲ୍ୟବିବାହ ମୁକ୍ତ ଗ୍ରାମ ଘୋଷଣା ପାଇଁ ଚେଷ୍ଟା ଜାରି ରଖାଯାଇଛି ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ରୁଚିକା ସମାଜ ମଙ୍ଗଳ ସଙ୍ଗଠନ, ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ ଆଲାଏନ୍ସ ଓ ଖୋରଧା ଜିଲା ପ୍ରଶାସନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ 'ବାଲ୍ୟ ବିବାହମୁକ୍ତ ଭାରତ ରଥ ଓ ଶୋଭାଯତ୍ରାକୁ ଉଦ୍‌ଘାଟନ କରି ବାଚସ୍ପତି ଏହି ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ସଚେତନତା ରଥ ସହ ଯୁବତୀଙ୍କ ଶୋଭାଯାତ୍ରା ପରିକ୍ରମା ଆରମ୍ଭ କରିଥିଲା। ଏହା ଖୋରଧା ଜିଲା ବିଶେଷକରି ଭୁବନେଶ୍ୱରର ବିଭିନ୍ନ ଗାଁ, ସହରାଞ୍ଚଳ, ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପହଞ୍ଚି ସଚେତନ କରାଇବ। ଏଥିସହ ବାଲ୍ୟ ବିବାହ ମୁକ୍ତ ଭାରତ ପୋଷ୍ଟର ଉନ୍ମୋଚନ କରାଯାଇଥିଲା।

### ବାଲ୍ୟ ବିବାହମୁକ୍ତ ଭାରତ ରଥ, ଶୋଭାଯାତ୍ରା ଉଦ୍‌ଘାଟନ






ସମ୍ମାନିତ ଅତିଥିଭାବେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ବବିତା ପାତ୍ର ଯୋଗଦେଇ କହିଲେ, ଭାରତରେ ୨୩ଭାଗ ପିଲା ବିବାହ ବୟସ ପୂର୍ବରୁ ବାହା ହୋଇଛନ୍ତି। ଓଡ଼ିଶାରେ ଏହାର ହାର ଶତକଡ଼ା ୨୦ଭାଗ ରହିଛି। କିନ୍ତୁ ଓଡ଼ିଶାର ପ୍ରାୟ ୧୧ଟି ଜିଲା ଜାତୀୟ ହାରର ଉର୍ଦ୍ଧ୍ୱରେ ଅଛନ୍ତି। ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନ ଆଲାଏନ୍ସର ସିନିୟର ଆଡ୍‌ଭାଇଜର ଡ. ଜ୍ୟୋତି ମାଥୁର କହିଲେ, ବର୍ତ୍ତମାନ ତାଙ୍କ ଅନୁଷ୍ଠାନ ଓଡ଼ିଶାର ୧୩ଟି ସଂଗଠନ ସହିତ ମିଶି ୨୮ଟି ଜିଲାରେ ବାଲ୍ୟ ବିବାହ ମୁକ୍ତ ଭାରତ ପାଇଁ କାର୍ଯ୍ୟ କରୁଛି। ରୁଚିକା ସମାଜ ମଙ୍ଗଳ ସଂଗଠନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ବେଣୁଧର ସେନାପତି କହିଲେ, ରୁଚିକା ପକ୍ଷରୁ ଖୋରଧା, ପୁରୀ, ଯାଜପୁର ଓ ଜଗତସିଂହପୁର ଜିଲାରେ ଜିଲା ପ୍ରଶାସନ ସହାୟତାରେ ଗତ ୩ବର୍ଷରେ ୧୨ଲକ୍ଷ ଲୋକଙ୍କୁ ବାଲ୍ୟ ବିବାହମୁକ୍ତ ଭାରତ ପାଇଁ ଶପଥ ପାଠ କରାଯାଇଛି। ୪୫୦ଗ୍ରାମ ଓ ୩୦୦ରୁ ଉର୍ଦ୍ଧ୍ୱ ଧର୍ମାନୁଷ୍ଠାନଙ୍କୁ ବାଲ୍ୟ ବିବାହ ମୁକ୍ତ କରିବା ସହ ୫୫୦୦ ବାଲ୍ୟ ବିବାହ ରୋକିବାରେ ସକ୍ଷମ ହୋଇଛି।

କାର୍ଯ୍ୟକ୍ରମରେ ସଂଗଠନ ସମ୍ପାଦକ ଉମା ଶଙ୍କର ଷଡଙ୍ଗୀ ସ୍ୱାଗତ ଭାଷଣ ଓ ସହ ସମ୍ପାଦକ ଘାସିରାମ ପଣ୍ଡା ଧନ୍ୟବାଦ ଦେଇଥିଲେ। ଜଷ୍ଟ ରାଇଟ୍‌ସର ବାଲ୍ୟ ବିବାହ ମୁକ୍ତ ଭାରତ ଆବାହକ ବିଧାନ ଚନ୍ଦ୍ର ସିଂହ, ଶିଶୁ ଅଧିକାର କମିଶନର ସଦସ୍ୟା ମନସ୍ୱିତା ଖୁଣ୍ଟିଆ, କସ୍ତୁରୀ ମିଶ୍ର, ସୁଜାତା ନାୟକ, ଚନ୍ଦନା ଦାସ, ଖୋରଧା ଜିଲା ସାମାଜିକ କଲ୍ୟାଣ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ସୌଦାମିନୀ ଦାସ ଓ ନଳିନୀ ପ୍ରଭା ଗିରି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ, ଶିଶୁ କଲ୍ୟାଣ ସମିତି ଅଧକ୍ଷା ବାଗ୍ମୀଶ୍ରୀ ଦାଶ, ସଦସ୍ୟା ରତନା ମଞ୍ଜରୀ ବେହୁରା ଉପସ୍ଥିତ ଥିଲେ। ରୁଚିକା ସଂଗଠନର ନିର୍ଦ୍ଦେଶକ ରାମେଶ୍ୱରୀ ପ୍ରସାଦ ଦିବେଦୀ, ହେମନ୍ତ କୁମାର ସାହୁ, ସଂଯୋଜିକା ଶିବାନୀ ନାୟକ ପରିଚାଳନା କରିଥିଲେ।

### ବେଉରା ଟାଇଗର ଚାମ୍ପିଅନ

ବାରଙ୍ଗ, ୮।୨(ଲିଙ୍ଗରାଜ ରାଉତ)

ମଧୁପୁର ଗ୍ରାମ ପଞ୍ଚାୟତର ଚଣ୍ଡିପ୍ରସାଦ ଖେଳପଡିଆରେ ଆୟୋଜିତ ଚଣ୍ଡି ପ୍ରସାଦ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି।

**ଚଣ୍ଡିପ୍ରସାଦ ପ୍ରିମିୟର ଲିଗ**

ଚଣ୍ଡିପ୍ରସାଦ ଗ୍ରାମ୍ୟକମିଟି ଓ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ଦଳ ଅଂଶଗ୍ରହଣ କରିଥିଲା। ଫାଇନାଲ ମ୍ୟାଚ ବେଉରା ଟାଇଗର ଏବଂ ବିଶାଲ ୱାରିଅର୍ ମଧ୍ୟରେ ହୋଇଥିଲା । ବିଶାଲ ୱାରିଅର ଟସ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ୱିକେଟ ବଦଳରେ ୯୫ ରନ କରିଥିଲା। ଏହାର ଜବାବରେ ବେଉରା ଟାଇଗର ୧୧ ଓଭର ୨ଟି ବଲରେ ୯୬ ରନ କରି ବିଜୟୀ ହୋଇଥିଲା। ଶୁଭେନ୍ଦୁ ବାରିକ ମ୍ୟାନ ଅଫ୍ ଦି ମ୍ୟାଚ ଓ ବିଶ୍ୱଜିତ ପ୍ରଧାନ ମ୍ୟାନ ଅଫ୍ ଦି ସିରିଜ ହୋଇଥିଲେ। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଅତିଥିଭାବେ ଯୋଗଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ଲିଜେଣ୍ଡ ରୟାଲ ଚାମ୍ପିୟନ




ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ ଅବସରରେ ଚାମ୍ପିୟନ ହୋଇଥିବା ଲିଜେଣ୍ଡ ରୟାଲ ଟିମ୍।

ବାଲିଅନ୍ତା,୮।୨(ନୀଳମାଧବ ସାହୁ)

ୟୁନାଇଟେଡ଼ ୟୁଥ ଆସୋସିଏଶନ ଆନୁକୂଲ୍ୟରେ ବେଣୁପୁର ମିନି ଷ୍ଟାଡିୟମରେ ଚାଲିଥିବା ୯ମ ବାର୍ଷିକ ବାଲିଅନ୍ତା – ବେଣୁପୁର ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଲିଜେଣ୍ଡ ରୟାଲ ୩୨ ରନ୍‌ରେ ଏମସିସି ଦଳକୁ ହରାଇ ଚଳିତ ବର୍ଷର ଚାମ୍ପିୟନ ହୋଇଛି। ଟସ ଜିତି ବ୍ୟାଟିଂ କରିଥିବା ରୟାଲ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୭୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସଂଗ୍ରାମ ଦାସ ୩୪ଟି ବଲ୍‌ରେ ୮୧ ରନ୍ କରିଥିଲେ। ଜବାବରେ ଏମସିସି ଦଳ ୧୫ ଓଭରରେ ୭ ଉଇକେଟ ହରାଇ ୧୪୪ ରନ କରିଥିଲା।

ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବେଣୁପୁର ପଞ୍ଚାୟତ ସରପଞ୍ଚ ହୃଷୀକେଶ ପାତ୍ର, ବିଶେଷ ଅତିଥି ଭାବେ ବାଲିଅନ୍ତା ଥାନା ଅଧିକାରୀ ଅନୀଲ କୁମାର ପରିଡ଼ା ଓ ସମ୍ମାନୀତ ଅତିଥି ଭାବେ ଆଇନଜୀବୀ ଅଶୋକ କୁମାର ମହାନ୍ତି, ଭାଜପାର ଯୁବମୋର୍ଚ୍ଚା ନେତା ସୟଂସେବକ ରାୟ, ଆୟୁଷ୍ମାନ ସାହୁ, ସତ୍ୟଜିତ ସେନାପତି, ହୃଷୀକେଶ ନାୟକ, ରବିନ୍ଦ୍ର କୁମାର ରାଉତରାୟ ଓ ରାଜା ସାହୁ ପ୍ରମୁଖ ଯୋଗଦେଇ ଚାମ୍ପିଅନ ଟିମ୍‌କୁ ଚାମ୍ପିଅନ ଟ୍ରଫି ସହ ୫୦ ହଜାର ଟଙ୍କାର ଚେକ ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ଚେକ ପ୍ରଦାନ କରିଥିଲେ। ଚାମ୍ପିୟନ ଦଳର ସଂଗ୍ରାମ ଦାସଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ, ରନର୍ସ ଅପ ଦଳର ପ୍ରଭା ବେହେରାଙ୍କୁ ମ୍ୟାନ ଅଫ ଦି ସିରିଜ ସିରିଜ ଓ ଶ୍ରେଷ୍ଠ ବୋଲର ଭାବେ ରଞ୍ଜନ କୁମାର ନାୟକଙ୍କୁ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ଦିଲ୍ଲୀପ କୁମାର ମଙ୍ଗରାଜ, ଆନନ୍ଦ ବେହେରା, ଆଶିଷ ବେହେରା, ବାବୁନୀ ପାତ୍ର ଓ ଯୁଗଳ କିଶୋର ନାୟକ ସମେତ ଆସୋସିଶନ ଅନ୍ୟ ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

### ଦୋକାନରେ ପଶି ସୁନା ମୁଦି, ଟଙ୍କା ଲୁଟିନେଲେ

ଭୁବନେଶ୍ୱର,୮।୨(ତ୍ରିନାଥ ମହାନ୍ତି)

ଦୋକାନରେ ପଶି ସୁନା ମୁଦୀ ଏବଂ ନଗଦ ୧୪ ହଜା ଟଙ୍କା ଚୋରି କରିବା ନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ସୁବାଷ ଚନ୍ଦ୍ର ରାଉତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ଅଭିଯୋଗ ଅନୁସାରେ, ଏବରଙ୍ଗ ଅଞ୍ଚଳରେ ସୁବାଷଙ୍କ ଏକ ଇଲୋଟ୍ରୋନିକ୍ସ ଦୋକାନା ରହିଛି। ଗତ ଦୁଇ ଦିନ ତଳେ ତାଙ୍କ ଦୋକାନକୁ ୩ଜଣ ଯୁବକ ଆସି ବସିଥିଲେ। ଏହି ସମୟରେ ସୁବାଷ ଦୋକାନ ସଫାସଫି କରୁଥିଲେ। ତାଙ୍କର ବ୍ୟସ୍ତତାର ସୁଯୋଗ ନେଇ ଦୋକାନ ଡ୍ରରେ ରଖିଥିବା ୩ଟି ମୁଦୀ ଏବଂ ୧୪ ହଜା ଟଙ୍କା ଲୁଟିନେଇନ୍ତି। ଏନେଇ ସୋମାନଙ୍କୁ ପଚରାଉଚରା କରିଥିଲେ ମଧ ସେମାନେ ସ୍ୱୀକାର କରିନଥିଲେ। ଶେଷରେ ସୁବାଷ ଥାନାରେ ଅଭିଯୋଗ କରିଥିଲେ।

### ମୋବାଇଲ୍ ଲୁଟିଲେ, ଫେରାଇବାକୁ ଡାକି ମାଡ଼ମାରି ଟଙ୍କା ନେଇଗଲେ

ଭୁବନେଶ୍ୱର,୮।୨(ତ୍ରିନାଥ ମହାନ୍ତି)

ଘରକୁ ଆସି ପାଣି ମାଗିଲେ। ପାଣି ପିଇବାକୁ ଦେବା ସମୟରେ ୨ ଦୁର୍ବୃତ୍ତ ତାଙ୍କ ହାତରୁ ମୋବାଇଲ୍ ଝାମ୍ପି ନେଲେ। ପରେ ମୋବାଇଲ୍ ଫେରାଇବାକୁ କହି ହୋଟେଲକୁ ଡାକି ନିଘୁଙ୍କ ମାଡ଼ ମାରିବା ସହ ୧୦ ହଜାର ଟଙ୍କା ଲୁଟିନେଲେ। ଏଭଳି ଘଟଣା ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀବିହାରରେ ଘଟିଛି। ଏନେଇ ଥାନାରେ ପ୍ରଦ୍ୟୁମ୍ନ ପ୍ରଧାନ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ହୋଟେଲରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରୁଛି। ଗତ ୭ ତାରିଖ ସକାଳେ ଏହି ଘଟଣା ଘଟିଥିଲା। ପ୍ରଦ୍ୟୁମ୍ନଙ୍କ ହାତରୁ ଫୋନ୍ ଛଡାଇ ନେବା ପରେ ତାହାକୁ ବନ୍ଦ କରି ନ ଥିଲେ। ପ୍ରଦ୍ୟୁମ୍ନ ଫୋନ୍ କରିବା ପରେ ଅଭିଯୁକ୍ତମାନେ ଫୋନ୍ ଫେରାଇବାକୁ ତାଙ୍କୁ ଏକ ହୋଟେଲକୁ ଡାକିଲେ। ସେ ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ତାଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଲେ। ସେ ଟଙ୍କା ଦେବା ପରେ ଅଭିଯୁକ୍ତମାନେ ମଦ ପିଇବା ସହ ପ୍ରଦ୍ୟୁମ୍ନଙ୍କୁ ମାଡ଼ ମାରି ଟଙ୍କା ମାଗିଥିଲେ। ସେ ଭୟରେ ୧୦ ହଜାର ଟଙ୍କା ଅନ୍‌ଲାଇନ୍‌ରେ ଦେବା ପରେ ତାଙ୍କୁ ନିଶା ପିଆଇଦେଇଥିଲେ। ପରିବାର ଲୋକେ ପ୍ରଦ୍ୟୁମ୍ନଙ୍କୁ ଖୋଜାଖୋଜି କରି ଶେଷରେ ହୋଟେଲରୁ ତାଙ୍କୁ ଉଲଗ୍ନ ଅବସ୍ଥାରେ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିବା ସହ ଥାନାରେ ଅଭିଯୋଗ କରିଥିଲେ।

# ସବୁଜ ବର୍ଜ୍ୟରୁ ମୂଲ୍ୟଯୁକ୍ତ ବାୟୋମାସ୍ ବ୍ରିକେଟ

ଭୁବନେଶ୍ୱର, ୮।୨ (ବନ୍ଦନା ସେଠୀ)

ସହରରେ ଏଣେତେଣେ ପଡୁଥିବା ଗଛର ଶାଖା, ପତ୍ର, ଗଣ୍ଡି ଓ ଅନ୍ୟାନ୍ୟ ଉଦ୍ୟାନ କୃଷି ଅବଶିଷ୍ଟାଂଶ ଭଳି ସବୁଜ ବର୍ଜ୍ୟଗୁଡ଼ିକୁ ବୈଜ୍ଞାନିକ ପ୍ରକ୍ରିୟାକରଣ କରାଯିବା ସହ ମୂଲ୍ୟଯୁକ୍ତ ବାୟୋମାସ ବ୍ରିକେଟରେ ପରିଣତ କରାଯିବ। ଏନେଇ ବିଏମ୍‌ସି ସହିତ ସମ୍ବଲପୁରର ରୁଚି ଉଦ୍ୟୋଗ ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଟେଣ୍ଡର ପ୍ରକ୍ରିୟା ଦ୍ୱାରା ମନୋନୀତ ଏହି ଏଜେନ୍ସି ବିଏମ୍‌ସିର କୌଣସି ଆର୍ଥିକ ବିନିଯୋଗ ବିନା ସମ୍ପୂର୍ଣ୍ଣ ନିଜ ଖର୍ଚ୍ଚରେ ପ୍ଲାଣ୍ଟର ଡିଜାଇନ, ପ୍ରତିଷ୍ଠା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ କରିବ। ଏହା ପ୍ରତିବଦଳରେ ଏଜେନ୍ସି ବିଏମ୍‌ସିକୁ ଏକ ନିର୍ଦ୍ଦିଷ୍ଟ ମାସିକ ରୟାଲଟି ବାବଦକୁ ୭୫୦୦୦ ଟଙ୍କା ଲେଖାଏ ୧୦ ବର୍ଷ ପର୍ଯ୍ୟନ୍ତ ପ୍ରଦାନ କରିବ। ଏହି ପ୍ରକଳ୍ପ ବିଏମ୍‌ସି ଉପରେ କୌଣସି ଅତିରିକ୍ତ ବୋଝ ନ ପକାଇ ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ହେବ। ଏଜେନ୍ସି ନିକଟସ୍ଥ ଶିଳ୍ପ ପାଇଁ ଏକ ଉତ୍ସର୍ଗୀକୃତ ବିକ୍ରୟ ଏବଂ ଯୋଗାଣ ଶୃଙ୍ଖଳା ପ୍ରତିଷ୍ଠା କରିବ। ଶିଳ୍ପ ଶକ୍ତି ଆବଶ୍ୟକତା ପାଇଁ ବାୟୋମାସ ବ୍ରିକେଟ୍‌ର ଏକ ବିକଳ୍ପ ଏବଂ ନବୀକରଣଯୋଗ୍ୟ ଇନ୍ଧନ ଉତ୍ସ ଭାବରେ ପରିଣତ ହେବ। ସେହିପରି ବିଏମ୍‌ସିର ସବୁଜ ବର୍ଜ୍ୟକୁ ବ୍ୟବସାୟିକ ଦୃଷ୍ଟିରୁ ଲାଭଦାୟକ ଶକ୍ତି ଉତ୍ପାଦରେ ପରିଣତ କରି ଚକ୍ରାକାର ଅର୍ଥନୀତିକୁ ମଧ ମଜବୁତ କରିବ ବୋଲି ଆଶା କରାଯାଉଛି।

**ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଚୁକ୍ତିପତ୍ର ସ୍ୱାକ୍ଷର କଲା ବିଏମ୍‌ସି**

# ଆଶ୍ରା ଫାଉଣ୍ଡେଶନର ପ୍ରତିଷ୍ଠା ଉତ୍ସବ

ଭୁବନେଶ୍ୱର, ୮।୨(ସୌମ୍ୟରଞ୍ଜନ ରାଉତ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଶ୍ରା ଫାଉଣ୍ଡେଶନ ପକ୍ଷରୁ ୫ମ ପ୍ରତିଷ୍ଠା ଉତ୍ସବ ୟୁନିଟ୍‌-୯ସ୍ଥିତ ରେଡ୍‌କ୍ରସ୍ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସାମାଜିକ କର୍ମୀ ମୃଣାଳିନୀ ପାଢ଼ୀ, ଖବରଦାତା ରାକ୍ଷୀ ଘୋଷ୍, ପାଉଣ୍ଡେଶନର ଚେୟାରମ୍ୟାନ୍ ସୁକୁମାର ପଟ୍ଟନାୟକ, ଆଇନଜୀବୀ ଡା. ରମେଶ, ବକୁଳ ଫାଉଣ୍ଡେଶନର ପ୍ରତିଷ୍ଠାତା ସୁଜିତ୍ ମହାପାତ୍ର, ଆଉଟ୍‌ରିଚ୍ ମୁଖ୍ୟ ସୁବ୍ରତ ପତି ପ୍ରମୁଖ ଯୋଗଦେଇଥିଲେ। ଫାଉଣ୍ଡେଶନର ୫ ବର୍ଷର ଯାତ୍ରାକୁ ଭିଡିଓ ଜରିଆରେ ପରିବେଷଣ କରାଯାଇଥିଲା। ଫାଉଣ୍ଡେଶନର ପ୍ରତିଷ୍ଠାତା ସନ୍ତୋଷ ପଟ୍ଟନାୟକ ବିଗତ ବର୍ଷର ରିପୋର୍ଟ ପ୍ରଦାନ କରିଥିଲେ। ପରେ ପିଲାଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ ହୋଇଥିଲା। ଏହି ଅବସରରେ ସମାଜସେବା କ୍ଷେତ୍ରରେ ସାମାଜିକ କର୍ମୀ ରୋନକ୍ ସିଂହ, ଡା. ଆଶିଷ ମହାନ୍ତି,




ଜୀବନ ସେବା ଫାଉଣ୍ଡେଶନର ପ୍ରତିଷ୍ଠାତା ହରିଶ୍ଚନ୍ଦ୍ର ପଟ୍ଟନାୟକ, ଡା. ବିଭୁଦତ୍ତ ମିଶ୍ର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ସାମାଜିକ କର୍ମୀ ଶ୍ୱେତପଦ୍ମା ଛୋଟରାୟ ଓ ବିଶାଳ ମହାନ୍ତିଙ୍କୁ ପରିବେଶ ସୁରକ୍ଷା କ୍ଷେତ୍ରରେ ପୁରସ୍କୃତ କରାଯାଇଥିଲା। ଏହାପରେ ପିଲାମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ହୋଇଥିଲା। ସେହିପରି ଫାଉଣ୍ଡେଶନ ଓ ଉଜ୍ଜ୍ୱଳ ଚୌଧୁରୀଙ୍କ ୟୁନିକ୍ ଆର୍ଟ ଆଣ୍ଡ କ୍ରାଫ୍ଟର ମିଳିତ ଉଦ୍ୟମରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲରେ କୃତକାର୍ଯ୍ୟ ୩ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଢେଙ୍କାନାଳ ବସ୍ତିର ପିଲାଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା। ଫାଉଣ୍ଡେଶନର ସହପ୍ରତିଷ୍ଠାତା ଶ୍ରୀନିବାସ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରତିଷ୍ଠାତା ଦୀପେଶ କୁମାର ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେଶନର ୧୨ତମ ଅଧିବେଶନ




ପ୍ରଫେସର ଶାନ୍ତନୁକୁମାର ଆଚାର୍ଯ୍ୟ ଫାଉଣ୍ଡେଶନ ଟ୍ରଷ୍ଟର ୧୨ତମ ଅଧିବେଶନରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅତିଥିମାନେ।

ଭୁବନେଶ୍ୱର,୮।୨ (ସୌମ୍ୟରଞ୍ଜନ ରାଉତ)

ପ୍ରଫେସର ଶାନ୍ତନୁକୁମାର ଆଚାର୍ଯ୍ୟ ଫାଉଣ୍ଡେଶନ ଟ୍ରଷ୍ଟର ୧୨ତମ ଅଧିବେଶନ ରବିବାର ୟୁନିଟ-୯ସ୍ଥିତ ରୋଟାରିଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ବିଶ୍ୱଜ୍ଞାନ-ବିଜ୍ଞାନ ପରମ୍ପରାରେ ପଞ୍ଚସଖା ଓ ସେକ୍ସପିୟର' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବକ୍ତା ଭାବେ ପ୍ରଫେସର କ୍ଷୀରୋଧ ଚନ୍ଦ୍ର ବେହେରା ପଞ୍ଚସଖା ସାହିତ୍ୟ ଉପରେ ଆଲୋଚନା କରିଥିଲେ। ପ୍ରଫେସର ଚିତ୍ତରଞ୍ଜନ ମିଶ୍ର ସେହି କାଳର ଅନ୍ୟତମ ବିଖ୍ୟାତ ପାଶ୍ଚାତ୍ୟ କବି ଉଇଲିୟମ ସେକ୍ସପିୟରଙ୍କ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ବିଶ୍ୱ ସାହିତ୍ୟରେ ଓଡିଆ ସାହିତ୍ୟର ସ୍ଥାନ ନିରୂପଣ ଓ ଓଡିଆ ଅସ୍ମିତା ତଥା ବୌଦ୍ଧିକ ଜାଗରଣ ସମ୍ପର୍କରେ ସଚେତନା ସୃଷ୍ଟି କରିବାକୁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା। ଟ୍ରଷ୍ଟର ପ୍ରତିଷ୍ଠାତା ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ଉପସ୍ଥିତିରେ ଡ. ଇତି ସାମନ୍ତ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ନିବେଦିତା ପତି। ସହସମ୍ପାଦକ ବନଜ ତ୍ରିପାଠୀ ଅତିଥି ପରିଚୟ ଓ ଟ୍ରଷ୍ଟର ସଂପାଦିକା ପ୍ରତିଭା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଇନ୍ଦିରା ପାର୍କରେ ଦିବ୍ୟାଙ୍ଗ ପିଲାଙ୍କ ଖେଳ ପ୍ରତିଯୋଗିତା

ଭୁବନେଶ୍ୱର,୮।୨(ସୁଚିସ୍ମିତା ସାହୁ)

ମାନସିକ ଅନଗ୍ରସର ପିଲାଙ୍କ ଅଭିଭାବକ ସଂଘ ଓ ତୁଷ୍ଟି ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଦିବ୍ୟାଙ୍ଗ ପିଲାଙ୍କ ବାର୍ଷିକ ଖେଳ ପ୍ରତିଯୋଗିତା ଶହୀଦନଗରସ୍ଥିତ ଇନ୍ଦିରା ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧିକ ଦିବ୍ୟାଙ୍ଗ ପିଲାଙ୍କ ଉନ୍ନତି ଓ ଦକ୍ଷତା ବିକାଶ ପାଇଁ ସଂଘ ପକ୍ଷରୁ ବାସ୍କେଟବଲ, ବ୍ୟାଡମିଣ୍ଟନ, ବକେଟ ବଲ, ଶଟ୍ ପୁଟ, ମ୍ୟୁଜିକ ଚେୟାର ଓ ଦୌଡ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ତୁଷ୍ଟି ଫାଉଣ୍ଡେଶନ ଟ୍ରଷ୍ଟର ସଞ୍ଚାଳିକା ତୃପ୍ତି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଖେଳାଳିମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ବିଭିନ୍ନ ଖେଳରେ ସବ୍ୟସାଚୀ ସାମଲ, ରିଦ୍ଧିକ ପଟ୍ଟନାୟକ, ଅମିତ ବିକ୍ରମ, ସତ୍ୟମଶ୍ରୀ ଲାଲ, ଶାୟେସା, ସାଇ ସ୍ୱସ୍ତିକ, ସକ୍ଷମ ମହାନ୍ତି, ଅସିମା ଐଶ୍ୱର୍ଯ୍ୟା ପ୍ରମୁଖ ଦକ୍ଷତା ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ। ଜାତୀୟ ଖେଳ ପ୍ରଶିକ୍ଷକ ବିବେକାନନ୍ଦ ମହାନ୍ତି ବିଚାରକ ଥିଲେ। ୟୁଥ ଲିଡର୍ ଶ୍ରେଷ୍ଠା ପତି ଏବଂ ହର୍ଷିତ ପ୍ରିୟମ ସହଯୋଗ କରିଥିଲେ।

# ବରଯାତ୍ରୀ ବେଶରେ ଆସି ମଣ୍ଡପରୁ କଳାକନା ବୁଲାଇଲେ

ଭୁବନେଶ୍ୱର,୮।୨(ତ୍ରିନାଥ ମହାନ୍ତି)

**୪ ଲକ୍ଷ ଗିଫ୍ଟ ଟଙ୍କା ଚୋରାଇନେଲେ, ପୋଲିସର ଛାନ୍‌ଭିନ୍**

ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଏକ ତାରକା ହୋଟେଲରେ ବିବାହ ଉତ୍ସବ ଓ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିବାବେଳେ ଚୋରି ହୋଇଛି। ସମସ୍ତେ ସଙ୍ଗୀତରେ ଝୁମୁଥିବା ବେଳେ ବରଯାତ୍ରୀ ବେଶରେ ଆସି ଜଣେ ଚୋର ମଣ୍ଡପରୁ କଳାକନା ବୁଲାଇ ଚମ୍ପଟ ମାରିଛନ୍ତି। ଏନେଇ ଥାନାରେ କନ୍ୟାଙ୍କ ବାପା ଦିବେଶ୍ ଚନ୍ଦ୍ର ମିଶ୍ର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ହୋଟେଲ ସିସିଟିଭି ଫୁଟେଜ୍‌ରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାକୁ ପୋଲିସ ଉଦ୍ୟମ ଚଳାଇଛି। ଏକ ବ୍ୟାଗ୍‌ରେ ଥିବା ୪ ଲକ୍ଷ ଗିଫ୍ଟ ଟଙ୍କାକୁ ଅଭିଯୁକ୍ତ ଚୋରିକରି ନେଇଥିବା ଅଭିଯୋଗ ହୋଇଛି। ତେବେ ଏଥିରେ ତାଙ୍କ ସହଯୋଗୀମାନେ ସହଯୋଗ କରିଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ଗତ ୫ ତାରିଖରେ ନୟାପଲ୍ଲୀ ଥାନା ଦୁର୍ଗାମଣ୍ଡପ ନିକଟ ଏକ ତାରକା ହୋଟେଲରେ ଆଇଗିଣିଆରେ ରହୁଥିବା ଦିବେଶ୍‌ଙ୍କ ଝିଅ ବାହାଘର ହେଉଥିଲା। ସେଠାରେ ସଙ୍ଗୀତ କାର୍ଯ୍ୟକ୍ରମ ଚାଲିଥିଲା। ଉତ୍ସବରେ ଯୋଗଦେଉଥିବା ଲୋକେ କନ୍ୟାଙ୍କୁ ଟଙ୍କା ଓ ଅନ୍ୟାନ୍ୟ ଗିଫ୍ଟ ଦେଇଥିଲେ। ସମସ୍ତ ବିବାହ ଉତ୍ସବରେ ବ୍ୟସ୍ତ ଥିବା ବେଳେ ଚୋର ଓ ତାଙ୍କ ସହଯୋଗୀ ମିଳିଥିବା ଗିଫ୍ଟ ବ୍ୟାଗ୍‌ନେଇ ଚମ୍ପଟ ମାରିଥିଲେ। ତେବେ ପୋଲିସ ହୋଟେଲ ଆଗରେ ଲାଗିଥିବା ସିସିଟିଭି ଫୁଟେଜ୍‌ରୁ କାର ନମ୍ବର ଆଧାରରେ ଚୋରଙ୍କୁ ଧରିବାକୁ ଚଷ୍ଟା କରୁଛି। ଏଥିସହ ଚୋରଙ୍କ ଫଟୋ ଓ ହୁଲିଆ ବିଭିନ୍ନ ଥାନାକୁ ପଠାଯାଇ ମେଳ କରାଯାଉଛି। ପୂର୍ବରୁ ମଧ ବଡ଼ଗଡ଼ ଓ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ବିଭିନ୍ନ ବିବାହ ମଣ୍ଡପରୁ ଏଭଳି ଚୋରି ହୋଇଥିବା ଜଣାପଡ଼ିଛି।

## ଆଦର୍ଶ ଯୁବ ପରିଷଦକୁ ପରିବେଶ ସାଥୀ ସମ୍ମାନ

ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର): ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ଆଦର୍ଶ ଯୁବ ପରିଷଦକୁ ବାରାରୋପଣ ଓ ପରିବେଶ କାର୍ଯ୍ୟ ପାଇଁ ଖୋର୍ଦ୍ଧା ଜିଲା ଅଧୀନ କଣ୍ଟାବାଡ଼ର ଆଧାତ୍ମିକ ଚିନ୍ତନ ଓ ଲୋକକଳା ପରିଷଦ ତରଫରୁ ରବିବାର ପରିବେଶ ସାଥୀ ସମ୍ମାନ ପ୍ରଦାନ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ମୁଖ୍ୟବକ୍ତା ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଓ ଆସ୍ଥାର ସଂଯୋଜକ ସୁଶାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ପରିଷଦ ଆବାହକ ଅକ୍ଷୟ କୁମାର ସାମଲଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଏହି ସମ୍ମାନ ଗ୍ରହଣ କରିବା ବେଳେ ଶ୍ରୀରାମ କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, ପ୍ରୀତିଲତା ଗିରି, ଲଲାଟେନ୍ଦୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ପେଟ୍ରୋଲ ଢାଳି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ବାଙ୍କୀ,୮।୨(ଶୁଭେନ୍ଦୁ ମହାପାତ୍ର): କଟକ ଜିଲା ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ୍ ହାଉସ ଅନ୍ତର୍ଗତ ଓସ୍ତିଆ ପଞ୍ଚାୟତସ୍ଥିତ ବିଷ୍ଣୁପୁର ଗ୍ରାମରେ ଜଣେ ଯୁବକ ପେଟ୍ରୋଲ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ସେ ହେଲେ ବିଷ୍ଣୁପୁର ଗ୍ରାମର ଅର୍ଜୁନ ନାଏକଙ୍କ ପୁଅ ଅମିୟ ରଞ୍ଜନ ସିଂ। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପ୍ରଥମେ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛନ୍ତି। ଅମିୟ ଜଣେ ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ଏଭଳି କାଣ୍ଡ କରିଥିବା ପରିବାର ପକ୍ଷରୁ କୁହାଯାଇଛି। ଖବରପାଇ ସୁବର୍ଣ୍ଣପୁର ବିଟ୍ ହାଉସ ଅଧିକାରୀ ସମ୍ବିତ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ବାଙ୍କୀ,୮।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର): କଟକ ଜିଲା ବାଙ୍କୀ ବଜାରସ୍ଥିତ ନୃସିଂହଛକଠାରୁ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ରବିବାର ବାଙ୍କୀ ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ନାବାଳିକା ସ୍ଥାନୀୟ ଏକ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀ। ସେ ମହାବିଦ୍ୟାଳୟରୁ ନିଜ ଘରକୁ ଫେରୁଥିବା ବେଳେ ୨ ଜଣ ଦୁର୍ବୃତ୍ତ ତାଙ୍କୁ ଅପହରଣ କରିନେଇଥିବା ପରିବାର ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି।

## ୧୩ରେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବ ବିଜେଡି

କଟକ,୮।୨(ଶିଳ୍ପା ପ୍ରିୟଦର୍ଶିନୀ): ବିଜୁ ଜନତା ଦଳ ପକ୍ଷରୁ ଆସନ୍ତା ୧୩ ତାରିଖ ପୂର୍ବାହ୍ନ ୧୦ଟାରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ। ରବିବାର ଦୋଳମୁଣ୍ଡାଇସ୍ଥିତ କଟକ ଜିଲା ବିଜେଡି କାର୍ଯ୍ୟାଳୟରେ ଜିଲା ସଭାପତି ପ୍ରଫୁଲ୍ଲ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବିଜେଡି ରାଜ୍ୟ ଉପସଭାପତି ପ୍ରତାପ ଜେନା ଯୋଗଦେଇ କହିଛନ୍ତି, ଭାଜପା ସରକାର ସମୟରେ କୃଷକଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରାଯାଉଛି। ରାଜ୍ୟରେ ଆଇନଶୃଙ୍ଖଳା ଭୁଶୁଡ଼ି ପଡ଼ିଛି। ଦିନଦ୍ୱିପ୍ରହରରେ ରାସ୍ତାରେ ହତ୍ୟା କରାଯାଉଛି। ଓଡ଼ିଶାରେ ମହିଳା ସୁରକ୍ଷିତ ନାହାନ୍ତି। ଭାଜପା ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲା, ତା'ର ଓଲଟା ଚିତ୍ର ଦେଖିବାକୁ ମିଳୁଛି। ରାଜ୍ୟ ସରକାରଙ୍କ ଜନମାରଣ ଓ ଶୋଷଣ ନୀତି ବିରୁଦ୍ଧରେ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯିବ ବୋଲି ସେ କହିଛନ୍ତି। ବୈଠକରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ଡା. ପ୍ରମୋଦ ମଲ୍ଲିକ, ମେୟର ସୁବାସ ସିଂ, ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରଫୁଲ୍ଲ ବେହେରା, ଅନିତା ବେହେରା, କର୍ପୋରେଟର ଏ. ଶ୍ରୀଦେବୀ, ବିକାଶ ବେହେରା, ଇଂ. ଚୌଧୁରୀ ସୁବ୍ରତ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ରାଜ୍ୟ ପରିଷଦ ସଭ୍ୟ ପ୍ରକାଶ ସିଂ ଧନ୍ୟବାଦ ଦେଇଥିଲେ।

## ଦଳର ସମସ୍ତଙ୍କୁ ଅବଗତ କରାଯିବା ଆବଶ୍ୟକ ଥିଲା: ସୋଫିଆ
### ମିଶ୍ରଣ ପର୍ବରେ ଦଳୀୟ ନେତୃତ୍ୱଙ୍କୁ ଡକା ନ ଯିବା ପ୍ରସଙ୍ଗ

କଟକ,୮।୨(ଶିଳ୍ପା ପ୍ରିୟଦର୍ଶିନୀ): ମିଶ୍ରଣ ପର୍ବରେ ଦଳୀୟ ନେତୃତ୍ୱଙ୍କୁ ଡକା ନ ଯିବା ନେଇ କଂଗ୍ରେସ ଉପରେ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କଟକସ୍ଥିତ ତାଙ୍କ ଆବାସିକ କାର୍ଯ୍ୟାଳୟରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୋଫିଆ କହିଛନ୍ତି, କିଛିଦିନ ତଳେ ପିସିସି ପକ୍ଷରୁ ଏକ ମିଶ୍ରଣ ପର୍ବ କରାଯାଇଥିଲା। କିନ୍ତୁ ସେଥିରେ କଟକ କଂଗ୍ରେସର ସମସ୍ତ ନେତୃବୃନ୍ଦଙ୍କୁ ଡକାଯାଇ ନ ଥିଲା। ଦଳରେ ଯେତେ ସଂଖ୍ୟକ କର୍ମୀ ଯୋଗଦେବେ ତାହା ଦଳ ପାଇଁ ହିତ। ତେବେ ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ଏକଜୁଟ କରିବା ଆବଶ୍ୟକ ଥିଲା। କଟକରେ ମୁଁ କାର୍ଯ୍ୟ କରୁଛି। ଏପରି କି ଦଳ ଯାହା ନିଷ୍ପତ୍ତି ନେବ ସେହି ଅନୁଯାୟୀ ଆଗାମୀ ଦିନରେ କାର୍ଯ୍ୟ କରାଯିବ। ସୂଚନାଥାଉ କି, କିଛିଦିନ ପୂର୍ବେ ବିଜେଡିରୁ କଟକର ବିଶ୍ୱଜିତ ମହାନ୍ତି ଇସ୍ତଫା ଦେଇଥିଲେ। ପରେ ସେ କଂଗ୍ରେସରେ ସାମିଲ ହୋଇଥିଲେ। ହେଲେ ଏହି ମିଶ୍ରଣ ପର୍ବରେ କଟକର କେତେଜଣ ଦଳୀୟ କର୍ମୀ ଯୋଗଦେଇଥିବାବେଳେ ସୋଫିଆଙ୍କୁ ଡକାଯାଇ ନ ଥିଲା।

# ରାସ୍ତା ଅବସ୍ଥା ଶୋଚନୀୟ: ଯାତାୟାତ ବାଧାପ୍ରାପ୍ତ

**ଜାତମୁଣ୍ଡିଆ ସୁବର୍ଣ୍ଣପୁର ସେତୁ**

- ବହୁ ସମୟ ପର୍ଯ୍ୟନ୍ତ ଅଟକି ରହୁଛି ଗାଡ଼ି
- ବ୍ରିଜ ଉପରେ ହୋଇନାହିଁ ଆଲୋକୀକରଣ



ସେତୁ ଉପରେ ଖୋଳାଯାଇଥିବା ରାସ୍ତା।

ବାଙ୍କୀ,୮।୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର) : ବାଙ୍କୀ –କଟକ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଜାତମୁଣ୍ଡିଆ ସୁବର୍ଣ୍ଣସେତୁର ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଇଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ଆଠଗଡ଼, ଢେଙ୍କାନାଳ, ଅନୁଗୋଳ, ସମ୍ବଲପୁର ପର୍ଯ୍ୟନ୍ତ ଶତାଧିକ ଗାଡି ଯାତାୟାତ କରୁଅଛି। ବର୍ତ୍ତମାନ ରାସ୍ତାର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଖୋଳି ଦିଆଯାଇଅଛି। ଫଳରେ ଜାତମୁଣ୍ଡିଆ ପଟୁ ସୁବର୍ଣ୍ଣପୁର ଆଡକୁ ଯାତାୟାତ କରୁଥିବା ବସ୍, ଟ୍ରକ୍, କାର ଏବଂ ୨ ଚକିଆ ଯାନ ଗଲାବେଳେ ବିପରୀତ ପଟୁ ଆସୁଥିବା ଚାରିଚକିଆ ଯାନ ଆସିବା ପାଇଁ ରାସ୍ତା ନାହିଁ। ଫଳରେ ଗାଡିଗୁଡିକ ବହୁ ସମୟ ପର୍ଯ୍ୟନ୍ତ ବ୍ରିଜ ଉପରେ ଅଟକି ରହୁଛି। ଦୀର୍ଘ ଦିନ ହେଲା ମରାମତି କାମ ଚାଲିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ତାହା ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଯେଉଁ ଠିକା ସଂସ୍ଥା ଉକ୍ତ କାର୍ଯ୍ୟ କରୁଛି ସେ ସମ୍ପୂର୍ଣ୍ଣ ରାସ୍ତାକୁ ଖୋଳି ଦେଇଥିବାରୁ ଗାଡି ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛି। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ରାସ୍ତା ମରାମତି କାମ ଦୀର୍ଘ ଦିନ ହେଲା ଚାଲୁ ରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ଶେଷ ହୋଇନାହିଁ। ରାସ୍ତା ମରାମତି ପାଇଁ ୪ କୋଟିର ଟେଣ୍ଡର ହୋଇ ଗତ ନଭେମ୍ବରରେ କାମ ସମ୍ପୂର୍ଣ୍ଣ କରିବାର ଚୁକ୍ତି ହୋଇଥିଲା। ମାତ୍ର କାମ ନ ହେବା ଫଳରେ ଲୋକମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଛୋଟବଡ ଦୁର୍ଘଟଣା ଘଟୁଛି। ତେଣୁ ତୁରନ୍ତ ବିଭାଗୀୟ ଉଚ୍ଚ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି। ଅପରପକ୍ଷେ ବ୍ରିଜ ଉପରେ ଏପର୍ଯ୍ୟନ୍ତ ଆଲୋକୀକରଣ ହୋଇପାରିନାହିଁ। ଏଥିପାଇଁ ବାରମ୍ବାର ଦାବି ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଫଳରେ ରାତିରେ ଯାତ୍ରୀମାନେ ଯାତାୟାତ କରିବାକୁ ଭୟ କରୁଛନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ବର୍ଗର ଜନସାଧାରଣ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ଉପଖଣ୍ଡ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମୋବାଇଲ ଫୋନ ସୁଇଚ୍ ଅଫ୍ ରହିଥିଲା।

## ବାଲିବୋଝେଇ ୮ ହାଇୱା ଜବତ



ଜବତ ହାଇୱା।

ବାଙ୍କୀ,୮।୨(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ ଓ ବୈଦେଶ୍ୱର ଥାନା ଅଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତି ମିଳିତ ଚଢ଼ାଉ କରି ୬ଟି ବାଲି ବୋଝେଇ ହାଇୱା ଜବତ କରିଛନ୍ତି। ସେଥିମଧ୍ୟରୁ ଜଣେ ହାଇୱା ଗାଡ଼ି ଚାଳକ ରାସ୍ତା ଉପରେ ଗାଡି ରଖି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ୫ଟି ଗାଡିରୁ ୨ ଲକ୍ଷ ୨୦ ହଜାର ଟଙ୍କା ରାଜସ୍ୱ ଆଦାୟ କରାଯିବା ସହ ଚାଳକଙ୍କୁ ଅଟକ ରଖାଯାଇଛି। ଫେରାର ଗାଡ଼ି ଚାଳକଙ୍କ କାଗଜ ପତ୍ର ଠିକ୍ ନ ଥିବାରୁ ୭୦ ହଜାର ଟଙ୍କା ଫାଇନ କରିବା ସହ ଗାଡ଼ିକୁ ଜିଲା ଖଣି ବିଭାଗକୁ ହସ୍ତାନ୍ତର କରିଥିଲେ ବୋଲି ତହସିଲଦାର୍ ନାୟକ ସୂଚନା ଦେଇଛନ୍ତି। ସେହିପରି ବାଙ୍କୀ ଥାନା ଅଧିକାରୀ ଓ ଖଣି ବିଭାଗ ତରଫରୁ ମିଳିତ ଚଢ଼ାଉ କରାଯାଇ ୨ଟି ବାଲି ବୋଝେଇ ହାଇୱାକୁ ଜବତ କରାଯାଇଛି।

## ଫୁଟ୍‌ବଲ ଟୁର୍ନାମେଣ୍ଟ : ସେମିରେ ଡାଇମଣ୍ଡ କ୍ଲବ

ସାଲେପୁର,୮।୨(ଅରବିନ୍ଦ ଭୂୟାଁ): ସାଲେପୁର ଫୁଟବଲ କପ, ସାଲେପୁର ସ୍ପୋର୍ଟସ ଏକାଡେମୀ ଫୁଟବଲ ଟୁର୍ନାମେଣ୍ଟ ସାଲେପୁର ହାଇସ୍କୁଲ ପଡିଆରେ ରବିବାର ଉଦଘାଟିତ ହୋଇଯାଇଛି। ଏହି ଜିଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାର ପ୍ରଥମ ଦିନରେ ମ୍ୟାଚରେ ସାଲେପୁର ଫେଣ୍ଡସ କ୍ଲବ ଓ ଡାଇମଣ୍ଡ ଫେଣ୍ଡସ କ୍ଲବ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ଶେଷ ପର୍ଯ୍ୟନ୍ତ ଉଭୟ ଦଳ ମଧ୍ୟରେ ୧–୧ ଗୋଲ ହୋଇଥିଲା। ଶେଷରେ ଟ୍ରାଇବେକର ଜରିଆରେ ଡାଇମଣ୍ଡ ଫେଣ୍ଡସ କ୍ଲବ ଖୋର୍ଦ୍ଧା ୨–୧ ଗୋଲରେ ସାଲେପୁର ଫେଣ୍ଡସ କ୍ଲବକୁ ହରାଇ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଥିଲା। ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସାଲେପୁର ଭାଜପା ନେତା ଅରିନ୍ଦମ ରାୟ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଛନ୍ତି। ସମ୍ମାନିତ ଅତିଥିଭାବେ ସାଲେପୁର ସ୍ପୋର୍ଟସ ଏକାଡେମୀ ଉପଦେଷ୍ଟା ଓ ବରିଷ୍ଠ ଖବରଦାତା ଅକ୍ଷୟ କୁମାର ଦାଶ ଯୋଗଦେଇଥିଲେ। ମ୍ୟାଚକୁ ଅବଦୁଲ ମାଟିନ, ଜିବନଜ୍ୟୋତି ନାୟକ, ପ୍ରୀତମ କୁମାର ଜେନା ପରିଚାଳନା କରିଥିବାବେଳେ ରସାନନ୍ଦ ସାମଲ ଚତୁଥ ରେଫରୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ମ୍ୟାଚ ପରିଚାଳନାରେ ସାଲେପୁର ସ୍ପୋର୍ଟସ ଏକାଡେମୀ ସଭାପତି ପ୍ରଦୀପ୍ତ କର, ସମ୍ପାଦକ ରାଜେଶ ଭୂୟାଁ, ଉପ ସଭାପତି ସୁରେନ୍ଦ୍ର ବେହେରା, ମିହିର କୁମାର ଜେନା, ପରବେଶ ଅଲ୍ଲୀ, ଅଶୋକ କୁମାର ସେଠୀ, ସୟଦ ନବି, ରାଧାନାଥ ସାହୁ, ମଦନମୋହନ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ମଣ୍ଡିରେ ତାଲିକା କ୍ରମିକ ସଂଖ୍ୟାକୁ କରାଯାଉଛି ଏପଟସେପଟ

କଟକ ସଦର,୮।୨(ସୁଶାନ୍ତ କୁମାର ଜେନା)

ଜାନୁଆରୀ ମାସରେ କଟକ ସଦର ବ୍ଲକର ୭ଟି ସମବାୟ ସମିତିରେ ଖୋଲାଯାଇଥିବା ମଣ୍ଡିରେ ଚାଷୀମାନେ ଧାନ ବିକ୍ରି କଲେଣି। ସେଥିପାଇଁ ଚାଷୀମାନେ ସେମାନଙ୍କ ମୋବାଇଲ ଫୋନ୍‌ରେ ଆସୁଥିବା ମେସେଜ୍ ବା ସୂଚନା ଅନୁଯାୟୀ ମଣ୍ଡିରେ ପହଞ୍ଚୁଛନ୍ତି। ଆଗ ତାରିଖରେ ମେସେଜ ବା ସୂଚନା ପାଇଥିବା ଚାଷୀମାନେ ଧାନଦେଇ ନ ଥିବାରୁ ଅନ୍ୟମାନଙ୍କୁ ଫେରାଇ ଦିଆଯାଉଛି। ଏହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଚଳିତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ସବୁ ପଞ୍ଜୀକୃତ ଚାଷୀ ଧାନ ଦେଇପାରିବେ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବ୍ୟାପାର ବିଭାଗ ନିୟମ କରିଛନ୍ତି। ସେଥିପାଇଁ ଅନେକ ସମବାୟ ସମିତିରେ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ଫେବୃଆରୀ ଓ ମାର୍ଚ୍ଚ ମାସରେ ଧାନ ବିକ୍ରି ପାଇଁ ମେସେଜ ପାଇଥିବା ଚାଷୀମାନେ ଚଞ୍ଚକତା କରି ଜାନୁଆରୀ ମାସରେ ଧାନ ଦେଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। କାରଣ ମାର୍ଚ୍ଚରେ ଧାନ ବିକ୍ରି ପାଇଁ ପାଳି ଥିଲେ ସୁଦ୍ଧା ସରକାର ଚାହିଦା ମୁତାବକ କୋଟା ଦେଇ ନ ଥାଆନ୍ତି। ସେଥିପାଇଁ ଅନେକ ଚାଷୀଙ୍କୁ ଶେଷ ମାସରେ ନିରାଶ ହେବାକୁ ପଡ଼ିଥାଏ। ତେଣୁ ଅପେକ୍ଷା ତାଲିକା କ୍ରମିକ ସଂଖ୍ୟାରେ ଏପଟସେପଟ କରି ପଛ ଚାଷୀଙ୍କୁ ଆଗକୁ ଆଣି ଧାନ ବିକ୍ରି କରିବାର ସୁଯୋଗ ଦେବା ଘଟଣାର ତଦନ୍ତ ପାଇଁ ଅନେକ ଚାଷୀ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ଅନୁରୋଧ କରିଛନ୍ତି। କୌଣସି ସମବାୟ ସମିତି ଅଦ୍ୟାବଧି ସରକାରଙ୍କ ପକ୍ଷରୁ ପାଇଥିବା ଚାଷୀ ତାଲିକା–୨୦୨୬କୁ ସାର୍ବଜନୀନ କରୁନାହାନ୍ତି। ଗୋକୁଳ ଚନ୍ଦ୍ର ପ୍ରଧାନ ନାମକ ସୂଚନା ଅଧିକାର କର୍ମୀ ସମ୍ପୃକ୍ତ ବିଭାଗକୁ ଆବେଦନ କରିଥିଲେ ସୁଦ୍ଧା ୧ ମାସ ପରେ ବି ତଥ୍ୟ ପାଇନାହାନ୍ତି। ଚଳିତ ବର୍ଷ କୁଇଣ୍ଟାଲ ପିଛା ସରକାରୀ ଦର ୨୩୬୯ ଟଙ୍କା ହୋଇଥିବାବେଳେ ବୋନସ ୭୩୧ ଟଙ୍କା ମିଳୁଛି। ଅପେକ୍ଷା ତାଲିକାର କ୍ରମିକ ସଂଖ୍ୟା ଏପଟସେପଟ କରିଥିବା ସମବାୟ ସମିତିର କାର୍ଯ୍ୟକଳାପ ଉପରେ ସହକାରୀ ସମବାୟ ନିବନ୍ଧକଙ୍କୁ ତଦନ୍ତ ପାଇଁ ପତ୍ର ଲେଖିବେ ବୋଲି ବିଧାୟକ ସେଠୀ କହିଛନ୍ତି।

## ପରିବହନ ସମୟରେ ସାମଗ୍ରୀ ଚୋରି, ଚାଳକ ଗିରଫ

ବାରଙ୍ଗ,୮।୨(ଲିଙ୍ଗରାଜ ରାଉତ): ପରିବହନ କମ୍ପାନୀର ସାମଗ୍ରୀ ନେଇ ମଙ୍ଗୁଳି ଯାଉଥିବାବେଳେ ଗାଡିରୁ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପୋଲିସ ଗାଡି ଚାଳକଙ୍କୁ ଗିରଫ କରି ରବିବାର କୋର୍ଟଚାଲଣ କରିଛି। ସେ ହେଲେ ନୟାଗଡ ନୂଆଗାଁ ଥନା ଅଧିନସ୍ଥ ଡିମ୍ବିରିଝରି ଗ୍ରାମର ବଳରାମ ନାୟକ (୨୦)। ଏନେଇ ଚନ୍ଦକା ପୋଲିସ ମାମଲା (ନଂ.୮୨/୨୬) ରୁଜୁ କରିଛି। ଲୋଡ ହୋଇଥିବା ସାମଗ୍ରୀ ସଂଖ୍ୟା ଅନୁଯାୟୀ ୯ଟି ଏଲଇଡି ଟିଭି ଗାଏବ ହୋଇଥିବାର ଯାଞ୍ଚ ବେଳେ ପୋଲିସ ଜାଣିବାକୁ ପାଇଥିଲା। ପୋଲିସ ଗାଡିରୁ ୬ଟି ଏଲଇଡି ଟିଭି, ୭ଟି ରେଫ୍ରିଜରେଟର ଏବଂ ୧୩ଟି ୱାସିଂମେସିନ ଜବତ କରିବା ସହ ଚାଳକଙ୍କଠାରୁ ନଗଦ ୩୭୦୦ଟଙ୍କା ଜବତ କରିଥିଲା।

ପ୍ରମୋଦ କୁମାର ମହାନ୍ତି ଗତ ୨ ବର୍ଷ ଧରି ମଙ୍ଗୁଳିରେ ଅବସ୍ଥିତ, ଟ୍ରାଡିଓଜୋ ସର୍ଭିସେସ ପ୍ରାଇଭେଟ ଲିମିଟେଡ ନାମକ ଏକ ଏକ ପରିବହନ କମ୍ପାନୀରେ ପରିଚାଳକ ଭାବରେ କାର୍ଯ୍ୟ କରନ୍ତି। ଏହି କମ୍ପାନିର ଏକ ଶାଖା ଚନ୍ଦକାଥାନା ଅଧିନସ୍ଥ ମେଣ୍ଢାଶାଳର ଗିରିଙ୍ଗାପୁଟରେ ରହିଛି। ଶନିବାର ରାତି ପ୍ରାୟ ୯ଟା ୩୦ରେ ବଳରାମ ଉକ୍ତ କମ୍ପାନୀର ଡ୍ରାଇଭର ମେଣ୍ଢାଶାଳର ଗିରିଙ୍ଗାପୁଟସ୍ଥିତ ଏଲଜି କମ୍ପାନୀରୁ ଗାଡ଼ି (ନଂ. ଓଡି–୦୧–ବିଏ–୧୧୧୩)ରେ ୧୫ଟି ଏଲଇଡି ଟିଭି, ୭ଟି ରେଫ୍ରିଜରେଟର ଏବଂ ୧୩ଟି ୱାସିଂ ମେସିନ ଲୋଡ କରି ମଙ୍ଗୁଳି ଅଭିମୁଖେ ବାହାରିଥିଲା। ମାତ୍ର ଉକ୍ତ ଗାଡ଼ିରୁ କିଛି ସାମଗ୍ରୀ ଚୋରି ହୋଇଯାଇଥିବା ପ୍ରମୋଦ କୁମାର ମହାନ୍ତିଙ୍କ ପାଖକୁ ରାତି ପ୍ରାୟ ୧୦ଟା ୩୦ରେ କମ୍ପାନୀର କ୍ଲଷ୍ଟର ମ୍ୟାନେଜର ସତୀଶ କୁମାର ଷଡ଼ଙ୍ଗୀ ଫୋନ କରି ଜଣାଇଥିଲେ। ଏହାପରେ ସେମାନେ ଆସି ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ।

## ଭାଗ୍ୟଲିପି, ପ୍ଲାନେଟ୍‌ସ ଆଣ୍ଡ ଫୋରକାଷ୍ଟର ବାର୍ଷିକ ଉତ୍ସବ



କଟକ, ୮।୨(କାର୍ତ୍ତିକ ସାହୁ)

ଆଧାତ୍ମିକ ମାସିକ ପତ୍ରିକା 'ଭାଗ୍ୟଲିପି'ର ୫୩ତମ ଏବଂ ଇଂଲିଶ୍ ମାସିକ 'ପ୍ଲାନେଟ୍‌ସ ଆଣ୍ଡ ଫୋରକାଷ୍ଟ'ର ୪୫ତମ ବାର୍ଷିକ ଉତ୍ସବ ଶ୍ରୀରାମଚନ୍ଦ୍ର ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଗ୍ୟଲିପିର ସମ୍ପାଦକ ଜ୍ୟୋତିର୍ବିଦ୍ ମିଳନ୍ ବାନାର୍ଜୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପଣ୍ଡିତ ବାଇକୋଳି ଜ୍ୟୋତିଷ ବିଶାରଦ ସ୍ମୃତି ପରିଷଦର ସଭାପତି ଡ. ହରପ୍ରସାଦ ମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ପ୍ରକାଶ ଚନ୍ଦ୍ର ରଥ, ସମ୍ମାନିତ ଅତିଥି ପ୍ରଫେସର ଡ. ପ୍ରଭାତ କୁମାର ମହାପାତ୍ର, ମୁଖ୍ୟବକ୍ତା ଡ. ସୁରେନ୍ଦ୍ରନାଥ ତ୍ରିପାଠୀ ଯୋଗଦେଇ ଜ୍ୟୋତିଷ ଶାସ୍ତ୍ରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜ୍ୟୋତିର୍ବିଦ୍ ବିଭୁଦାନନ୍ଦ ଶତପଥୀ, ଅଧ୍ୟାପକ ବିରୂପାକ୍ଷ ରାୟ, ଜ୍ୟୋତିର୍ବିଦ୍ ଅଲେଖ ଚନ୍ଦ୍ର ସେଠୀ, ଭ୍ରାତୃକୁମାର ପ୍ରଫୁଲ୍ଲ, ରଘୁନାଥ ଆଢ୍ୟ, ଇଂ. ପ୍ରଦୀପ ପଟ୍ଟନାୟକ, କ୍ଷିତିଭୂଷଣ ସିଂହ, ଯୋଗେଶ୍ୱର ସାହୁ, ଜ୍ୟୋତିର୍ବିଦ୍ ଦୀପକ ଚାଟାର୍ଜୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ନିମାଇଁ ବାନାର୍ଜୀଙ୍କ ସ୍ମୃତିରେ ପତିତପାବନ ମହାପାତ୍ର କବିତା ପାଠ କରିଥିଲେ। ସଂଘମିତ୍ରା ସାହୁ କାନ୍ତି ବାନାର୍ଜୀଙ୍କ ସ୍ମୃତିଚାରଣ କରିଥିଲେ। ପରେ ଜ୍ୟୋତିଷ–ବିଜ୍ଞାନ, ବାସ୍ତୁ, ହସ୍ତରେଖା ଓ ବିଭିନ୍ନ ରହସ୍ୟ ବିଦ୍ୟାର ଗବେଷକମାନେ ସେମାନଙ୍କ ଗବେଷଣାତ୍ମକ ପ୍ରବନ୍ଧ ପାଠ କରିଥିଲେ। ଜ୍ୟୋତିର୍ବିଦ୍ ଅନ୍ନଦା ତ୍ରିପାଠୀ ଅତିଥି ପରିଚୟ ଏବଂ ମଞ୍ଚ ପରିଚାଳନା କରିଥିଲେ। ବିକାଶ ବାନାର୍ଜୀ ଧନ୍ୟବାଦ ଦେଇଥିଲେ।

## ପ୍ରଫେସର ରଘୁନାଥ ମହାପାତ୍ରଙ୍କ ପରଲୋକ

କଟକ, ୮।୨(କାର୍ତ୍ତିକ ସାହୁ):



ଓଡ଼ିଆ ଓ ହିନ୍ଦୀ ସାହିତ୍ୟର ପ୍ରବୀଣ ଲେଖକ ତଥା ଶିକ୍ଷାବିତ୍ ପ୍ରଫେସର ଡ. ରଘୁନାଥ ମହାପାତ୍ରଙ୍କ ରବିବାର ସକାଳେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ପରଲୋକ ହୋଇଯାଇଛି। ସେ କଟକ ବିଡ଼ାନାସୀର ବାସିନ୍ଦା। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଶୁଭାଶିଷ, କନ୍ୟା କାର୍ତ୍ତାୟନୀ ଓ କାଦମ୍ବିନୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ମହାପାତ୍ର ୧୯୩୮ ଫେବୃଆରୀ ୧୬ରେ ଜନ୍ମଗ୍ରହଣ କରିଥିଲେ। ସେ ମଧ୍ୟପ୍ରଦେଶର ରାୟଗଡ଼ା ଜିଲା ଧରମ ଜୟଗଡ଼ଠାରେ ମାଟ୍ରିକ ପାସ୍ ସହ ଆଲ୍ଲାହାବାଦ୍ ବିଶ୍ୱବିଦ୍ୟାଳୟରୁ ହିନ୍ଦୀରେ ଏମ୍‌ଏ ପାସ୍ କରିଥିଲେ। ସେ ନିଜର ବୃତ୍ତିଗତ ଜୀବନ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିତାଇବା ପରେ ରେଭେନ୍‌ଶା କଲେଜରୁ ଅବସର ନେଇଥିଲେ। ସେ ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟନିର୍ବାହୀ ସଭାପତି, ସାପ୍ତାହିକ ରାଷ୍ଟ୍ରଦୀପ ଓ ଦ୍ୱିମାସିକ ତୂର୍ଯ୍ୟନାଦର ସମ୍ପାଦକ, ଗୋରଖପୁର ଗୀତା ପ୍ରେସ୍‌ର ଓଡ଼ିଆ ସମ୍ପାଦକ, କଟକସ୍ଥିତ ହିନ୍ଦୀ ପ୍ରଶିକ୍ଷଣ ସଂସ୍ଥାନର ଅଧ୍ୟକ୍ଷ ଏବଂ ବିଡ଼ାନାସୀ ପୂଜା କମିଟିର ସଭାପତି ଭାବେ କାର୍ଯ୍ୟ ତୁଲାଇଥିଲେ। ତାଙ୍କ ରଚିତ ବ୍ୟାବହାରିକ ହିନ୍ଦୀ ବ୍ୟାକରଣ ପୁସ୍ତକ ହାଇସ୍କୁଲରେ ପାଠ୍ୟପୁସ୍ତକ ଭାବେ ବ୍ୟବହୃତ ହେଉଛି। ତାଙ୍କର ଓଡ଼ିଆ ପୁସ୍ତକଗୁଡ଼ିକ ମଧ୍ୟରେ ଶ୍ରୀଚରଣ ସୁଧାନିଧି, ଭାଗତେନ୍ଦୁ ହରିଶ୍ଚନ୍ଦ୍ର, ସୁର ଦାସ, ଗୁରୁ ବିନା କ'ଣ ମୁକ୍ତି ନାହିଁ ଏବଂ ଶ୍ରୀଜଗନ୍ନାଥ ଓ ପୁରୀ ଆଦି ବହୁ ପାଠକୀୟ ସ୍ୱୀକୃତି ଲାଭ କରିଛି। ସେ କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟ ସମେତ ବହୁ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ସେମିଫାଇନାଲରେ ପ୍ରତାପ କ୍ଲବ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଟିଗିରିଆ,୮।୨(ଜାଫର ଖାଁ): ଟିଗିରିଆ ବ୍ଲକ ଅନ୍ତର୍ଗତ ପଙ୍କାଳସ୍ଥିତ ଇନ୍ଦିରା ଗାନ୍ଧୀ ମିନି ଷ୍ଟାଡିୟମଠାରେ ଯୁବଜ୍ୟୋତି ସିଲ ଦ୍ୱାରା ଆୟୋଜିତ ୧୭ତମ ଫଜୁଲ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ମା' ମଙ୍ଗଳା କ୍ଲବ ବନମାଳୀ ପ୍ରସାଦ (ଢେଙ୍କାନାଳ)କୁ ୬/୫ ଗୋଲରେ ପରାସ୍ତ କରି ପ୍ରତାପ କ୍ଲବ କଟକ ୪ର୍ଥ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ଫିଲଡ ଗୋଲ ଦ୍ୱାରା ଉଭୟ ଦଳ ୩/୩ ସମାନ ସ୍ଥିତରେ ରହିଥିଲେ। ପ୍ରଥମାର୍ଦ୍ଧ ୧୦ ମିନିଟରେ ପ୍ରତାପ କ୍ଲବର ୧୧ ନଂ ଖେଳାଳି ସୋନୁ ରାଉତ ଏକ ସୁନ୍ଦର ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ୨ ୟାର୍ଦ୍ଧ ୭ ମିନିଟରେ ପୁଣି ପ୍ରତାପ କ୍ଲବର ୧୯ ନଂ ଖେଳାଳି କ୍ରିଷ୍ଣା ସାହୁ ଗୋଟିଏ ଗୋଲ ସ୍କୋର କରିଥିଲେ। ଏହା ପରେ ମା' ମଙ୍ଗଳା ଦଳର ୧୦ ନଂ ଖେଳାଳି କାହ୍ନୁ ପ୍ରଧାନ, ୧୨ ମିନିଟରେ ପ୍ରତାପ କ୍ଲବର ୫ ନଂ ଖେଳାଳି ବବୁଲ ରାଉତ ଓ ୨୨ ଓ ୨୮ ମିନିଟରେ ମା ମଙ୍ଗଳା ଦଳ ନଂ ୮ ଖେଳାଳି ସୁନୀଲ ସାହୁ ୨ ଟି ଗୋଲ ସ୍କୋର କରି ଖେଳକୁ ୩/୩ ସମାନ ସ୍ଥିତକୁ ଆଣିଥିଲେ। ଫଳରେ ଟ୍ରାଇବ୍ରେକ ପ୍ରୟୋଗ କରାଯାଇଥିଲା। ଏଥିରେ ମଧ୍ୟ ଉଭୟ ଦଳ ସମାନ ସ୍ଥିତରେ ରହିଥିଲେ। ଶେଷରେ ଡେଥ ଖେଳ ମାଧ୍ୟମରେ ୬/୫ ଗୋଲରେ ପ୍ରତାପ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଏଥିରେ ମୁଖ୍ୟ ଅତିଥିଭାବେ ଅବସର ପ୍ରାପ୍ତ ପୋଲିସ ଅଫିସର ଅବୁବକର ଖାଁ, ସମ୍ମାନିତ ଅତିଥିଭାବେ ମହେବୁବ ଅହେମ୍ମଦ ଖାଁ, ମହମ୍ମଦ ଓସୀମ, ମହମ୍ମଦ ସଖାଓତ ପ୍ରମୁଖ ଯୋଗ ଦେଇ ଉଭୟ ଦଳ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରୀ ଆଶୀର୍ବାଦ କାନୁନଗୋ ପରିଚାଳନା କରିଥିଲେ।

## ନିମକଣ୍ଠା ପଡ଼ିଆରେ ସାପ୍ତାହିକ ହାଟ ଶୁଭାରମ୍ଭ

ମଙ୍ଗୁଳି–ଜଗତପୁର,୮।୨(ମାନସ ସାମଲ): ଟାଙ୍ଗୀ– ଚୌଦ୍ୱାର ବ୍ଲକ ଶାଳଗାଁ ଗ୍ରାମ ପଞ୍ଚାୟତ ଅଧୀନ କାଟେଣି ଓ ନୂଆଗାଁ ମଧ୍ୟରେ ଅବସ୍ଥିତ ନିମକଣ୍ଠା ପଡ଼ିଆରେ ରବିବାର ସ୍ଥାନୀୟ ସମିତି ସଭ୍ୟଙ୍କ ପ୍ରତିନିଧି ମନୋଜ ବେହେରାଙ୍କ ପ୍ରଚେଷ୍ଟାରେ ପ୍ରଥମ ଥର ପାଇଁ ସାପ୍ତାହିକ ହାଟର ଶୁଭାରମ୍ଭ ହୋଇଯାଇଛି। ଏହାକୁ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବଟକୃଷ୍ଣ ସାମଲ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ହାଟର ପ୍ରଥମ ଦିନରେ ଲୋକଙ୍କ ଭିଡ଼ ସହ ପନିପରିବା, ଆମିଷ ସହ ଚାଷ ସାମଗ୍ରୀ ଭଳି ଆତ୍ୟାବଶକ ସାମଗ୍ରୀ ବିକ୍ରି ହୋଇଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ସମୟରେ ଦଲାଲଙ୍କ ପ୍ରଭାବରୁ ଚାଷୀ ତାର ଅମଳ ପନିପରିବାକୁ ଉଚିତ ଦରରେ ବିକ୍ରି କରିପାରୁ ନ ଥିଲା। ଫଳରେ ଦଲାଲ ମାଲାମାଲ ହେଉଥିଲେ। ଏହାଦ୍ୱାରା ଚାଷୀଙ୍କୁ ନିରାଶ ହେବାକୁ ପଡୁଥିଲା। ଏହାକୁ ଗୁରୁତ୍ୱ ଦେଇ ଏଠାରେ ସାପ୍ତାହିକ ହାଟ ଖୋଲିବାରେ ସମସ୍ତ ଯୁବବର୍ଗଙ୍କୁ ମୁଖ୍ୟ ଅତିଥି ସାମଲ ଖୁବ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁ ଚରଣ ଦାସ, ପଦ୍ମଲାଭ ବେହେରା, ସାମାଜିକ କର୍ମୀ ମନୋଜ ସାହୁ, ପଦ୍ମଲୋଚନ ବେହେରା ପ୍ରମୁଖ ସହଯୋଗ କରିଥଲେ।

## ବିଲୁପ୍ତ ଲୋକକଳା ଉଜ୍ଜୀବିତ ରଖିବାରେ ପାଲା ଗାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

ଟିଗିରିଆ,୮।୨(ଜାଫର ଖାଁ): ଟିଗିରିଆ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ପାଲା ଗାୟକ ଓ ସହ କଳାକାରଙ୍କୁ ନେଇ ଗଠିତ ଶ୍ରୀବାଳମୁକୁନ୍ଦ ଜୀଉ ପାଲା କଳାକାର ପରିଷଦର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପାଞ୍ଚଗାଁସ୍ଥିତ ଆଦର୍ଶ ଗ୍ରାମୀଣ ଗ୍ରାମାଞ୍ଚଳ ବହୁମୁଖୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଶ୍ୟାମସୁନ୍ଦର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯାଜ୍ଞସେନୀ ଗୋଛାୟତ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ନୀଳାଚଳ ନିଖିଳ ଉତ୍କଳ ପାଲା ପରିଷଦର ଉପଦେଷ୍ଟା ବସନ୍ତ କୁମାର ସ୍ୱାଇଁ ଯୋଗଦେଇଥିଲେ। ବିଶିଷ୍ଟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣା, ସମ୍ମାନିତ ଅତିଥି ଭାବେ ଗ୍ରାମାଞ୍ଚଳ ବହୁମୁଖୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ସଭାପତି ଜଗବନ୍ଧୁ ତୁଙ୍ଗ ସାମନ୍ତ, ଉପ ସଭାପତି ସରୋଜ କୁମାର ଦାଶ, ଏମ୍‌ପିଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ, ପୂର୍ବତନ ସରପଞ୍ଚ ସନ୍ତୋଷ ସିଂହସାମନ୍ତ, ପାଲା ଅନୁଷ୍ଠାନ ଉପସଭାପତି ବସନ୍ତ କୁମାର ମିଶ୍ର, ସମ୍ପାଦକ ବିଚିତ୍ର କୁମାର ସାହୁ, ସହସମ୍ପାଦକ ମଞ୍ଜୁଲତା ସାମଲ, କୋଷାଧ୍ୟକ୍ଷ ଆଦିତ୍ୟ କୁମାର ଦାସ, କବି ଇନ୍ଦ୍ରମଣି ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଲୁପ୍ତ ଲୋକକଳା, ସଂସ୍କୃତିକୁ ଉଜ୍ଜୀବିତ ରଖିବାରେ ପାଲା ଗାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ କେତେଜଣ ସ୍ୱନାମଧନ୍ୟ ଗାୟକ, ସହ କଳାକାରଙ୍କ ସମେତ ବରିଷ୍ଠ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରମୁଖ ସଦସ୍ୟ ମଦନ ମୋହନ ସ୍ୱାଇଁ, ଶକ୍ତିପ୍ରସାଦ ଦାସ, ଅଜୟ କୁମାର ଜେନା, ଝିନୀବାଳା ରାଉତ, ସଂଯୁକ୍ତା ମହାପାତ୍ର, ଲକ୍ଷ୍ମୀପ୍ରିୟା ସାହୁ ଓ ସ୍ୱପ୍ନେଶ୍ୱର ବେହେରା ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ସମ୍ପାଦକ ବିଚିତ୍ର କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଡେଲିଭରି ବଏଙ୍କଠାରୁ ପାର୍ସଲ ଚୋରି

ଭୁବନେଶ୍ୱର,୮।୨(ତ୍ରିନାଥ ମହାନ୍ତି)

ଡେଲିଭରି ବଏଙ୍କଠାରୁ ପାର୍ସଲ ଚୋରି କରିବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଚିନ୍ତାମଣିଶ୍ୱରରେ ରହୁଥିବା ସୌମ୍ୟରଞ୍ଜନ ପ୍ରଧାନ। ଏନେଇ ଥାନାରେ ଡେଲିଭରି ବଏ ଶିବ ପ୍ରଧାନଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୂଚନାଯୋଗ୍ୟ ଯେ, ଶିବ ଏକ ଘରୋଇ ଅନଲାଇନ ପ୍ଲାଟଫର୍ମରେ ପାର୍ସଲ ଡେଲିଭରି ବଏ ଭାବେ କାର୍ଯ୍ୟ କରନ୍ତି। ଗତ ଅକ୍ଟୋବର ୧ ତାରିଖ ଅପରାହ୍ନ ୩ଟାରେ, ସେ ବୁଧେଶ୍ୱରୀ ରେଲୱେ ଆପାର୍ଟମେଣ୍ଟରେ ପାର୍ସଲ ଡେଲିଭରି କରୁଥିବା ସମୟରେ, ତାଙ୍କ ପାର୍ସଲ ବ୍ୟାଗରେ ଥିବା ଗୋଟିଏ ଆଇଫୋନ୍ ୧୫, ଡ୍ରେସ ସାମଗ୍ରୀ, ବ୍ୟକ୍ତିଗତ ଚାର୍ଜର ଏବଂ ଅନ୍ୟାନ୍ୟ ପ୍ୟାକେଟ୍ ଗୁଡିକୁ ତାଙ୍କର ପାର୍କିଂ କରାଯାଇଥିବା ବାଇକ ନିକଟରୁ ଅଭିଯୁକ୍ତ ଚୋରି କରି ନେଇଥିଲେ। ପୋଲିସ ସିସିଟିଭି କ୍ୟାମେରା ଯାଞ୍ଚ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ। ରବିବାର ପୂର୍ବାହ୍ନ ପ୍ରାୟ ୧୧ଟା ୧୫ରେ, ବିଶସ୍ତ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ଅଭିଯୁକ୍ତ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ସନ୍ତୋଷୀ ବିହାର ସ୍ଥିତ ସନ୍ତୋଷୀ ମା' ମନ୍ଦିର ନିକଟରୁ ଗିରଫ କରାଯାଇଥିଲା। ତାଙ୍କର ବ୍ୟକ୍ତିଗତ ତଲାସୀ ସମୟରେ ତାଙ୍କ ନିକଟରୁ ଅଭିଯୋଗକାରୀଙ୍କ ଏକ ନୀଳ ରଙ୍ଗର ଆଇଫୋନ ଜବତ କରାଯାଇଥିଲା।

### ମୋବାଇଲ୍ ଲୁଟିଲେ, ଫେରାଇବାକୁ ଡାକି ମାଡ଼ମାରି ଟଙ୍କା ନେଇଗଲେ

ଭୁବନେଶ୍ୱର,୮।୨(ତ୍ରିନାଥ ମହାନ୍ତି)

ଘରକୁ ଆସି ପାଣି ମାଗିଲେ। ପାଣି ପିଇବାକୁ ଦେବା ସମୟରେ ମୋବାଇଲ୍ ଝାମ୍ପି ନେଲେ ଦୁର୍ବୃତ୍ତ। ମୋବାଇଲ୍ ଫେରାଇବାକୁ କହି ହୋଟେଲକୁ ଡାକି ନିସ୍ଥୁକ ମାଡ଼ ମାରିବା ସହ ୧୦ ହଜାର ଟଙ୍କା ଲୁଟିନେଲେ। ଏଭଳି ଘଟଣା ଚନ୍ଦ୍ରଶେଖରପୁର ଥାନା ଶୈଳଶ୍ରୀ ବିହାରରେ ଘଟିଛି। ଏନେଇ ଥାନାରେ ପ୍ରଦ୍ୟୁମ୍ନ ପ୍ରଧାନ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ହୋଟେଲରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରୁଛି। ଅଭଯୋଗ ଅନୁସାରେ, ଗତ ୭ ତାରିଖ ସକାଳ ସମୟରେ ପଦ୍ୟୁମ୍ନ ଘରେ ଥିବା ସମୟରେ ୨ଜଣ ଅଭିଯୁକ୍ତ ଘର ନିକଟକୁ ଆସିଥିଲେ। ତାଙ୍କୁ ପିଇବାକୁ ପାଣି ମାଗିଥିଲେ। ପଦ୍ୟୁମ୍ନ ପାଣି ଦେବା ପରେ ଅଭିଯୁକ୍ତ ତାଙ୍କ ହାତରୁ ମୋବାଇଲ୍ ଫୋନ୍ ଲୁଟିନେଇ ଚମ୍ପଟ ମାରିଥିଲେ। ଅଭିଯୁକ୍ତମାନେ ଫୋନ୍ ନେବା ପରେ ତାହାକୁ ବନ୍ଦ କରିନଥିଲେ। ପଦ୍ୟୁମ୍ନ ଫୋନ୍ କରିବା ପରେ ତାଙ୍କୁ ଅଭିଯୁକ୍ତମାନେ ଏକ ହୋଟେଲକୁ ଡାକିଥିଲେ। ସେଠାରେ ଅଭିଯୁକ୍ତ ତାଙ୍କୁ ମଦ ପିଇବା ପାଇଁ ଟଙ୍କା ମାଗିଲେ। ସେ ଟଙ୍କା ଦେବା ପରେ ଅଭିଯୁକ୍ତମାନେ ମଦ ପିଇବା ସହ ପଦ୍ୟୁମ୍ନଙ୍କୁ ମାଡ଼ ମାରି ଟଙ୍କା ମାଗିଥିଲେ। ସେ ଭୟରେ ୧୦ ହଜାର ଟଙ୍କା ଅନଲାଇନ୍‌ରେ ଦେବା ପରେ ତାଙ୍କୁ ନିଶା ପିଆଇ ଦେଇଥିଲେ। ପରିବାର ଲୋକ ପଦ୍ୟୁମ୍ନଙ୍କୁ ଖୋଜିବା ପରେ ସେ ହୋଟେଲରେ ଉଲଗ୍ନ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ସେଠାରୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଏହାପରେ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଖୋଳତାଡ଼ କରୁଛି।

# ପୂଜକ, ସେବାୟତଙ୍କୁ ଭୂସମ୍ପତ୍ତି ଅଧିକାର ଦିଆଯାଉ

ଖୋର୍ଦ୍ଧା,୮।୨(ପ୍ରଭାତ ପାଣିଗ୍ରାହୀ)

**ନିଖିଳ ଉତ୍କଳ ମନ୍ଦିରାଧୀଶ ପୂଜକ ମହାସଂଘ ପକ୍ଷରୁ ଆଇନ ମନ୍ତ୍ରୀଙ୍କୁ ଦାବିପତ୍ର**



ନିଖିଳ ଉତ୍କଳ ମନ୍ଦିରାଧୀଶ ପୂଜକ ମହାସଂଘ, ଖୋର୍ଦ୍ଧା ପକ୍ଷରୁ ହିନ୍ଦୁ ଦେବୋତ୍ତର ଭୂସମ୍ପତ୍ତି ଉପରେ ଅଧିକାର ଦାବିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଓଡ଼ିଶାର ବିଭିନ୍ନ ମଠ, ମନ୍ଦିରରେ କାର୍ଯ୍ୟ କରୁଥିବା ପୂଜକ ଏବଂ ସେବାୟତମାନେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ସବୁବର୍ଗର ଲୋକଙ୍କ ପାଇଁ ସରକାର ସଂରକ୍ଷଣ ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ଦେଉଥିବା ବେଳେ ଦେବଭୂମି ଉତ୍କଳର ମନ୍ଦିରାଧୀଶ ଏବଂ ପୂଜକ ବର୍ଗ ଅବହେଳିତ ଅବସ୍ଥାରେ ରହିଛନ୍ତି। ଦେବଦେବୀ ମନ୍ଦିରର ପରିଚାଳନା, ପୂଜା, ଦେବନୀତି କରି ଆସୁଥିବା ସେବାୟତ ଏବଂ ପୂଜକଙ୍କ ଭୂସମ୍ପତ୍ତି ଉପରେ କୌଣସି ଅଧିକାର ନାହିଁ। ଠାକୁରଙ୍କ ସେବାରେ ନିୟୋଜିତ ରହିଥିବା ଏହି ବର୍ଗ ଆର୍ଥିକ ସ୍ଥିତି ଦେଇ ଗତି କରୁଥିବା ବେଳେ ଦୟନୀୟ ଅବସ୍ଥାରେ ପରିବାର ପ୍ରତିପୋଷଣ କରୁଛନ୍ତି। ଓଡ଼ିଶା ହିନ୍ଦୁ ଦେବୋତ୍ତର କମିଶନରଙ୍କ ତତ୍ତ୍ୱାବଧାନରେ ଓଡ଼ିଶାରେ ୧୨ ହଜାରରୁ ଊର୍ଦ୍ଧ୍ୱ ମନ୍ଦିର, ମଠ ରହିଛି। ଏହି ମଠ କିମ୍ବା ମନ୍ଦିରରେ ପୂଜା କରି ଆସୁଥିବା ପୂଜକ ଏବଂ ସେବାୟତଙ୍କ ଦେବୋତ୍ତର ଭୂସମ୍ପତ୍ତି ଉପରେ କୌଣସି ମୌଳିକ ଅଧିକାର ନାହିଁ। କୌଣସି ସମୟରେ ଟଙ୍କା ଆବଶ୍ୟକ ପଡ଼ିଲେ ବ୍ୟାଙ୍କ ଋଣ ଦେଉନାହିଁ। ଘରବାରି ଠାକୁରଙ୍କ ନାମରେ ଥିବାରୁ କୌଣସି ସୁବିଧା ମିଳୁନାହିଁ। ବହୁ ସ୍ଥାନରେ ରାଜସ୍ୱ ବିଭାଗ ଜବରଦଖଲକାରୀଙ୍କ ନାମରେ ପଟ୍ଟା ପ୍ରଦାନ କରିଥିବା ନେଇ ୧୯୯୭ ଫେବୃଆରୀ ୨୭ ତାରିଖରେ ତତ୍କାଳୀନ ବିଧାୟକ ଡ. ପ୍ରସନ୍ନ ପାଟ୍ଟଶାଣୀ ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ ମଧ୍ୟ ଏଯାବତ୍ ସମାଧାନ କରାଗଲା ନାହିଁ। ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ରାଜା ମହାରାଜାମାନେ ଶୈବପୀଠ ପ୍ରତିଷ୍ଠା କରିଥିଲେ। ତାହାର ଦୈନନ୍ଦିନ ନୀତି ପାଇଁ ସେବାୟତ ସମ୍ପ୍ରଦାୟଙ୍କୁ ପରିଚାଳନାର ସମସ୍ତ ଦାୟିତ୍ୱ ଅର୍ପଣ କରିଥିଲେ। ଗଣତନ୍ତ୍ର ରାଷ୍ଟ୍ରରେ ସରକାର ହିନ୍ଦୁ ଦେବୋତ୍ତର ଆଇନ ପ୍ରଣୟନ କରି ବହୁ ଧାର୍ମିକ ଅନୁଷ୍ଠାନକୁ ନିଜ ଅକ୍ତିଆରଙ୍କୁ ନେଇ ପୂଜକ, ସେବାୟତ, ନ୍ୟାସୀ ଟ୍ରଷ୍ଟିମାନଙ୍କ ଅଧିକାର ଛଡ଼ାଇ ନେଇ ନିଜ ଅଧୀନରେ ରଖି ସେବାୟତଙ୍କୁ ଅଣଦେଖା କରୁଛନ୍ତି। ଓଡ଼ିଶାରେ ଓଏଚ୍ଆର୍ଇ ଆକ୍ଟ ଅନୁସାରେ ବହୁ ଧର୍ମାନୁଷ୍ଠାନର ୨୭ଧାରା ଲାଗୁ କରାଯାଇ ସେବାୟତଙ୍କୁ ଭୂସମ୍ପତ୍ତିରୁ ଉଚ୍ଛେଦ କରାଯାଇଛି। ପୁଣି ଥରେ ପୂଜକ ଓ ସେବାୟତମାନଙ୍କୁ ଭୂସମ୍ପତ୍ତି ଅଧିକାର ସୁବିଧା ଯୋଗାଇଦେବା ପାଇଁ ଦାବି କରିଛନ୍ତି। ମହାସଂଘ ପକ୍ଷରୁ ବୈକୁଣ୍ଠ ନାଥ ମହାପାତ୍ର, ଗୁଣନିଧି ମହାପାତ୍ର, ତ୍ରିଲୋଚନ ମହାପାତ୍ର, ବିଜୟ ମହାପାତ୍ର, ପଞ୍ଚାନନ ମହାପାତ୍ର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ପିଲାଙ୍କ ତୂଳୀରେ ମହାପ୍ରଭୁ



ଖୋର୍ଦ୍ଧା,୮।୨(ପ୍ରଭାତ ପାଣିଗ୍ରାହୀ)

ହିନ୍ଦୁ ଜାଗରଣ ମଞ୍ଚ ଖୋର୍ଦ୍ଧା ଆନୁକୂଲ୍ୟରେ ଆସନ୍ତା ୧୯ ତାରିଖରେ ଖୋର୍ଦ୍ଧାରେ ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀରେ ହିନ୍ଦୁ ଜାଗରଣ ଯାତ୍ରା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ବୌଦ୍ଧିକ ଜାଗରଣ ନିମନ୍ତେ ସ୍ଥାନୀୟ ଗାନ୍ଧୀପଡ଼ିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିମଳ ଚନ୍ଦ୍ର ରାଉତରାୟ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ହିନ୍ଦୁ ଜାଗରଣ ମଞ୍ଚର ଜିଲା ସଂଯୋଜକ ଶୁଭମ୍ ରାମ, ନଗର ସଂଯୋଜକ ବିକାଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୨୫୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଭାଗ ନେଇଥିଲେ। ପିଲାଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଓଡ଼ିଶାର ପର୍ବପର୍ବାଣି, ଓଡ଼ିଶାର ମହାପୁରୁଷ, ବଡ଼ଠାକୁର ଏବଂ ଶ୍ରୀମନ୍ଦିର ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତାରେ ଏକାଧିକ ବିଦ୍ୟାର୍ଥୀ ଯୋଗଦେଇଥିଲେ। ବିଚାରପତି ଭାବେ ଡ. ବୃନ୍ଦାବନ ପଣ୍ଡା, ପ୍ରାଧାପକ ସନ୍ତୋଷ କୁମାର ଦାସ, ବରିଷ୍ଠ ଅଧିବକ୍ତା ସୁହାସିନୀ ମିଶ୍ର, ଦେବାଶିଷ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

# ଜିଲାସ୍ତରରେ ବାଲ୍ୟ ବିବାହମୁକ୍ତ ଗ୍ରାମ ଘୋଷଣା ହେବ




କାର୍ଯ୍ୟକ୍ରମରେ ଅତିଥିମାନେ ବାଲ୍ୟ ବିବାହ ମୁକ୍ତ ଭାରତ ପୋଷ୍ଟର ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୮।୨(ସୁଚିସ୍ମିତା ସାହୁ)

ଓଡ଼ିଶାକୁ ୨୦୩୦ ସୁଦ୍ଧା ବାଲ୍ୟ ବିବାହମୁକ୍ତ ଘୋଷଣା କରାଯିବ। ଏନେଇ ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍କୁଲ, କଲେଜ ଓ ସାଧାରଣ ଜନତାଙ୍କ ମଧ୍ୟରେ ସରକାର ବାଲ୍ୟବିବାହ ମୁକ୍ତ ଓଡିଶା ପାଇଁ କାର୍ଯ୍ୟ କରୁଛନ୍ତି। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ହଷ୍ଟେଲ ୱାର୍ଡେନଙ୍କୁ ବାଲ୍ୟବିବାହ ନିରୋଧ ଅଧିକାରୀ ଭାବେ ଘୋଷଣା କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଭଳି ଲୋକାଭିମୁଖୀ ଯୋଜନା ଘୋଷଣା କରି ବାଲ୍ୟ ବିବାହ ରୋକିବାକୁ ପ୍ରୟାସ କରିଛନ୍ତି। ଜିଲାସ୍ତରରେ ବାଲ୍ୟବିବାହ ମୁକ୍ତ ଗ୍ରାମ ଘୋଷଣା ପାଇଁ ଚେଷ୍ଟା ଜାରି ରଖାଯାଇଛି ବୋଲି ବାଚସ୍ପତି ସୁରମା ପାଢ଼ୀ ଶୋଭାଯାତ୍ରାକୁ ଉଦ୍‌ଘାଟନ କରି କହିଛନ୍ତି। ରୁଚିକା ସମାଜ ମଙ୍ଗଳ ସଙ୍ଗଠନ, ଜଷ୍ଟ ରାଇଟ୍ସ ଫର ଚିଲଡ୍ରେନ ଆଲାଏନସ ଓ ଖୋରଧା ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ବାଲ୍ୟବିବାହ ମୁକ୍ତ ଭାରତ ରଥ ଓ ବାଲ୍ୟ ବିବାହ ବନ୍ଦ ପାଇଁ କାର୍ଯ୍ୟ କରୁଥିବା ଯୁବତୀଙ୍କର ଏକ ବିଶାଳ ଶୋଭାଯାତ୍ରା ରବିବାର ଲୋୟର ପିଏମ୍‌ଜିଠାରୁ ଆରମ୍ଭ ହୋଇ ଖୋରଧା ଜିଲା ତଥା ଭୁବନେଶ୍ୱରର ବିଭିନ୍ନ ଗ୍ରାମ ଓ ସହରାଞ୍ଚଳ ତଥା ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପହଞ୍ଚି ଲୋକଙ୍କୁ ସଚେତନ କରାଇବ। ଏହି ଅବସରରେ ସମ୍ମାନିତ ଅତିଥିଭାବେ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର, ଜଷ୍ଟ ରାଇଟସର ବାଲ୍ୟ ବିବାହ ମୁକ୍ତ ଭାରତ ଆବାହକ ବିଧାନ ଚନ୍ଦ୍ର ସିଂହ, ଶିଶୁ ଅଧିକାର କମିଶନର ସଦସ୍ୟା ମନସ୍ମିତା ଖୁଣ୍ଟିଆ, କସ୍ତୁରୀ ମିଶ୍ର, ସୁଜାତା ନାୟକ, ଚନ୍ଦନା ଦାସ, ଖୋରଧା ଜିଲା ସାମାଜିକ କଲ୍ୟାଣ ବିଭାଗର କାର୍ଯ୍ୟକ୍ରମ ଅଧିକାରୀ ସୌଦାମିନୀ ଦାସ ଓ ନଳିନୀ ପ୍ରଭା ଗିରି, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ହାତୀ ଉପଦ୍ରବ, ଜନସାଧାରଣ ଭୟଭୀତ

ବେଗୁନିଆ,୮।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିଚାଲିଛି। ବେଲପଡ଼ା ମୌଜାରେ ଏକ ହାତୀ ପଶି ଚାଷୀଙ୍କ ଫସଲ ନଷ୍ଟ କରିଥିବା ବେଳେ ଦଳେଇସାହିର ହାଲୁ ରଣସିଂହଙ୍କ ବାରଣ୍ଡାରେ ରହିଥିବା ଧାନ ବସ୍ତା ନେଇ ଯାଉଥିବା ବେଳେ ଲୋକେ ପାଟି କରିବାରୁ ଧାନବସ୍ତାକୁ ରାସ୍ତାରେ କଚାଡ଼ି ଦେଇଥିଲା। ସେହିପରି ଏକଡାଳିଆ ମୌଜାର ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ କୁକୁଡ଼ା ଫାର୍ମର ପାଚେରି ହାତୀ ଭାଙ୍ଗି ଦେଇଛି। ଭଗବାନ ସାମନ୍ତରାୟଙ୍କ ବାରିରେ ପଶି ଦଳିଚକଟି ପରିବା ନଷ୍ଟ କରିଥିଲା। ଏକଡାଳିଆ ମୌଜାର ରମେଶ ନାୟକଙ୍କ ଏକ ଧାନ ବସ୍ତା ନେଇ ପଳାଇଯାଇଥିଲା। ଭୋରୁ କେତେଜଣ ଲୋକ ଶୌଚ ପାଇଁ ଯାଇଥିବାବେଳେ ଗୌରାଙ୍ଗ ସାମନ୍ତରାୟ ହାତୀ ବୋଲି ଚିତ୍କାର କରିବାରୁ ସେଠାରୁ ଲୋକେ ଖସି ପଳାଇଥିଲେ। ନାରଗୋଦା ଏବଂ ଗଉଡିଆପଡ଼ା ଜଙ୍ଗଲରେ ୧୫ଟି ହାତୀ ରହିଥିବାରୁ ଜନସାଧାରଣ ବାହାରକୁ ନ ବାହାରିବା ପାଇଁ ରବିବାର ବନ ବିଭାଗ ପକ୍ଷରୁ ନିବେଦନ କରାଯାଇଛି।

# ଖବରଦାତାଙ୍କୁ ହତ୍ୟା ଧମକ ଅଭିଯୋଗ

କଳାପଥର,୮।୨(ଗଙ୍ଗାଧର ସାହୁ)

ବେଗୁନିଆ ଥାନା ତଥା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥର ଗ୍ରାମରେ ସରକାରୀ ଅନୁଦାନରେ ନିର୍ମିତ ଏକ ପାଠାଗାର ରହିଛି। ଜଣେ ପୂର୍ବତନ ସରପଞ୍ଚ ଉକ୍ତ ପାଠାଗାର ସମ୍ମୁଖକୁ ପାର୍କିଂସ୍ଥଳ ଭାବେ ବ୍ୟବହାର କରିଆସୁଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଏହାପରେ ସମ୍ପୃକ୍ତ ପୂର୍ବତନ ସରପଞ୍ଚ କ୍ରୋଧିତ ହୋଇ ଖବରଦାତା ଗଙ୍ଗାଧର ସାହୁଙ୍କ ପ୍ରତି ବିଭିନ୍ନ ସମୟରେ ଅଶାଳୀନ ମନ୍ତବ୍ୟ ଦେଇଆସୁଥିଲେ। ଗତ ଶନିବାର ଖବରଦାତା ସାହୁ ପୂର୍ବତନ ସରପଞ୍ଚଙ୍କ ଘର ସମ୍ମୁଖ ରାସ୍ତା ଅତିକ୍ରମ କରୁଥିଲେ। ଏହି ସମୟରେ ପାଠାଗାର ସମ୍ମୁଖରେ ଗାଡ଼ି ରଖି ଛିଡ଼ା ହୋଇଥିବା ପୂର୍ବତନ ସରପଞ୍ଚ ହଠାତ୍ ତାଙ୍କୁ ଗାଳିଗୁଲଜ କରିଥିଲେ। ଏପରିକି ସେ ତାଙ୍କ ପିଛାକରି ହନୁମାନ ମନ୍ଦିରଠାରେ ଖବରଦାତା ସାହୁଙ୍କ ଗାଡ଼ି ଆଗରେ ଗାଡ଼ି ରଖି ପୁଣି ଗାଳିଗୁଲଜ କରିବା ସହ ଗୁଣ୍ଡା ଲଗାଇ ହତ୍ୟା କରିବାକୁ ଧମକ ଦେଇଥିଲେ। ଏନେଇ ଖବରଦାତା ସାହୁ ରବିବାର ବେଗୁନିଆ ଥାନାରେ ଅନ୍‌ଲାଇନ ମାଧ୍ୟମରେ ଅଭିଯୋଗ କରିଛନ୍ତି।

# କଳିଙ୍ଗ ପାଇକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିଙ୍କ ସହ ଆୟୋଜକ ଟିମ୍‌ର କର୍ମକର୍ତ୍ତା।

ଖୋର୍ଦ୍ଧା,୮।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ଅଗ୍ରଣୀ କ୍ରୀଡ଼ା ଅନୁଷ୍ଠାନ କ୍ଲବ ମର୍ନିଂଷ୍ଟାରର ୬ଷ୍ଠ ସଂସ୍କରଣ କଳିଙ୍ଗ ପାଇକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ଉପଦେଷ୍ଟା ପଟ୍ଟନାୟକଙ୍କ ସଭାପତିତ୍ୱରେ ପୂର୍ବତନ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। କ୍ଲବର ସଭାପତି ଶୁଭେନ୍ଦୁ କୁମାର ସ୍ୱାଇଁ, ପୌର ପରିଷଦ ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ବ୍ଲକ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ଅଭିନେତା ମାନସ କୁମାର ମହାପାତ୍ର, ରାଜେଶ ପରିଡା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ ଆଫ୍ରିକାନ-୧୧ ସେଞ୍ଚୁରିଆନ ଏବଂ ଉତ୍କଳ ସ୍ପୋର୍ଟିଂ ଜଟଣୀ ଏବଂ ଦ୍ୱିତୀୟ ମ୍ୟାଚ୍ କ୍ଲବ ମର୍ନିଂଷ୍ଟାର ଏବଂ ଆର୍ଡୋର କ୍ଲବ ଦିଲ୍ଲୀ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମ ମ୍ୟାଚରେ ୩-୧ ଗୋଲରେ ଆଫ୍ରିକାନ-୧୧ ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ସେହିପରି ଦ୍ୱିତୀୟ ମ୍ୟାଚରେ ୫-୧ ଗୋଲରେ କ୍ଲବ ମର୍ନିଂଷ୍ଟାର ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଆଲୋକ ସାହୁ, ଅମିତ ନାୟକ, ସାଗୀର ଅହମ୍ମଦ, ଅମଜାଦ ଖାନ ଏବଂ ଗିରୀଶ ଯାନି ମ୍ୟାଚ୍ ପରିଚାଳନା କରିଥିଲେ।

### ଦୋକାନରେ ପଶି ସୁନା ମୁଦି, ଟଙ୍କା ଲୁଟିନେଲେ

ଭୁବନେଶ୍ୱର,୮।୨(ତ୍ରିନାଥ ମହାନ୍ତି)

ଦୋକାନରେ ପଶି ସୁନା ମୁଦି ଏବଂ ୧୪ ହଜାର ଟଙ୍କା ଚୋରି କରିବା ନେଇ ଏୟାରଫିଲ୍ଡ ଥାନାରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ସୁବାଷ ଚନ୍ଦ୍ର ରାଉତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି। ଅଭିଯୋଗ ଅନୁସାରେ, ଏବରଙ୍ଗ ଅଞ୍ଚଳରେ ସୁବାଷଙ୍କ ଏକ ଇଲୋକ୍ଟ୍ରୋନିକ୍ସ ଦୋକାନ ରହିଛି। ଗତ ଦୁଇ ଦିନ ତଳେ ତାଙ୍କ ଦୋକାନକୁ ୩ଜଣ ଯୁବକ ଆସି ବସିଥିଲେ। ଏହି ସମୟରେ ସୁବାଷ ଦୋକାନ ସଫାସଫି କରୁଥିଲେ। ତାଙ୍କର ବ୍ୟସ୍ତତାର ସୁଯୋଗ ନେଇ ଦୋକାନ ଡ୍ରରେ ରଖିଥିବା ୩ଟି ମୁଦି ଏବଂ ୧୪ ହଜାର ଟଙ୍କା ଲୁଟିନେଇଥିଲେ।

# ବାଣପୁରରେ ସାଧୁ-ସନ୍ଥ ସମ୍ମିଳନୀ




ବାଣପୁର, ୮।୨(ଦିଲ୍ଲୀପ କୁମାର ସୱାଇଁ)

ବାଣପୁରର ପଲଟନ ପଡ଼ିଆଠାରେ ରବିବାର ଦ୍ୱିତୀୟ ରାଷ୍ଟ୍ରୀୟ ସାଧୁ-ସନ୍ଥ ଓ ମାଳିକା ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏକ ଆଧାତ୍ମିକ ଚ୍ୟାନେଲର ସଭାପତି ବିରଞ୍ଚି ନାରାୟଣ ପ୍ରଧାନ ଏବଂ ସମ୍ପାଦିକା ସାଲିନୀ ମହାନ୍ତିଙ୍କ ନେତୃତ୍ୱରେ ଏହି ସମ୍ମିଳନୀ ପରିଚାଳିତ ହୋଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ଓ ପଞ୍ଚସଖା ମାଳିକା ତତ୍ତ୍ୱର ପ୍ରଚାର ଲକ୍ଷ୍ୟରେ ଆୟୋଜିତ ଏହି ସମାବେଶରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ଧ୍ୟାରେ ପରିବ୍ରାଜକ ପ୍ରମୋଦ କୁମାର ପୃଷ୍ଟିଙ୍କ ମାଳିକା ପ୍ରବଚନ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଅବସରରେ ଆଧାତ୍ମିକତା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଧର୍ମା ମହାସଂଘ ଓ ପଞ୍ଚୁଦୋଳ କମିଟିକୁ 'ସଂସ୍କୃତି ସଂରକ୍ଷକ ସମ୍ମାନ'ରେ ସମ୍ମାନିତ କରାଯାଇଥିବା ବେଳେ ଦିବ୍ୟସିଂହ ହରିଚନ୍ଦନ, ପ୍ରହ୍ଲାଦ ନାୟକ, ପ୍ରଦୀପ ଦାସ ଏବଂ ଅଭିରାମ ସରସ୍ୱତୀଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ' ପ୍ରଦାନ କରାଯାଇଥିଲା। ସେହିପରି ପୁଲିନ ବିହାରୀ ପଣ୍ଡା ଓ କାହ୍ନୁ ଚରଣ ପରିମାଣିକଙ୍କୁ 'ମାଳିକା ରତ୍ନ', ଦିବାକର ଦାସ ମହାରାଜଙ୍କୁ 'ମାଳିକା ପ୍ରବଚକ', ବାଦଲ ମିଶ୍ରଙ୍କୁ 'ମାଳିକା ସଂଗ୍ରାହକ' ଏବଂ ସତ୍ୟବ୍ରତ ମିଶ୍ରଙ୍କୁ 'ସଂସ୍କୃତି ରକ୍ଷକ' ଉପାଧିରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

# ଫ୍ରେଣ୍ଡସ୍ କ୍ଲବ ସେମିଫାଇନାଲରେ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ବେଗୁନିଆ,୮।୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ଗୌଡ଼ିଆପଡ଼ା-ଇନ୍ଦିପୁର ଖେଳପଡ଼ିଆରେ ୯ମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପରିଷଦ ସଭ୍ୟ ଅନାଦି ଚରଣ ସାହୁ ମୁଖ୍ୟ ଅତିଥି, ପିତୁକୁଳି ମଣ୍ଡଳ ସଭାପତି ଅରୁଣ ସାହୁ ଏବଂ ବୋଲଗଡ଼ ମଣ୍ଡଳ ସଭାପତି ଦିପନ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ପତାକା ଦେଖାଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ନିୟୁ ୟୁଥ କ୍ଲବ ଭୁବନେଶ୍ୱର ଏବଂ ଫ୍ରେଣ୍ଡସ କ୍ଲବ ବୋଲଗଡ଼ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟରେ ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଫଳରେ ଟାଇବ୍ରେକରରେ ୫-୪ ଗୋଲରେ ଫ୍ରେଣ୍ଡସ କ୍ଲବ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ନାଲୁ ନାୟକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚ ରେଫରିଭାବେ ଶରତ ଛୋଟରାୟ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଚିତ୍ତରଞ୍ଜନ ପରିଡା, ମନୋଜ ସାମନ୍ତସିଂହାର ଏବଂ ସନ୍ତୋଷ ସାଇଁ ଲାଇନରେ ସହାୟତା କରିଥିଲେ।

ଆୟୋଜକ କ୍ଲବର ସଭ୍ୟ ପ୍ରଶାନ୍ତ କୁମାର ପାଟ୍ଟଶାଣୀ ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ସୋମବାର ଖୋର୍ଦ୍ଧାର ଜୁନିୟର ଏଫ୍‌ସି କ୍ଲବ ଏବଂ ଶରଣକୁଳ ବାବା ଲଡୁକେଶ୍ୱର ଆଥଲେଟିକ ଆସୋସିଏଶନ ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକ କ୍ଲବ ପକ୍ଷରୁ କୁହାଯାଇଛି।

### ଚାନ୍ଦପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

# ମହାଶକ୍ତି ୱାରିୟର ଚାମ୍ପିୟନ




ଅତିଥିଙ୍କଠାରୁ ଚାମ୍ପିୟନ ଟିମ୍‌ର ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ଟାଙ୍ଗୀ,୮।୨(ରଘୁନାଥ ସାହୁ)

ଚାନ୍ଦପୁର ବସନ୍ତମଞ୍ଜରୀ ସାଧାରଣ ଚିକିତ୍ସାଳୟ ପରିସରସ୍ଥିତ ରାମପାଦ ଖେଳପଡ଼ିଆରେ ଚାନ୍ଦପୁର ୟୁଥ୍ ମାସ ଦ୍ୱାରା ଚାଲିଥିବା ପ୍ରିମିୟର କ୍ରିକେଟ ଲିଗ୍‌ରେ ମହାଶକ୍ତି ୱାରିୟର ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ମହାଶକ୍ତି ୱାରିୟର ଏବଂ ରାମଚଣ୍ଡୀ ୱାରିୟର ମଧ୍ୟରେ ହୋଇଥିଲା। ରାମଚଣ୍ଡୀ ୱାରିୟର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୭୨ରନ ସଂଗ୍ରହ କରିଥିଲା। ଜବାବରେ ମହାଶକ୍ତି ୱାରିୟର ୩ ଉଇକେଟ ବିନିମୟରେ ୧୭୩ ରନ ସଂଗ୍ରହ କରି ବିଜୟୀ ହେବାସହ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥିଭାବେ ସମାଜସେବୀ ତ୍ରିନାଥ ବିଶ୍ୱାଳ, ସମ୍ମାନିତ ଅତିଥି ଚାନ୍ଦପୁର ସରପଞ୍ଚ ରଞ୍ଜିତା ସେନାପତି, ଭୁବନେଶ୍ୱର ଏମ୍ପିଙ୍କ ପ୍ରତିନିଧି ଚିନ୍ମୟ ପୃଷ୍ଟି, ଅରୁଣ ସୁବୁଦ୍ଧି, ମନୋଜ ଦାସ, ଦୀପକ ସେନାପତି ପ୍ରମୁଖ ଯୋଗଦେଇଥିଲେ। ସୁକାନ୍ତ ଦତ୍ତ ଏବଂ ଗଗନ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଚାମ୍ପିୟନ ଟିମକୁ ୪୫ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସଅପ ଟିମକୁ ୩୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ସଂଗ୍ରାମ ମାନସିଂଙ୍କୁ ମ୍ୟାନ ଅଫ ଦି ସିରିଜ ଟ୍ରଫି ପ୍ରଦାନ କରାଯାଇଥିଲା। ୟୁଥ ମାସ ପକ୍ଷରୁ ପ୍ରଭାକର ବେହେରା, ରଶ୍ମିରଞ୍ଜନ ସ୍ୱାଇଁ, ଦୀପକ ମହାପାତ୍ର, ସରୋଜ ପାତ୍ର, ଦୋଳଗୋବିନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୨।୨୦୨୬

| | |
|---|---|
| ୭,୮୭,୦୬୫ ଟଙ୍କା | |
| ସୁନା | ୫.୧୦୦ ଗ୍ରାମ୍ |
| ରୁପା | ୧୩.୯୦୦ ଗ୍ରାମ୍ |

# ବିଏମ୍ଏସ୍‌ର ତ୍ରୈବାର୍ଷିକ ଅଧିବେଶନ ଉଦ୍‌ଯାପିତ



ବିଏମ୍ଏସ୍‌ର ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ।

**■ ନୂତନ କମିଟି ଗଠନ, ଶ୍ରମିକଙ୍କ ସ୍ୱାର୍ଥରେ ୪ ପ୍ରସ୍ତାବ ପାରିତ**
**■ ଏସ୍. ମଲେଶମ ଅଧ୍ୟକ୍ଷ, ସୁରେନ୍ଦ୍ର ପାଣ୍ଡେୟ ମହାମନ୍ତ୍ରୀ**

ପୁରୀ,୮।୨(ଅଜିତ୍ କୁମାର ମହାନ୍ତି)

ପୁରୀରେ ଆୟୋଜିତ ହୋଇଥିବା ଭାରତୀୟ ମଜଦୁର ସଂଘ(ବିଏମ୍ଏସ)ର ତ୍ରିଦିବସୀୟ ତ୍ରୈବାର୍ଷିକ ଅଧିବେଶନ ରବିବାର ଉଦ୍‌ଯାପିତ ହୋଇଯାଇଛି। ଅଧିବେଶନର ଶେଷ ଦିବସରେ ୨୦୨୬ରୁ ୨୦୨୯ ପାଇଁ ନୂତନ କେନ୍ଦ୍ରୀୟ କମିଟି ଗଠନ କରାଯାଇଛି। ନିର୍ବାଚନ ଅଧିକାରୀ ଏସ୍. କେ. ରାଠୋରଙ୍କ ନିରୀକ୍ଷଣରେ ଏହି ନିର୍ବାଚନ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ନୂତନ କମିଟିରେ ଏସ୍. ମଲେଶମ (ତେଲେଙ୍ଗାନା)ଙ୍କୁ ଅଧ୍ୟକ୍ଷ ଭାବେ ଚୟନ କରାଯାଇଥିବା ବେଳେ ସୁରେନ୍ଦ୍ର କୁମାର ପାଣ୍ଡେୟ (ଛତିଶଗଡ଼)ଙ୍କୁ ମହାମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଛି। ଉପାଧ୍ୟକ୍ଷ ଭାବେ ସୁଖବିନ୍ଦର ସିଂହ ଡିଙ୍କି (ପଞ୍ଜାବ), ନୀତା ଚୌବେ (ବିଦର୍ଭ), ଅଶୋକ ଶୁକ୍ଲା (ଉତ୍ତରପ୍ରଦେଶ), ଉନ୍ନୀକୃଷ୍ଣନ୍ ଉନ୍ନୀନାଥନ୍ (କେରଳ), ରାଜେନ୍ଦ୍ର ଶର୍ମା (ରାଜସ୍ଥାନ), ପବନ କୁମାର (ଦିଲ୍ଲୀ) ଓ ଜିଗ୍ନେଶ ମଜୁମଦାର (ଗୁଜରାଟ)ଙ୍କୁ ଚୟନ କରାଯାଇଛି।

ଏହାସହ ରାମନାଥ ଗଣେଶ (ମଧ୍ୟପ୍ରଦେଶ), ଅଞ୍ଜଳିପଟେଲ (ଓଡ଼ିଶା), ରାଧେଶ୍ୟାମ ଜୟସ୍ୱାଲ (ଛତିଶଗଡ଼), ଅରବିନ୍ଦ ମିଶ୍ର (ମଧ୍ୟପ୍ରଦେଶ), ଅଶୋକ କୁମାର (ହରିୟାଣା), ଅନିଲ ଡୁମନେ (ମହାରାଷ୍ଟ୍ର) ଓ ସଞ୍ଜୟ କୁମାର ସିହ୍ନା (ବିହାର)ଙ୍କୁ ମନ୍ତ୍ରୀ ଭାବେ ଦାୟିତ୍ୱ ଦିଆଯାଇଛି। ଅନୀଶ ମିଶ୍ର(ଦିଲ୍ଲୀ)ଙ୍କୁ ଅର୍ଥ ସଚିବ, ବି. ସୁରେନ୍ଦ୍ରନ୍‌ଙ୍କୁ ସଂଗଠନ ମନ୍ତ୍ରୀ, ଗଣେଶ ମିଶ୍ରଙ୍କୁ ସହସଂଗଠନ ମନ୍ତ୍ରୀ ଓ ପାଲଜିତ ପରମାରଙ୍କୁ କାର୍ଯ୍ୟାଳୟ ସଚିବ ଭାବେ ନିଯୁକ୍ତ କରାଯାଇଛି। ଅଧିବେଶନରେ ଶ୍ରମିକ ସ୍ୱାର୍ଥ ସମ୍ପର୍କିତ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ପାରିତ କରାଯାଇଛି। ପ୍ରସ୍ତାବଗୁଡ଼ିକ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯିବ ବୋଲି ସଂଘ ପକ୍ଷରୁ ସୂଚନା ମିଳିଛି। ପାରିତ ହୋଇଥିବା ପ୍ରସ୍ତାବ ମଧ୍ୟରେ କୌଣସି ଅପବାଦ ବିନା ସମସ୍ତ ଶ୍ରମିକଙ୍କ ଉପରେ ଶ୍ରମ ଆଇନ ସାର୍ବଜନୀନ ଭାବେ ଲାଗୁ କରିବା, ଠିକା ଶ୍ରମିକଙ୍କୁ ଶୋଷଣ ରୋକିବା ପାଇଁ ଆଇନରେ ପରିବର୍ତ୍ତନ କରିବା, ଅଙ୍ଗନୱାଡି କର୍ମୀଙ୍କୁ କର୍ମଚାରୀ ମର୍ଯ୍ୟାଦା ଦେଇ ସେମାନଙ୍କୁ ବେତନ ଓ ସାମାଜିକ ସୁରକ୍ଷା ସୁବିଧା ଯୋଗାଇବା ଓ ତ୍ରିପାକ୍ଷିକ ବ୍ୟବସ୍ଥାକୁ ପୁନର୍ଜୀବିତ କରି ଏହାକୁ ପ୍ରଭାବଶାଳୀ ଓ ନିୟମିତ କରିବା ପାଇଁ ଦାବି କରାଯାଇଛି। ଏହି ଅଧିବେଶନରେ ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଶ୍ରମିକ ପ୍ରତିନିଧିମାନେ ଯୋଗଦେଇ ଶ୍ରମିକ ଅଧିକାର ଓ ସୁରକ୍ଷା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଶେଷରେ ପତାକା ଅବତରଣ କରାଯାଇ ଅଧିବେଶନ ସାଙ୍ଗ କରାଯାଇଥିଲା।

## ସାକ୍ଷୀଗୋପାଳ ମନ୍ଦିରରେ ୯ ଜଣିଆ ଟ୍ରଷ୍ଟ ବୋର୍ଡ ଗଠିତ

ସାକ୍ଷୀଗୋପାଳ,୮।୨(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ)

ସାକ୍ଷୀଗୋପାଳଙ୍କ ସମସ୍ତ ପ୍ରଶାସନିକ କାର୍ଯ୍ୟ ଶୃଙ୍ଖଳିତ କରିବା ପାଇଁ ୯ ଜଣିଆ ମଧ୍ୟବର୍ତ୍ତିକାଳୀନ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଛି। ଐତିହ୍ୟ କମିଶନରଙ୍କ କାର୍ଯ୍ୟାଳୟ ଓଡ଼ିଶା ଭୁବନେଶ୍ୱରଙ୍କ ରିପୋର୍ଟ ନଂ.୯୭, ନିର୍ଦ୍ଦେଶ ନମ୍ବର ୧୦୧୧ (୯)/୫୩୨-ପି.(ଏମ୍) ତାରିଖ ୦୪।୦୨।୨୬ ଅନୁଯାୟୀ ଆଇନ, ୧୯୫୧ର ଧାରା ୭ ଅନୁଯାୟୀ ପ୍ରଦତ୍ତ କ୍ଷମତା ବ୍ୟବହାର କରି ଓଡ଼ିଶା, ଭୁବନେଶ୍ୱରର ଏଣ୍ଡାଓମେଣ୍ଟ କମିଶନର ୯ ଜଣଙ୍କୁ ମଧ୍ୟବର୍ତ୍ତିକାଳୀନ ଟ୍ରଷ୍ଟ ବୋର୍ଡର ସଦସ୍ୟ ଭାବରେ ୧ ବର୍ଷ ପାଇଁ କିମ୍ବା ନିୟମିତ ଏକ ଯୋଜନା ଟ୍ରଷ୍ଟ ବୋର୍ଡ ଗଠନ ହେବା ପର୍ଯ୍ୟନ୍ତ କାର୍ଯ୍ୟ କରିବେ ବୋଲି ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ତହସିଲଦାର ସତ୍ୟବାଦୀ, ସତ୍ୟବାଦୀ ବ୍ଲକ ବିକାଶ ଅଧିକାରୀ ଅର୍ଥାତ୍ ବିଡିଓ, ସତ୍ୟବାଦୀ ଥାନାଧିକାରୀ, ସାକ୍ଷୀଗୋପାଳ ପ୍ରାଣୀ ଚିକିତ୍ସା ସର୍ଜନ, ଡେପୁଟି ଡାଇରେକ୍ଟର ଉଦ୍ୟାନ କୃଷି ବିଭାଗ ସତ୍ୟବାଦୀ, ପୁରାଣ ପଣ୍ଡିତ ଏବଂ ପୁରୋହିତ ସେବକ ବାଳକୃଷ୍ଣ ମହାପାତ୍ର, ସିଂହାରୀ ସେବକ ଉମେଶ ଚନ୍ଦ୍ର ନନ୍ଦ, ବୁଦ୍ଧିଜୀବୀ ଲୋକନାଥ ବାରିକ ଓ କବିରାଜ ଦଳାଇ ପ୍ରମୁଖ ଏହି ବୋର୍ଡରେ ରହିଛନ୍ତି। ଖୁବ୍‌ଶୀଘ୍ର ନୂତନ ଟ୍ରଷ୍ଟ ବୋର୍ଡ ବୈଠକର ନିଷ୍ପତ୍ତି ଅନୁଯାୟୀ, ଅନ୍ତରୀଣ ପରିଚାଳନା ଟ୍ରଷ୍ଟି ନିର୍ବାଚନ କରାଯିବ ବୋଲି ସାକ୍ଷୀଗୋପାଳ ମନ୍ଦିର ପ୍ରଶାସକ ତଥା ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ୨୦୦୦ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବାଣ୍ଟିଲେ ଏମ୍‌ପିଙ୍କ ପ୍ରତିନିଧି

ଅସ୍ତରଙ୍ଗ,୮।୨(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ବାଗୁରୀଗାଁ ପଞ୍ଚାୟତର କଣିଆ ଗ୍ରାମରେ ୨୦୦୦ରୁ ଊର୍ଦ୍ଧ୍ୱ ଗରିବ, ନିରାଶ୍ରୟ ଓ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏଥିରେ ସିଦ୍ଧି ବିନାୟକ ଚାରିଟେବଲ୍ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ରାକେଶ କୁମାର ବିଶ୍ୱାଳ, ବାଗୁରୀଗାଁ ସରପଞ୍ଚ ପାର୍ଥସାରଥି ବେହେରା, ଟ୍ରଷ୍ଟ ସଭାପତି ସତ୍ୟପ୍ରିୟ ବେହେରା, ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ଓ ଟ୍ରଷ୍ଟର ସଭ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ସମସ୍ତ ପଞ୍ଚାୟତରେ କରାଯିବ ବୋଲି ସଭାପତି ବିଶ୍ୱାଳ ପ୍ରକାଶ କରିଥିଲେ।

## ହିନ୍ଦୁସମାଜ ପକ୍ଷରୁ ବିଶାଳ ହିନ୍ଦୁ ସମ୍ମିଳନୀ

ନିମାପଡ଼ା,୮।୨(ଚିତ୍ତରଞ୍ଜନ ସାହୁ)

ସମଗ୍ର ହିନ୍ଦୁସମାଜ ପକ୍ଷରୁ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ନିମାପଡ଼ାସ୍ଥିତ ମା'ପୂର୍ଣ୍ଣେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଅତିଥି ଭାବେ ପୁରୀ ବିଭାଗର ପ୍ରମୁଖ କୈଳାସ ଚନ୍ଦ୍ର ମହାପାତ୍ର, ପୁରୀ ଜିଲା ଗୋ ପ୍ରମୁଖ ଗୋ ରକ୍ଷକ ପ୍ରଭାତ ମହାପାତ୍ର, ଡ. ଅମୂଲ୍ୟ ପ୍ରସାଦ ଦାଶ, ମୁଖ୍ୟ ପୁରୋଧା ଭାଗୀରଥି ଓଝା, ମହନ୍ତ ଲିଙ୍ଗରାଜ ଦାସ ପ୍ରମୁଖ ଯୋଗଦେଇ ଜାତିଭେଦ ଦୂରକରି ହିନ୍ଦୁ ସମରସତା ପ୍ରତିଷ୍ଠା କରିବା, ହିନ୍ଦୁ ଜାଗରଣ ଦିଗକୁ ନୂତନ ଶକ୍ତି ଓ ଚେତନା ପ୍ରଦାନ କରିବା, ସମଗ୍ର ହିନ୍ଦୁସମାଜ ଦ୍ୱାରା ସନାତନ ସଂସ୍କୃତି, ସନାତନ ଧର୍ମ ଓ ସାମାଜିକ ଏକତାର ଜାଗରଣ ଏହି ହିନ୍ଦୁ ସମ୍ମିଳନୀର ମୂଳମନ୍ତ୍ର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶ୍ରୀମନ୍ତ ଶେଖର ରଥ ସମାରୋହରେ ଅଧ୍ୟକ୍ଷତା କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଉମାଶଙ୍କର ଆଚାର୍ଯ୍ୟ, ଶିକ୍ଷାବିତ୍ ଶରତ ସେନାପତି, ଶିକ୍ଷାବିତ୍ ବାବୁଲି ମହାପାତ୍ର, ଅମୀୟ ପୌଦାର, ଦିଲୀପ ପାତ୍ର, ଭାଗୀରଥି ଓଝା ପ୍ରମୁଖ ଏହି ସମ୍ମିଳନୀର ସଂଯୋଜନା ଓ ପରିଚାଳନା କରିଥିଲେ। ସମ୍ମିଳନୀରେ ୩ଜଣ କୃତୀ ପ୍ରତିଭା ଜ୍ଞାନ ରଞ୍ଜନ ଦାଶ, ଗୋପାଳ ଚନ୍ଦ୍ର ସାହୁ, ଦିଲୀପ ପାତ୍ର ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ଧର୍ମସଭା, ହରିହାଟ ପାଠ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏକ ନଗର କୀର୍ତ୍ତନ ସହର ପରିକ୍ରମା କରିଥିଲା। ସମାରୋହରେ ବହୁ ଶିକ୍ଷାବିତ୍, ଧର୍ମପରାୟଣ ବ୍ୟକ୍ତି, ପଣ୍ଡିତ, ମହନ୍ତ, ସଂକୀର୍ତ୍ତନ କଳାକାର ପ୍ରମୁଖ ଯୋଗ ଦେଇଥିଲେ। ସମାଜର କଲ୍ୟାଣ ପାଇଁ ମା' ପୂର୍ଣ୍ଣେଶ୍ୱରୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। କୃତୀ ନୃତ୍ୟ ସଙ୍ଗୀତ ଶିଳ୍ପୀମାନଙ୍କ ପକ୍ଷରୁ ପରିବେଷିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅତିଥି, ଶ୍ରଦ୍ଧାଳୁ, ଦର୍ଶକଙ୍କୁ ବେଶ ବିମୋହିତ କରିଥିଲା।

## ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା, ବିଦେଶରେ ସ୍ୱର୍ଣ୍ଣ ଜିତିଲେ ପୁରୀ ପୁଅ

ପୁରୀ,୮।୨(ଅଜିତ୍ କୁମାର ମହାନ୍ତି)



ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ବିଜେତା ପୁରୀର ସୋମିୟାଲ ଜେନା ।

ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ପୁରୀର ପୁଅ। ଭାରତୀୟ ସେନାରେ କାର୍ଯ୍ୟରତ ପୁରୀର ସୋମିୟାଲ ଜେନା ବିଦେଶ ମାଟିରେ ଅନୁଷ୍ଠିତ ହୋଇଥିବା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ଗୌରବ ଆଣିଛନ୍ତି।

ସୂଚନାଯୋଗ୍ୟ, ଜାନୁଆରୀ ୨୯ରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ ନେପାଳର ପୋଖରାଠାରେ ଏସ୍. ବିକେଏଫ୍ ଅନ୍ତର୍ଜାତୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ଏସିଆ ମହାଦେଶର ବିଭିନ୍ନ ଦେଶର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ବର୍ଗରେ ଭାରତର ୧୧୩ ଜଣ ପ୍ରତିଯୋଗୀ ସାମିଲ ଥିବାବେଳେ ଓଡ଼ିଶାରୁ ଏକମାତ୍ର ପ୍ରତିଯୋଗୀ ରହିଥିଲେ ସୋମିୟାଲ ଜେନା। ଏହା ତାଙ୍କର ପ୍ରଥମ ଆନ୍ତର୍ଜାତିକ ପ୍ରତିଯୋଗିତା ଥିବାବେଳେ ଏଥିରେ ତାଙ୍କୁ ବଡ଼ ସଫଳତା ମିଳିଛି। ସେ ୮୫ କି.ଗ୍ରା. ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଭାରତୀୟ ସେନାରେ ଚାକିରି କରୁଥିବା ସୋମିୟାଲ ପୂର୍ବରୁ ଆଇବିବିଏଫ୍ଏଫ୍ ପକ୍ଷରୁ ବେଲଗାଉଁଠାରେ ଅନୁଷ୍ଠିତ ଜାତୀୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ହେଲେ ସେଥିରେ ସେ କୌଣସି ସଫଳତା ପାଇ ନ ଥିଲେ। କିନ୍ତୁ ରାଜ୍ୟ ଏବଂ ଜିଲାସ୍ତରରେ ସ୍ୱର୍ଣ୍ଣ ଜିତିଥିବା ସୋମିୟାଲ ମିଷ୍ଟର ଜବଲପୁରରେ ରୌପ୍ୟ ବିଜେତା ହୋଇଥିଲେ। ସେହିପରି ଜିଲାସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରିଥିଲେ। ପୁରୀ ଦଇତାପଡ଼ା ସାହିର ତ୍ରିନାଥ ଜେନା ଓ ଉର୍ମିଳା ଜେନାଙ୍କ ପୁଅ ସୋମିୟାଲ ଆଗକୁ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବେ ବୋଲି ଆଶାବାଦୀ ଅଛନ୍ତି।

## ବାଇକ୍ ଧକ୍କାରେ ଚିକିତ୍ସାଧୀନ ବୃଦ୍ଧଙ୍କ ମୃତ୍ୟୁ

ପୁରୀ,୮।୨(ଅଜିତ୍ କୁମାର ମହାନ୍ତି)

ବାଇକ୍ ଧକ୍କାରେ ଶନିବାର ଜଣେ ବୃଦ୍ଧ ଗୁରୁତର ହୋଇଥିଲେ। ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଠାରେ ରବିବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ହେଲେ ନବକଳେବର ରୋଡସ୍ଥ ପଦ୍ମନାଭ ରଥ। ସୂଚନାଯୋଗ୍ୟ, ପଦ୍ମନାଭ ରାସ୍ତା ଅତିକ୍ରମ କରୁଥିବା ବେଳେ ବାଇକ୍ ଧକ୍କା ମାରିଥିଲା। ଗାଡ଼ି ଧକାରେ ସେ ତଳେ ପଡ଼ି ଛଟପଟ ହେଉଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। କୁମ୍ଭାରପଡା ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇଥିବା କୁମ୍ଭାରପଡ଼ା ଥାନା ଅଧିକାରୀ ବିଜୟ ବେହେରା ସୂଚନା ଦେଇଛନ୍ତି। ବାଇକ୍ ଚଲାଉଥିବା ଯୁବକ ମଧ୍ୟ ଗୁରୁତର ହୋଇ କଟକରେ ଚିକିତ୍ସିତ ହେଉଛନ୍ତି। ପୋଲିସ ଦୁର୍ଘଟଣା ଘଟାଇଥିବା ବାଇକକୁ ଜବତ କରିଛି।

## ବିଦୀପ୍ତ ପ୍ରସନ୍ନ ନାୟକଙ୍କୁ ପୁରୀଶ୍ରୀ-୨୦୨୬ ଟାଇଟଲ୍



**୬୪ତମ ପୁରୀ ଜିଲା ବଡି ବିଲ୍ଡିଂ ଚାମ୍ପିୟନଶିପ୍**

ପୁରୀ,୮।୨(ଅଜିତ୍ କୁମାର ମହାନ୍ତି)

ଜିଲା ଆମେଚର ବଡି ବିଲ୍ଡିଂ ସଂଘ ପକ୍ଷରୁ ୬୪ତମ ପୁରୀ ଜିଲା ବଡି ବିଲ୍ଡିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦ ଜଣ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଅତିଥି ଭାବେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସଂଘର ଉପଦେଷ୍ଟା ମନୋଜ ରଥ, ସଭାପତି ସତ୍ୟନାରାୟଣ ମହାନ୍ତି, ଉପସଭାପତି ବାସୁଦେବ ପ୍ରତିହାରୀ, ସାଧାରଣ ସମ୍ପାଦକ ଡ. ଭାରତୀକୃଷ୍ଣ ବ୍ରହ୍ମା, କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ସାହୁ, କୋଷାଧ୍ୟକ୍ଷ ପଙ୍କଜଲୋଚନ ପ୍ରତିହାରୀ, ବିଜୟକୃଷ୍ଣ ବ୍ରହ୍ମା, ଶାନ୍ତିରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ଓଜନ ବର୍ଗରେ ମଧ୍ୟ ଶ୍ରେଷ୍ଠ ବିଜେତା ଚୟନ କରାଯାଇଛି। ୫୫ କେଜିରେ ଦେବାଶିଷ ମହାପାତ୍ର, ୬୦ କେଜିରେ ଧୀରେନ୍ଦ୍ର ବାରିକ, ୬୫ କେଜିରେ ବିଶ୍ୱରଞ୍ଜନ ଭୋଇ, ୭୦ କେଜିରେ ଇନ୍ଦ୍ରସେନ ପରିଡ଼ା, ୭୫ କେଜିରେ ଦିଲ୍ଲୀପ କୁମାର ବରାଳ, ୮୫ କେଜିରେ କେ.ଟି. ଉମେଶ, ୯୦ କେଜିରେ ବିଶ୍ୱନାଥ ନାୟକ, ୯୫ କେଜି ବର୍ଗରେ ବିଦୀପ୍ତ ପ୍ରସନ୍ନ ନାୟକ ବିଜେତା ହୋଇଛନ୍ତି। ଏଥିସହ ଗୌରବ ପ୍ରଧାନ ଓ ହେମନ୍ତ କୁମାର ଭୋଇ ପୁରୁଷ ଫିଜିକ ବିଜେତା ହୋଇଛନ୍ତି। ସେହିପରି ପ୍ରତିଯୋଗିତାରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ ପୂର୍ବକ 'ବିଦୀପ୍ତ ପ୍ରସନ୍ନ ନାୟକ ପୁରୀଶ୍ରୀ-୨୦୨୬' ଟାଇଟଲ୍ ଜିତିଛନ୍ତି। କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

## ଦ୍ୱିତୀୟ ରାଜ୍ୟସ୍ତରୀୟ କଣ୍ଟେଣ୍ଟ କ୍ରିଏଟର୍ସ ମିଟ୍

କୋଣାର୍କ,୮।୨(ଜ୍ୟୋତିରାଜ ମହାନ୍ତି)

ଫୁଡିସ ଅଫ ଭୁବନେଶ୍ୱର ଓ ଚଲୋ ଓଡ଼ିଶା ପକ୍ଷରୁ କୋଣାର୍କ ଇକୋ ରିଟ୍ରିଟ୍‌ଠାରେ ଦ୍ୱିତୀୟ ରାଜ୍ୟସ୍ତରୀୟ କଣ୍ଟେଣ୍ଟ କ୍ରିଏଟର୍ସ ମିଟ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାରୁ ଶତାଧିକ ଡିଜିଟାଲ କ୍ରିଏଟର୍, ଫଟୋଗ୍ରାଫର୍, ଫିଲ୍ମମେକର, କଳାକାର ଓ କଥା କାହାଣୀକାରମାନେ ଯୋଗଦେଇ ଗୋଟିଏ ମଞ୍ଚରେ ମତ ବିନିମୟ କରିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପର୍ଯ୍ୟଟନ ପୁରୀର ସହାୟକ ନିର୍ଦ୍ଦେଶକ ସରୋଜ କୁମାର ପ୍ରଧାନ, ଓଡ଼ିଶୀ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଏବଂ ଓଲିଉଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଅତିଥିମାନେ ପର୍ଯ୍ୟଟନ ବିକାଶ, ଓଡ଼ିଆ ସଂସ୍କୃତି ଓ ହସ୍ତକଳାର ପ୍ରଚାର ସହ ଓଡ଼ିଶାର ସୃଜନଶୀଳ ବିକାଶ ବିଷୟରେ ଆଲୋଚନା କରିଥିଲେ। ଏଲିନା ସାମନ୍ତରାୟ କାର୍ଯ୍ୟକ୍ରମରେ ତାଙ୍କ ଚଳଚ୍ଚିତ୍ର ରକ୍ତ ଗୋଲାପ ପ୍ରଚାର କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଚଳଚ୍ଚିତ୍ର ଅଭିନେତ୍ରୀ ଓ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଖାଦ୍ୟ, ଭ୍ରମଣ, କଳା, ସଂସ୍କୃତି ଓ ଡିଜିଟାଲ ମିଡିଆ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ କଣ୍ଟେଣ୍ଟ କ୍ରିଏଟର୍‌ମାନଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ସାହାଯ୍ୟର ହାତ ବଢ଼ାଇଥିଲେ କାମ୍ୟା ଫୁଡ୍, ଫଟୋଗ୍ରାଫି ସହଭାଗୀ ଭାବେ କ୍ୟାନନ ଡିଜିଟାଲ ମିଡିଆ ସୋସିଓ ଫ୍ରିକ୍ ଓ ଜେନକ୍ସ ମ୍ୟାନେଜମେଣ୍ଟର ମୁଖ୍ୟ ଅତିସ କୁମାର ସାହୁଙ୍କ ଇଭେଣ୍ଟ ମ୍ୟାନେଜମେଣ୍ଟ ଅତି ସୁନ୍ଦର ଥିଲା।




କ୍ରିଏଟର୍ସ ମିଟ୍‌ରେ ଉପସ୍ଥିତ ବିଭିନ୍ନ ଜିଲାରୁ ଆସିଥିବା ଡିଜିଟାଲ କ୍ରିଏଟର୍ସମାନେ ।

# ଅରୁଣିତାଙ୍କ ଗୀତରେ ଝୁମିଲେ ଦର୍ଶକ



କଣ୍ଠଶିଳ୍ପୀ ଅରୁଣିତା କାଞ୍ଜିଲାଲ ସଙ୍ଗୀତ ପରିବେଷଣ କରୁଛନ୍ତି ।



ଅପରେଶନ ସିନ୍ଦୂରକୁ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ଉପସ୍ଥାପନା କରୁଛନ୍ତି ।

**ସତ୍ୟବାଦୀ ମହୋତ୍ସବ ଉଦ୍‌ଯାପିତ**

ସାକ୍ଷୀଗୋପାଳ,୮।୨(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ଐତିହାସିକ ବକୁଳବନ ପଞ୍ଚସଖା ମୁକ୍ତାକାଶ ରଙ୍ଗମଞ୍ଚରେ ୪ ଦିନ ଧରି ଚାଲିଥିବା ୧୦ମ ସତ୍ୟବାଦୀ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇ ପ୍ରତ୍ୟେକ ମଣିଷ ନିଜ ମାଟି ମା'କୁ ସମ୍ମାନ ଜଣାଇବା ସହ ହୃଦୟରୁ ଭଲପାଇବା ପାଇଁ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସତ୍ୟବାଦୀ ମହୋତ୍ସବରେ ସଭିଙ୍କର ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ଓଡ଼ିଆ ଜାତିର ଚିରନମସ୍ୟ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ଉପାଧି ଘୋଷଣା କରିବା ସହ ଜାତୀୟ ରାଜପଥକୁ ଗୋପବନ୍ଧୁଙ୍କ ନାମରେ ନାମିତ କରିବାକୁ ସରକାରଙ୍କୁ ନିବେଦନ କରିଥିଲେ। ହରିଚନ୍ଦନଙ୍କ ଉଦ୍ୟମରେ ପଞ୍ଚସଖା ସ୍ମୃତି ସମାଧିପୀଠର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ କାମ ଆରମ୍ଭ ହୋଇଛି ଏବଂ ସମାଧିପୀଠ ଓ ବକୁଳବନ ରକ୍ଷଣାବେକ୍ଷଣ ପାଇଁ ରାଜ୍ୟ ବଜେଟରେ ୫୦ କୋଟି ମଞ୍ଜୁର କରାଯାଇଛି ବୋଲି ମହୋତ୍ସବର ସଭାପତି ତଥା ବିଧାୟକ ଓମ୍ ପ୍ରକାଶ ମିଶ୍ର ସୂଚନା ଦେଇଥିଲେ। ମୁଖପତ୍ର 'ତମାଳ' ପତ୍ରିକା ଅତିଥିମାନେ ଉନ୍ମୋଚନ କରିଥିଲେ। ଅନ୍ତିମ ସନ୍ଧ୍ୟାରେ ଯୋଗଗୁରୁ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ଛାତ୍ରୀଛାତ୍ର ଯୋଗ ପ୍ରଦର୍ଶନ କରିଥିଲେ।

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୦ଜଣ ଛାତ୍ରୀଛାତ୍ର ଅପରେଶନ ସିନ୍ଦୂରକୁ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ସୁନ୍ଦର ଉପସ୍ଥାପନା କରିଥିଲେ। ସଂସ୍କୃତି ବିଭାଗ ଓଡ଼ିଶା ପକ୍ଷରୁ ଭବାନୀପାଟଣା ପ୍ରତିଭା ଅନୁଷ୍ଠାନର କଳାକାର ଓ ଅଭିନୟନା ନୃତ୍ୟ ଏକାଡେମୀ କଳାକାରମାନେ ଲୋକନୃତ୍ୟ ପରିବେଷଣ କରିଥିଲେ। ମହୋତ୍ସବ କମିଟି ପକ୍ଷରୁ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବଲିଉଡ୍ ଗାୟିକା ଅରୁଣିତାଙ୍କ ଟିମ୍ ଓ ନିହାଲ ତାଉରୋଙ୍କ ଟିମ୍ ବିଳମ୍ବିତ ରାତି ପର୍ଯ୍ୟନ୍ତ ମୁକ୍ତାକାଶ ରଙ୍ଗମଞ୍ଚରେ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

ଏହି ଅବସରରେ ପଞ୍ଚସଖା ସମ୍ମାନ-୨୦୨୬ରେ ପୁରୀ ଏମ୍‌ପି ଡା. ସମ୍ବିତ୍ ପାତ୍ର, ସତ୍ୟବାଦୀ ମାଟି ସମ୍ମାନରେ ବିଶ୍ୱଜିତ ଶତପଥୀ, ସାମାଜିକ କର୍ମୀ ଜୟଶ୍ରୀ ମହାପାତ୍ର, ହୃଷୀକେଶ ମିଶ୍ର, ଆଇନଜୀବୀ ଅମର ନନ୍ଦ, ସୁବାସ ଜେନା, ପୂର୍ବତନ କେନ୍ଦ୍ର ସଚିବ ତଥା ସତ୍ୟବାଦୀ ମାଟିର ସନ୍ତାନ ଅଶୋକ ମିଶ୍ର, ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ଆଶାକର୍ମୀ ସୁକାନ୍ତି ବିଶ୍ୱାଳ, ସୁରେନ୍ଦ୍ର ନାଥ ସ୍ମୃତି ସମ୍ମାନରେ ବେହେଲାବାଦକ ନେତ୍ରାନନ୍ଦ ବେହେରା, ଭାସ୍କର୍ଯ୍ୟଶିଳ୍ପୀ ସୁବାସ ପ୍ରଧାନ, ମିକ୍ସ ମାର୍ଶଲ ଆର୍ଟ ପାଇଁ ଅମରେଶ୍ୱର ସ୍ୱାଇଁ ଏବଂ ଓଡ଼ିଶା ପ୍ରଶାସନିକ ସେବା ପାଇଁ ଦିବ୍ୟରଞ୍ଜନ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।





ଶାନ୍ତିସ୍ତୂପ ଧଉଳି ପାଦଦେଶରେ ଚାଲିଥିବା ୨୨ତମ ଧଉଳି କଳିଙ୍ଗ ମହୋତ୍ସବର ରବିବାର ଉଦ୍‌ଯାପନ ଅବସରରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ରହିଛି: ରାଜ୍ୟପାଳ

**୨୨ତମ ଧଉଳି କଳିଙ୍ଗ ମହୋତ୍ସବ ଉଦ୍‌ଯାପିତ**

**ଅନନ୍ତ ମହାପାତ୍ରଙ୍କୁ 'ବୁଦ୍ଧ ସମ୍ମାନ', ଲଳିତ ମାନସିଂହଙ୍କୁ 'ସ୍ୱର୍ଣ୍ଣ ସ୍ମାରକୀ ସମ୍ମାନ'**

ଭୁବନେଶ୍ୱର,୮।୨(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଓ ଆର୍ଟ ଭିଜନ୍ ପକ୍ଷରୁ ଶାନ୍ତିସ୍ତୂପ ଧଉଳି ପାଦଦେଶରେ ଚାଲିଥିବା ୨୨ତମ ଧଉଳି କଳିଙ୍ଗ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ଯୋଗଦେଇ କହିଲେ, ଧଉଳି କଳିଙ୍ଗ ମହୋତ୍ସବ କଳାକାର ଓ ଦର୍ଶକଙ୍କୁ ସମନ୍ୱୟର ଭାବନାରେ ଏକତ୍ର କରି ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରଚାର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ଏହି ମହୋତ୍ସବ କଳା ଓ ସଂସ୍କୃତିର ଶକ୍ତିକୁ ଉଜାଗର କରି ଶାନ୍ତି ଓ ସାଂସ୍କୃତିକ ଆଦାନପ୍ରଦାନକୁ ପ୍ରୋତ୍ସାହନ ଯୋଗାଉଛି ବୋଲି ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ଚଳଚ୍ଚିତ୍ର ଓ ନାଟ୍ୟ କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ପାଇଁ ପ୍ରଖ୍ୟାତ ସିନେମା ତଥା ନାଟ୍ୟ ବ୍ୟକ୍ତିତ୍ୱ ଡ. ଅନନ୍ତ ମହାପାତ୍ରଙ୍କୁ ଏକାଡେମୀ ପକ୍ଷରୁ 'ବୁଦ୍ଧ ସମ୍ମାନ' ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ 'ସ୍ୱର୍ଣ୍ଣ ସ୍ମାରକୀ ସମ୍ମାନ' ପୂର୍ବତନ ଭାରତୀୟ କୂଟନୀତିଜ୍ଞ ଲଳିତ ମାନସିଂହଙ୍କୁ ପ୍ରଦାନ କରାଯାଇଛି। ପରେ ଏକାଡେମୀର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଶାସ୍ତ୍ରୀୟ, ଲୋକ ଏବଂ ସମସାମୟିକ ଶୈଳୀର ମିଶ୍ରଣ 'ପଥ ରାଜପଥ' ପରିବେଷିତ ହୋଇଛି। କୋଲ୍‌କାତାରୁ ଆସିଥିବା ସୌଭିକ୍ ଚକ୍ରବର୍ତ୍ତୀ ଓ ତାଙ୍କ ଅନୁଷ୍ଠାନ ନୃତ୍ୟଦିଶାର ଶିଳ୍ପୀଙ୍କ ଦ୍ୱାରା କଥକ ନୃତ୍ୟ 'ଦରବାରି' ପରିବେଷିତ ହୋଇଥିଲା। ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା ଗଜଲ, ଯାହାର ସଙ୍ଗୀତ ସଂଯୋଜନା କରିଥିଲେ ଅଗ୍ନିଭା ବନ୍ଦୋପାଧ୍ୟାୟ, କଣ୍ଠଶିଳ୍ପୀ ଥିଲେ ରାଧା ବନ୍ଦ୍ୟୋପାଧ୍ୟାୟ ଓ ନୃତ୍ୟ ସଂରଚନା କରିଥିଲେ ସୌଭିକ୍ ଚକ୍ରବର୍ତ୍ତୀ। ଶେଷରେ କଲାରିପାୟଟ୍ଟୁ ସମରକଳା ନୃତ୍ୟ ପରିବେଷଣ କରିଥିଲେ ବେଲରାଜ୍ ସୋନି ଓ କେରଳର ନବନୀତମ୍ କଲ୍‌ଚରାଲ ଟ୍ରଷ୍ଟର ଶିଳ୍ପୀମାନେ। ସେମାନଙ୍କ ପ୍ରସ୍ତୁତିରେ ଥିଲା ସୀତା–ଏକ ପୁନଃକଳ୍ପିତ ମହାକାବ୍ୟ, ଯାହାକୁ ଗତି–ମିଶ୍ରଣ ସାମରିକ କଳା, ଶାସ୍ତ୍ରୀୟ ନୃତ୍ୟ ଓ ନାଟ୍ୟର ଶକ୍ତିଶାଳୀ ଭାଷା ମାଧ୍ୟମରେ ଜୀବନ୍ତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ, ଓଡ଼ିଶୀ ନୃତ୍ୟାଙ୍ଗନା ତଥା ପୂର୍ବତନ କୁଳପତି ଡ. ପ୍ରିୟମ୍ବଦା ମହାନ୍ତି ହେଜ୍‌ମାଦି, ଏକାଡେମୀ ସଭାପତି ସତ୍ୟାନନ୍ଦ ମିଶ୍ର, ସଂସ୍କୃତି ବିଭାଗ ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଏକାଡେମୀ ସମ୍ପାଦିକା ଗୁରୁ ଅରୁଣା ମହାନ୍ତି ଏବଂ ଆର୍ଟ ଭିଜନ୍‌ର ସମ୍ପାଦିକା ଡ. ଇଲିଆନା ଚିତାରିସ୍ତି ଯୋଗଦେଇଥିଲେ। ଡ. ଶ୍ରୀନିବାସ ଘଟୁଆରୀ ଓ ଡ. ନାଜିଆ ଆଲାମ୍ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଓ ଅନ୍ୟ ଅତିଥିଙ୍କ ଗହଣରେ ସମ୍ମାନିତ ଡ. ଅନନ୍ତ ମହାପାତ୍ର ଓ ଲଳିତ ମାନସିଂହ।

## ମହାନଦୀ ସୁରକ୍ଷା ନେଇ ରାଜ୍ୟ ସରକାରଙ୍କ ଅବହେଳାକୁ ସିପିଆଇ(ଏମ୍)ର ନିନ୍ଦା

ଭୁବନେଶ୍ୱର, ୮।୨(ବନ୍ଦନା ସେଠୀ)

ମହାନଦୀ ସୁରକ୍ଷା ନେଇ ଭାଜପା ସରକାର ଅବହେଳା କରିବା ସହ ଦୋମୁହାଁ ନୀତି ଅବଲମ୍ବନ କରୁଥିବା ସିପିଆଇ(ଏମ) ଅଭିଯୋଗ ଆଣିବା ସହ ଏହାର ଦୃଢ଼ ନିନ୍ଦା କରିଛି। ମହାନଦୀ ଜଳବିବାଦ ସମ୍ପର୍କିତ ଟ୍ରିବ୍ୟୁନାଲର ରବିବାର ହୋଇଥିବା ଗୁରୁତ୍ୱପୂର୍ଣ୍ଣ ଶୁଣାଣିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଡ୍‌ଭୋକେଟ୍ ଜେନେରାଲ୍ ଉପସ୍ଥିତ ରହିଲେ ନାହିଁ। ଏହା ମହାନଦୀ ସୁରକ୍ଷା ପ୍ରତି ରାଜ୍ୟ ସରକାରଙ୍କ ଆନ୍ତରିକତା ଓ ପ୍ରତିବଦ୍ଧତାର ଚରମ ଦୁର୍ବଳତାକୁ ସ୍ପଷ୍ଟ ଭାବେ ପ୍ରମାଣିତ କରୁଛି। ମହାନଦୀ ଭଳି ଓଡ଼ିଶାର ଜୀବନରେଖା ସମ୍ପର୍କିତ ମାମଲାରେ ଟ୍ରିବ୍ୟୁନାଲ ଶୁଣାଣିକୁ ଏଭଳି ଅବହେଳା କରାଯିବା ଅତ୍ୟନ୍ତ ନିନ୍ଦନୀୟ। ଓଡ଼ିଶାବାସୀଙ୍କ ଆଶା ଓ ଆକାଂକ୍ଷାକୁ ଭାଜପା ସରକାର ପାଦତଳେ ଦଳି ଦେଇଛି। ସେହିପରି ଭାଜପା ସରକାର ମହାନଦୀ ସୁରକ୍ଷାକୁ ଆଦୌ ଗମ୍ଭୀରତାର ସହ ନେଉ ନ ଥିବା ଏହି ଘଟଣାରୁ ସ୍ପଷ୍ଟ ହେଉଛି। କେବଳ ଗଣମାଧ୍ୟମରେ ମହାନଦୀ ପାଇଁ କଥା କହି, ବାସ୍ତବ କ୍ଷେତ୍ରରେ ଓଡ଼ିଶାର ସ୍ୱାର୍ଥକୁ ଦୁର୍ବଳ କରାଯାଉଛି। ମହାନଦୀ କୌଣସି ଦଳର ସମ୍ପତ୍ତି ନୁହେଁ। ଏହା ଓଡ଼ିଶାର ଜୀବନରେଖା। ଲକ୍ଷ ଲକ୍ଷ ଚାଷୀ, ମତ୍ସ୍ୟଜୀବୀ ଓ ଅଗଣିତ ଓଡ଼ିଆଙ୍କ ଜୀବନ–ଜୀବିକା ଏହି ନଦୀ ସହ ଜଡ଼ିତ। ତେଣୁ ମହାନଦୀ ସୁରକ୍ଷା ପ୍ରସଙ୍ଗରେ କୌଣସି ସମର୍ପଣ, ରାଜନୈତିକ ସାଲିସକୁ ଓଡ଼ିଶାବାସୀ କଦାପି ଗ୍ରହଣ କରିବେ ନାହିଁ। ଟ୍ରିବ୍ୟୁନାଲରେ ଓଡ଼ିଶାର ପକ୍ଷ ତୁରନ୍ତ ଦୃଢ଼ ଭାବେ ରଖିବା, ମହାନଦୀ ସୁରକ୍ଷା ପାଇଁ ସରକାର ଦାୟିତ୍ୱଶୀଳ ଭୂମିକା ନେବା ଏବଂ ନଦୀ, ଚାଷୀ ଓ ଓଡ଼ିଶା ବିରୋଧୀ ସମସ୍ତ ନୀତି ବାତିଲ କରିବା ନେଇ ସିପିଆଇ(ଏମ୍) ପକ୍ଷରୁ ଦାବି କରାଯାଇଛି।

## କ୍ରୁଟ୍ ଏମ୍‌ଡି ଦାୟିତ୍ୱ ଗ୍ରହଣ କଲେ ସାଦିକ ଆଲମ୍



ଭୁବନେଶ୍ୱର, ୮।୨ (ବନ୍ଦନା ସେଠୀ)

କ୍ୟାପିଟାଲ ରିଜିଅନ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍)ର ନୂତନ ପରିଚାଳନା ନିର୍ଦ୍ଦେଶକ ଭାବେ ଶନିବାର ମହମ୍ମଦ ସାଦିକ ଆଲାମ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ସେ କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର ଓ ଅନ୍ୟାନ୍ୟ ପରିଚାଳନା ବ୍ୟବସ୍ଥାଗୁଡ଼ିକର ସମୀକ୍ଷା କରିଥିଲେ। ଏହି ସମୟରେ ସେ ସେବା ପ୍ରଦାନ ପ୍ରଣାଳୀ, ପ୍ରଯୁକ୍ତିଗତ ସମନ୍ୱୟ ଏବଂ ଯାତ୍ରୀ ଅନୁଭୂତିକୁ ଅଧିକ ସୁଧାରିବାକୁ ଲକ୍ଷ୍ୟ କରି ଚାଲୁଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ପଚାରି ବୁଝିଥିଲେ। ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା ସମୟରେ ସେ ମୂଳ ଦାୟିତ୍ୱ ଭାବେ ସୁରକ୍ଷିତ, ବିଶ୍ୱସନୀୟ, ସୁଲଭ, ନାଗରିକ–ଅନୁକୂଳ ସାର୍ବଜନୀନ ସେବା ପ୍ରଦାନ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ସେ ପରିଚାଳନାତ୍ମକ କ୍ଷମତା ବୃଦ୍ଧି, ପ୍ରଯୁକ୍ତି ଆଧାରିତ ଶାସନ ପ୍ରଣାଳୀ ଏବଂ ସମ୍ବେଦନଶୀଳ ଅଭିଯୋଗଗୁଡ଼ିକର ସମାଧାନକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେବାକୁ କହିଥିଲେ।

## ମନକଥା କହି ପ୍ରପୋଜ୍ କଲେ ପ୍ରେମୀଯୁଗଳ

ଭୁବନେଶ୍ୱର,୮।୨ (ସୌମ୍ୟରଞ୍ଜନ ରାଉତ)

**ଆଜି ଚକୋଲେଟ୍ ଦେଇ ସମ୍ପର୍କରେ ମଧୁରତା ଭରିବେ**




ରାଜଧାନୀରେ ଏବେ ପ୍ରେମଛିଟା ବୋଳି ହୋଇଯାଇଛି। କଲେଜଠାରୁ ଆରମ୍ଭ କରି ପାର୍କ, ହୋଟେଲ୍, ସିନେମା ହଲ୍ ଓ ବିଭିନ୍ନ ମଲ୍‌ରେ ଏବେ ପ୍ରେମପକ୍ଷୀଙ୍କ ରାଜ୍ ଚାଲିଛି। ପ୍ରେମ ସପ୍ତାହର ଦ୍ୱିତୀୟ ଦିନ ଆର୍ଥାତ୍ ରବିବାର ପ୍ରପୋଜ ଡେ'ରେ ନିଜ ମନକଥା କହିବାର ଏହି ସୁନ୍ଦର ମୁହୂର୍ତ୍ତର ଅବକାଶକୁ ପ୍ରେମିକା ପ୍ରେମିକ ହାତଛଡ଼ା କରି ନ ଥିଲେ। ଏହି ଦିନକୁ ସ୍ପେଶାଲ କରି କିଏ ଗୋଲାପ ଦେଇ ତ ଆଉ କିଏ ଦାମୀ ଉପହାର ଦେଇ ମନକଥା କହିଥିଲେ। ଏପରି କି ଛୁଟିଦିନ ଥିବାରୁ ସହରର ବିଭିନ୍ନ ଉପହାର ଦୋକାନରେ ଗହଳି ଜମିଥିଲା। ହାର୍ଟ ଲ୍ୟାମ୍ପ, କପଲ ଘଡ଼ି, ଡ୍ରେସ ଓ ଶାର୍ଟ ଭଳି ଉପହାର ଦେଇଛନ୍ତି। ସେହିପରି ସୋମବାର ପ୍ରେମ ସପ୍ତାହର ତୃତୀୟ ଦିବସ ଚକୋଲେଟ୍ ଡେ'। ପ୍ରେମୀଯୁଗଳ ପରସ୍ପରକୁ ଚକୋଲେଟ୍ ଖୁଆଇ ସମ୍ପର୍କରେ ଆହୁରି ମଧୁରତା ଭରିବାକୁ ଚେଷ୍ଟା କରିବେ। ଏଥିପାଇଁ ଦୋକାନୀମାନେ ବି ପ୍ରସ୍ତୁତ ହୋଇ ରହିଛନ୍ତି। କେକ୍ ଓ ଚକୋଲେଟ୍ ବ୍ୟବସାୟୀ ବିବେକ୍ ମୁନ୍ଦ୍ରା କହିଛନ୍ତି, ଚଳିତବର୍ଷ ପ୍ରେମ ସପ୍ତାହ ପାଇଁ ବିଭିନ୍ନ ନାମୀଦାମୀ ଚକୋଲେଟ୍ ଅଡର୍ ରହିଛି। ଚକୋଲେଟ କେକ୍ ଓ ଭଲ ପାକେଜିଂ ସାଙ୍ଗକୁ ହାର୍ଟ ଚିହ୍ନ ଥିବା ଚକୋଲେଟ୍ ବରାଦ ରହିଛି। ଏହା ବହୁ ଆକର୍ଷଣୀୟ ଓ ସୁନ୍ଦର। ସାଧାରଣତଃ କେକ୍ ମୂଲ୍ୟ ୫୦୦ ଟଙ୍କାରୁ ଆରମ୍ଭ ହୋଇଥିବାବେଳେ ସାଇଜ୍ ଅନୁସାରେ ଦାମ୍ ମଧ୍ୟ ଅଲଗା ରହିଛି। ସେହିପରି ୧୦୦ ଟଙ୍କିଆ ଚକଲେଟର୍ ଚାହିଦା ଅଧିକ ରହିଛି।

## ଶିଶୁ ଯୌନ ନିର୍ଯାତନା, ସାଇବର ଅପରାଧ ରୋକିବାକୁ ସଚେତନତା ଶିବିର

ଭୁବନେଶ୍ୱର,୮।୨(ସୁଚିସ୍ମିତା ସାହୁ)

ରାଜ୍ୟରେ ଶିଶୁଙ୍କ କ୍ଷେତ୍ରରେ ଯୌନ ଶୋଷଣ, ବାଲ୍ୟ ବିବାହ ତଥା ସାଇବର ଅପରାଧ ଦିନକୁ ଦିନ ବଢୁଥିବା ଦେଖିବାକୁ ମିଳିଛି। ଏହାକୁ ରୋକିବା ଲାଗି ଖୋର୍ଦ୍ଧା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ୟୁନିଟ୍–୨ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସାଇବର ଅପରାଧ ଓ ଶିଶୁ ଯୌନ ନିର୍ଯାତନା ନିରୋଧ ଆଇନ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସବିତା କୁମାରୀ ପରିଡ଼ା ଉଦ୍‌ଘାଟନ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ଯୋଗଦେଇ କହିଲେ, ୧୪ରୁ ୧୮ ବର୍ଷର ପିଲାମାନେ ଅଧିକ ଯୌନ ଶୋଷଣର ଶିକାର ହେଉଛନ୍ତି। ଏହାକୁ ରୋକିବା ପାଇଁ ପୋକ୍‌ସୋ ଆଇନର ବ୍ୟବସ୍ଥା ରହିଛି। ହେଲେ ସଚେତନତା ଅଭାବରୁ ବହୁତ ପିଲା ଏହାର ସମ୍ମୁଖୀନ ହେଉଛନ୍ତି। ପିଲାମାନେ ଯୌନ ଶୋଷଣଠାରୁ କିପରି ଦୂରେଇ ରହିବେ ସେ ଦିଗରେ ଆଲୋଚନା ହୋଇଥିଲା। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ପ୍ରୋବେଶନ ଅଧିକାରୀ ସୌମେନ୍ଦ୍ର ନାୟକ ସାଇବର ଅପରାଧ କବଳରୁ ପିଲାମାନେ କିପରି ନିବୃତ୍ତ ହେବେ ଏହା ଉପରେ ସଚେତନ କରାଇଥିଲେ। ଶିବିରରେ ବିଦ୍ୟାଳୟର ନବମ ଶ୍ରେଣୀର ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଙ୍କ ସମେତ ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ରଞ୍ଜନ କୁମାର ଗୋଛାୟତ, ବିଜ୍ଞାନ ଶିକ୍ଷକ ଗିରିଜା ଶଙ୍କର କୁଣ୍ଡ, ଶିକ୍ଷୟିତ୍ରୀ ସ୍ମିତା ମହାନ୍ତି ଉପସ୍ଥିତ ଥିବାବେଳେ କଲ୍ୟାଣୀ ମିଶ୍ର ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ସିପିଆଇ ଭୁବନେଶ୍ୱର ଜୋନ୍ ପକ୍ଷରୁ ଗଣପାଣ୍ଠି ଅଭିଯାନ




ଭୁବନେଶ୍ୱର, ୮।୨(ବନ୍ଦନା ସେଠୀ)

ସିପିଆଇ ଭୁବନେଶ୍ୱର ଜୋନ୍ ପକ୍ଷରୁ ପଥରଗାଡ଼ିଆ ମହିମାନଗରଠାରେ ରବିବାର ଗଣପାଣ୍ଠି ସଂଗ୍ରହ କରାଯାଇଛି। ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସାଥୀ ସୁର ଜେନା ଓ ମହିମାନଗର ପଥରଗାଡ଼ିଆ ଶାଖା ସମ୍ପାଦକ ଛେତମ୍ବର ଭୋଇଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଲାଲ ପତାକା ଧରି ଘରକୁ ଘର ବୁଲି ଗଣପାଣ୍ଠି ସଂଗ୍ରହ କରିଥିଲେ। ପାର୍ଟିର ଶହେତମ ପ୍ରତିଷ୍ଠା ଦିବସ ପାଳନ ପରିପ୍ରେକ୍ଷୀରେ ଗଣପାଣ୍ଠି ଅଭିଯାନ ଆରମ୍ଭ ହୋଇ ଚାଉଳ, ଧାନ ଓ ଟଙ୍କା ସଂଗ୍ରହ କରାଯାଇ ରାଜ୍ୟ ପାର୍ଟି କାର୍ଯ୍ୟାଳୟରେ ଜମା କରାଯାଇଛି। ପାର୍ଟିର ଏହି ଗଣ ପାଣ୍ଠି ସଂଗ୍ରହକୁ ସାଧାରଣ ଲୋକେ, ବ୍ୟବସାୟୀ ଓ ବୁଦ୍ଧିଜୀବୀମାନେ ସମର୍ଥନ ସହ ଦାନ କରିଥିଲେ। ଏହି ଗଣପାଣ୍ଠି ସଂଗ୍ରହ ଅଭିଯାନରେ ଅନ୍ୟମାନଙ୍କ ମଧ୍ୟରେ ଲୋକନାଥ ଭୋଇ, ନାରୀନେତ୍ରୀ ସୁଷମା ଭୋଇ, ସସ୍ମିତା ନାୟକ, ମୁରଲୀ ଭୋଇ, ପ୍ରମୋଦ ନାୟକ, ଶିବ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ସଂସ୍କୃତି ବିଭାଗ ଏବଂ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ରବିବାର ନାଟ୍ୟଧାରାରେ ବରଗଡ଼ର ମୁନ୍‌ଲାଇଟ୍ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ନାଟକ 'ପୁରଥିନୁଁ ସରଗ୍'ର ଏକ ଦୃଶ୍ୟ। (ଫଟୋ– ବିକାଶ ନାୟକ)

## ଖେଳାଳି ଗିରଫ

ଭୁବନେଶ୍ୱର, ୮।୨(ତ୍ରିନାଥ ମହାନ୍ତି): କ୍ରିକେଟ୍ ଖେଳରେ ଜିତିଥିବା ଟିମ୍‌ର ଜଣେ ଖେଳାଳିଙ୍କୁ ଆକ୍ରମଣ କରି ହାରିଥିବା ଟିମ୍‌ର ସୌମ୍ୟକାନ୍ତ ହରିଚନ୍ଦନ ଓରଫ ଟିଙ୍କୁ ଗିରଫ ହୋଇଛନ୍ତି। ଏୟାରଫିଲ୍ଡ ଥାନା ପାଞ୍ଚ ଗାଁ ଖେଳ ପଡ଼ିଆରେ ଏହି ଘଟଣା ଘଟିଥିଲା। ଆକ୍ରମଣରେ ଆହତ ଜଗଦୀଶ ସାମନ୍ତରାୟଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି।

## ବିଶ୍ୱଭାରତୀ ପ୍ରାକ୍ତନୀ ଓଡ଼ିଶାର ୯ମ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୮।୨ (ସୌମ୍ୟରଞ୍ଜନ ରାଉତ)

ବିଶ୍ୱଭାରତୀ ପ୍ରାକ୍ତନୀ ଓଡ଼ିଶା ପକ୍ଷରୁ ରବିବାର ବୁଦ୍ଧମନ୍ଦିରଠାରେ ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦିବଂଗତ ଡ. ନିଶାମଣି କର, ଡ. ଦେବପ୍ରିୟ ଦାସ, ଡ. ପ୍ରସନ୍ନ ନାୟକ, ଡ. ଧୀରେନ ଆଚାର୍ଯ୍ୟ, ପ୍ରତାପ ଚନ୍ଦ୍ର ଦାସ, ନୀହାରିକା ରାୟ, ବର୍ଷାରାଣୀ ଗଜେନ୍ଦ୍ରଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରଥମ ଅଧିବେଶନର ସମ୍ବର୍ଦ୍ଧନା ପର୍ବରେ ପ୍ରଫେସର ଦାମୋଦର ମିଶ୍ର ଓ ରବିନାରାୟଣ ରଥଙ୍କୁ 'ସୃଜନୀ ସମ୍ମାନ', ପ୍ରଫେସର ମନୋରଞ୍ଜନ ପ୍ରଧାନ ଓ ପ୍ରଫେସର ଅରୁଣ ରଞ୍ଜନ ମିଶ୍ରଙ୍କୁ 'ପ୍ରାକ୍ତନୀ ଅଧ୍ୟାପକ ସମ୍ମାନ' ଏବଂ ୧୯୭୯–୮୦ ମସିହା ମଧ୍ୟରେ ବିଶ୍ୱଭାରତୀରେ ଅଧ୍ୟୟନ କରିଥିବା ଛାତ୍ରୀଛାତ୍ରଙ୍କୁ 'ପ୍ରାକ୍ତନୀ ଛାତ୍ରଗୌରବ ସମ୍ମାନ' ଓ ଡ. ରଘୁନାଥ ଓଝାଙ୍କୁ 'ଡକ୍ଟର ମାନସ ରଞ୍ଜନ ସ୍ମୃତିସମ୍ମାନ' ପ୍ରଦାନ କରାଯାଇଥିଲା। ଏଥିସହ ପୁସ୍ତକ ଉନ୍ମୋଚନ ପର୍ବରେ ଡ. ଜନ୍ମେଜୟ ଦ୍ୱିବେଦୀଙ୍କ 'ଭବିଷ୍ୟତର କବିତା ଶ୍ରୀଅରବିନ୍ଦଙ୍କ କାବ୍ୟଦୃଷ୍ଟି: ଏକ ଅଧ୍ୟୟନ', ଡ. ଇନ୍ଦିରା ଶୁଭଦର୍ଶିନୀ ଦେବବନ୍ଦିତା ଚକ୍ରଙ୍କ ରଚିତ 'ସ୍ୱାଧୀନତା ପରବ', 'ଓଡ଼ିଆ ଉପନ୍ୟାସରେ ଲୋକ ଉପାଦାନ (୧୯୪୭–୮୦)' ଏବଂ ଡ. ହୃଷୀକେଶ ମହାକୁଡ଼ଙ୍କ ରଚିତ 'ଇତି ସାମନ୍ତଙ୍କ ସର୍ଜନା ସମ୍ଭାର: ପରିଶୀଳନ ଓ ପରିଚର୍ଚ୍ଚା' ପୁସ୍ତକ ଉନ୍ମୋଚନ ହୋଇଥିଲା। ପ୍ରାକ୍ତନୀ ମୁଖ୍ୟ ଉପଦେଷ୍ଟା ଡ. ବସନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ପ୍ରଫେସର ଅନନ୍ତ କିଶୋର ଜେନା ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନ ସ୍ମୃତି ଅନୁଭୂତି ପର୍ବରେ ଅତିଥି ଭାବରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନ ଯୋଗଦେଇଥିଲେ। ଲୋପାମୁଦ୍ରା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।




ପ୍ରଫେସର ମନୋରଞ୍ଜନ ପ୍ରଧାନଙ୍କୁ ଅତିଥିମାନେ 'ପ୍ରାକ୍ତନୀ ଅଧ୍ୟାପକ ସମ୍ମାନ' ପ୍ରଦାନ କରୁଛନ୍ତି।


**GOVT. OF ODISHA** No.25001/43/2526

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, KEONJHAR**

Tel. 06766-258094(O), Mail : eerw1_kjr@yahoo.com

**"e" Procurement Notice for Road Works**
**Identification No. Online NCB - 18/2025-26**

1. Name of the Work : 11 No. Roads Work, 2. Total Number of Work : 11 No., 3. Estimated Cost : Rs.4.98 Lakhs to 38.10 Lakhs, 4. Class of Contractor : "C" & "B" Class, 5. Period of Completion : As per annexure of e-Procurement Notice **No.18 of 2025-26**, 6. Other Details :

| Procurement Officer | Bid Identification No. | Availability of tender online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No.18 | Dt.09.02.2026 at 11.00 A.M. | Dt.14.02.2026 upto 5.00 P.M. | Dt.13.02.2026 upto 5.00 P.M. | Dt.16.02.2026 at 11.00 A.M. |

Further details can be seen from the website www.tenderorissa.gov.in

Sd./- Superintending Engineer
R.W. Division-I, Keonjhar

OIPR-25001/25110/1/25-26/0033



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**MINOR IRRIGATION DIVISION, RAYAGADA**
(E-mail ID : eemirgd@ymail.com)

**NOTICE INVITING TENDER**
e-Procurement Notice
e-Procurement Notice No. **SEMIDRGD-06/2025-26**
**Letter No.522 Dated 06.02.2026**

**No.32001/42/2526** : The Superintending Engineer, Minor Irrigation Division, Rayagada on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

1. Name of the work : Construction of 13 Nos. of New Check Dams in different Block of Rayagada District under MATY 3.0, Construction of Canal Lining of Puhundi MIP in Kasipur Block of Rayagada District under MIPSP Scheme & Improvement to Kankubadi MIP under DPIW for the year 2025-26.
2. Total Number of works : 15 (Fifteen) Nos.
3. Estimated cost : Approximately varies from **Rs.25.33 Lakh to Rs.46.55 Lakh**
4. Period of completion : As mentioned against each work in Annexure to Bid Notice
5. Class of Contractor : As mentioned against each work in Annexure to Bid Notice
6. Date and time of availability of bid documents in the portal : From 10.00 A.M. of 10.02.2026 to 5.00 P.M. of 19.02.2026
7. Last date/time for receipt of bids in the portal : 5.00 P.M. on 19.02.2026
8. Date of opening of bid : At 11.00 A.M. on 20.02.2026 in website (www.tendersodisha.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Rayagada
11. Further details can be seen from the Government of Odisha Website : www.tendersodisha.gov.in

Sd./- Superintending Engineer
M.I. Division, Rayagada

OIPR-32001/32056/1/25-26/0001



**OFFICE OF THE DIVISIONAL FOREST OFFICER & WILDLIFE WARDEN, CHANDAKA WILDLIFE DIVISION, GAJA VIHAR, BARAMUNDA, BHUBANESWAR-751003**

Ph.No-(0674) 2355400, E-mail: dfo.chandakawl@odisha.gov.in/ chandakadampara@gmail.com

**Letter No.896/1WL-24/2026, dated, Bhubaneswar, the 05th February, 2026**

No.8001/31/2526: The Divisional Forest Officer, Chandaka Wildlife Division, invites Sealed Tenders under the Double cover system in offline mode for Fabrication and Installation of Skyview Selfie Decks at Peacock Valley and Nageswar Dam at Dampada under Chandaka Wildlife Division, Bhubaneswar.

| | |
|---|---|
| Tender Paper Availability | From dt.06.02.2026 to 5.30 PM of dt.12.02.2026 and can be collected in person from the office of the undersigned or downloaded from https://odishaforest.in/ & https://wildlife.odisha.gov.in/ |
| Tender Paper Cost | Rs.3000.00 |
| Last Date & Time for Submission of Bid | 12.02.2026 upto 05.30 PM |
| Opening of Technical Bid | 13.02.2026 at 12.30 PM |
| Opening of Financial Bid | 13.02.2026 at 04.00 P.M. |
| Name & Address of Officer Inviting Bid | Divisional Forest Officer & Wildlife Warden, Chandaka Wildlife Division, Gaja Vihar, Bhubaneswar, Odisha-751003 |

Sd./- Divisional Forest Officer-cum-Wildlife Warden
Chandaka Wildlife Division, Bhubaneswar

OIPR-8001/8096/1/25-26/0015

# 'ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି କୁନ୍ତଳା କୁମାରୀ'

**ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**

- ଗୀତାଞ୍ଜଳି ରାଉତଙ୍କୁ 'କୁନ୍ତଳା କୁମାରୀ ପ୍ରେରଣା ସମ୍ମାନ'
- ନୀଳିମା ନୀଳୋତ୍ପଳାଙ୍କୁ ନବ ସୃଜନ ସମ୍ମାନ



ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥି।

ଖୋର୍ଦ୍ଧା,୮।୨(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଖୋର୍ଦ୍ଧା ସାହିତ୍ୟ ସଂସଦର ମିଳିତ ସହଯୋଗରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ୧୨୫ତମ ରାଜ୍ୟସ୍ତରୀୟ ଜୟନ୍ତୀ ସ୍ଥାନୀୟ ଶ୍ୟାମମାଧବ ବାସନ୍ତୀ ଦେବୀ ପାଠାଗାର ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଡ. ନିରଞ୍ଜନ ମହାନ୍ତି ସଭାପତିତ୍ୱ ଭାଷଣରେ କହିଥିଲେ ଯେ, କୁନ୍ତଳା କୁମାରୀ ସାବତ ଓଡ଼ିଆ ସାହିତ୍ୟର ଜଣେ ଅନନ୍ୟ ସାଧିକା। ଗୀତି-କବିତା, ଖଣ୍ଡକାବ୍ୟ, ଉପନ୍ୟାସ, ପ୍ରବନ୍ଧ ଓ ପତ୍ରାବଳୀ ଆଦି ପ୍ରତ୍ୟେକଟି ବିଭାଗରେ ତାଙ୍କର ସାରସ୍ୱତ ପ୍ରତିଭାର ଉଜ୍ଜ୍ୱଳ ସାକ୍ଷର ଲିପିବଦ୍ଧ। ଜଣେ ଅନନ୍ୟ ସାଧିକା ଭାବେ ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଏହି ଉତ୍ସବରେ ବହୁ କବି ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଯୋଗେଶ ଚନ୍ଦ୍ର ରଥ ଏବଂ ସତ୍ୟବାଦୀ ବଳିୟାରସିଂ ସଞ୍ଚାଳନ କରିଥିବା ବେଳେ କବି ଜୟଶ୍ରୀ ପଟ୍ଟନାୟକ, କବିତା ପଟ୍ଟନାୟକ, ଡ. ଚପଳା ପଣ୍ଡା ଓ ବଂଶୀଧର ଦାସ ସଂଯୋଜନା କରିଥିଲେ। ଆଲୋଚନା ପର୍ଯ୍ୟାୟରେ ମୁଖ୍ୟ ଅତିଥି ଡ. ପଦ୍ମଜ ପାଲ, ବରେଣ୍ୟ ଅତିଥି ଡ. ନିର୍ମଳା କୁମାରୀ ମହାପାତ୍ର ଯୋଗଦେଇ କୁନ୍ତଳା କୁମାରୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିବା ବେଳେ ମୁଖ୍ୟବକ୍ତା ଡ. ନାରାୟଣ ପଣ୍ଡା କୁନ୍ତଳା କୁମାରୀଙ୍କ ସଂଘର୍ଷମୟ ଜୀବନାଦର୍ଶ ଏବଂ ତାଙ୍କର ଓଡ଼ିଆ ଉପନ୍ୟାସର ବିଭିନ୍ନ ପ୍ରସଙ୍ଗ ଉପରେ କହିଥିଲେ। ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଡ. ଧୀରେନ୍ଦ୍ର ନନ୍ଦ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅଞ୍ଜଳି, ଅର୍ଚ୍ଚନା, ସ୍ଫୁଲିଙ୍ଗ, ଆହ୍ୱାନ, ପ୍ରେମଚିନ୍ତାମଣି ଆଦି କବିତା ଗ୍ରନ୍ଥ ଓ ପରଶମଣି, କାଳିବୋହୂ, ରଘୁ ଅରକ୍ଷିତ, ଭ୍ରାନ୍ତି, ନଅତୁଣ୍ଡୀ ଆଦି ଉପନ୍ୟାସ ରଚନା କରି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। ଜଣେ ସୁଦକ୍ଷ ଚିକିତ୍ସକ ଭାବେ ଦଳିତ ମାନବଜାତିର ସେବା କରି ସେ ନିଜର ନିଷ୍ଠାପର ସେବାପରାୟଣତାର ପରିଚୟ ଦେବା ସହ ସାମାଜିକ କୁସଂସ୍କାର, ଅନ୍ଧବିଶ୍ୱାସ, ଅନାଚାର ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରି ନିଜର ସଂଗ୍ରାମୀ ବ୍ୟକ୍ତିତ୍ୱର ପରିଚୟ ଦେଇଛନ୍ତି। ନାରୀ ଜାତିର ଉନ୍ନତି ତଥା ମର୍ଯ୍ୟାଦା ରକ୍ଷା ନିମନ୍ତେ ତାଙ୍କର ପ୍ରଚେଷ୍ଟା ପ୍ରଶଂସନୀୟ। ୧୯୩୦ରେ ଆର୍ଯ୍ୟନାରୀ ସମ୍ମେଳନର ସଭାନେତ୍ରୀ ଏବଂ ୧୯୩୫ରେ ଷ୍ଟୁଡେଣ୍ଟସ୍ ଫେଡେରେଶନ ସଙ୍ଗଠନର ସଭାନେତ୍ରୀ ଭାବେ ସେ ସମ୍ମାନିତ ହୋଇଥିଲେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ବିଶିଷ୍ଟ ଗାଳ୍ପିକ ଓ 'ମହଲ' ପତ୍ରିକାର ପୂର୍ବତନ ସମ୍ପାଦକ ଦିବଂଗତ ବଂଶୀଧର ରାଉତଙ୍କ ଧର୍ମପତ୍ନୀ ତଥା ସାହିତ୍ୟ ରଚନାର ପ୍ରେରଣାଦାତ୍ରୀ ଗୀତାଞ୍ଜଳି ରାଉତଙ୍କୁ 'କୁନ୍ତଳା କୁମାରୀ ପ୍ରେରଣା ସମ୍ମାନ'ରେ ସମ୍ମାନିତ କରାଯିବା ସହିତ ୫ ହଜାର ଟଙ୍କା ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଏଥିସହ ଜଣେ ଯୁବ ନାରୀ କବି ନୀଳିମା ନୀଳୋତ୍ପଳାଙ୍କୁ ମଧ୍ୟ କୁନ୍ତଳା କୁମାରୀ ନବ ସୃଜନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଙ୍ଗଠନ ସମ୍ପାଦିକା ଇତିଶ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କାଜୁ ଜଙ୍ଗଲରେ ନିଆଁ



ଜଟଣୀ/ଯାଁଳା,୮।୨
(ରବୀନ୍ଦ୍ରନାଥ ମହାକୁଡ଼/ବୁଲା ବାରିକ)

ଜଟଣୀ ବ୍ଲକ ଅନ୍ତର୍ଗତ ଗଙ୍ଗପଡ଼ା ମୌଜା ରତନପୁର କାଜୁ ଜଙ୍ଗଲରେ ରବିବାର ସକାଳେ ହଠାତ୍ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ଗ୍ରାମବାସୀ ବିଜୟ କୁମାର ମହାରଥୀ, ପ୍ରଦୀପ କୁମାର ମହାକୁଡ଼, ସୁରେଶ କୁମାର ମହାକୁଡ଼ ପ୍ରମୁଖ ପହଞ୍ଚି ନିଆଁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ। ତେବେ ନିଆଁର ପ୍ରକୋପ ବଢ଼ିବାରୁ ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଜଟଣୀ ଅଗ୍ନିଶମ ବାହିନୀ ଏବଂ ଖୋର୍ଦ୍ଧା ଅଗ୍ନିଶମ ବାହିନୀର କର୍ମଚାରୀ ପହଞ୍ଚି ପ୍ରାୟ ୨ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି।

# ଖଣି ଉପନିର୍ଦ୍ଦେଶକଙ୍କୁ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ରାମଚନ୍ଦ୍ରପୁର ମୌଜାରେ ବେଆଇନ ଖଣି ଖନନ ପ୍ରସଙ୍ଗ**

ଖୋର୍ଦ୍ଧା,୮।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ରାମଚନ୍ଦ୍ରପୁରରେ ମାଙ୍କଡ଼ା ଖଣି-୨ରେ ବେଆଇନଭାବେ ମାଙ୍କଡ଼ା ପଥର ଓ ମୋରମ ଚାଲାଣ, ଗଛ କଟାଯିବା ସଂକ୍ରାନ୍ତ ଅଭିଯୋଗର ତଦନ୍ତ ପାଇଁ ଷ୍ଟେଟ୍ ଏନ୍‌ଭାଇରମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟି (ଏସ୍‌ଇଆଇଏଏ) ଓଡ଼ିଶା ନିର୍ଦ୍ଦେଶ ଦେଇଛନ୍ତି। ପରିବେଶ ସୁରକ୍ଷା(ଇପି) ଆଇନ ୧୯୮୬ ଅନୁଯାୟୀ ଉପଯୁକ୍ତ ତଦନ୍ତ ସହ ରିପୋର୍ଟ ଦାଖଲ କରିବାକୁ ଖୋର୍ଦ୍ଧା ଖଣି ଉପନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୧୪ ତାରିଖରେ ଉକ୍ତ ଗ୍ରାମର ଏକାଧିକ ଗ୍ରାମବାସୀ ରାମଚନ୍ଦ୍ରପୁରରେ ମାଙ୍କଡ଼ା ଖଣି-୨ରେ ବିନା ପରିବେଶ ମଞ୍ଜୁରୀରେ ବେଆଇନ ଭାବେ ଖଣି ଖନନ କରାଯିବା ନେଇ ପ୍ରଥମେ ଜିଲା ପ୍ରଶାସନ, ଖଣି ଉପନିର୍ଦ୍ଦେଶକ ଏବଂ ଷ୍ଟେଟ୍ ଏନ୍‌ଭାଇରନ୍‌ମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟିଙ୍କ ନିକଟରେ ଅଭିଯୋଗ କରିଥିଲେ। ତେବେ ପ୍ରଶାସନିକସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏନେଇ ଗ୍ରାମବାସୀ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ଅଭିଯୋଗ କରିଥିଲେ। ଏନ୍‌ଜିଟିଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଇଆଇଏଏ (ଚିଠି ନଂ.୭୦୧୯/ଏସ୍‌ଇଆଇଏଏ, ତା.୨୦.୦୧.୨୬) ବେଆଇନ ଖଣି ଖନନ ସଂକ୍ରାନ୍ତ ଅଭିଯୋଗ ଯାଞ୍ଚ ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ଦେଇଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ୨୦୨୫ ସେପ୍ଟେମ୍ବର ୧୨ରେ ୯ଟି ଖଣି ନିଲାମ ପାଇଁ ଉପ-ଖଣି ନିର୍ଦ୍ଦେଶକ ଏକ ବିଜ୍ଞାପନ ଜାରି କରିଥିଲେ। ସେଥିମଧ୍ୟରୁ ରାମଚନ୍ଦ୍ରପୁର ଖଣି-୨ ଅନ୍ୟତମ। ଏହା ଖାତା ନଂ.୪୬୮, ପ୍ଲଟ ନଂ. ୬୪୦, ମୌଜା ରାମଚନ୍ଦ୍ରପୁର ରହିଛି। ଏହି ମୌଜାରେ ଥିବା ସମସ୍ତ ଗଛକୁ ଉପାଡ଼ି ନଷ୍ଟ କରିଦିଆଯାଇଛି। ଫଳରେ ପରିବେଶ ଉପରେ ପ୍ରଭାବ ପଡୁଛି। ଖଣି ଉତ୍ତୋଳନ ପାଇଁ ପରିବେଶ କ୍ଲିଅରାନ୍ସ(ଇସି) ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ ପରିଚାଳନା ପାଇଁ ସମ୍ମତି ପତ୍ର(ସିଟିଓ) ନ ପାଇ ବେଆଇନ ଭାବେ ମାଙ୍କଡ଼ା ପଥର ଏବଂ ମୋରମ ଉତ୍ତୋଳନ କରାଯାଉଛି। ଲଘୁ ଖଣିଜ ପଦାର୍ଥ ଚୋରି ଏବଂ ରାଜ୍ୟ ରାଜକୋଷକୁ କ୍ଷତି ପହଞ୍ଚାଉଛି। ସମ୍ପୃକ୍ତ ସଂସ୍ଥା ଖଣି ଉତ୍ତୋଳନ ପାଇଁ ଜମିରେ ଥିବା କାଜୁ ଗଛକୁ ଉପାଡି ଦେଇଛି। ଏହି ଜଙ୍ଗଲ କାଟିବା ପାଇଁ ବନ ବିଭାଗ କିମ୍ବା ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରୁ କୌଣସି ଅନୁମତି ନିଆଯାଇନାହିଁ। ଏହି ଘଟଣାର ଯାଞ୍ଚ କରିବାକୁ ଦାବି କରିଛନ୍ତି।

# ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର


ନୀଳାମ୍ବୁ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

ଟାଙ୍ଗୀ/ନିରାକାରପୁର,୮।୨
(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

**ନୀଳାମ୍ବୁ ମହୋତ୍ସବର ତୃତୀୟ ସନ୍ଧ୍ୟା**

ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଚାନ୍ଦପୁର ଦଶଦୋଳ ପଡ଼ିଆରେ ଚାଲିଥିବା ଚତୁର୍ଥ ବାର୍ଷିକ ନୀଳାମ୍ବୁ ମହୋତ୍ସବର ରବିବାର ଥିଲା ତୃତୀୟ ସନ୍ଧ୍ୟା। ସଂଘ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ରଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ନିର୍ମଳା ବେହେରା, ଚାନ୍ଦପୁର ସରପଞ୍ଚ ରଞ୍ଜିତା ସେନାପତି, କନ୍ଧନୟାଗଡ଼ ସରପଞ୍ଚ ଗୁଲୁବାସ ସୁବୁଦ୍ଧି, ସଂଘ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ସଂଘ ମହିଳା ସାମ୍ବାଦିକା ମଞ୍ଜୁଲତା ଇନ୍ଦ୍ରଜିତ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ସଭ୍ୟ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିଳ୍ପୋଦ୍ୟୋଗୀ ଭଗବାନ ପାତ୍ର, ସନ୍ତୋଷ କୁମାର ସାମନ୍ତରାୟଙ୍କୁ ସମ୍ମାନିତ କରାଯାଇଥିଲା। ତୃତୀୟ ସନ୍ଧ୍ୟାରେ ରାଜ୍ୟ ସଂସ୍କୃତି ବିଭାଗ ଭାବ ଅମୃତ ଭଜନ ସନ୍ଧ୍ୟା ଭୁବନେଶ୍ୱର, ନୃତ୍ୟାଙ୍ଗନା ଭୁବନେଶ୍ୱର, ରେମୋ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର, ବାବା ବାଲୁଙ୍କେଶ୍ୱର ନୃତ୍ୟ ମନ୍ଦିର, ନଟରାଜ ଡ୍ୟାନ୍ସ ଏକାଡେମୀ, ହେଭେନ ଡ୍ୟାନ୍ସ ଏକାଡେମୀ, ଦେଭ ନୃତ୍ୟମ, ବୀଣାପାଣି ଶିଶୁ ମନ୍ଦିର, ବିବେକାନନ୍ଦ ଶିକ୍ଷାକେନ୍ଦ୍ରର କଳାକାରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଦୀପ କୁମାର ମହାପାତ୍ର, ରଜନୀକାନ୍ତ ମିଶ୍ର, ପ୍ରଶାନ୍ତ କୁମାର ବେହେରା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ମନୋଜ ଦାସ, ଦିପକ କୁମାର ସେନାପତି, ବିଜୟ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ଅରୁଣ କୁମାର ସୁବୁଦ୍ଧି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଭିଟାମାଟି ପାଇଁ ଗ୍ରାମବାସୀ ଏକାଠି

ଜଟଣୀ,୮।୨(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ ଅଧୀନ କନ୍ତିଆ ପଞ୍ଚାୟତ ଅନ୍ତର୍ଗତ କନ୍ତିଆ ଗ୍ରାମରେ ବାପୁଜୀ ଆମ୍ବେଡକର ରୟତ ସୁରକ୍ଷା ମହାମଞ୍ଚ ପକ୍ଷରୁ ମାଟି ବଞ୍ଚାଅ ଏକ ହୁଅ ଅଭିଯାନ ପରିପ୍ରେକ୍ଷୀରେ ଗ୍ରାମବାସୀ ଏକାଠି ହେବା ସହ ପଦଯାତ୍ରା କରିଥିଲେ। ଆୟୋଜକ ଅନୁଷ୍ଠାନର ସଦସ୍ୟମାନେ ଗ୍ରାମରେ ଘର ଘର ବୁଲି କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ଦସ୍ତଖତ ସଂଗ୍ରହ କରିଥିଲେ। ସଙ୍ଗଠନର ବରିଷ୍ଠ ସଦସ୍ୟ ପଦ୍ମଚରଣ ସୁବୁଦ୍ଧିଙ୍କ ସହ ଦେବରାଜ ବେହେରା, ମନୋଜ ବେହେରା, ପୂର୍ଣ୍ଣ ମହାନ୍ତି, ଚିତ୍ତ୍ରାନନ୍ଦ ସାମନ୍ତରାୟ, ଶରତ ବଡ଼ଜେନା, ଅମ୍ବୁ ନାୟକ, ସନ୍ତୋଷ ନାୟକ, ବଳିଆ ବଡ଼ଜେନା, ଭାଗୀରଥି ସାହୁ, ଭଗବାନ୍ ପାତ୍ର, ଟିଟୁ ସାହୁ, ସନ୍ତୋଷ ମହାପାତ୍ରଙ୍କ ସହ ଶତାଧିକ ଗ୍ରାମବାସୀ ପଦଯାତ୍ରାରେ ବାହାରିଥିଲେ। ସୂଚନାଥାଉ କି, ୨୦୧୨-୧୩ ମସିହାରେ ଜଟଣୀ ତହସିଲ ଅଧୀନ ୮ଟି ମୌଜାର ସ୍ଥିତିବାନ୍ ପ୍ରଜାଙ୍କ ପୈତୃକ ଜମିକୁ ସରକାର ବନ୍ଦୋବସ୍ତ ସମୟରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ ପୁରୀଙ୍କ ନାମରେ ରେକର୍ଡ କରିଦେଇଥିଲେ। ଫଳରେ ସେବେଠାରୁ ଉକ୍ତ ମୌଜାର ପ୍ରଜା କ୍ଷତିଗ୍ରସ୍ତ ହୋଇ ହଇରାଣ ହେଉଛନ୍ତି। ନିଜ ଅଧିକାର ପାଇଁ ସରକାରଙ୍କ ନିକଟରେ ବାରମ୍ବାର ଦାବି କରିବା ସହ ନ୍ୟାୟାଳୟର ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି। ଏଯାବତ୍ କୌଣସି ସୁଫଳ ନ ମିଳିବାରୁ ନିଜ ଭିଟାମାଟି ପାଇବା ପାଇଁ ଏକାଠି ହୋଇଥିଲେ। ଏହା ପୂର୍ବରୁ ଗତ ୪ ତାରିଖରେ ଉକ୍ତ ଅନୁଷ୍ଠାନର ସଦସ୍ୟମାନେ ନିରଞ୍ଜନପୁର ଗ୍ରାମରେ ପଦଯାତ୍ରା କରି ଅନୁରୂପଭାବେ ଦସ୍ତଖତ ସଂଗ୍ରହ କରିଥିବା ଦେଖିବାକୁ ମିଳିଥିଲା। ଆଗକୁ ଅନ୍ୟ ମୌଜାରେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।


ବୈଠକରେ ଉପସ୍ଥିତ ଗ୍ରାମବାସୀ।

# ୨୭୦ ବଙ୍ଗୀୟ ଶରଣାର୍ଥୀଙ୍କୁ ମିଳିଲା ପଟ୍ଟା


ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପଟ୍ଟା ପ୍ରଦାନ କରୁଛନ୍ତି।

ନିରାକାରପୁର,୮।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ କନ୍ତଲବାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲାପାଳ ଅମ୍ରିତ୍ ଋତୁରାଜ, ଉପଜିଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଟାଙ୍ଗୀ ବିଡିଓ ରୁମାନା ଜାଫ୍ରିନ, ତହସିଲଦାର ନିଷ୍ଠା ମହାପାତ୍ର, ଅତିରିକ୍ତ ତହସିଲଦାର ସନାତନ ମଲ୍ଲିକ, ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ରହି ପଟ୍ଟା ବଣ୍ଟନ କରିଥିଲେ। ମୋଟ ୨୭୦ ବଙ୍ଗୀୟ ଶରଣାର୍ଥୀ ପରିବାରକୁ ଜମିପଟ୍ଟା ବଣ୍ଟନ କରାଯାଇଛି। ଅଞ୍ଚଳବାସୀଙ୍କୁ ପଟ୍ଟା ମିଳିବା ପରେ ଜିଲା ପ୍ରଶାସନ ସମେତ ରାଜ୍ୟ ସରକାରଙ୍କୁ ସଂଘର ସଭାପତି ଅମଲ ଚକ୍ରବର୍ତ୍ତୀ, ସମ୍ପାଦକ ସୁବୋଧ ଦାସ, ଖଗେନ୍ଦ୍ର ମଣ୍ଡଳଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜନସାଧାରଣ କୃତଜ୍ଞତା ଜଣାଇଛନ୍ତି।

# ଡମଣଭୂମି ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ନିରାକାରପୁର,୮।୨(ମାନସ ଚନ୍ଦ୍ର ପଟ୍ଟନାୟକ)

ଡମଣଭୂମି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ଆଲୋକ ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଟାଙ୍ଗୀ ଶିକ୍ଷା ଗୋଷ୍ଠୀ ଅଧିକାରୀ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତା ମଳିପଡା କବି ପ୍ରସନ୍ନ ପାଟଶାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ମିହିର ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥିଭାବେ ସରପଞ୍ଚ ଶୁଭଦର୍ଶିନୀ ଭୋଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନୋଦ ଭୋଳ, ସମିତିସଭ୍ୟ ନେତ୍ରାନନ୍ଦ ପ୍ରଧାନ, ବିଦ୍ୟାଳୟ ଆଲୁମ୍‌ନି ସଭାପତି ଚିତ୍ତରଞ୍ଜନ ଭୋଳ, ସହ ପ୍ରତିଷ୍ଠାତା ସୁଦାମ ଚରଣ ଛୋଟରାୟ, ଖବରଦାତା ରଘୁନାଥ ସାହୁ, ସିଆର୍‌ସିସି ପ୍ରଶାନ୍ତ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବ୍ରଜ କିଶୋର ଜେନା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏକାଗ୍ରତା ଛାତ୍ରୀଛାତ୍ରଙ୍କୁ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟପଥରେ ପହଞ୍ଚାଇଥାଏ ବୋଲି ମତପ୍ରକାଶ ପାଇଥିଲା। ପ୍ରଧାନଶିକ୍ଷକ ଚକ୍ରବର୍ତ୍ତୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଯୋଗେନ୍ଦ୍ର ଗୁମାନସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ପରିବେଶ ସନ୍ତୁଳନ ପାଇଁ ଚାରାରୋପଣ ଜରୁରୀ

**୧୮ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧନା**

ବେଗୁନିଆ,୮।୨(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ଼ ଗ୍ରାମସ୍ଥିତ ଆଧ୍ୟାତ୍ମିକ ଚିନ୍ତନ ଓ ଲୋକକଳା ପରିଷଦ (ଆସ୍ଥା) ପକ୍ଷରୁ ସାରସ୍ୱତ ଆସର ଓ ପରିବେଶ ସୁରକ୍ଷା ସମ୍ପର୍କିତ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସୁଶାନ୍ତ ମହାପାତ୍ରଙ୍କ ପରିଚାଳନାରେ ଆୟୋଜିତ ତ୍ରୟୋଦଶ ବାର୍ଷିକ ସମାରୋହରେ କବିତା ପାଠ, ଚାରାରୋପଣ ଓ ଲୋକକଳା ପରିବେଷଣ ଏବଂ ପ୍ରତିଭାବାନ୍ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଶିବ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପରିବେଶବିତ୍ ଡ. ଦିଲୀପ ଶ୍ରୀଚନ୍ଦନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ନୟାଗଡ଼ ଜିଲା ଭାପୁର ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ବକ୍ତାଭାବେ ଯୋଗଦେଇଥିବା ବେଳେ ରାଜ୍ୟ ନବ ନିର୍ମାଣ କୃଷକ ସଙ୍ଗଠନର ସଂଯୋଜକ ଡ. ଏମ୍.ଡି. ମନୋହର ଅଲ୍ଲୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅନୁଷ୍ଠାନର ଆବାହକ ସନ୍ତୋଷ ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦନା ମଣ୍ଡଳୀର ସଦସ୍ୟା ଅର୍ପିତା ମହାପାତ୍ର ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଦସ୍ୟା ପ୍ରତିମା ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ରବୀନ୍ଦ୍ର ପାଣିଗ୍ରାହୀ ଓ ଗୋପାଳ ପାଣିଗ୍ରାହୀଙ୍କ ସଙ୍ଗୀତ ପରିବେଷଣ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ହିନ୍ଦୁ ଧର୍ମ ଓ ଭାରତୀୟ ସଂସ୍କୃତିର ପବିତ୍ର ଓ ପୂଜନୀୟ ବୃକ୍ଷ ଭାବେ ବଟ ଓ ଓସ୍ତ ପରିଚିତ। ବଟ ବୃକ୍ଷ ଶରୀରରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବାସ କରୁଥିବା ବେଳେ ଓସ୍ତ ଗଛରେ ପ୍ରଭୁ ଶ୍ରୀକୃଷ୍ଣ ବାସ କରନ୍ତି ବୋଲି ଧାର୍ମିକ ବିଶ୍ୱାସ ରହିଛି। ଏହା ସହିତ ଉଭୟ ବୃକ୍ଷ ପରିବେଶ ପାଇଁ ଲାଭଦାୟକ ଏବଂ ମାତ୍ରାଧିକ ଅମ୍ଳଜାନ ପ୍ରଦାନକାରୀ ବୋଲି ବୈଜ୍ଞାନିକଙ୍କ ମତ। ତେଣୁ ପରିବେଶ ସୁରକ୍ଷା ପାଇଁ ଉଭୟ ବୃକ୍ଷରୋପଣ କରାଯିବା ଜରୁରୀ ବୋଲି ଅତିଥି ଡ. ଶ୍ରୀଚନ୍ଦନ ମତବ୍ୟକ୍ତ କରିଥିଲେ। କବି ଅଖିଳେଶ ମହାପାତ୍ରଙ୍କ ସଂଯୋଜନାରେ ୧୫ ଜଣ କବୟିତ୍ରୀ ଓ କବି ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଗାଳ୍ପିକ ସତ୍ୟନାରାୟଣ କରଙ୍କ ଲିଖିତ ପୁସ୍ତକ 'ଘରେ ଘରେ ମହାଭାରତ' ଉନ୍ମୋଚନ ହୋଇଥିଲା। ସେହିପରି କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ସାହସିକତା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୧୮ଜଣ ପ୍ରତିଭାଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଶେଷରେ ଆବାହକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**GOVT. OF ODISHA** No.25001/43/2526

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, KEONJHAR**
Tel. 06766-258094(O), Mail : eerw1_kjr@yahoo.com
**"e" Procurement Notice for Road Works**
**Identification No. Online NCB - 18/2025-26**

1. Name of the Work : 11 No. Roads Work, 2. Total Number of Work : 11 No., 3. Estimated Cost : Rs.4.98 Lakhs to 38.10 Lakhs, 4. Class of Contractor : "C" & "B" Class, 5. Period of Completion : As per annexure of e-Procurement Notice **No.18 of 2025-26**, 6. Other Details :

| Procurement Officer | Bid Identification No. | Availability of tender online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No.18 | Dt.09.02.2026 at 11.00 A.M. | Dt.14.02.2026 upto 5.00 P.M. | Dt.13.02.2026 upto 5.00 P.M. | Dt.16.02.2026 at 11.00 A.M. |

Further details can be seen from the website www.tenderorissa.gov.in

Sd./- Superintending Engineer
R.W. Division-I, Keonjhar

OIPR-25001/25110/1/25-26/0033

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**MINOR IRRIGATION DIVISION, RAYAGADA**
(E-mail ID : eemirgd@ymail.com)
**NOTICE INVITING TENDER**
e-Procurement Notice
e-Procurement Notice No. **SEMIDRGD-06/2025-26**
**Letter No.522 Dated 06.02.2026**

**No.32001/42/2526** : The Superintending Engineer, Minor Irrigation Division, Rayagada on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

1. Name of the work : Construction of 13 Nos. of New Check Dams in different Block of Rayagada District under MATY 3.0, Construction of Canal Lining of Puhundi MIP in Kasipur Block of Rayagada District under MIPSP Scheme & Improvement to Kankubadi MIP under DPIW for the year 2025-26.
2. Total Number of works : 15 (Fifteen) Nos.
3. Estimated cost : Approximately varies from **Rs.25.33 Lakh to Rs.46.55 Lakh**
4. Period of completion : As mentioned against each work in Annexure to Bid Notice
5. Class of Contractor : As mentioned against each work in Annexure to Bid Notice
6. Date and time of availability of bid documents in the portal : From 10.00 A.M. of 10.02.2026 to 5.00 P.M. of 19.02.2026
7. Last date/time for receipt of bids in the portal : 5.00 P.M. on 19.02.2026
8. Date of opening of bid : At 11.00 A.M. on 20.02.2026 in website (www.tendersodisha.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Rayagada
11. Further details can be seen from the Government of Odisha Website : www.tendersodisha.gov.in

Sd./- Superintending Engineer
M.I. Division, Rayagada

OIPR-32001/32056/1/25-26/0001

**OFFICE OF THE DIVISIONAL FOREST OFFICER & WILDLIFE WARDEN, CHANDAKA WILDLIFE DIVISION, GAJA VIHAR, BARAMUNDA, BHUBANESWAR-751003**
Ph.No-(0674) 2355400, E-mail: dfo.chandakawl@odisha.gov.in/ chandakadampara@gmail.com

**Letter No.896/1WL-24/2026, dated, Bhubaneswar, the 05th February, 2026**

No.8001/31/2526: The Divisional Forest Officer, Chandaka Wildlife Division, invites Sealed Tenders under the Double cover system in offline mode for Fabrication and Installation of Skyview Selfie Decks at Peacock Valley and Nageswar Dam at Dampada under Chandaka Wildlife Division, Bhubaneswar.

| | |
|---|---|
| Tender Paper Availability | From dt.06.02.2026 to 5.30 PM of dt.12.02.2026 and can be collected in person from the office of the undersigned or downloaded from https://odishaforest.in/ & https://wildlife.odisha.gov.in/ |
| Tender Paper Cost | Rs.3000.00 |
| Last Date & Time for Submission of Bid | 12.02.2026 upto 05.30 PM |
| Opening of Technical Bid | 13.02.2026 at 12.30 PM |
| Opening of Financial Bid | 13.02.2026 at 04.00 P.M. |
| Name & Address of Officer Inviting Bid | Divisional Forest Officer & Wildlife Warden, Chandaka Wildlife Division, Gaja Vihar, Bhubaneswar, Odisha-751003 |

Sd./- Divisional Forest Officer-cum-Wildlife Warden
Chandaka Wildlife Division, Bhubaneswar

OIPR-8001/8096/1/25-26/0015

## ସଂକ୍ଷେପରେ

### ଧରିତ୍ରୀ ଏଜେଣ୍ଟ ଦୁଃଖୀଶ୍ୟାମ ସାହୁଙ୍କ ପରଲୋକ

ସାକ୍ଷୀଗୋପାଳ,୮।୨(ଭରତ ରାଉତ/ କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ)



ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଜୟପୁର ପଞ୍ଚାୟତ ମଠସାହି ଗ୍ରାମର ଧରିତ୍ରୀ ଖବରକାଗଜ ଏଜେଣ୍ଟ ଦୁଃଖୀଶ୍ୟାମ ସାହୁଙ୍କ ୭୪ ବର୍ଷ ବୟସରେ ରବିବାର ପରଲୋକ ଘଟିଛି। ରବିବାର ସକାଳେ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ନିକଟସ୍ଥ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୀର୍ଘ ୪୫ବର୍ଷ ଧରି ସେ ଖବରକାଗଜ ବିକ୍ରିକୁ ରୋଜଗାରର ପ୍ରମୁଖ ମାଧ୍ୟମ ଭାବେ ଗ୍ରହଣ କରିଥିଲେ। ଦୁଃଖୀଶ୍ୟାମ ପ୍ରତିଦିନ ଧରିତ୍ରୀ ସମେତ ଅନ୍ୟାନ୍ୟ ଖବରକାଗଜ ବିତରକ ଭାବେ କାର୍ଯ୍ୟ କରି ଆସୁଥିଲେ। ସ୍ୱର୍ଗତ ସାହୁଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରକାଗଜ ପ୍ରସାରଣର ବୈପ୍ଳବିକ ପରିବର୍ତ୍ତନ ଜନସାଧାରଣଙ୍କ ପ୍ରିୟଭାଜନ ହୋଇପାରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ, ପୁତ୍ରବଧୂ ଓ ନାତି, ନାତୁଣୀ, ଝିଅଜ୍ୱାଇଁ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡ଼ ପୁଅ ମୁଖାଗ୍ନି ଦେଇଥିଲେ। ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ବରିଷ୍ଠ ସ୍ତମ୍ଭକାର ଦେବଭକ୍ତି ମିଶ୍ର, ସତ୍ୟବାଦୀର ସମସ୍ତ ଖବରଦାତା ଓ ବିକ୍ରେତା ଗଭୀର ସମବେଦନା ଜଣାଇବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ଡିଏଭି ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ପିପିଲି,୮।୨(ପ୍ରଭାତ କୁମାର ମହାପାତ୍ର)

ପିପିଲି ହାଟସାହି ପଞ୍ଚାୟତ ମିର୍ଜାପୁରସ୍ଥିତ ଡିଏଭି ପବ୍ଲିକ ସ୍କୁଲର ୬ଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରିନ୍ସିପାଲ ସୁହାନା ପରବିନ୍‌ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଗୋପବନ୍ଧୁ ମଲ୍ଲିକ ଯୋଗଦେଇ ଗୁଣାତ୍ମକ ଶିକ୍ଷାର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅନ୍ତର୍ଜାତୀୟ ବ୍ୟାଙ୍କ ବିଶେଷଜ୍ଞ ଡ. ମହମ୍ମଦ ଫଜଲହକ୍ ଯୋଗଦେଇ ଉତ୍ତମ ଛାତ୍ର ଗଠନ ପାଇଁ ସେମାନଙ୍କ ମନରେ ଭବିଷ୍ୟତର ସ୍ୱପ୍ନ ରହିବା ସହ ସାକାର କରିବାର ପ୍ରୟାସ ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶ୍ରମ ବିଭାଗ କମିଶନ ମକସୁଦ ଅଲ୍ଲୀ ଖାନ, ବିଜେଡି ସଂଖ୍ୟାଲଘୁ ସେଲ ଉପସଭାପତି ମହମ୍ମଦ ମୁବିନ, ବିଦ୍ୟାଳୟ ଚେୟାରମ୍ୟାନ ମହମ୍ମଦ ସମସେର୍ ଅଲ୍ଲୀ, ନିର୍ଦ୍ଦେଶକ ବିଲ୍‌କୁସ ଅଲ୍ଲୀ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଂସ୍କାର ଶିକ୍ଷା ମଧ୍ୟରେ ମାତାପିତାଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ନୃତ୍ୟଗୁରୁ ଗଜେନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଓଡ଼ିଶା-ଜାପାନ ଫେଷ୍ଟିଭାଲ ଉଦ୍‌ଯାପିତ

ପୁରୀ,୮।୨(ଅଜିତ୍ କୁମାର ମହାନ୍ତି)



ଓଡ଼ିଶା-ଜାପାନ ଫେଷ୍ଟିଭାଲରେ ଯୋଗ ଦେଇଥିବା ଅତିଥିମାନେ ।

ଭାଷା କୌଣସି ସାଂସ୍କୃତିକ ପ୍ରତିଭା ପ୍ରଦର୍ଶନରେ ବାଧକ ନୁହେଁ। ଏହା ପରସ୍ପରକୁ ଯୋଡ଼େ ଓ ଭାଇଚାରାକୁ ମଜଭୁତ କରେ। ଦୀର୍ଘ ବର୍ଷ ଧରି ପୁରୀରେ ଆୟୋଜିତ ହେଉଥିବା ଓଡ଼ିଶା- ଜାପାନ ସାଂସ୍କୃତିକ ମହୋତ୍ସବ ବା ଫେଷ୍ଟିଭାଲ ତାହାର ବଡ଼ ଉଦାହରଣ ବୋଲି କହିଛନ୍ତି ସୂଚନା ଓ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ।

ତାଳବଣିଆ ପଡ଼ିଆଠାରେ ଇଣ୍ଡୋ-ଜାପାନ ଫ୍ରେଣ୍ଡଶିପ ଓ ଚନ୍ଦ୍ରଶେଖର ଏକାଡେମୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଦୁଇଦିନିଆ ମହୋତ୍ସବ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ରବିବାର ଶେଷ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପନିର୍ଦ୍ଦେଶକ ସେଠୀ କହିଛନ୍ତି, ଜାପାନୀମାନେ ଏକ ସାହସୀ, ସଂଗ୍ରାମୀ, ପରିଶ୍ରମୀ ଓ ଶିକ୍ଷିତ ଜାତିର ପରିଚୟ ନେଇ ବିଶ୍ୱରେ ପରିଚିତ। ସେମାନଙ୍କ ସଂସ୍କୃତି ଓ ଶ୍ରେଷ୍ଠ ବୈଷୟିକ ଜ୍ଞାନ ପାଇଁ ସୁଖ୍ୟାତି ରହିଛି। ଭାରତୀୟ ବିଶେଷକରି ଓଡ଼ିଶା ସହ ସେମାନଙ୍କ ସାଂସ୍କୃତିକ ବିନିମୟ ଏକ ସୁନ୍ଦର ଓ ସମ୍ପ୍ରସାରିତ ପଦକ୍ଷେପ ; ଯାହା ଦୁଇ ଦେଶର ଭାଇଚାରାକୁ ସଶକ୍ତ କରିବ।

ଅନ୍ୟତମ ଅତିଥି ଭାବେ ତାଳବଣିଆ ଥାନାଧିକାରୀ ଅବିନାଶ ମିଶ୍ର କହିଛନ୍ତି, ଓଡ଼ିଶା- ଜାପାନ ସଂସ୍କୃତିର ମିଳନ ଓ ଉପସ୍ଥାପନ ପ୍ରୟାସ ଏକ ଚମତ୍କାର ଉଦ୍ୟମ। ଏହା ଦ୍ୱାରା ଉଭୟ ଦେଶର ସାଂସ୍କୃତିକ ବିବିଧତା ସମ୍ପର୍କରେ ସାଧାରଣ ଲୋକ ଜାଣିବା ସହ ଭ୍ରାତୃତ୍ୱଭାବ ବୃଦ୍ଧି ପାଇବ ବୋଲି କହିଥିଲେ। ଇଣ୍ଡୋ-ଜାପାନ ଫ୍ରେଣ୍ଡଶିପର ସଭାପତି ଶ୍ରୀମନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାନସ ଦାସ, ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ପରିଚାଳନା କରିଥିଲେ। ପରେ ଓଡ଼ିଶା ଓ ଜାପାନ କଳାକାର ଶାଶ୍ୱତୀ ଦାଶ, ଶିବସୁନ୍ଦର ମିଶ୍ର, ସ୍କେପକ ଡ୍ୟାନ୍ସ ଗ୍ରୁପ, କାନନ ମିଜୁନୋ, ଚୋଷୀ ନାକାମୋରା, ନାଚସ୍ୱ ମିହାରା, ଏରିକୋ ତୋଷିମା, ଆକିଏ ଦୋଇ ପ୍ରମୁଖ ଚମତ୍କାର ନୃତ୍ୟ, ସଙ୍ଗୀତ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଏହି ଅବସରରେ ଓଡ଼ିଶା ଓ ଜାପାନର ୨୦ଟି ଷ୍ଟଲ ମାଧ୍ୟମରେ ବିଭିନ୍ନ ଖାଦ୍ୟ ଓ ଅନ୍ୟାନ୍ୟ ଉପକରଣ ପ୍ରଦର୍ଶନ କରିଥିଲେ। ଉଦ୍‌ଘୋଷକ ଭାବେ ଲଲାଟେନ୍ଦୁ ମିଶ୍ର ମଞ୍ଚ ସଞ୍ଚାଳନ କରିଥିଲେ।

# ଗୋପ ବ୍ଲକ୍‌ର ବିକାଶ ମୁଖ୍ୟ ଲକ୍ଷ୍ୟ

## ୧୫ଟି ଦାବିକୁ ନେଇ ଅଣ୍ଟା ଭିଡ଼ିଲା ସଂଘ

ଗୋପ,୮।୨(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକର ବିକାଶ ହେବା ନେଇ ଆମ ସଂଗଠନ ଦୀର୍ଘ ବର୍ଷ ଧରି ବିକାଶ ପରିଷଦ ନାମରେ କାର୍ଯ୍ୟ କରୁଛି। ବାରମ୍ବାର ସରକାରଙ୍କ ନିକଟରେ ମଧ୍ୟ ବିଭିନ୍ନ ଦାବି କରୁଥିବା ବେଳେ ବିଗତ ଦିନରେ ଗୋପ ତହସିଲ, ବିଦ୍ୟୁତ ସବ୍‌ଷ୍ଟେସନ, ଅଗ୍ନିଶମ ବିଭାଗ ସହିତ ଆଉ କେତେକ କାର୍ଯ୍ୟକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଫଳରେ ଗୋପ ବ୍ଲକ ଅଞ୍ଚଳର ହଜାର ହଜାର ଲୋକମାନେ ଉପକୃତ ହେଉଛନ୍ତି। ଏଥିସହିତ ଅନ୍ୟାନ୍ୟ ଦାବି ଉପରେ ଆମ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଅନ୍ୟାନ୍ୟ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଅଭିଯୋଗପତ୍ର ଦିଆଯିବ ବୋଲି ରବିବାର ଗୋପ ଅନ୍ତର୍ଗତ ଶୋଳପୁର ସ୍ଥିତ ମା' ଅଡ଼ଙ୍ଗେଇ ପୀଠରେ ଯୋଗଦେଇଥିବା ବ୍ୟକ୍ତିବିଶେଷ ମତବ୍ୟକ୍ତ କରିଥିଲେ।

ବିକାଶ ପରିଷଦର ସଭ୍ୟ ନରେନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଭଗବାନ ପାତ୍ର, ପୂର୍ଣ୍ଣଚନ୍ଦ୍ର ଦାଶ, ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ମହିଳା ମହାସଂଘର ମିନାକ୍ଷୀ ପୃଷ୍ଟି, ପୂର୍ବତନ ସରପଞ୍ଚ ଭାସ୍କର ସେଠ, ଜିଲାପରିଷଦ ସଭ୍ୟା ପୁଷ୍ପାରାଣୀ ସ୍ୱାଇଁ, ଅବସରପ୍ରାପ୍ତ ଅଧିକାରୀ ବ୍ରହ୍ମାନନ୍ଦ ସାହୁ, ଯୁବ ନେତୃତ୍ୱ ସୁକାନ୍ତ କୁମାର ମହାନ୍ତି, ଗଣମାଧ୍ୟମ ପ୍ରତିନିଧି ସଚ୍ଚିଦାନନ୍ଦ ଗୋଛାୟତଙ୍କ ସମେତ ଅନ୍ୟାନ୍ୟ ଶିକ୍ଷାବିତ, ରାଜନୈତିକ ବ୍ୟକ୍ତି, ବରିଷ୍ଠ ବ୍ୟକ୍ତିମାନେ ଯୋଗଦେଇ ଗୋପ-କୋଣାର୍କକୁ ନେଇ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀ କରିବା, ଧନୁଆ ବନ୍ୟାର ସ୍ଥାୟୀ ପ୍ରତିକାର, ଗୋପ ବ୍ଲକର ୩୧ଟି ପଞ୍ଚାୟତରେ ଆଲୋକୀକରଣ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁ ଡାକ୍ତର ନିଯୁକ୍ତି, ରାସ୍ତା ପ୍ରଶସ୍ତୀକରଣ ଯୋଗୁ ଗୋପ ବଜାର ବ୍ୟବସାୟୀଙ୍କୁ ଥଇଥାନ କରିବା ସହ ୧୫ଟି ଦାବି ଉପରେ ଆଲୋଚନା କରାଯାଇଥିଲା। ଶେଷରେ ଗୋପ ବିକାଶ ପରିଷଦ ପକ୍ଷରୁ ଏକ ୭ ଜଣିଆ କମିଟି ଗଠନ କରାଯାଇ ଏ ସବୁ ଦିଗ ଉପରେ ଗୁରୁତ୍ୱ ଦେବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଆବଶ୍ୟକତା ପଡ଼ିଲେ ଗୋପ ବ୍ଲକ ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ପ୍ରକାରର ଆନ୍ଦୋଳନ କରାଯିବ ବୋଲି ମତପ୍ରକାଶ ପାଇଥିଲା।



ବୈଠକରେ ଯୋଗ ଦେଇଥିବା ବିକାଶ ପରିଷଦର ସଭ୍ୟାସଭ୍ୟମାନେ ।

# ବାଲେଶ୍ୱର ମିଶନ ଟାଇଗର ଚାମ୍ପିୟନ

## ରାଜ୍ୟସ୍ତରୀୟ ୧୧ତମ ପଦ୍ମଚରଣ ସ୍ମାରକୀ ଫୁଟବଲ

ନିମାପଡ଼ା,୮।୨(ବିଚିତ୍ରାନନ୍ଦ ସାହୁ )

ନିମାପଡ଼ା ଆଥଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୧୧ତମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ଗ୍ରାଣ୍ଡଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱର ଘାଟିକିଆ ବଜରଙ୍ଗୀ ଦଳକୁ ୪-୨ଗୋଲରେ ପରାସ୍ତ କରି ମିଶନ ଟାଇଗର ବାଲେଶ୍ୱର ବିଜୟ ହାସଲ କରି ଚାମ୍ପିୟନ୍ ଟ୍ରଫି ହାସଲ କରିଛି। ଏହି ମ୍ୟାଚକୁ ରେଫରି ଭାବେ ରାଜୁ ମହାନ୍ତି, ଶେଖାଓ୍ୱତ ଖାନ, ପ୍ରଫୁଲ୍ଲ କୁମାର ବେହେରା, ସୁଶାନ୍ତ କୁମାର ରାଉତରାୟ ପ୍ରମୁଖ ପରିଚାଳନା କରିଥିଲେ। ଏହି ଫାଇନାଲ ମ୍ୟାଚରେ ବିଜୟୀ ମିଶନ ଟାଇଗର ବାଲେଶ୍ୱର ଦଳର ଖେଳାଳି ମନୋଜ ମାଝୀ ମ୍ୟାନ୍ ଅଫ ଦି ମ୍ୟାଚ, ଚୁନୁ ମହାନ୍ତି ମ୍ୟାନ୍ ଅଫ ଦି ସିରିଜ ଓ ମିଶନ ଟାଇଗର ବାଲେଶ୍ୱରର ସୁକୁଲ ମୁର୍ମୁ ଟପ ସ୍କୋରର ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ସମାରୋହରେ ଅତିଥି ଭାବେ ଓଡ଼ିଶା ଫୁଟ୍‌ବଲ ଟିମ୍‌ର କୋଚ୍ ଅକ୍ଷୟ କୁମାର ଦାଶ, ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବିଶିଷ୍ଟ ଶିଳ୍ପପତି ସୁରେନ୍ଦ୍ର ବେହେରା, ବରିଷ୍ଠ ଶିକ୍ଷାବିତ୍ ଜଗତ ପ୍ରସାଦ ସାବୁତ, କ୍ରୀଡ଼ାବିତ ମହେନ୍ଦ୍ର ସିଂ ଭାଟିଆ ପ୍ରମୁଖ ଯୋଗଦେଇ କୃତୀ ଚାମ୍ପିୟନ ମିଶନ ଟାଇଗର ବାଲେଶ୍ୱର ଦଳକୁ ନଗଦ ୪୦ହଜାର ଟଙ୍କା ଓ ଟ୍ରଫି ଏବଂ ରନର ଅପ୍ ଭୁବନେଶ୍ୱର ଘାଟିକିଆ ବଜରଙ୍ଗୀ ଦଳକୁ ନଗଦ ୩୦ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିବାବେଳେ କୃତୀ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ଏହି ଅବସରରେ ରେଫରି, ଭଲ୍ୟୁଣ୍ଟିଅର, ଆୟୋଜକ କମିଟିର କର୍ମକର୍ତ୍ତା ସଦସ୍ୟଙ୍କ ସମେତ ବହୁ କ୍ରୀଡ଼ାବିତ୍‌ମାନଙ୍କୁ ସ୍ୱତନ୍ତ୍ରଭାବେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତାବର୍ଷ ଏହି ଫୁଟବଲ ଟୁର୍ନାମେଣ୍ଟ ସର୍ବଭାରତୀୟସ୍ତରରେ ଅନୁଷ୍ଠିତ ହେବ ବୋଲି ଆଥ୍‌ଲେଟିକ ଆସୋସିଏଶନ ସଭାପତି ପୂର୍ବତନ ମନ୍ତ୍ରୀ ସମୀର ଦାଶ ମତପ୍ରକାଶ କରିଥିଲେ। ଆଥ୍‌ଲେଟିକ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଧୀରେନ ବରାଳ, ଫୁଟବଲ ସମ୍ପାଦକ ପ୍ରକାଶ ବରାଳ, ସ୍ପୋର୍ଟ୍ସ ମ୍ୟାନେଜର ବିଶ୍ୱଜିତ ମଲ୍ଲିକ, କ୍ରୀଡ଼ାବିତ ରଶ୍ମିରଞ୍ଜନ ପଣ୍ଡା, ଜିତେଶ କାନୁନ୍‌ଗୋ ପ୍ରମୁଖ ଏହି ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟକୁ ସଂଯୋଜନା ଓ ପରିଚାଳନା କରିଥିଲେ।



ଅତିଥିମାନେ କୃତୀ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

### ଷ୍ଟେଶନରୁ ମୃତଦେହ ଜବତ

କଣାସ,୮।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ସୁନାଖେଳା ଗ୍ରାମର ରବୀନ୍ଦ୍ର ଚମ୍ପତି (ଗୁଲୁ)ଙ୍କ ସ୍ତ୍ରୀ ମଧୁସ୍ମିତା ସାମନ୍ତରାୟ ଶୁକ୍ରବାର ରାତିରେ ନିଖୋଜ ହୋଇଥିଲେ। ଏନେଇ ଶ୍ୱଶୁର ଘର ଲୋକ ବହୁ ଖୋଜାଖୋଜି ପରେ ଥାନାରେ ଏତଲା ଦେଇଥିଲେ। ଅନ୍ୟପକ୍ଷରେ ମୋ ଝିଅକୁ ଶ୍ୱଶୁର ଘର ଲୋକେ ମାରି ଦେଇଥିବା ନେଇ ମଧୁସ୍ମିତାଙ୍କ ବାପା କାଳିଘଡ଼ି ଗ୍ରାମର ରାମ ପାତ୍ର ଥାନାରେ ଅଭିଯୋଗ କରିବା ସହ ଜଗନ୍ନାଥ ସଡ଼କ ଅବରୋଧ କରିଥିଲେ। ଗଡ଼ିଶାଗୋଦା ଥାନାଧିକାରୀ ସୁଧୀର କୁମାର ଦାସ ଉଭୟ ପକ୍ଷର ଏତଲା ପାଇବା ପରେ ଅଗ୍ନିଶମ ବାହିନୀକୁ ଡାକି ମକରା ନଦୀ ଖୋଜାଖୋଜି କରିବା ସହ ସିସିଟିଭି ଯାଞ୍ଚ କରି ରବିବାର ନିରାକାରପୁର ରେଳ ଷ୍ଟେଶନ ନିକଟରୁ ନବବଧୂ ମଧୁସ୍ମିତାଙ୍କ ମୃତଦେହ ଜବତ କରିଛନ୍ତି।

### ପିଏମ୍‌ଶ୍ରୀ ନୟାହାଟ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ

ଯୋଗେଶ୍ୱରପୁର, ୮।୨(ରଶ୍ମିରଞ୍ଜନ ସାହୁ)

ଗୋପ ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ନୟାହାଟ ଉଚ୍ଚ ବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ଅଶୋକ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ କହିଛନ୍ତି, ବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ବିଦ୍ୟାଳୟର ଉନ୍ନତି ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ଦେବେ ବୋଲି ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ୧୪ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସାଗରିକା ନାୟକ ଓ ଧୂମାଳ ସରପଞ୍ଚ ମୋନାଲିସା ସିଂହ, କାହ୍ନୁଚରଣ ସାହୁ, ବାସୁଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ।

### ହାଟସାହି ପଞ୍ଚାୟତ ନୋଡାଲ ହାଇସ୍କୁଲର ବାର୍ଷିକୋତ୍ସବ

ପିପିଲି,୮।୨(ଦୁର୍ଗାମାଧବ ମିଶ୍ର)

ପିଏମ୍ ଶ୍ରୀ ହାଟସାହି ପଞ୍ଚାୟତ ନୋଡାଲ୍ ହାଇସ୍କୁଲର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀସଙ୍ଗୀତା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ତହସିଲଦାର ତାରାନୁମ ନଫିସ ସଂସ୍କୃତ ଶ୍ଳୋକ ଏବଂ ମହାନ ଧର୍ମ ଗ୍ରନ୍ଥ ଶ୍ରୀମଦ୍ ଭଗବତ ଗୀତାରୁ ବକ୍ତବ୍ୟ ଆରମ୍ଭ କରିଥିଲେ। ଛାତ୍ରୀଛାତ୍ରଙ୍କୁ ବହି ପାଠ ସହିତ ଯୋଗ, ପ୍ରାଣାୟାମ, ଖେଳ ଆଦି କରିବା ସହିତ ପ୍ରତ୍ୟେକ ଜଣେ ଜଣେ ଭଲ ମଣିଷ ହୋଇ ନିଜକୁ ଗଢ଼ି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ପୀତବାସ ସେଠୀ, ସ୍ଥାନୀୟ ସରପଞ୍ଚ ଗଣେଶ ବେହେରା, ବିଦ୍ୟାଳୟ କମିଟି ସଭାପତି ପ୍ରହ୍ଲାଦ ରାଉତ ଏବଂ ସାମାଜିକ କର୍ମୀ ଅଲି ବାବୁଲା ଯୋଗ ଦେଇଥିଲେ। ଶିକ୍ଷକ ନେତା ବିକ୍ରମ ରଥ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୂର୍ବରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ବେହେରା, ଶିବ ପ୍ରସାଦ ଛାଟୋଇ ଏବଂ ସରୋଜିନୀ ମିଶ୍ରଙ୍କୁ ନିଜର କର୍ତ୍ତବ୍ୟ ନିଷ୍ଠତା ପାଇଁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଶିକ୍ଷକ ଅଜୟ ବାରିକ, ଶ୍ରୀକାନ୍ତ ମହାପାତ୍ର, ସ୍ୱାଗତିକା ସାମନ୍ତରାୟ, ପ୍ରିୟଙ୍କା ପଟ୍ଟନାୟକ ଏବଂ ଅର୍ଚ୍ଚନା ବଳିୟାରସିଂଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ପରିଚାଳନା କରିଥିଲେ।



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ ।

# ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବର ଚତୁର୍ଥ ସ୍ୱର୍ଣ୍ଣକ୍ଷେତ୍ର ଉତ୍ସବ

ପୁରୀ,୮।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ପୁରୀର ଚତୁର୍ଥ ରାଜ୍ୟସ୍ତରୀୟ କବି ଲେଖକ ସମ୍ମିଳନୀ, ସମ୍ମାନ ପ୍ରଦାନ ଓ ମୁଖପତ୍ର 'ନାକଚଣା'ର ଶୁଭ ଲୋକାର୍ପଣ ଉତ୍ସବ ବଡ଼ଦାଣ୍ଡସ୍ଥିତ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ କବିତା ପାଠ କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ସଦସ୍ୟ କୃଷ୍ଣଚନ୍ଦ୍ର ରଥ ସଭାପତି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କବି ମହେନ୍ଦ୍ର କୁମାର ଦାଶ, ଭାରତୀ ଭୂଷଣ ଦାସ, କମଳ କୁମାର ଦାଶ ଓ ପ୍ରଲିପ୍ତା ଛୋଟରାୟଙ୍କ ସଂଯୋଜନା କ୍ରମେ କବି ସୁବାସ ଚନ୍ଦ୍ର ମିଶ୍ର, ମହେଶ୍ୱର ଜେନା, ନିରୁପମା ପଣ୍ଡା, ସୁଧାଂଶୁ ଲେଙ୍କା, ଉର୍ମିଳା ସାମନ୍ତରାୟ, ପ୍ରତିଭା ଦାଶ ଓ ଡାକ୍ତର ପ୍ରମିଳ୍ କୁମାର ନନ୍ଦ ପ୍ରମୁଖ ୬୦ଜଣ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଲେଖିକା କଳ୍ପନା ମିଶ୍ର ଧନ୍ୟବାଦ ଦେଇଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ସଂଯୋଜକ ପୁରୁଷୋତ୍ତମ ନନ୍ଦ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ସେବାୟତ ଭଗବାନ ସୁଆର କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରାଚୀ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଦିଲ୍ଲୀପ କୁମାର ସେନାପତି ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ଲକ୍ଷ୍ମୀଧର ଖୁଣ୍ଟିଆ ଓ ଉପାଧ୍ୟକ୍ଷ ବିଜୟଲକ୍ଷ୍ମୀ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀକ୍ଷେତ୍ରର ସୁନାମଧନ୍ୟ ଲେଖକ ଡ଼କ୍ଟର ସିଦ୍ଧେଶ୍ୱର ମହାପାତ୍ର, ସୂର୍ଯ୍ୟ ମିଶ୍ର ଓ ବାବାଜୀ ଚରଣ ଜେନାଙ୍କୁ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ କବି ଦାମୋଦର ମହାନ୍ତି, ଉମାକାନ୍ତ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ସନ୍ତୋଷ କୁମାର ସେଠୀ, ଶ୍ୟାମ ପ୍ରକାଶ ସେନାପତି, ଅନ୍ନପୂର୍ଣ୍ଣା ଦେବୀ, ପ୍ରବାସିନୀ ମିଶ୍ର, ପ୍ରତିଭା ତ୍ରିପାଠୀ, ସରୋଜିନୀ ମିଶ୍ର, କ୍ରିଷ୍ଣା ମହାପାତ୍ର, ପୌର୍ଣ୍ଣମାସୀ ଦେବୀ, ଓ ପଦ୍ମାଳୟା ମିଶ୍ରଙ୍କୁ ଶ୍ରୀକ୍ଷେତ୍ର ସାହିତ୍ୟ ମହୋତ୍ସବ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ନାକଚଣା'ର ଶୁଭ ଲୋକାର୍ପଣ କରାଯିବା ସହିତ ବ୍ରଜକିଶୋର ତ୍ରିପାଠୀଙ୍କ ଭାଷା ସାହିତ୍ୟ, ସଂସ୍କୃତି ଓ ସମନ୍ୱିତ ମୁଖପତ୍ର ଅନୁରାଗ ପୁସ୍ତକ ଲୋକାର୍ପଣ କରାଯାଇଥିଲା ମଞ୍ଚ ପରିଚାଳନା କରିଥିଲେ ପୁରୁଷୋତ୍ତମ ନନ୍ଦ। କାର୍ଯ୍ୟକ୍ରମ ପରିଚାଳନାରେ ସୁରେଶ କୁମାର ପଟ୍ଟନାୟକ (ଆବାହକ ), ମନସ୍ୱିନୀ ବେହେରା, ସନ୍ତୋଷିନୀ ବେହେରା, ରୋଜାଲିନ ପଣ୍ଡା, କମଳିନୀ ପାଣିଗ୍ରାହୀ ଓ ଯୋଗେନ୍ଦ୍ର ନାଥ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅନାମ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।



ଅନୁଷ୍ଠାନର ମୁଖପତ୍ର 'ନାକଚଣା'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି ।


**GOVT. OF ODISHA** No.25001/43/2526

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, KEONJHAR**
Tel. 06766-258094(O), Mail : eerw1_kjr@yahoo.com
**"e" Procurement Notice for Road Works**
**Identification No. Online NCB - 18/2025-26**

1. Name of the Work : 11 No. Roads Work, 2. Total Number of Work : 11 No., 3. Estimated Cost : Rs.4.98 Lakhs to 38.10 Lakhs, 4. Class of Contractor : "C" & "B" Class, 5. Period of Completion : As per annexure of e-Procurement Notice **No.18 of 2025-26**, 6. Other Details :

| Procurement Officer | Bid Identification No. | Availability of tender online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | **Road Online NCB No.18** | Dt.09.02.2026 at 11.00 A.M. | Dt.14.02.2026 upto 5.00 P.M. | Dt.13.02.2026 upto 5.00 P.M. | Dt.16.02.2026 at 11.00 A.M. |

Further details can be seen from the website www.tenderorissa.gov.in

**Sd./- Superintending Engineer**
**R.W. Division-I, Keonjhar**

**OIPR-25001/25110/1/25-26/0033**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**MINOR IRRIGATION DIVISION, RAYAGADA**
(E-mail ID : eemirgd@ymail.com)
**NOTICE INVITING TENDER**
e-Procurement Notice
e-Procurement Notice No. **SEMIDRGD-06/2025-26**
**Letter No.522 Dated 06.02.2026**

**No.32001/42/2526** : The Superintending Engineer, Minor Irrigation Division, Rayagada on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal **https://tendersodisha.gov.in**

1. Name of the work : Construction of 13 Nos. of New Check Dams in different Block of Rayagada District under MATY 3.0, Construction of Canal Lining of Puhundi MIP in Kasipur Block of Rayagada District under MIPSP Scheme & Improvement to Kankubadi MIP under DPIW for the year 2025-26.
2. Total Number of works : 15 (Fifteen) Nos.
3. Estimated cost : Approximately varies from **Rs.25.33 Lakh to Rs.46.55 Lakh**
4. Period of completion : As mentioned against each work in Annexure to Bid Notice
5. Class of Contractor : As mentioned against each work in Annexure to Bid Notice
6. Date and time of availability of bid documents in the portal : From 10.00 A.M. of 10.02.2026 to 5.00 P.M. of 19.02.2026
7. Last date/time for receipt of bids in the portal : 5.00 P.M. on 19.02.2026
8. Date of opening of bid : At 11.00 A.M. on 20.02.2026 in website (www.tendersodisha.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Rayagada
11. Further details can be seen from the Government of Odisha Website : www.tendersodisha.gov.in

**Sd./- Superintending Engineer**
**M.I. Division, Rayagada**

**OIPR-32001/32056/1/25-26/0001**

**OFFICE OF THE DIVISIONAL FOREST OFFICER & WILDLIFE WARDEN, CHANDAKA WILDLIFE DIVISION, GAJA VIHAR, BARAMUNDA, BHUBANESWAR-751003**
**Ph.No-(0674) 2355400, E-mail: dfo.chandakawl@odisha.gov.in/ chandakadampara@gmail.com**

**Letter No.896/1WL-24/2026, dated, Bhubaneswar, the 05th February, 2026**

No.8001/31/2526: The Divisional Forest Officer, Chandaka Wildlife Division, invites Sealed Tenders under the Double cover system in offline mode for Fabrication and Installation of Skyview Selfie Decks at Peacock Valley and Nageswar Dam at Dampada under Chandaka Wildlife Division, Bhubaneswar.

| | |
|---|---|
| Tender Paper Availability | From dt.06.02.2026 to 5.30 PM of dt.12.02.2026 and can be collected in person from the office of the undersigned or downloaded from https://odishaforest.in/ & https://wildlife.odisha.gov.in/ |
| Tender Paper Cost | Rs.3000.00 |
| Last Date & Time for Submission of Bid | 12.02.2026 upto 05.30 PM |
| Opening of Technical Bid | 13.02.2026 at 12.30 PM |
| Opening of Financial Bid | 13.02.2026 at 04.00 P.M. |
| Name & Address of Officer Inviting Bid | Divisional Forest Officer & Wildlife Warden, Chandaka Wildlife Division, Gaja Vihar, Bhubaneswar, Odisha-751003 |

**Sd./- Divisional Forest Officer-cum-Wildlife Warden**
**Chandaka Wildlife Division, Bhubaneswar**

**OIPR-8001/8096/1/25-26/0015**

**ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସୂଚନା କମିଶନର ପ୍ରାକ୍ତନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଡ଼ି. ସୌରୀ, ହରିୟକ୍ଷ ପରିଡ଼ା, ରମେଶ ଚନ୍ଦ୍ର ଜେନା, ଅଧ୍ୟକ୍ଷ ଖଲି କୁଲ ଜମାନ ଖାଁ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ନରେଶ ଚନ୍ଦ୍ର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ହାଇସ୍କୁଲର ପରିଚାଳନା ନିର୍ଦ୍ଦେଶିକା ବୈଜୟନ୍ତୀ ୧୪ ବର୍ଷର ସଫଳତା ବର୍ଣ୍ଣନା କରିଥିଲେ। ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



# 'କେନ୍ଦ୍ର ବଜେଟରେ ମେଟ୍ରୋ ରେଳ ପ୍ରକଳ୍ପକୁ ଉପେକ୍ଷା'

## ପ୍ରତିବାଦ କଲା ବିଜେଡି

କଟକ,୮।୨(ଶିଳ୍ପା ପ୍ରିୟଦର୍ଶିନୀ)

କେନ୍ଦ୍ର ବଜେଟରେ କଟକ-ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପକୁ ଉପେକ୍ଷା କରାଯାଇଛି ବୋଲି ବିଜେଡି ଅଭିଯୋଗ ଆଣି ରବିବାର ବାରବାଟୀ ଷ୍ଟାଡିୟମ ଛକସ୍ଥିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଏନେଇ ପ୍ରତିବାଦ କରିଛି। ଏହି ପ୍ରକଳ୍ପକୁ କେନ୍ଦ୍ର ବଜେଟରେ ସାମିଲ ସହ କାର୍ଯ୍ୟ ଆରମ୍ଭ କରାଯିବାକୁ ଦାବି କରାଯାଇଛି। କଟକ ମେୟର ସୁବାସ ସିଂଙ୍କ ନେତୃତ୍ୱରେ କଟକ ବିଜେଡି ପକ୍ଷରୁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ କଟକ ପ୍ରତି ବୈମାତୃକ ମନୋଭାବକୁ ବିରୋଧ କରାଯାଇଛି। ଏନେଇ ସିଂ କହିଛନ୍ତି, କଟକ ସମେତ ଓଡ଼ିଶାକୁ ରେଲୱେ କ୍ଷେତ୍ରରେ ଅବହେଳା କରାଯାଇଛି। ବଜେଟରେ ଓଡ଼ିଶା ମେଟ୍ରୋ ପ୍ରକଳ୍ପ ନିମନ୍ତେ ବ୍ୟୟବରାଦ ନାହିଁ। ୨୦୨୪ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ବିମାନବନ୍ଦର ଠାରୁ କଟକ ତ୍ରିଶୂଳିଆ ଛକ ପର୍ଯ୍ୟନ୍ତ ପ୍ରାୟ ୨୬ କିଲୋମିଟର ମେଟ୍ରୋ ଟ୍ରେନ ଚଳାଚଳ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମେଟ୍ରୋ ପ୍ରକଳ୍ପଟି ୪ ବର୍ଷ ମଧ୍ୟରେ ଶେଷ ହେବାକୁ ଥିବାବେଳେ ଏହାକୁ କାହିଁକି ବନ୍ଦ କରାଗଲା। ୩ଟି କୋଚ ବିଶିଷ୍ଟ ୧୩ ଟ୍ରେନରେ ପ୍ରାୟ ୧ ଲକ୍ଷ ଜନସାଧାରଣ ଗମନାଗମନ କରିବାର ବ୍ୟବସ୍ଥା କରାଯାଇଥିଲା। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରାୟ ୩୧୩ କୋଟି ଟଙ୍କା ବ୍ୟୟ କରାଯାଇ ପ୍ରାୟ ଦେଢ଼ ବର୍ଷ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଥିଲା। କିନ୍ତୁ ବିଡମ୍ବନାର ବିଷୟ ଯେ, ଓଡ଼ିଶାରେ ଭାଜପା ସରକାର ଆସିବା ପରେ ଏହି ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକୁ ବାତିଲ କରାଯାଇଛି। ତଥାକଥିତ ଡବଲ ଇଞ୍ଜିନ ସରକାର ଓଡ଼ିଶାବାସୀଙ୍କ ବିଶ୍ୱାସରେ ବିଷ ଦେଇଛି। କେନ୍ଦ୍ରୀୟ ବଜେଟରେ ଓଡ଼ିଶା ମେଟ୍ରୋ ପ୍ରକଳ୍ପ ପାଇଁ ଅନୁଦାନ ରାଶିର ବ୍ୟବସ୍ଥା ନ ଥିବା ଲଜ୍ଜାର ବିଷୟ। ୨୫ଟି ରାଜ୍ୟରେ ମେଟ୍ରୋର ବ୍ୟବସ୍ଥା ଥିବାବେଳେ ଓଡ଼ିଶାରେ କାହିଁକି ଏହା ହୋଇପାରିବ ନାହିଁ ବୋଲି ସିଂ ପ୍ରଶ୍ନ କରିଛନ୍ତି। ଏହି ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ସିଂ କହିଛନ୍ତି। ପ୍ରତିବାଦ କାର୍ଯ୍ୟକ୍ରମରେ ମେୟର ସୁବାସ ସିଂ, ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, ପୂର୍ବତନ ମହାନଗର ସଭାପତି ମଧୁସୂଦନ ସାହୁ, ପୂର୍ବତନ ମେୟର ଅନିତା ବେହେରା, ପ୍ରକାଶ ସିଂ, ପ୍ରଫୁଲ୍ଲ ବେହେରା, ପ୍ରଦୀପ କୁମାର ସିଂ, ରମଜାନ ଖାନ, ପରେଶ ଦାସ, ଦେବେନ୍ଦ୍ର ପାଣିଗ୍ରାହୀ ଏବଂ ବୁଲୁ ସିଂ ପ୍ରମୁଖ ସାମିଲ ଥିଲେ।



କଟକ ବିଜେଡି ପକ୍ଷରୁ ବାରବାଟୀ ଷ୍ଟାଡିୟମ ଛକଠାରେ ପ୍ରତିବାଦ କରାଯାଉଛି।

# ଜମୁଛି ବାରବାଟୀ ଶିଶିର ମେଳା

କଟକ,୮।୨(ଶିଳ୍ପା ପ୍ରିୟଦର୍ଶିନୀ)

**ମୁଖ୍ୟ ଆକର୍ଷଣ ଜଳପରୀ ଶୋ'**

ବାଲିଯାତ୍ରା ପଡ଼ିଆରେ ଆୟୋଜିତ ବାରବାଟୀ ଶିଶିର ମେଳାରେ ଜଳପରୀ ଶୋ' ସମସ୍ତଙ୍କ ମନ ମୋହୁଛି। ଚଳିତବର୍ଷ ଶିଶିର ମେଳାରେ ପ୍ରଥମଥର ପାଇଁ କରାଯାଇଥିବା ଜଳପରୀ ଶୋ' ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। ଶିଶିର ମେଳାରେ ଖୋଲିଥିବା ଗାନ୍ଧୀ ଶିଳ୍ପ ବଜାରରେ ଭାରତର ବିଭିନ୍ନ ରାଜ୍ୟ ଏବଂ ଓଡ଼ିଶାର ବିଭିନ୍ନ ଜିଲ୍ଲାର ହସ୍ତଶିଳ୍ପ ଓ ହସ୍ତତନ୍ତ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀଗୁଡ଼ିକୁ ସ୍ଥାନିତ କରାଯାଇଛି। ଦେଶର ୨୫ଟି ରାଜ୍ୟ ତଥା ଓଡ଼ିଶାର ବିଭିନ୍ନ ସ୍ଥାନରୁ ଆସିଥିବା ବ୍ୟବସାୟୀ ଓ କାରିଗର, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନ ଏବଂ ବିକ୍ରୟ କରାଯାଉଛି। ସେହିପରି ଲୋକେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରୁଛନ୍ତି। ରବିବାର ସନ୍ଧ୍ୟାରେ ଶାଶ୍ୱତ ମହାରଣା ଓ ତ୍ରିଲୋଚନ ମହାପାତ୍ର ସଙ୍ଗୀତ ପରିବେଷଣ କରିଥିବାବେଳେ ଦେବ୍ ଡ୍ୟାନ୍ସ ଗ୍ରୁପ୍, ମିଓ ଡ୍ୟାନ୍ସ ଷ୍ଟୁଡିଓ, ଇଷ୍ଟ କୋଷ୍ଟ ଆଦି ଗ୍ରୁପ ପକ୍ଷରୁ କଳାକାରମାନେ ଆକର୍ଷଣୀୟ ନୃତ୍ୟ ପରିବେଷଣ କରିଥିଲେ। ଅପରାହ୍ନ ୪ଟାରେ ସ୍କୁଲ ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୧୨ ତାରିଖ ସନ୍ଧ୍ୟାରେ କୋଲକାତା ବିଭିନ୍ନ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ୧୪ ତାରିଖ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଆଞ୍ଜେଲାଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯିବ।

# ସରକାର କଟକ ପ୍ରତି ଅବହେଳା କରୁଛନ୍ତି: ସୋଫିଆ

କଟକ,୮।୨(ଶିଳ୍ପା ପ୍ରିୟଦର୍ଶିନୀ)

୭ଟି ଜିଲାର ଇଂଲିଶରେ ନାଁ ବଦଳାଇବେ ସରକାର। ଏହି ତାଲିକାରେ କଟକର ନାଁ ନ ରହିବା ହିଁ କଟକ ପ୍ରତି ଅବହେଳା ବୋଲି କହି ରାଜ୍ୟ ସରକାରଙ୍କୁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ସିଧାସଳଖ ଟାର୍ଗେଟ କରିଛନ୍ତି। କଟକସ୍ଥିତ ଆବାସିକ କାର୍ଯ୍ୟାଳୟରେ ସୋଫିଆ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, କଟକର ବିକାଶ ଦିଗରେ ଅବହେଳା କରାଯାଇଛି ଏବଂ ସେଥିପ୍ରତି ଆମେ ସ୍ୱର ଉଠାଉଛୁ। ବୁଦ୍ଧିଜୀବୀ, ଆଇନଜୀବୀ ଓ ଅନ୍ୟ ବ୍ୟକ୍ତିମାନେ ପ୍ରକୃତ କଟକ ନାମର ତଥ୍ୟ ପାଇଲେଣି। କଟକ ନାମରେ ପରିବର୍ତ୍ତନ ଅଣାଯାଉ ଏବଂ ପ୍ରକୃତରେ ଯେଉଁ କଟକ ରହିଛି ସେହି ନାମରେ ଉଚ୍ଚାରଣ କରାଯାଉ। କଟକ ପୁରୁଣା ରାଜଧାନୀ, ତେଣୁ କଟକ ପ୍ରତି ଅବହେଳା କରା ନ ଯାଉ ବୋଲି ସୋଫିଆ କହିଛନ୍ତି।

# ୨୨୯ ଜଣଙ୍କୁ ମିଳିଲା ନିଯୁକ୍ତିପତ୍ର


ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜଣେ ଯୁବକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରୁଛନ୍ତି।

## ଜିଲାସ୍ତରୀୟ ନିଯୁକ୍ତି ମେଳା

କଟକ,୮।୨(କାର୍ତ୍ତିକ ସାହୁ)

କଟକ ଜିଲାସ୍ତରୀୟ ନିଯୁକ୍ତି ମେଳା ବାଲିଯାତ୍ରା ତଳପଡ଼ିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୧୫୦୦ରୁ ଅଧିକ ନିଯୁକ୍ତି ଆଶାୟୀ ମେଳାରେ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୨୨୯ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯାଇଥିଲା। ୪୦ ଜଣ ପ୍ରତ୍ୟକ୍ଷ ନିଯୁକ୍ତିଦାତାଙ୍କ ଦ୍ୱାରା ୯୭୧ ଜଣ ପ୍ରାର୍ଥୀଙ୍କୁ ତାଲିକାଭୁକ୍ତ କରାଯାଇଥିବା ବେଳେ ୩୦୯ ଜଣ ପ୍ରାର୍ଥୀଙ୍କୁ ବିଭିନ୍ନ ଚାକିରି ଭୂମିକାରେ ସ୍ୱଳ୍ପକାଳୀନ ଦକ୍ଷତା ବିକାଶ ତାଲିମ ପାଇଁ ୨୨ଟି ପିଆଇଏ ସହିତ ଟ୍ୟାଗ୍ କରାଯାଇଥିଲା। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିଯୁକ୍ତିମେଳାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ କମଳଜିତ ଦାସ ଏବଂ ଡ. ଈପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଆଶାୟୀମାନଙ୍କୁ ନିଯୁକ୍ତି ମେଳାର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ।

ସୂଚନାନୁଯାୟୀ, ଜିଲାସ୍ତରୀୟ ନିଯୁକ୍ତିମେଳାରେ କୃଷି, ଫାର୍ମାସିଷ୍ଟ, ସିକ୍ୟୁରିଟି ଏଜେନ୍ସି, ସ୍ୱାସ୍ଥ୍ୟସେବା, ଅଟୋମୋବାଇଲ, ନର୍ସିଂ ଭଳି ୪୦ରୁ ଊର୍ଦ୍ଧ୍ୱ ସଂସ୍ଥା, ୨୨ଟି ପିଆଇଏ ଆଦି ଅନୁଷ୍ଠାନ ଅଂଶଗ୍ରହଣ କରିଥିଲେ। ନିଯୁକ୍ତିଦାତାମାନଙ୍କ ମଧ୍ୟରୁ କେତେକ ସିଧାସଳଖ ନିଯୁକ୍ତି ଦେଇଥିବାବେଳେ ଆଉ କେତେକ ସଂସ୍ଥା ତାଲିମ ପରେ ନିଯୁକ୍ତି ଦେବାର ବ୍ୟବସ୍ଥା ରଖିଛନ୍ତି। ଏହି ତାଲିମ ସମ୍ପୂର୍ଣ୍ଣ ମାଗଣା। ତାଲିମ ସମୟର ପ୍ରଶିକ୍ଷଣ, ରହିବା ଓ ଖାଦ୍ୟପେୟ ବାବଦର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଜିଲା ଦକ୍ଷତା ବିକାଶ ନିୟୋଜନ କାର୍ଯ୍ୟାଳୟ, କଟକ ଓ ଜିଲା ପ୍ରଶାସନ ସହଯୋଗରେ ଅନୁଷ୍ଠିତ ଏହି ନିଯୁକ୍ତିମେଳାରେ ଜିଲାର ୧୪ଟି ଯାକ ବ୍ଲକର ଆଶାୟୀ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ଜିଲା ଦକ୍ଷତା ବିକାଶ ଏବଂ ନିୟୋଜନ ଅଧିକାରୀ ଘନଶ୍ୟାମ ଶାହା, ଜିଏମ୍ ଡିଆଇସି, ସରକାରୀ ଆଇଟିଆଇ ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋପୀନାଥ ବେହେରା ଫାଉଣ୍ଡେଶନର ପୂଜ୍ୟପୂଜା ଉତ୍ସବ

କଟକ,୮।୨(କାର୍ତ୍ତିକ ସାହୁ)

ଗୋପୀନାଥ ବେହେରା ଫାଉଣ୍ଡେଶନ ପକ୍ଷରୁ ପୂଜ୍ୟପୂଜା ଉତ୍ସବ କଳା ବିକାଶ କେନ୍ଦ୍ରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ମୁଖ୍ୟବକ୍ତା ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ସମ୍ମାନିତ ଅତିଥି ବେଣୁଧର ବେହେରା, ଡ. ଅରୁଣ କୁମାର ସାହୁ, ତବଲା ଗୁରୁ ଗୋପୀନାଥ ବେହେରା ଓ ଭାଗୀରଥ ଦାସ ଗୁରୁ ଶିଷ୍ୟ ପରମ୍ପରା ତଥା ପୂଜ୍ୟପୂଜାର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଲୟ' ଉନ୍ମୋଚିତ ହୋଇଥିଲା। ବିଶ୍ୱନାଥ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ସର୍ବେଶ୍ୱର ସ୍ୱାଇଁ ବିବରଣୀ ପାଠ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଓମ୍‌ପ୍ରକାଶ ମହାନ୍ତିଙ୍କୁ ଜୟକୃଷ୍ଣ କାହାଳୀ ସ୍ମୃତି ସମ୍ମାନ-୨୦୨୬ ଏବଂ କଣ୍ଠଶିଳ୍ପୀ ଗୀତା ପଟ୍ଟନାୟକଙ୍କୁ ରାଧାକାନ୍ତ ନନ୍ଦ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧ୍ୟକ୍ଷ ଅଜୟ କୁମାର ବାରିକ ୨୦୨୩ ମସିହା ପାଇଁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପାଇଥିବାରୁ ତାଙ୍କୁ ଅନୁଷ୍ଠାନ ତରଫରୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଯଶୋବନ୍ତ ଜେନାଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ଗୁରୁ ବନ୍ଦନା ପରିବେଷଣ କରିଥିଲେ। ଗୁରୁ ଗୋପୀନାଥ ବେହେରାଙ୍କ ୭୬ତମ ଜନ୍ମଦିବସ ଅବସରରେ ତାଙ୍କର ବହୁ ଛାତ୍ର ଓ ଶୁଭେଚ୍ଛୁ ଗୁରୁପୂଜା କରିବା ସହ ଅଭିନନ୍ଦନ ଜଣାଇଥିଲେ। ଚିତ୍ରାନନ୍ଦ ପଣ୍ଡା ଓ ଦୀପ୍ତି ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କଟକ କିଲାଖାଇସ୍ଥିତ ବୁଖାରୀବାବାଙ୍କ ବାର୍ଷିକ ଉର୍ସ ଉତ୍ସବରେ ରବିବାର ସମବେତ ଶ୍ରଦ୍ଧାଳୁ।

# ଲିଗାଲ ଏଡ୍ କାଉନସିଲ ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ


ଆଡ୍‌ଭୋକେଟ ରତିକାନ୍ତ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଟକ,୮।୨(କାର୍ତ୍ତିକ ସାହୁ)

ଆଇନସେବା ସଂଗଠନ ଲିଗାଲ ଏଡ୍ କାଉନସିଲ ପକ୍ଷରୁ ତୁଳସୀପୁରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଆଡଭୋକେଟ ଦୁଃଖୀଶ୍ୟାମ ଦାସ ଏବଂ ମୁଖ୍ୟ ଅତିଥି ହାଇକୋର୍ଟ ବାର୍ ଆସୋସିଏଶନର ସଭାପତି ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ର ନବନିର୍ବାଚିତ ପ୍ରଦେଶ କଂଗ୍ରେସ କମିଟି ଆଇନ ବିଭାଗର ଅଧ୍ୟକ୍ଷ ଆଡଭୋକେଟ ରତିକାନ୍ତ ମହାପାତ୍ରଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ପୁସ୍ତକ ଆଦି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟ ଅତିଥି ମିଶ୍ର କହିଲେ, ରତିକାନ୍ତ ମହାପାତ୍ର ରାଜ୍ୟର ଆଇନସେବା କ୍ଷେତ୍ରରେ ଜଣେ ଅଭିଜ୍ଞ ଓ ପାରଦର୍ଶୀ ବ୍ୟକ୍ତିତ୍ୱ। ସମ୍ବର୍ଦ୍ଧନା ଗ୍ରହଣ କରି ମହାପାତ୍ର ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଓ ପିସିସି ସଭାପତି ଭକ୍ତ ଚରଣ ଦାସ ତାଙ୍କୁ ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଆଡଭୋକେଟ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଆଡଭୋକେଟ ରାଜେଶ ଛୋଟରାୟ, ବିଭୁ ମହାପାତ୍ର, ଉଷା ପତି, ସ୍ୱର୍ଣ୍ଣ ସାହୁ, ଅନିତା ସାହୁ, ଅନିଲ ସାହୁ, କାବେରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଆଡଭୋକେଟ ହୃଦାନନ୍ଦ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ଦେଶୀମଦ, ୬ ହଜାର ଲିଟର ପୋଚ ନଷ୍ଟକଲା ପୋଲିସ

## ବେଆଇନ ଦେଶୀ ମଦଭାଟିରେ ଚଢ଼ାଉ

ଖୁଣ୍ଟୁଣୀ,୮।୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ଖଣ୍ଡୁଆଳି ଓ ଡାଲୁଆ ଜଙ୍ଗଲରେ ପୋଲିସ ପକ୍ଷରୁ ରବିବାର ଚଢ଼ାଉ କରାଯାଇ ଶତାଧିକ ଲିଟର ଦେଶୀମଦ ସହ ୬ ହଜାର ପୋଚ ନଷ୍ଟ କରାଯାଇଛି। ଘଟଣାସ୍ଥଳରୁ ମିଳିଥିବା ଦେଶୀମଦ, ପୋଚ ଓ ମଦ ପାଇଁ ଗଚ୍ଛିତ ଥିବା ଗୁଡ଼ ପୋଚ ସହ ୟୁରିଆ ସାର ଆଦି ନଷ୍ଟ କରି ଦିଆଯାଇଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ଥାନା ଆଇଆଇସି ଆବେଦିନ ଜହରଙ୍କ ନେତୃତ୍ୱରେ ଏସ୍‌ଆଇ ପ୍ରିୟଦର୍ଶନ ସେଠୀ, ସସ୍ମିତା ପରିଡ଼ା, ଶକୁନ୍ତଳା ଦାସ, ଶେଷଦେବ ରାଜ, ଓ ଥାନାର ସମସ୍ତ ଷ୍ଟାଫ୍ ମିଳିତ ଭାବେ ଡାଲୁଆ ଓ ଖଣ୍ଡୁଆଳି ରିଜର୍ଭ ଜଙ୍ଗଲ ଇଲାକାରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ପୂର୍ବରୁ ସୂଚନା ପାଇ ଦୁର୍ବୃତ୍ତମାନେ ଖସି ପଳାଇ ଯାଇଛନ୍ତି। ଏ ବାବଦରେ ଖୁଣ୍ଟୁଣୀ ଥାନରେ ୨ଟି ମାମଲା ରୁଜୁ ହୋଇଥିବା ଆଇଆଇସି କହିଛନ୍ତି।

# ଗହଣା ଫେରାଉନାହାନ୍ତି ଚୌଦ୍ୱାର ଜେଲ କର୍ତ୍ତୃପକ୍ଷ

- ଥାନାରେ ଏତଲା ଦେଲେ ମହିଳା
- ପୂର୍ବତନ ଜେଲରଙ୍କୁ ଦୋଷ ଦେଲେ ବର୍ତ୍ତମାନର ଅଧୀକ୍ଷକ
- ସିସିଟିଭିରେ ସବୁ ରେକର୍ଡ ରହେ: ପୂର୍ବତନ ଜେଲର ସନ୍ତୋଷିନୀ ଦାସ

ଚୌଦ୍ୱାର,୮।୨(ଆଶୁତୋଷ ଦାସ)

ଚୌଦ୍ୱାର ଜେଲ୍‌ର ଉଚ୍ଚ ପାଚେରି ଡେଇଁ ଦୁଇଜଣ ବିହାରୀ କଏଦୀ ଫେରାର ହେବା ଘଟଣାଠାରୁ ଆରମ୍ଭ କରି ଜେଲରେ କଏଦୀଙ୍କ ଆତ୍ମହତ୍ୟା ତଥା ବିଭିନ୍ନ ସମସ୍ୟାକୁ ନେଇ ଗତ କିଛି ମାସ ହେଲା ଏହି ସର୍କଲ ଜେଲ ଚର୍ଚ୍ଚାରେ ରହିଆସିଛି। କଏଦୀ ଫେରାର ଘଟଣାକୁ ନେଇ ପୂର୍ବତନ ଜେଲର ଏବଂ ବର୍ତ୍ତମାନର ଜେଲ ଅଧୀକ୍ଷକଙ୍କ ବିବାଦର ଅଡୁଆ ତୁଟି ନ ଥିବା ଏବଂ ଏହାକୁ ନେଇ ଥାନାରେ ଅଭିଯୋଗ ଦାଖଲ କରାଯାଇଥିବାବେଳେ ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷ ଗହଣା ନେଇ ଫେରାଉନାହାନ୍ତି ବୋଲି ଜଣେ ପୂର୍ବତନ ମହିଳା କଏଦୀ ରବିବାର ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଏ ନେଇ ମହିଳା ଜଣକ ଚୌଦ୍ୱାର ଥାନାରେ ଏତଲା ଦେବା ପରେ ପୋଲିସ୍ ଏକ ମାମଲା (ନଂ. ୭୧/୨୬) ରୁଜୁ ସହ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଗତ ସେପ୍ଟେମ୍ବର ୨୩ରେ ଏକ ମାମଲାରେ ଛନ୍ଦିହୋଇ କଟକ ଜିଲା ମାହାଙ୍ଗା ଥାନା ଅଞ୍ଚଳର ଇତିଶ୍ରୀ ମହାନ୍ତି ବିଚାରାଧୀନ କଏଦୀ ଭାବେ ଚୌଦ୍ୱାର ଜେଲକୁ ଆସିଥିଲେ। ଜେଲ ନିୟମ ଅନୁଯାୟୀ, ଜେଲରେ ପ୍ରବେଶ ସମୟରେ କଏଦୀଙ୍କ ପାଖରେ ଥିବା ସମସ୍ତ ବ୍ୟବହାର୍ଯ୍ୟ ସାମଗ୍ରୀ ଜେଲ କାର୍ଯ୍ୟାଳୟରେ ଦାଖଲ କରାଯାଇଥାଏ। ତେଣୁ ଜେଲରେ ପ୍ରବେଶ ସମୟରେ ଇତିଶ୍ରୀ ପିନ୍ଧିଥିବା ସୁନା ମୁଦି, କାନଫୁଲ, ନାକଫୁଲ ଇତ୍ୟାଦି ଅଳଙ୍କାରକୁ ସେ ଜେଲରେ ଲାଗିଥିବା ସିସିଟିଭି କ୍ୟାମେରା ଆଗରେ ଜେଲ କାର୍ଯ୍ୟାଳୟରେ ଦାଖଲ କରିଥିଲେ। ଇତିଶ୍ରୀ ଗତ ଡିସେମ୍ବର ୨୩ରେ ଜାମିନରେ ଜେଲରୁ ମୁକୁଳିବା ସମୟରେ ସେ ଜମା କରିଥିବା ଅଳଙ୍କାର ସବୁକୁ ନେବା ପାଇଁ ଜେଲ ଅଧିକାରୀଙ୍କୁ ମାଗିଥିଲେ। 'ଏବେ ଦେଇ ହେବନାହିଁ, ପରେ ଆସି ନେଇଯିବ' ବୋଲି ଜେଲ କର୍ତ୍ତୃପକ୍ଷ ତାଙ୍କୁ କହିଥିଲେ ବୋଲି ଇତିଶ୍ରୀ ଅଭିଯୋଗ କରିଛନ୍ତି। ପରେ ଇତିଶ୍ରୀ ନିଜ ଗହଣା ପାଇଁ ବାରମ୍ବାର ଜେଲକୁ ଦୌଡ଼ି ନିରାଶ ହେବା ପରେ ଜେଲ ଅଧୀକ୍ଷକ ସୁଜିତ୍ ରାଉଳଙ୍କୁ ଯୋଗାଯୋଗ କରିଥିଲେ। 'ତୁମେ ସେତେବେଳର ଜେଲର ସନ୍ତୋଷିନୀ ଦାସଙ୍କ ବିରୋଧରେ ଥାନାରେ ଏତଲା କଲେ ତୁମ ଗହଣା କିମ୍ବା ଏ ବାବଦ ଅର୍ଥ ଦିଆଯିବ' ବୋଲି ଅଧୀକ୍ଷକ ରାଉଳ କହିଥିବା ଇତିଶ୍ରୀ ଏତଲାରେ ଦର୍ଶାଇଛନ୍ତି। ଅପରପକ୍ଷେ ଜେଲ୍ ଅଧୀକ୍ଷକ ରାଉଳ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ କହିଛନ୍ତି ଯେ, ଜେଲ ପ୍ରବେଶ ସମୟରେ କଏଦୀମାନଙ୍କଠାରୁ ସମସ୍ତ ଜିନିଷ ହେପାଜତରେ ରଖିବା ଜେଲରଙ୍କ ଦାୟିତ୍ୱ। ମାତ୍ର ନୂଆ ଜେଲରଙ୍କୁ ସେହି ଜିନିଷଗୁଡ଼ିକ ପୂର୍ବତନ ଜେଲର ହସ୍ତାନ୍ତର କରି ନ ଥିବାରୁ ଇତିଶ୍ରୀଙ୍କୁ ଜିନିଷ ଫେରାଇବାରେ ସମସ୍ୟା ଦେଖାଦେଇଛି। ଜେଲ୍‌ରୁ ବାହାରିଥିବା ଏବଂ ରହୁଥିବା କେତେଜଣ କଏଦୀଙ୍କ ବିଭିନ୍ନ ସାମଗ୍ରୀ ମିଳୁ ନ ଥିବା ନେଇ ଜେଲ ପକ୍ଷରୁ ପୂର୍ବରୁ ଥାନାରେ ଅଭିଯୋଗ କରାଯାଇଛି ବୋଲି ରାଉଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ଜେଲର ସନ୍ତୋଷିନୀ ଦାସ କହିଛନ୍ତି, ଜେଲ୍‌ର ପ୍ରତିଟି ଘଟଣା ସିସିଟିଭିରେ ରେକର୍ଡ ହୋଇଥାଏ। ତେବେ କାହିଁକି ଏହି ଘଟଣାର ଯାଞ୍ଚ କରାଯାଇନାହିଁ ଏବଂ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ଜିନିଷ ଫେରାଯାଇନାହିଁ ବୋଲି ଦାସ ପ୍ରଶ୍ନ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛନ୍ତି।



କଟକ ଟାଉନ ହଲରେ ରବିବାର ଓଡ଼ିଶା ମୋଶନ ପିକଚର ଟେକ୍ନିସିଆନ ଆଣ୍ଡ ୱାର୍କର୍ସ ଆସୋସିଏସନର ୩୪ତମ ବାର୍ଷିକ ସମ୍ମିଳନୀରେ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)


**GOVT. OF ODISHA** No.25001/43/2526

**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, KEONJHAR**
Tel. 06766-258094(O), Mail : eerw1_kjr@yahoo.com

**"e" Procurement Notice for Road Works**
**Identification No. Online NCB - 18/2025-26**

1. Name of the Work : 11 No. Roads Work, 2. Total Number of Work : 11 No., 3. Estimated Cost : Rs.4.98 Lakhs to 38.10 Lakhs, 4. Class of Contractor : "C" & "B" Class, 5. Period of Completion : As per annexure of e-Procurement Notice **No.18 of 2025-26**, 6. Other Details :

| Procurement Officer | Bid Identification No. | Availability of tender online for bidding | | Last Date & Time of seeking Tender Clarification | Date & Time of Opening of Tender in O/o S.E., R.W. Division, Keonjhar |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division-I, Keonjhar | Road Online NCB No.18 | Dt.09.02.2026 at 11.00 A.M. | Dt.14.02.2026 upto 5.00 P.M. | Dt.13.02.2026 upto 5.00 P.M. | Dt.16.02.2026 at 11.00 A.M. |

Further details can be seen from the website www.tenderorissa.gov.in

Sd./- Superintending Engineer
R.W. Division-I, Keonjhar

OIPR-25001/25110/1/25-26/0033



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, RAYAGADA**
(E-mail ID : eemirgd@ymail.com)

**NOTICE INVITING TENDER**
e-Procurement Notice
e-Procurement Notice No. **SEMIDRGD-06/2025-26**
**Letter No.522 Dated 06.02.2026**

**No.32001/42/2526** : The Superintending Engineer, Minor Irrigation Division, Rayagada on behalf of Governor of Odisha invites **Percentage rate** bids in **Single cover** system through **Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

1. Name of the work : Construction of 13 Nos. of New Check Dams in different Block of Rayagada District under MATY 3.0, Construction of Canal Lining of Puhundi MIP in Kasipur Block of Rayagada District under MIPSP Scheme & Improvement to Kankubadi MIP under DPIW for the year 2025-26.
2. Total Number of works : 15 (Fifteen) Nos.
3. Estimated cost : Approximately varies from **Rs.25.33 Lakh to Rs.46.55 Lakh**
4. Period of completion : As mentioned against each work in Annexure to Bid Notice
5. Class of Contractor : As mentioned against each work in Annexure to Bid Notice
6. Date and time of availability of bid documents in the portal : From 10.00 A.M. of 10.02.2026 to 5.00 P.M. of 19.02.2026
7. Last date/time for receipt of bids in the portal : 5.00 P.M. on 19.02.2026
8. Date of opening of bid : At 11.00 A.M. on 20.02.2026 in website (www.tendersodisha.gov.in)
9. Submission of Bids : Online mode
10. Name of the Officer inviting Bid : Superintending Engineer, Minor Irrigation Division, Rayagada
11. Further details can be seen from the Government of Odisha Website : www.tendersodisha.gov.in

Sd./- Superintending Engineer
M.I. Division, Rayagada

OIPR-32001/32056/1/25-26/0001



**OFFICE OF THE DIVISIONAL FOREST OFFICER & WILDLIFE WARDEN, CHANDAKA WILDLIFE DIVISION, GAJA VIHAR, BARAMUNDA, BHUBANESWAR-751003**
Ph.No-(0674) 2355400, E-mail: dfo.chandakawl@odisha.gov.in/ chandakadampara@gmail.com

**Letter No.896/1WL-24/2026, dated, Bhubaneswar, the 05th February, 2026**

No.8001/31/2526: The Divisional Forest Officer, Chandaka Wildlife Division, invites Sealed Tenders under the Double cover system in offline mode for Fabrication and Installation of Skyview Selfie Decks at Peacock Valley and Nageswar Dam at Dampada under Chandaka Wildlife Division, Bhubaneswar.

| | |
|---|---|
| Tender Paper Availability | From dt.06.02.2026 to 5.30 PM of dt.12.02.2026 and can be collected in person from the office of the undersigned or downloaded from https://odishaforest.in/ & https://wildlife.odisha.gov.in/ |
| Tender Paper Cost | Rs.3000.00 |
| Last Date & Time for Submission of Bid | 12.02.2026 upto 05.30 PM |
| Opening of Technical Bid | 13.02.2026 at 12.30 PM |
| Opening of Financial Bid | 13.02.2026 at 04.00 P.M. |
| Name & Address of Officer Inviting Bid | Divisional Forest Officer & Wildlife Warden, Chandaka Wildlife Division, Gaja Vihar, Bhubaneswar, Odisha-751003 |

Sd./- Divisional Forest Officer-cum-Wildlife Warden
Chandaka Wildlife Division, Bhubaneswar

OIPR-8001/8096/1/25-26/0015



ବେଙ୍ଗାଲୁରୁର ପ୍ୟାଲେସ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ରବିବାର କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ, କର୍ନାଟକ କୃଷିମନ୍ତ୍ରୀ ଏନ୍. ଚଲୁଭରାୟା ସ୍ୱାମୀ ଓ ଅନ୍ୟମାନେ ଯୋଗ ଦେଇଛନ୍ତି।

# ପାକ୍ ଏଜେଣ୍ଟ ସହ ଗୌରବ, ତାଙ୍କ ସ୍ତ୍ରୀଙ୍କ ନିବିଡ଼ ସମ୍ପର୍କ: ହିମନ୍ତ

ଗୁଆହାଟୀ,୮।୨(ପି.ଟି.)

ଆସାମ କଂଗ୍ରେସ ସଭାପତି ତଥା ଏମ୍‌ପି ଗୌରବ ଗୋଗୋଇ ଏବଂ ତାଙ୍କ ସ୍ତ୍ରୀ ଏଲିଜାବେଥ କୋଲବର୍ନଙ୍କର ପାକିସ୍ତାନ ସହ ନିବିଡ଼ ସମ୍ପର୍କ ରହିଥିବା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରବିବାର ଅଭିଯୋଗ କରିଛନ୍ତି। ଉକ୍ତ ଦମ୍ପତି ଓ ପାକିସ୍ତାନୀ ନାଗରିକ ଅଲି ତୌକିର ଶେଖ୍‌ଙ୍କ ମଧ୍ୟରେ ଗଭୀର ସମ୍ପର୍କ ରହିଛି। ସେମାନଙ୍କ ଜରିଆରେ ଗୋଇନ୍ଦା ବ୍ୟୁରୋର ସୂଚନା ଗୋପନରେ ପଡ଼ୋଶୀ ଦେଶକୁ ଯାଉଥିବା ହିମନ୍ତ ଅଭିଯୋଗ କରିଛନ୍ତି। ଆସାମ ବିଧାନସଭା ନିର୍ବାଚନ ପୂର୍ବରୁ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧନ କରି ହିମନ୍ତ କହିଛନ୍ତି, କୋଲବର୍ନ ଭାରତରେ କାମ କରୁଥିବାବେଳେ ଶେଖ୍ ତାଙ୍କୁ ବେତନ ପ୍ରଦାନ କରିବା ବିଦେଶୀ ଅବଦାନ ନିୟନ୍ତ୍ରଣ ଆଇନ (ଏଫ୍‌ସିଆର୍‌ଏ) ନିୟମାବଳୀର ଉଲ୍ଲଂଘନ। ୨୦୧୩ରେ ଗୋଗୋଇ ଅତ୍ୟନ୍ତ ଗୋପନରେ ପାକିସ୍ତାନ ଗସ୍ତ କରିଥିଲେ। ସେଠାରେ ସେ କୌଣସି ତାଲିମ ନେଇଥିବା ବିଶ୍ୱାସ କରାଯାଉଛି। ତେଣୁ କଂଗ୍ରେସ ନେତା ନିଜର ଉକ୍ତ ଗସ୍ତକୁ ସ୍ୱଚ୍ଛ ପ୍ରମାଣିତ କରନ୍ତୁ, ନଚେତ ରାଷ୍ଟ୍ରଦ୍ରୋହ ଅଭିଯୋଗର ସମ୍ମୁଖୀନ ହେବେ ବୋଲି ଆସାମ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ ପାକିସ୍ତାନ ସହ ସମ୍ପୃକ୍ତି ନେଇ ହିମନ୍ତଙ୍କ ଅଭିଯୋଗକୁ ଆସାମ କଂଗ୍ରେସ ସଭାପତି ଥିବା ଗୋଗୋଇ ଖଣ୍ଡନ କରିବା ସହ ଏହାକୁ ମୂର୍ଖତା ଓ ଜାଲ୍ ବୋଲି କହିଛନ୍ତି। ସେ ଉକ୍ତ ଅଭିଯୋଗକୁ ସି ଗ୍ରେଡ୍ ସିନେମାଠାରୁ ଅଧିକ ଖରାପ

## ସି ଗ୍ରେଡ୍ ସିନେମାଠାରୁ ଅଧିକ ଖରାପ: ଗୌରବ



ହିମନ୍ତ ବିଶ୍ୱଶର୍ମା



ଗୌରବ ଗୋଗୋଇ

ସୁପର ଫ୍ଲପ୍ ଭାବେ ଅଭିହିତ କରିଛନ୍ତି।

ହିମନ୍ତ କହିଥିଲେ, ଗୋଗୋଇ, କୋଲବର୍ନ ଏବଂ ଶେଖ୍‌ଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ରହିଛି। କୋଲବର୍ନ ଓ ଶେଖ୍ ଅନ୍ତର୍ଜାତୀୟ ଷଡ଼ଯନ୍ତ୍ରର ଅଂଶବିଶେଷ ବୋଲି ବିଶ୍ୱାସ କରାଯାଉଛି। ସେମାନେ ଭାରତ ସରକାରଙ୍କୁ ଅଣଦେଖା କରି ଏକ ସ୍ଥାନୀୟ ମ୍ୟୁନିସିପାଲ ଏଜେନ୍ସି ସହ କାମ କରୁଛନ୍ତି ଏବଂ ଆସାମ ପୋଲିସ ଦ୍ୱାରା ଏହାର ତଦନ୍ତ ହୋଇପାରୁ ନାହିଁ। ତେଣୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ଜାତୀୟ ସ୍ତରର ତଦନ୍ତ ପାଇଁ ସୁପାରିସ କରାଯାଇଥିବା ହିମନ୍ତ କହିଛନ୍ତି। ଭାରତ ବଦଳି ହେବା ପୂର୍ବରୁ ଶେଖ୍‌ଙ୍କ ପରିଚାଳିତ ଏଲ୍‌ଇଏଡି ପାକିସ୍ତାନ ନାମକ ସଂଗଠନରେ କୁଲବର୍ନ କାର୍ଯ୍ୟ କରୁଥିଲେ। ଭାରତରେ ସେ ଉକ୍ତ ଗ୍ରୁପ୍ ସହ କାର୍ଯ୍ୟ କରୁଥିବାବେଳେ ଏଲ୍‌ଇଏଡି ପାକିସ୍ତାନ ଏଲ୍‌ଇଏଡି ଇଣ୍ଡିଆକୁ ଟଙ୍କା ପଠାଇବା ପରେ ବେତନ ପାଇଥାନ୍ତି। ଏହା ଏଫ୍‌ସିଆର୍‌ଏ ନିୟମାବଳୀର ଉଲ୍ଲଂଘନ ବୋଲି ହିମନ୍ତ ଅଭିଯୋଗ କରିଛନ୍ତି।

# ୬ ବର୍ଷୀୟା ବାଳିକାଙ୍କୁ ବଳାତ୍କାର ପରେ ହତ୍ୟା

ପାଟନା,୮।୨

ବିହାର ଦରଭଙ୍ଗା ସହରର ୟୁନିଭର୍ସିଟି ଥାନା ଅଞ୍ଚଳରେ ଜଣେ ୬ ବର୍ଷୀୟା ବାଳିକାଙ୍କୁ ରବିବାର ବଳାତ୍କାର ପରେ ହତ୍ୟା କରାଯାଇଛି। ସୂତ୍ର ଅନୁଯାୟୀ, ବାଳିକା ଜଣକ ଅନ୍ୟ ୨ ଜଣଙ୍କ ସହ ଖେଳିବା ପାଇଁ ଶନିବାର ସନ୍ଧ୍ୟାରେ ଘରୁ ବାହାରି ଆସି ଆଉ ଫେରି ନ ଥିଲେ। ଘରଲୋକେ ଓ ସମ୍ପର୍କୀୟମାନେ ତାଙ୍କ ସୁରକ୍ଷାକୁ ନେଇ ଚିନ୍ତିତ ହୋଇପଡ଼ିବା ସହ ଚାରିଆଡ଼େ ଖୋଜାଖୋଜି କରିଥିଲେ। ରବିବାର ଭୋର ସମୟରେ ଏକ ପୁଷ୍କରିଣୀ ନିକଟରେ କୁକୁର ଭୁକିବା ଶବ୍ଦ ଶୁଣି ଗାଁ ଲୋକେ ସେଠାକୁ ଧାଇଁଯାଇ ବାଳିକା ଜଣକର ମୃତଦେହ ରକ୍ତ ଜୁବୁଜୁବୁ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଦରଭଙ୍ଗାର ବରିଷ୍ଠ ଏସ୍‌ପି ଯଦୁନାଥ ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ତଦନ୍ତ ଜାରି ରହିଛି। ବାଳିକାଙ୍କୁ ଅପହରଣ କରିଥିବା ଅଭିଯୁକ୍ତଙ୍କୁ ଅନ୍ୟ ୨ ବାଳିକା ଚିହ୍ନିଥିବା କହିବାରୁ ପୋଲିସ ସେମାନଙ୍କୁ ସିସିଟିଭି ଫୁଟେଜ୍ ଦେଖାଇଥିଲା। ସେଥିରୁ ବିକାଶ ମାହାତୋ ନାମକ ଉକ୍ତ ଅଞ୍ଚଳର ଜଣେ ଯୁବକଙ୍କୁ ସେମାନେ ଚିହ୍ନଟ କରିଥିଲେ। ପୋଲିସ ବିକାଶଙ୍କୁ ଗିରଫ କରିଛି।

# ବଡ଼ ଯୋଜନାରେ ଖର୍ଚ୍ଚ ହୋଇଛି ବଜେଟର ୪୦%



ନୂଆଦିଲ୍ଲୀ,୮।୨

ଚଳିତ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟରେ ସର୍ବବୃହତ୍ ଯୋଜନାଗୁଡ଼ିକ ନିମନ୍ତେ ଯେଉଁ ଅର୍ଥ ବ୍ୟୟବରାଦ ହୋଇଥିଲା, ସରକାର ୯ ମାସ ମଧ୍ୟରେ ତାହାର ମାତ୍ର ୪୦ ପ୍ରତିଶତରୁ ସାମାନ୍ୟ ଅଧିକ ବ୍ୟୟ କରିଥିବା ବଜେଟ୍ ଦସ୍ତାବିଜ୍‌ରୁ ଜଣାପଡ଼ିଥିବା ଏକ ଜାତୀୟ ଗଣମାଧ୍ୟମ ରିପୋର୍ଟ କରିଛି। ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆବଣ୍ଟିତ ଅର୍ଥର ୭୫ ପ୍ରତିଶତରୁ କମ୍ ବ୍ୟୟ ହୋଇପାରେ ବୋଲି ଆଶା କରାଯାଉଛି। ରାଜ୍ୟଗୁଡ଼ିକ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଏହି ବଜେଟ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନୁମୋଦିତ ଭାଗ ଅନୁଯାୟୀ ପାଣ୍ଠି ବ୍ୟବସ୍ଥା କରିଥାନ୍ତି।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅଧୀନରେ ଭିତ୍ତିଭୂମି ପରିଚାଳନା ଯୋଜନା, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା ଯୋଜନା ଏବଂ ଅନୁସୂଚିତ ଜାତି ଓ ଅନ୍ୟମାନଙ୍କ ପାଇଁ ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଯୋଜନାରେ ସଂଶୋଧିତ ଆକଳନ ବଜେଟ ବ୍ୟୟବରାଦ ସହ ସମାନ ରହିଛି। ଅନ୍ୟ ୩ଟି ଯୋଜନା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍), ଅନୁସୂଚିତ ଜନଜାତିଙ୍କ ପାଇଁ ମାଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି, ପ୍ରାକୃତିକ କୃଷି ଜାତୀୟ ମିଶନରେ ସଂଶୋଧିତ ଆକଳନ ବଜେଟ ଆକଳନର ୧୦୦ ପ୍ରତିଶତରୁ ଅଧିକ ହୋଇଛି। ଅବଶିଷ୍ଟ ୪୭ଟି ଯୋଜନାରେ ସଂଶୋଧିତ ଆକଳନ ବଜେଟ ବ୍ୟୟବରାଦଠାରୁ କମ୍ ରହିଛି। ପିଏମ୍ କୃଷି ସିଞ୍ଚାଇ ଯୋଜନା ପାଇଁ ବଜେଟରେ ୮୫୦ କୋଟି ଟଙ୍କା ରଖାଯାଇଥିବାବେଳେ ସଂଶୋଧିତ ଆକଳନରେ ତାହା ୧୫୦ କୋଟି ଟଙ୍କା ରହିଛି। ଅର୍ଥାତ୍ ବଜେଟ ବ୍ୟୟବରାଦର ୬ ଭାଗରୁ ଭାଗେ।

୫୩ଟି ଯୋଜନା ପାଇଁ ବଜେଟରେ ୫ ଲକ୍ଷ କୋଟି ଟଙ୍କାରୁ ଅଧିକ ଆକଳନ କରାଯାଇଥିବାବେଳେ ସଂଶୋଧିତ ଆକଳନ ୩.୮ ଲକ୍ଷ କୋଟି ଟଙ୍କା ବା ବଜେଟ ଆବଣ୍ଟନର ୭୪.୪ ପ୍ରତିଶତ। ଡିସେମ୍ବର ୩୧ରେ ଶେଷ ହୋଇଥିବା ୯ ମାସ ସୁଦ୍ଧା ୨ ଲକ୍ଷ କୋଟିରୁ ଅଧିକ ଅର୍ଥ ଛଡ଼ାଯାଇଛି, ଯାହାକି ବଜେଟ ମଞ୍ଜୁରୀର ମାତ୍ର ୪୧.୨ ପ୍ରତିଶତ ଏବଂ ସଂଶୋଧିତ ଆକଳନର ୫୫.୪ ପ୍ରତିଶତ। ପିଏମ୍‌କେଏସ୍‌ୱାଇ–ନିୟନ୍ତ୍ରିତ ଅଞ୍ଚଳ ବିକାଶ ଓ ଜଳ ପରିଚାଳନା, ପିଏମ୍ ଇବସ୍ ସେବା, ଧର୍ତି ଆବା ଜନଜାତିୟା ଗ୍ରାମ ଉତ୍କର୍ଷ ଅଭିଯାନ, ଜଳ ଜୀବନ ମିଶନ/ଜାତୀୟ ଗ୍ରାମୀଣ ପାନୀୟ ଜଳ ମିଶନ, ପ୍ରାଥମିକ କୃଷି ଋଣ ସୋସାଇଟିଗୁଡ଼ିକର କମ୍ପ୍ୟୁଟରୀକରଣ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ପାଇଁ ସଂଶୋଧିତ ଆକଳନ ବଜେଟ ଅଟକଳର ୪୦ ପ୍ରତିଶତରୁ କମ୍ ରହିଛି। ସେଥିରୁ ୬ଟି ଯୋଜନାରେ ବଜେଟର ୧୦ ପ୍ରତିଶତରୁ କମ୍ ଅର୍ଥ ଛଡ଼ାଯାଇଛି। ଜଳଜୀବନ ମିଶନ ବା ଜାତୀୟ ଗ୍ରାମୀଣ ପାନୀୟ ଜଳ ମିଶନ ପାଇଁ ବଜେଟରେ ୬୭ ହଜାର କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ ୯ ମାସରେ ଖର୍ଚ୍ଚ ହୋଇଛି ୩୧ ହଜାର କୋଟି। ବିକଶିତ ଭାରତ ପାଇଁ ପିଏମ୍ ସ୍କୁଲ୍‌ସ ଯୋଜନା ପାଇଁ ବଜେଟରେ ୭,୫୦୦ ବ୍ୟୟବରାଦ ହୋଇଥିବାବେଳେ ଖର୍ଚ୍ଚ ହୋଇଛି ମାତ୍ର ୪୭୩ କୋଟି ଟଙ୍କା। ସେହିପରି ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନାରେ ୨,୧୪୦ କୋଟି ବଜେଟ ଅର୍ଥରୁ ଖର୍ଚ୍ଚ ହୋଇଛି ମାତ୍ର ୪୦ କୋଟି ଟଙ୍କା।

# ଜାପାନ ନିର୍ବାଚନ: ପ୍ରଧାନମନ୍ତ୍ରୀଙ୍କ ଦଳ ବିଜୟୀ

ଟୋକିଓ,୮।୨

ଜାପାନ ପାର୍ଲାମେଣ୍ଟର ନିମ୍ନ ସଦନ ପାଇଁ ରବିବାର ଅନୁଷ୍ଠିତ ନିର୍ବାଚନରେ ପ୍ରଧାନମନ୍ତ୍ରୀ ସାନାଏ ଟାକାଇଚିଙ୍କ ମେଣ୍ଟ ଦୁଇ–ତୃତୀୟାଂଶ ସଂଖ୍ୟାଗରିଷ୍ଠତାର ସହ ବିଜୟୀ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅବସରରେ ଜାପାନ ପ୍ରଧାନମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଟାକାଇଚିଙ୍କ ନେତୃତ୍ୱରେ ୨ ଦେଶ ମଧ୍ୟରେ ସମ୍ପର୍କ ଆହୁରି ନିବିଡ଼ ହେବା ନେଇ ଦୃଢ଼ୋକ୍ତି ବ୍ୟକ୍ତ କରିଛନ୍ତି। ନିମ୍ନ ସଦନର ୪୬୫ ଆସନ ମଧ୍ୟରୁ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି ନେତୃତ୍ୱରେ ଟାକାଇଚିଙ୍କ ଶାସକ ମେଣ୍ଟ ଦୁଇ–ତୃତୀୟାଂଶରୁ ଅଧିକ ଆସନ ଜିତିବା ଏକପ୍ରକାର ନିଶ୍ଚିତ ବୋଲି ଏକ୍‌ଜିଟ୍ ପୋଲ୍‌ରେ ପୂର୍ବାନୁମାନ କରାଯାଇଥିଲା। ବୃହତ୍ ଜନାଦେଶ ଫଳରେ ଟାକାଇଚି ଜାପାନର



ସାନାଏ ଟାକାଇଚି

ଅର୍ଥନୀତି ଏବଂ ସାମରିକ ସାମର୍ଥ୍ୟ ବୃଦ୍ଧି ଦିଗରେ ବଡ଼ ପଦକ୍ଷେପ ନେବା ପାଇଁ ସୁଯୋଗ ପାଇବେ। ଚାଇନା ସହ ଜାପାନର ଉତ୍ତେଜନା ବଢ଼ିଥିବାବେଳେ ଟାକାଇଚି ଆମେରିକା ସହ ସମ୍ପର୍କ ବଢ଼ାଇବାକୁ ଉଦ୍ୟମ ଚଳାଇଛନ୍ତି।

# ଶ୍ରେଷ୍ଠ ପ୍ରଜାତି ସୃଷ୍ଟି ଲାଗି ଏକସଙ୍ଗେ ୨୦ ମହିଳାଙ୍କୁ ଗର୍ଭବତୀ କରିବାକୁ ଚାହୁଁଥିଲେ ଏପ୍‌ଷ୍ଟିନ୍

ନ୍ୟୁୟର୍କ,୮।୨

ଯୌନ କେଲେଙ୍କାରୀ ମାମଲାରେ ଦୋଷୀସାବ୍ୟସ୍ତ ଧନୀ ଅର୍ଥ ଲଗାଣକାରୀ ଜେଫ୍ରି ଏପ୍‌ଷ୍ଟିନ୍ ଜେନେଟିକ୍ ଇଞ୍ଜିନିୟରିଂ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ବ୍ୟବହାର କରି ମାନବ ଜାତିର ଏକ ଶ୍ରେଷ୍ଠ ପ୍ରଜାତି ବିକଶିତ କରିବାକୁ ଯୋଜନା କରିଥିଲେ। ଏଥିପାଇଁ ସେ କେତେଜଣ ବୈଜ୍ଞାନିକ ଏବଂ ବ୍ୟବସାୟୀଙ୍କ ସହ ଅନେକ ବର୍ଷ ଧରି ଆଲୋଚନା ଚଳାଇଥିଲେ ବୋଲି ଏକ ତଦନ୍ତରୁ ଜଣାପଡ଼ିଥିବା ନ୍ୟୁୟର୍କ ଟାଇମ୍ସ ରିପୋର୍ଟ କରିଛି। ତାଙ୍କର ଏହି ଆଗ୍ରହକୁ ଟ୍ରାନ୍ସହ୍ୟୁମାନିଜମ୍ କୁହାଯାଇଛି। ୨୦୦୦ ଦଶନ୍ଧି ପ୍ରଥମ ଭାଗରେ ଏପ୍‌ଷ୍ଟିନ୍ ନିଜ ସନ୍ତାନ ପାଇଁ ଯୋଜନା କରିଥିଲେ ବୋଲି ୩ଟି ସୂତ୍ରରୁ ଜଣାପଡ଼ିଛି। ସେ ନିଜ ଡିଏନ୍‌ଏ ବ୍ୟବହାର କରି ଏକସଙ୍ଗେ ୨୦ ମହିଳାଙ୍କୁ ଗର୍ଭବତୀ କରିବାକୁ ଲକ୍ଷ୍ୟ ରଖିଥିଲେ। ସେ ଅନେକ ଶ୍ରେଷ୍ଠ ବୈଜ୍ଞାନିକଙ୍କ ପାଇଁ ମଧ୍ୟାହ୍ନ ଓ ରାତ୍ରଭୋଜନ ଆୟୋଜନ କରିବା ସହ ସମ୍ମିଳନୀ କରାଇଥିଲେ।

ଏପ୍‌ଷ୍ଟିନ୍‌ଙ୍କ ଇଜେନିକ୍ସ ସମ୍ବନ୍ଧୀୟ ଚିନ୍ତାଧାରାକୁ ତାଙ୍କ ଓକିଲ ଆଲନ ଡେର୍ଶୋୱିଜ୍ ଚମତ୍କାର ବୋଲି କହିଥିଲେ। ତେବେ ବୈଜ୍ଞାନିକମାନେ ତାଙ୍କ ଚିନ୍ତାଧାରା ପ୍ରତି ଅଧିକ ଆଗ୍ରହୀ ନା ତାଙ୍କ ପାଣ୍ଠି ପ୍ରତି ବୋଲି ଅନେକେ କଥା ହେଉଥିଲେ। ଷ୍ଟିଭେନ୍ ପିଙ୍କର ଏପ୍‌ଷ୍ଟିନ୍‌ଙ୍କୁ ଜଣେ ବୁଦ୍ଧିଜୀବୀ ଠକେଇବାଜ କହିଥିଲାବେଳେ ଏପ୍‌ଷ୍ଟିନ୍‌ଙ୍କ ଧାରଣାକୁ ପରୀକ୍ଷାଯୋଗ୍ୟ ବିଜ୍ଞାନ ଭାବେ ଗଣାଯାଏ ନାହିଁ ବୋଲି ଜାରୋନ୍ ଲାନିଏର ମତ ଦେଇଥିଲେ।

# ମୋହମ୍ମଦିଙ୍କୁ ଆଉ ସାଢ଼େ ୭ ବର୍ଷ ଜେଲ

ଦୁବାଇ,୮।୨(ଏପି)

ଇରାନ୍‌ର ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ନର୍ଗେସ ମୋହମ୍ମଦିଙ୍କୁ ଦେଶର ଏକ ଅଦାଲତ ଆଉ ସାଢ଼େ ୭ ବର୍ଷ ଜେଲ ଦଣ୍ଡାଦେଶ ଦେଇଛି। ୨୦୨୩ରେ ନୋବେଲ ପୁରସ୍କାର ପାଇଥିବା ମୋହମ୍ମଦିଙ୍କୁ ଗତବର୍ଷ ସରକାର ବିରୋଧୀ ଆନ୍ଦୋଳନ ଉସୁକାଇବା ଅଭିଯୋଗରେ ୬ ବର୍ଷ ଓ ଅନ୍ୟ ଏକ ମାମଲାରେ ଦେଢ଼ବର୍ଷ



ନର୍ଗେସ ମୋହମ୍ମଦି

ଜେଲ ଦଣ୍ଡାଦେଶ ହୋଇଥିଲା। ୫୩ବର୍ଷୀୟା ଜଣାଶୁଣା ମାନବାଧିକାର କର୍ମୀ ମୋହମ୍ମଦି ଗତ ୨ ତାରିଖରୁ ଜେଲରେ ଅନଶନରେ ବସିଥିବାବେଳେ ଶନିବାର ମହଶାଦ ସହରସ୍ଥିତ ରିଭୋଲ୍ୟୁଶନାରି କୋର୍ଟ ପକ୍ଷରୁ ତାଙ୍କୁ ଆଉ ସାଢ଼େ ୭ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଛି। ମୋହମ୍ମଦିଙ୍କ ଓକିଲ ମୋସ୍ତାଫା ନିଲି ସାମାଜିକ ଗଣମାଧ୍ୟମ Xରେ ରବିବାର ଏହି ସୂଚନା ଦେଇଛନ୍ତି।

# ଅଭିଶପ୍ତ ଗାଁରେ ୨ ମହଲା ଘର ନାହିଁ



ରାଜସ୍ଥାନର ଚୁରୁ ଜିଲା ସର୍ଦ୍ଦାରସହର ତହସିଲରେ ଅବସ୍ଥିତ ଉଦସର ଗାଁ ଏକ ଅଜବ କାହାଣୀ ପାଇଁ ଜଣାଶୁଣା। ଏହି ଗାଁରେ କେହି ଦୁଇ ମହଲା ଘର ତିଆରି କରିନାହାନ୍ତି। ସ୍ଥାନୀୟ ଲୋକେ କୁହନ୍ତି ଏହା ଏକ ଅଭିଶପ୍ତ ଗାଁ। କେହି ଏଠାରେ ଦୁଇ ମହଲା ଘର ତିଆରି କଲେ ତାଙ୍କ ପରିବାର କଷ୍ଟର ସମ୍ମୁଖୀନ ହେବେ। ବିଶ୍ୱାସ କରାଯାଏ, ଏହି ଗାଁକୁ ୭୦୦ ବର୍ଷ ପୂର୍ବେ ଅଭିଶାପ ଦିଆଯାଇଥିଲା। ଏହା ସମଗ୍ର ଗାଁର ଜୀବନକୁ ବଦଳାଇ ଦେଇଥିଲା। ଆଜି ମଧ୍ୟ ଏହି ଗାଁରେ କେହି ଦୁଇ ମହଲା ଘର ତିଆରି କରିବାକୁ ସାହସ କରନ୍ତି ନାହିଁ। କାହାଣୀ ଅନୁଯାୟୀ, ୭୦୦ ବର୍ଷ ପୂର୍ବେ ଏହି ଗାଁରେ ଭେମିଆ ନାମକ ବ୍ୟକ୍ତି ରହୁଥିଲେ। ଚୋରମାନେ ଗାଁ ଲୋକଙ୍କ ପଶୁ ଚୋରି କରିବାକୁ ଲାଗିଲେ। ଚୋରମାନଙ୍କୁ ଦେଖି ଭେମିଆ ସେମାନଙ୍କ ସହିତ ଏକା ଯୁଦ୍ଧ କଲେ। ସେମାନେ ତାଙ୍କୁ ଗୁରୁତର କରି ରକ୍ତାକ୍ତ ଅବସ୍ଥାରେ ଛାଡ଼ିଦେଲେ। ଚୋରମାନଙ୍କଠାରୁ ରକ୍ଷା ପାଇବା ପାଇଁ ଭେମିଆ ତାଙ୍କ ଶ୍ୱଶୁର ଘରକୁ ଦୌଡ଼ି ଦ୍ୱିତୀୟ ମହଲାରେ ଲୁଚି ରହିଲେ। ଚୋରମାନେ ତାଙ୍କୁ ପିଛା କରି ଧରି ପକାଇଲେ ଓ ନିର୍ମମ ଭାବରେ ମାଡ଼ ମାରିଲେ। ଶେଷରେ ସେମାନେ ତାଙ୍କ ଗଳା କାଟିଦେଲେ। ଭେମିଆ ଲଢ଼େଇ ଜାରି ରଖି ଗାଁ ସୀମାରେ ପହଞ୍ଚିଲେ ଓ ତାଙ୍କ ଶରୀର ଉଦସର ଗାଁରେ ପଡ଼ିଗଲା। ଯେତେବେଳେ ଭେମିଆଙ୍କ ସ୍ତ୍ରୀ ଏହା ଜାଣିଲେ, ସେ କ୍ରୋଧିତ ହୋଇ ଗାଁ ଲୋକଙ୍କୁ ଅଭିଶାପ ଦେଲେ, ଗାଁରେ ଦ୍ୱିତୀୟ ମହଲାରେ ଯିଏ ଘର ତିଆରି କରିବ ସେ କଷ୍ଟରେ ରହିବ। ସେହିଦିନଠାରୁ ଉକ୍ତ ଗାଁର ଲୋକେ ଦୁଇ ମହଲା ଘର କରିବାକୁ ସାହସ କରନ୍ତି ନାହିଁ।

# ବାଣିଜ୍ୟ, ପ୍ରତିରକ୍ଷାରେ ସହଯୋଗ ବଢ଼ାଇବେ ଭାରତ, ମାଲେସିଆ

କୁଆଲାଲୁମ୍ପୁର,୮।୨(ପି.ଟି.)

ବାଣିଜ୍ୟ, ପୁଞ୍ଜିନିବେଶ, ପ୍ରତିରକ୍ଷା, ଶକ୍ତି, ଆଧୁନିକ ଉତ୍ପାଦନ ଏବଂ ସେମିକଣ୍ଡକ୍ଟର ଆଦି ସର୍ବାଧିକ ପ୍ରାଥମିକତା ଥିବା ସେକ୍ଟରରେ ଭାରତ ଓ ମାଲେସିଆ ସମ୍ପର୍କ ବଢ଼ାଇବା ପାଇଁ ରବିବାର ପ୍ରତିଜ୍ଞାବଦ୍ଧ ହୋଇଛନ୍ତି। ଭାରତ–ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ପାଇଁ ଉଭୟ ପକ୍ଷ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ମାଲେସିଆ ପ୍ରଧାନମନ୍ତ୍ରୀ ଅନ୍‌ୱାର ଇବ୍ରାହିମ୍‌ଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ପରେ ମୋଦି ଆତଙ୍କବାଦ ବିରୋଧରେ ଲଢ଼େଇରେ ଭାରତର ଆଭିମୁଖ୍ୟକୁ ଦୋହରାଇଛନ୍ତି। ଆତଙ୍କବାଦ ସମ୍ପର୍କରେ ଭାରତର ବାର୍ତ୍ତା ସ୍ପଷ୍ଟ, ଯେଉଁଥିରେ କୌଣସି ଦୋମୁହାଁ ନୀତି କିମ୍ବା ସାଲିସ୍ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେମିକଣ୍ଡକ୍ଟର ସେକ୍ଟର ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବଢ଼ାଇବା ପାଇଁ ଏହି

## ୧୧ ଚୁକ୍ତିନାମା ସ୍ୱାକ୍ଷରିତ

ଅବସରରେ ଭାରତ ଓ ମାଲେସିଆ ମଧ୍ୟରେ ମୋଟ ୧୧ଟି ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ବାଣିଜ୍ୟରେ ଭାରତୀୟ ଟଙ୍କା ଏବଂ ମାଲେସିଆର ରିଙ୍ଗିଟ୍ ବ୍ୟବହାରକୁ ପ୍ରୋତ୍ସାହନ ଦେବା ଉଦ୍ୟମକୁ ଉଭୟ ମୋଦି ଏବଂ ଇବ୍ରାହିମ୍ ପ୍ରଶଂସା କରିଛନ୍ତି। ରଣନୀତିକ ଆସ୍ଥା ଜରିଆରେ ଆର୍ଥିକ ପରିବର୍ତ୍ତନର ମାର୍ଗକୁ ପ୍ରଶସ୍ତ କରିବୁ ବୋଲି ମୋଦି କହିବା ସହ ଭାରତ–ମାଲେସିଆ ସମ୍ପର୍କକୁ ସ୍ୱତନ୍ତ୍ର ବୋଲି କହିଛନ୍ତି। ଆମେ ସାମୁଦ୍ରିକ ପଡ଼ୋଶୀ ଏବଂ ଅନେକ ଶହ ବର୍ଷ ଧରି ଦୁଇ ଦେଶର ଲୋକଙ୍କ ମଧ୍ୟରେ ନିବିଡ଼ ତଥା ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରହିଆସିଛି ବୋଲି ପ୍ରଧାନମନ୍ତ୍ରୀ କହିବା ସହ ମାଲେସିଆରେ ଭାରତୀୟ କନ୍‌ସୁଲେଟ୍ ଜେନେରାଲ ସ୍ଥାପନ କରିବାକୁ ଘୋଷଣା କରିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମାଲେସିଆ ପ୍ରତିପକ୍ଷ ଅନ୍‌ୱାର ଇବ୍ରାହିମ୍।

ପ୍ରଧାନମନ୍ତ୍ରୀ ମୋଦି ରବିବାର ମାଲେସିଆରେ ପ୍ରମୁଖ ବ୍ୟବସାୟୀ ଓ ଶିଳ୍ପପତିମାନଙ୍କୁ ଭେଟି ଆଲୋଚନା କରିଛନ୍ତି। ଭାରତୀୟ ଅଭିବୃଦ୍ଧି ଉପରେ ସେଠାର କମ୍ପାନୀଗୁଡ଼ିକର ଆଗ୍ରହକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ସେ ପେଟ୍ରୋନାସ୍‌ର ଅଧ୍ୟକ୍ଷ ତଥା ଗ୍ରୁପ୍ ସିଇଓ ଟେଙ୍ଗ୍‌କୁ ମହମ୍ମଦ ତୌଫିକ, ବେର୍ଜାୟା କର୍ପୋରେଶନ ବୋର୍ଡର ପ୍ରତିଷ୍ଠାତା ଭିନ୍‌ସେଣ୍ଟ ଟାନ୍ ଚି ୟୁଉନ୍, ଖାଜାନା ନ୍ୟାଶନାଲ ବୋର୍ଡର ପରିଚାଳନା ନିର୍ଦ୍ଦେଶକ ଅମିରୁଲ ଫୈସଲ ୱାନ୍ ଜାହିର ଏବଂ ଫିସନ ଇଲେକ୍ଟ୍ରୋନିକ୍ସର ପ୍ରତିଷ୍ଠାତା ପୁଆ ଖେଇନ୍ ସେଙ୍ଗ୍‌ଙ୍କୁ ଭେଟିଥିଲେ।

# ପୂର୍ବ ଶତ୍ରୁତାରୁ ହତ୍ୟା, ୪ ଗିରଫ

**ଚା' ଦୋକାନ କର୍ମଚାରୀଙ୍କୁ ଛୁରି ଭୁସି ହତ୍ୟା ଘଟଣା**

**ଧରାପଡ଼ିଲେ ଘଟଣାରେ ସମ୍ପୃକ୍ତ ନାବାଳକ**



ରାଉରକେଲା,୮।୨(ସଙ୍ଗୀତା ଜେନା)

ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଷ୍ଟେଶନ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଚା' ଦୋକାନ କର୍ମଚାରୀଙ୍କୁ ଛୁରି ଭୁସି ହତ୍ୟା ଘଟଣାରେ ପୋଲିସ ରବିବାର ଜଣେ ନାବାଳକଙ୍କୁ ଧରିଥିବାବେଳେ ୪ ଜଣଙ୍କୁ ଗିରଫ କରିଛି। ୪ ଅଭିଯୁକ୍ତ ହେଲେ ଗୋପବନ୍ଧୁପାଲୀ ଖଟାଲ ବସ୍ତି ହନୁମାନ ମନ୍ଦିର ନିକଟରେ ରହୁଥିବା ( ମାଷ୍ଟରମାଇଣ୍ଡ) ମୋହିତ ବାଜରା(୧୯), ଗୋପବନ୍ଧୁପାଲୀ ୱାର୍ଡ଼ ନଂ. ୩ର ଶୁଭମ୍ ପାଶ୍ୱାନ(୧୯), ବନ୍ଧମୁଣ୍ଡା ରେଲୱେ ଷ୍ଟେଶନ ରୋଡର ସିନ୍ଧୁ ତନ୍ତୀ(୨୪), ବୈଷ୍ଣୋଦେବୀ ମନ୍ଦିର ନିକଟ ଟିମ୍ବରକଲୋନୀର ରାଜବୀର ରାମ(୨୪)। ସେମାନଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଏକ ଛୁରି, ମହିନ୍ଦ୍ରା ବୋଲେରୋ, ଗୋଟିଏ ବାଲେନୋ କାର ଓ ୫ଟି ମୋବାଇଲ ଫୋନ୍ ଜବତ ହୋଇଛି। ସମସ୍ତଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ହୋଇଥିବା ରବିବାର ଅପରାହ୍ନ ୨ଟାରେ ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ସୂଚନା ପ୍ରଦାନ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶ ବଲିଆ ଜିଲା ମୂଳନିବାସୀ ଅବିନାଶ ଯାଦବ (୩୫) ଗୋପବନ୍ଧୁପାଲୀ ଅଞ୍ଚଳରେ ରହି ରାଉରକେଲା ଷ୍ଟେଶନ ନିକଟ ଏକ ଚା' ଦୋକାନରେ କାମ କରୁଥିଲେ। ଶୁକ୍ରବାର ରାତି ପ୍ରାୟ ୯ଟା ୪୫ରେ ଅମର ଭବନ ନିକଟରେ ଶୌଚାଳୟରୁ ବାହାରୁଥିବାବେଳେ ଅବିନାଶଙ୍କୁ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ହଠାତ୍ ଛୁରିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଅମର ଭବନ ବିବାହ ମଣ୍ଡପରେ ଡିଜେ ବାଜୁଥିବା ଯୋଗୁ ତାଙ୍କ ଚିତ୍କାର କେହି ଶୁଣି ପାରି ନ ଥିଲେ। ପରେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଜେପି ହସ୍ପିଟାଲକୁ ନିଆଯିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତକ କାମ କରୁଥିବା ଚା' ଦୋକାନୀ ମାଲିକ ଦେବେନ୍ଦ୍ର ଯାଦବ ଥାନାରେ ଦେଇଥିବା ଏତଲା ଅନୁଯାୟୀ ପୋଲିସ ହତ୍ୟା ମାମଲା(ନଂ ୧୨୪/୨୬) ରୁଜୁ କରି ତଦନ୍ତ କରୁଥିଲା। ଏହାପାଇଁ ୨ଟି ସ୍ୱତନ୍ତ୍ର ଟିମ୍ ରାଉରକେଲା ଏସ୍‌ପିଙ୍କ ନେତୃତ୍ୱରେ ଗଠନ ହୋଇଥିଲା। ହତ୍ୟାର ୩୬ ଘଣ୍ଟା ମଧ୍ୟରେ ଅବିନାଶଙ୍କ ହତ୍ୟାରେ ସମ୍ପୃକ୍ତ ନାବାଳକ ଓ ୪ ଅଭିଯୁକ୍ତଙ୍କୁ ଧରିବାରେ ରାଉରକେଲା ପୋଲିସ ସଫଳ ହୋଇଛି। ଅଭିଯୁକ୍ତ ସିନ୍ଧୁଙ୍କ ବିରୋଧରେ ରାଉରକେଲାର ବିଭିନ୍ନ ଥାନାରେ ୩୬ଟି ଆପରାଧିକ ମାମଲା, ଶୁଭମଙ୍କ ୪ଟି, ନାବାଳକଙ୍କ ଗୋଟିଏ ଅପରାଧିକ ରେକର୍ଡ ରହିଥିବା ଜଣାପଡ଼ିଛି। ଏସ୍‌ପି ୱାଧୱାନୀ କହିଛନ୍ତି, ଶୁକ୍ରବାର ରାତିରେ ୩ ଜଣ ଅଭିଯୁକ୍ତ ଅବିନାଶଙ୍କୁ ଧାରୁଆ ଛୁରିରେ ଛାତିରେ ବାରମ୍ବାର ଭୁସି ଫେରାର ହୋଇଯାଇଥିଲେ। ୩ ଅଭିଯୁକ୍ତ କାଣ୍ଡ ଭିଆଇ ସାରିବା ପରେ ୨ ଜଣଙ୍କ ସହଯୋଗ ଲୋଡ଼ି ବନ୍ଧମୁଣ୍ଡା ଅଞ୍ଚଳରେ ରହୁଥିଲେ। ତେବେ ହତ୍ୟା ଅଭିଯୁକ୍ତଙ୍କୁ ସହଯୋଗ ଓ ଘରେ ଲୁଚାଇବା ଅଭିଯୋଗରେ ମୋଟ ୫ଜଣ ଧରାପଡ଼ିଛନ୍ତି। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର, ଡିଏସ୍‌ପି ଯତୀନ୍ଦ୍ର କୁମାର ସେଠୀ, ପ୍ଲାଣ୍ଟସାଇଟ୍ ଥାନା ଅଧିକାରୀ ବିବସ୍ୱ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଅବିନାଶ ଉତ୍ତରପ୍ରଦେଶ ବଲିଆ ମାଲିପୁର ଅଞ୍ଚଳର। ସେ ପ୍ରାୟ ୧୦ ବର୍ଷ ହେଲା ଗୋପବନ୍ଧୁପାଲୀ ଅଞ୍ଚଳରେ ରହୁଥିଲେ। ରାଉରକେଲା ରେଳ ଷ୍ଟେଶନ ପାର୍କିଂ ଲଟ୍‌ରେ ଥିବା ଧର୍ମେନ୍ଦ୍ର ଯାଦବଙ୍କ ଚା'ଦୋକାନରେ କାମ କରୁଥିଲେ। ଆସନ୍ତା ଜୁନ୍ ୧୯ରେ ତାଙ୍କ ବିବାହ ଧାର୍ଯ୍ୟ ହୋଇଥିଲା।

# ମହିଳାଙ୍କୁ ଅସଦାଚରଣ ନେଇ ହୋମଗାର୍ଡଙ୍କୁ ମାଡ଼

**ଭିଡିଓ ଭାଇରାଲ ପରେ ମୁଖ୍ୟାଳୟକୁ ବଦଳି**

ଚଣ୍ଡିଖୋଲ/ବଡ଼ଚଣା,୮।୨(ପ୍ରଦୀପ୍ତ କୁମାର ପୃଷ୍ଟି/ଦିଲୀପ କୁମାର ମହାନ୍ତି)

ଜଣେ ମହିଳାଙ୍କୁ ବାରମ୍ବାର ପିଛା କରିବା, ଲୁଚିକରି ଦେଖିବା ଓ ଖରାପ ଇଙ୍ଗିତ କରିବା ଜଣେ ହୋମଗାର୍ଡଙ୍କ ପାଇଁ ମହଙ୍ଗା ପଡ଼ିଛି। ଗ୍ରାମର ମହିଳାମାନେ ରବିବାର ଏକତ୍ର ହୋଇ ସମ୍ପୃକ୍ତ ହୋମଗାର୍ଡଙ୍କୁ ମାଡ଼ମାରି ପୋଲିସ ଜିମା ଦେଇଛନ୍ତି। ଏଭଳି ଏକ ଘଟଣା ଘଟିଛି ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଧାନ ମଣ୍ଡଳ ଫାଣ୍ଡିରେ। ଏହି ଘଟଣାର ଭିଡିଓ ଭାଇରାଲ ଓ ଥାନା ଅଧିକାରୀଙ୍କ ସୂଚନା ଆଧାରରେ ଯାଜପୁର ଏସ୍‌ପି ସମ୍ପୃକ୍ତ ହୋମଗାର୍ଡଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଧାନମଣ୍ଡଳ ଫାଣ୍ଡିରେ କାର୍ଯ୍ୟରତ ଜଣେ ହୋମଗାର୍ଡ ନିକଟସ୍ଥ ଧାନମଣ୍ଡଳ ନିକଟରେ ଘରଭଡ଼ା ନେଇ ରହୁଥିଲେ। ସେ ଫାଣ୍ଡି ଗାଡ଼ି ଚଳାଉଥିଲେ। ଅଭିଯୋଗ ଅନୁଯାୟୀ, ଧାନମଣ୍ଡଳ ଗ୍ରାମର ଜଣେ ମହିଳାଙ୍କୁ ସେ ଖରାପ ଦୃଷ୍ଟିରେ ଦେଖୁଥିଲେ ଏବଂ ବେଳେବେଳେ ଖରାପ ଇଙ୍ଗିତ ମଧ୍ୟ କରୁଥିଲେ। ସମ୍ପୃକ୍ତ ମହିଳାଙ୍କ ସମେତ ସାହିର ଅନ୍ୟ ମହିଳାମାନେ ଏହାକୁ ବାରଣ କଲେ ମଧ୍ୟ କୌଣସି ପ୍ରଭାବ ପଡ଼ି ନ ଥିଲା। ତେଣୁ ଗ୍ରାମର ମହିଳାମାନେ ଏହାର ମୁକାବିଲା



କରିବା ପାଇଁ ପ୍ରସ୍ତୁତି ହୋଇଥିଲେ। ସକାଳେ ଏକ ଗଛମୂଳରେ ହୋମଗାର୍ଡ ଜଣକ ଲୁଚି ବସିଥିଲେ। ଏହି ସମୟରେ ପୂର୍ବ ପ୍ରସ୍ତୁତି ଅନୁସାରେ ସାହିର କେତେଜଣ ମହିଳା ଆସି କାହିଁକି ଏଠି ବସିଛ ବୋଲି ପଚାରି ପ୍ରବଳ ମାଡ଼ ମାରିବା ସହିତ ତାଙ୍କୁ ଧାନମଣ୍ଡଳରୁ ତୁରନ୍ତ ବିଦା କରିବାକୁ ଦାବି କରିଥିଲେ। ଏପରିକି ଫାଣ୍ଡି ନିକଟକୁ ନେଇ ହୋହଲ୍ଲା କରିଥିଲେ। ମାଡ଼ ମାରିବା ସମୟର ଭିଡିଓକୁ କେହି ସାମାଜିକ ଗଣମାଧ୍ୟମରେ ପ୍ରସାରିତ କରିଥିଲେ। ଏହାପରେ ବଡ଼ଚଣା ଥାନା ଅଧିକାରୀ ସୁରେନ୍ଦ୍ର କୁମାର ଜେନା ଘଟଣା ସମ୍ପର୍କରେ ଯାଜପୁର ଏସ୍‌ପିଙ୍କୁ ଅବଗତ କରାଇଥିଲେ। ଏନେଇ କୌଣସି ଅଭିଯୋଗ ହୋଇ ନାହିଁ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

# ନିବେଶ ନାଁରେ ୫୦ ଲକ୍ଷ ଠକେଇ

**କୋଲକାତାରୁ ଜଣେ ସାଇବର ଠକ ଗିରଫ**

ଭୁବନେଶ୍ୱର,୮।୨(ତ୍ରିନାଥ ମହାନ୍ତି)

ନିବେଶ ନାଁରେ ୫୦ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ସାଇବର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅରବିନ୍ଦ ପାଉଲଙ୍କୁ କୋଲକାତା ହୁଗୁଲିରୁ ଗିରଫ କରିଛି। ତାଙ୍କ ନିକଟରୁ ଏଟିଏମ୍ କାର୍ଡ, ପାଶ୍‌ବୁକ୍ ଓ ଅନ୍ୟାନ୍ୟ ଦସ୍ତାବିଜ ଜବତ ହୋଇଛି। ଠକେଇର ଶିକାର ବ୍ୟକ୍ତିଜଣକ ହେଉଛନ୍ତି ଭଗବାନ୍‌ପୁରରେ ରହୁଥିବା ଭାଗୀରଥି ମହାନ୍ତ। ଏକ ଅଜଣା ନମ୍ବରରୁ ତାଙ୍କ ନିକଟକୁ ମେସେଜ୍ ଆସିଥିଲା। ଅନ୍‌ଲାଇନ୍‌ରେ ଟଙ୍କା ବିନିଯୋଗ କରି ଦୁଇଗୁଣା ପାଇବାର ଲୋଭ ଦିଆଯାଇଥିଲା। ଭାଗୀରଥି ଉକ୍ତ ନମ୍ବରକୁ ଯୋଗାଯୋଗ କରିବା ପରେ ସାଇବର ଠକ ତାଙ୍କୁ ଏକାଧିକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଆଡ୍ କରି ଅନ୍‌ଲାଇନ୍ ଟ୍ରେଡିଂ ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ତାଙ୍କୁ ଏକ ଆପ୍‌ରେ ଟଙ୍କା ଲଗାଇବାକୁ କହି ଆକାଉଣ୍ଟ ନମ୍ବର ଦେଇଥିଲେ। ଭାଗୀରଥି ଉକ୍ତ ନମ୍ବରରେ ବିଭିନ୍ନ କିସ୍ତିରେ ୫୦ ଲକ୍ଷ ୧୬ ହଜାର ଟଙ୍କା ଜମା କରିଥିଲେ। ଏହାପରେ ଏକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଟଙ୍କା ଉଠାଇବାକୁ କୁହାଯାଇଥିଲା। ହେଲେ ଭାଗୀରଥି ନିର୍ଦ୍ଧାରିତ ସମୟରେ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଏପରିକି ସେ ଯୋଡ଼ି ହୋଇଥିବା ଆପ୍‌ରେ ତାଙ୍କ ଆକାଉଣ୍ଟ ବ୍ଲକ୍ ହୋଇଯାଇଥିଲା। ସେ ଠକାମିର ଶିକାର ହୋଇଥିବା ଜାଣି ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରିବା ପରେ ଏହି ନେଟ୍‌ୱର୍କ କୋଲକାତା, ମହାରାଷ୍ଟ୍ର ଏବଂ ଗୁଜରାଟକୁ ଲମ୍ବିଥିବା ଜଣାପଡ଼ିଥିଲ। ଭାଗୀରଥିଙ୍କ ଆକାଉଣ୍ଟରୁ ଯାଇଥିବା ଟଙ୍କା ମହାରାଷ୍ଟ୍ର ଏବଂ ଗୁଜରାଟର ଏକାଧିକ ଆକାଉଣ୍ଟକୁ ଯାଇଥିବା ଜଣାପଡ଼ିଥିଲା। ତେବେ ପ୍ରଥମ ଟଙ୍କା ଅଭିଯୁକ୍ତ ଅରବିନ୍ଦଙ୍କ ଆକାଉଣ୍ଟକୁ ଯାଇଥିଲା। ତେଣୁ ପୋଲିସ ଟିମ୍ କୋଲକାତା ହୁଗୁଲିରେ ଚଢାଉ କରି ଅରବିନ୍ଦଙ୍କୁ ଗିରଫ କରିବା ସହ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ଉଦ୍ୟମ ଚଳାଇଛି।



ଅରବିନ୍ଦ ପାଉଲ

ଏହି ଅନ୍‌ଲାଇନ୍ ଟ୍ରେଡିଂ ର୍‌ୟାକେଟ ଦେଶର ବିଭିନ୍ନ ସ୍ଥାନକୁ ଲମ୍ବିଛି। ସାଇବର ଠକ ହ୍ୱାଟ୍ସଆପ୍‌ରେ ଲିଙ୍କ୍ ପଠାଇବା ସହ ଟେଲିଗ୍ରାମ୍ ଆପ୍‌ରେ ଗ୍ରୁପ୍ କରି ଲୋକଙ୍କୁ ଠକୁଛନ୍ତି। ଗତ ଜାନୁଆରୀରୁ ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱରରେ ୧୫ଜଣ ଲୋକ ଏଭଳି ଠକାମିର ଶିକାର ହୋଇଛନ୍ତି। ତେଣୁ ଏଭଳି ଅଜଣା ଲିଙ୍କ୍ ଓ ଗ୍ରୁପ୍ ସହ ଯୋଡ଼ି ହୋଇ ଟଙ୍କା ନ ଲଗାଇବାକୁ କମିଶନରେଟ ପୋଲିସ ପରାମର୍ଶ ଦେଇଛି।

**ଝିଅର ପ୍ରେମ ବିବାହକୁ ବିରୋଧ**

# ମାଡ଼ ଖାଇଲେ ମା', ମାଉସୀ

ଭଦ୍ରକ,୮।୨(ସନାତନ ରାଉତ)

ପ୍ରେମ ବିବାହକୁ ବିରୋଧ କରିବାରୁ ଝିଅର ଶାଶୁଘର ଲୋକଙ୍କଠାରୁ ମାଡ଼ ଖାଇଲେ ମା' ଓ ମାଉସୀ। ଅକ୍ରମଣରେ ମା', ମାଉସୀଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ଭଦ୍ରକ ବ୍ଲକ ସାବରଙ୍ଗ ଥାନା ଅଧୀନ ଗୋପାଳବିନ୍ଧା ଗ୍ରାମରେ ଶନିବାର ଅପରାହ୍ନରେ ଏଭଳି ଘଟଣା ଘଟିଛି। ଆହତମାନେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ସୂଚନା ଅନୁଯାୟୀ, କେଶପୁର ଗ୍ରାମର ସସ୍ମିତା ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କର ୨୨ ବର୍ଷିୟା ଝିଅ ପରିବାରର ବିରୋଧ ସତ୍ତ୍ୱେ ସେହି ଗ୍ରାମର ଜଣେ ଯୁବକଙ୍କୁ କିଛିଦିନ ତଳେ ପ୍ରେମ ବିବାହ କରିଥିଲେ। ଏହି ବିବାହକୁ ବିରୋଧ କରି ସସ୍ମିତା ଓ ତାଙ୍କ ଭଉଣୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଝିଅକୁ ଫେରାଇ ଆଣିବା ପାଇଁ ସେମାନେ ବାରମ୍ବାର ଥାନାକୁ ଯାଇ ଯୋଗାଯୋଗ କରୁଥିଲେ। ଏହାକୁ ନେଇ ଉଭୟ ପରିବାର ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ତାଙ୍କ ଭଉଣୀ ରଶ୍ମିତା ଗ୍ରୁପ୍ ଟଙ୍କା ଆଦାୟ କରିବାକୁ ସେହି ଗାଁ ଦେଇ ଯାଉଥିବା ବେଳେ ଝିଅର ଶାଶୁଘର ଲୋକେ ତାଙ୍କୁ ଗାଁ ଦାଣ୍ଡରେ ଅତର୍କିତ ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ରଶ୍ମିତା ଥାନାକୁ ଯାଇଥିବା ବେଳେ ଖବରପାଇ ସସ୍ମିତା ଜଣେ ସମ୍ପର୍କୀୟଙ୍କ ସହ ବାଇକ୍‌ରେ ଥାନାକୁ ଯାଉଥିଲେ। ଯିବା ବାଟରେ ସେମାନଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିବା ସସ୍ମିତା ଅଭିଯୋଗରେ ଦର୍ଶାଇଛନ୍ତି। ସସ୍ମିତାଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୪୩/୨୬) ରୁଜୁ ହୋଇଛି। ଅପରପକ୍ଷେ ସସ୍ମିତାଙ୍କ ଝିଅର ଶାଶୁଘର ଲୋକେ ସେମାନଙ୍କୁ ଆକ୍ରମଣ କରାଯାଇଥିବା ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏନେଇ ଏକ ମାମଲା (ନଂ.୪୫/୨୬) ରୁଜୁ ହୋଇଛି। ସାବରଙ୍ଗ ଥାନାଧିକାରୀ ଶାନ୍ତନୁ କୁମାର ଜେନା କହିଛନ୍ତି, ପ୍ରେମ ବିବାହକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୬ଜଣ ଆହତ ହୋଇଛନ୍ତି। ଉଭୟ ପକ୍ଷରୁ ଅଭିଯୋଗ ହୋଇଥିବା ବେଳେ ୨ଟି ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

## Business

# ବଜାରରେ ହୋଣ୍ଡାର ୨ ନୂଆ ଉତ୍ପାଦ





ଭୁବନେଶ୍ୱର,୮।୨(ଅନୁରାଧା ମହାରଣା)

ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ଦୁଇଟି ନୂଆ ଉତ୍ପାଦ ବଜାରରେ ଉପଲବ୍ଧ ହୋଇଛି। ଡିଓ ୧୨୫ ଏକ୍ସ-ଏଡିସନ୍‌ର ମୂଲ୍ୟ ୮୭,୭୩୩ ଟଙ୍କା ରହିଥିବାବେଳେ ଶାଇନ୍ ୧୨୫ ଲିମିଟେଡ୍ ଏଡିଶନ୍‌ର ମୂଲ୍ୟ ୮୬,୨୧୧ ଟଙ୍କା (ଦିଲ୍ଲୀ-ଏକ୍ସ ଶୋ'ରୁମ୍) ରହିଛି। ଉଭୟ ସ୍ୱତନ୍ତ୍ର ଏଡିଶନ୍‌ର ଗାଡ଼ି ଆକର୍ଷଣୀୟ ନୂଆ ଗ୍ରାଫିକ୍ସ ଓ ପ୍ରିମିୟମ ଡିଜାଇନ ଉନ୍ନତି ସହ ଆସିଛି। ଏଚଏମଏସଆଇର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ସୁଟସୁମୁ ଓଟାନି କହିଛନ୍ତି, ହୋଣ୍ଡାରେ ଆମେ ସର୍ବଦା ଏଭଳି ଉତ୍ପାଦ ଆଣିବାକୁ ଉଦ୍ୟମ କରୁଛୁ, ଯାହା ଭାରତର ନୂଆ ପିଢ଼ିର ଚାଳକଙ୍କ ଆକାଂକ୍ଷା ସହ ଖାପ ଖାଉଥିବ। ଏଚ୍‌ଏମ୍‌ଏସ୍‌ଆଇର ନିର୍ଦ୍ଦେଶକ (ସେଲସ୍ ଓ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ହୋଣ୍ଡାର ନିଜସ୍ୱ ଜେନ୍-ଜି ଡିଜାଇନ ଟିମ୍ ଦ୍ୱାରା ବିକାଶ କରାଯାଇଥିବା ଡିଓ ୧୨୫ ଏକ୍ସ-ଏଡିଶନ ଏକ ଶକ୍ତିଶାଳୀ ଓ ଯୁବସୁଲଭ ଶକ୍ତିକୁ ଆକାର ପ୍ରଦାନ କରିଛି, ଯାହାକୁ ଆଜିର ଯୁବ ଚାଳକଙ୍କ ବ୍ୟକ୍ତିତ୍ୱକୁ ପ୍ରତିଫଳିତ କରିବାକୁ ଗଠନ କରାଯାଇଛି।

## ଉଚ୍ଚସ୍ତରୀୟ ବ୍ୟାଙ୍କିଙ୍ଗ୍ କମିଟି ଗଠନ ହେବ

ନୂଆଦିଲ୍ଲୀ,୮।୨

ବିକଶିତ ଭାରତ ପାଇଁ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ ବ୍ୟାଙ୍କିଙ୍ଗ୍ କମିଟି ଗଠନ କରିବେ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ବିକଶିତ ଭାରତର ପାଣ୍ଠି ଯୋଗାଣ ଆବଶ୍ୟକତା ପୂରଣ ପାଇଁ ବୃହତ୍ ଋଣ ପ୍ରଦାନ ସାମର୍ଥ୍ୟ ସୃଷ୍ଟି ନିମନ୍ତେ ଉକ୍ତ କମିଟି ନୀଳନକ୍ସା ପ୍ରସ୍ତୁତ କରିବ। ବିକଶିତ ଭାରତକୁ ପାଣ୍ଠି ଯୋଗାଣ ପାଇଁ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ କିପରି କରିବାକୁ ହେବ, ସେ ନେଇ କମିଟି ସରକାରଙ୍କୁ ପରାମର୍ଶ ଦେବ। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ମିଶ୍ରଣ ପାଇଁ ପ୍ରସ୍ତାବ ଆସିପାରେ କି ବୋଲି ପ୍ରଶ୍ନ ହେବାରୁ ଅର୍ଥମନ୍ତ୍ରୀ କହିଥିଲେ, ଏହାକୁ ସେଭଳି ସୀମିତ କରିଦେବା ଉଚିତ ନୁହେଁ। ବିକଶିତ ଭାରତ ଲକ୍ଷ୍ୟରେ ପହଞ୍ଚିବାକୁ ହେଲେ ପ୍ରଚୁର ଅର୍ଥ ଆବଶ୍ୟକ। ସେଥିପାଇଁ ବ୍ୟାଙ୍କିଙ୍ଗ୍ ସେକ୍ଟରକୁ ବହୁତ ବଡ଼ କରିବାକୁ ପଡ଼ିବ, ଯାହା ସାଧାରଣ ଲୋକଙ୍କ ପାଖରେ ଉପଲବ୍ଧ ହେବା ଆବଶ୍ୟକ।

# ଓଡ଼ିଶାରେ ଏଆଇ ପାର୍କ ପାଇଁ ୨୦ ହଜାର କୋଟି ନିବେଶ ପ୍ରସ୍ତାବ

ଭୁବନେଶ୍ୱର,୮।୨(ଅନୁରାଧା ମହାରଣା)

ଓଡ଼ିଶା ଏକ ନୂତନ ଡିଜିଟାଲ ପରିବର୍ତ୍ତନ ଯୁଗର ଦ୍ୱାରଦେଶରେ ଠିଆ ହୋଇଛି। ରାଜ୍ୟରେ ପ୍ରଚୁର ଭୌତିକ ସାମର୍ଥ୍ୟ ରହିଆସିଛି। ଏହା ଖଣିଜ ପଦାର୍ଥରେ ସମୃଦ୍ଧ, ଶକ୍ତି ବଳକା ଏବଂ ଶିଳ୍ପ ବିକାଶରେ ଦୃଢ଼ ରହିଛି । ଏହି ରଣନୀତିକ ସୁବିଧାକୁ ଡିଜିଟାଲ ଇଣ୍ଟେଲିଜେନ୍ସରେ ପରିବର୍ତ୍ତନ ଲାଗି ପ୍ରୟାସ କରାଯାଉଛି। ଏକ ସାର୍ବଭୌମ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା ଏଆଇ କ୍ଷମତା ହବ ବିକାଶ ପାଇଁ ଓଡ଼ିଶା ସର୍ବମ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହା ଓଡ଼ିଶାକୁ ଭାରତର ଅଗ୍ରଣୀ ଏଆଇ କ୍ଷମତା ପ୍ରଦାନକାରୀ ଭାବରେ ଉଭା କରିଛି। ରାଜ୍ୟରେ ଏଆଇ ପାର୍କ ବିକାଶ ପାଇଁ ୨୦ ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ ରହିଛି । ସର୍ବମ ଏଆଇ ଓଡ଼ିଶା ସରକାରଙ୍କ ସହାୟତାରେ ୨୫ ହଜାର ଜିପିୟୁ ହୋଷ୍ଟ କରିବାକୁ ସକ୍ଷମ ଏକ ୫୦ ମେଗାୱାଟ ଏଆଇ ଅପ୍ଟିମାଇଜ୍ଡ ସୁବିଧା ବିକଶିତ କରିବାକୁ ଯୋଜନା କରିଛି। ଏହି ଭିତ୍ତିଭୂମିକୁ ଦ୍ୱୈତ ଉଦ୍ଦେଶ୍ୟ ନେଇ ଡିଜାଇନ କରାଯିବ। ପ୍ରଥମତଃ, ଏହା ରାଜ୍ୟର ଏଆଇ ସାର୍ବଜନୀନ ଉପଯୋଗିତା ଭାବରେ କାର୍ଯ୍ୟ କରିବ। ଏହା ଇ-ଗଭର୍ନାନ୍ସ, ସାଟେଲାଇଟ ଏବଂ ପାଣିପାଗ ତଥ୍ୟ ବ୍ୟବହାର କରି କୃଷି ପରାମର୍ଶ, ସ୍ୱାସ୍ଥ୍ୟସେବା ଟ୍ରାଇଏଜ ଏବଂ ନାଗରିକ ସହାୟତା ତଥା ବହୁଭାଷୀ ନାଗରିକ ସେବା ଇଣ୍ଟରଫେସ୍‌କୁ ସମର୍ଥନ କରିବ। ଫଳରେ ଜନସଂଖ୍ୟା ସ୍ତରରେ ଅଧିକ ସୁଲଭ ଏବଂ ପ୍ରତିକ୍ରିୟାଶୀଳ ଜନସେବାକୁ ସକ୍ଷମ କରାଯାଇପାରିବ। ଏହା ଓଡ଼ିଶାକୁ ଭାରତର କମ୍ପ୍ୟୁଟ ମେରୁଦଣ୍ଡ ଭାବରେ ସ୍ଥାନିତ କରିବ। ଯଦି ସାର୍ବଭୌମ କ୍ଷମତା ବ୍ୟାପକ ଭାବେ ନିର୍ମାଣ କରା ନ ଯାଏ, ତେବେ ଭାରତର ଏଆଇ ଅଭିବୃଦ୍ଧି କମ୍ପ୍ୟୁଟ-ସୀମିତ ହେବ। ତେଣୁ ଏହି ହବ କେବଳ ଓଡ଼ିଶାକୁ ସେବା କରିବ ନାହିଁ ବରଂ ଅନ୍ୟ ରାଜ୍ୟ ଏବଂ ଜାତୀୟ ପ୍ଲାଟଫର୍ମଗୁଡ଼ିକୁ ନିର୍ଭରଯୋଗ୍ୟ, ଉତ୍ପାଦନ-ଗ୍ରେଡ ଏଆଇ କ୍ଷମତା ପ୍ରଦାନ କରି ଏକ ଦେଶବ୍ୟାପୀ କମ୍ପ୍ୟୁଟ ଗ୍ରୀଡ ପ୍ରଦାନ କରିବ।

# ୯ ମାସର ଆର୍ଥିକ ଫଳାଫଳ ଘୋଷଣାକଲା ଏଲ୍‌ଆଇସି

ଭୁବନେଶ୍ୱର,୮।୨(ଅନୁରାଧା ମହାରଣା)

ଭାରତୀୟ ଜୀବନ ବିମା ନିଗମ (ଏଲଆଇସି) ୨୦୨୫ ଡିସେମ୍ବର ୩୧ରେ ସମାପ୍ତ ୯ ମାସର ଆର୍ଥିକ ଫଳାଫଳରେ ଉତ୍ସାହଜନକ ପ୍ରଦର୍ଶନ ଦର୍ଶାଇଛି। ଏହି ଅବଧିରେ ଟିକସ ପରେ ଲାଭ ୧୬.୬୮% ବୃଦ୍ଧି ପାଇ ୩୩,୯୯୮ କୋଟି ଟଙ୍କାରେ ପହଞ୍ଚିଛି। ସମଗ୍ର ପ୍ରିମିୟମ ଆୟ ୯.୦୨ ପ୍ରତିଶତ ବଢ଼ି ୩,୭୧,୨୯୩ କୋଟି ଟଙ୍କା ହୋଇଛି। ବ୍ୟକ୍ତିଗତ ବ୍ୟବସାୟରେ ନନ-ପାର୍ ଏପିଇ ୪୭.୪୪% ବୃଦ୍ଧି ପାଇ ୧୦,୦୪୫ କୋଟି ଟଙ୍କାରେ ପହଞ୍ଚିଛି, ଯାହା ବ୍ୟକ୍ତିଗତ ବ୍ୟବସାୟରେ ଏହାର ଅଂଶକୁ ୩୬.୪୬ ପ୍ରତିଶତକୁ ବଢ଼ାଇଛି। ସମଗ୍ର ଏପିଇ ୧୫.୮୮ ପ୍ରତିଶତ ବୃଦ୍ଧି ପାଇ ୪୪,୦୦୭ କୋଟି ଟଙ୍କା ହୋଇଛି। ନୂଆ ବ୍ୟବସାୟର ମୂଲ୍ୟ (ଭିଏନ୍‌ବି) ୨୭.୯୬% ବଢ଼ି ୮,୨୮୮ କୋଟି ଟଙ୍କା ହୋଇଛି ଏବଂ ନେଟ ଭିଏନବି ମାର୍ଜିନ ୧୭୦ ବେସିସ ପଏଣ୍ଟ ବୃଦ୍ଧି ପାଇ ୧୮.୮%ରେ ପହଞ୍ଚିଛି। ଆସେଟ୍ସ ଅଣ୍ଡର୍ ମ୍ୟାନେଜମେଣ୍ଟ ୮.୦୧ ପ୍ରତିଶତ ବଢ଼ି ୫୯,୧୬,୬୮୦ କୋଟି ଟଙ୍କା ହୋଇଛି। ସଲଭେନ୍ସି ଅନୁପାତ ୨.୦୨ରୁ ବଢ଼ି ୨.୧୯ ହୋଇଛି ଏବଂ ଖର୍ଚ୍ଚ ଅନୁପାତ ୧୩୨ ବେସିସ ପଏଣ୍ଟ ହ୍ରାସ ପାଇ ୧୧.୬୫%ରେ ପହଞ୍ଚିଛି। ପ୍ରଥମ ବର୍ଷ ପ୍ରିମିୟମ ଆଧାରରେ ଏଲ୍‌ଆଇସିର ବଜାର ଅଂଶ ୫୭.୦୭% ରହିଛି। ଏଲ୍‌ଆଇସିର ସିଇଓ ଆର୍. ଡୋରାଇସ୍ୱାମୀ କହିଛନ୍ତି ଯେ ନନ-ପାର୍ ଅଂଶ ଓ ଭିଏନବି ମାର୍ଜିନରେ ଉନ୍ନତି ସହ ବିମା ସଖୀ ଯୋଜନା ଅଧୀନରେ ୨.୯୭ ଲକ୍ଷରୁ ଅଧିକ ମହିଳା ଏଜେଣ୍ଟ ନିଯୁକ୍ତ ହୋଇଛନ୍ତି ଏବଂ କମ୍ପାନୀ ୨୦୪୭ ସୁଦ୍ଧା 'ସମସ୍ତଙ୍କ ପାଇଁ ବୀମା' ଲକ୍ଷ୍ୟ ଆଡ଼କୁ ଅଗ୍ରସର ହୋଇଛି।

# ସମ୍ପୂର୍ଣ୍ଣ ହୋଇଛି ୧୭୨ ଅମୃତ ଭାରତ ଷ୍ଟେଶନ କାର୍ଯ୍ୟ

**ଅଶ୍ୱିନୀ ବୈଷ୍ଣବଙ୍କ ସୂଚନା**

ଭୁବନେଶ୍ୱର,୮।୨ (ଅନୁରାଧା ମହାରଣା)

ଦେଶରେ ଷ୍ଟେଶନଗୁଡ଼ିକର ପୁନର୍ବିକାଶ ପାଇଁ ରେଳ ମନ୍ତ୍ରଣାଳୟ ଅମୃତ ଭାରତ ଷ୍ଟେଶନ ଯୋଜନା ଆରମ୍ଭ କରିଛି। ଏହି ଯୋଜନା ଅଧୀନରେ ଦେଶରେ ୧୭୨ଟି ଅମୃତ ଭାରତ ଷ୍ଟେଶନର କାର୍ଯ୍ୟ ସମାପ୍ତ ହୋଇଥିବା କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ଯୋଜନା ଅନୁସାରେ, ଷ୍ଟେଶନ ଏବଂ ଆଖପାଖ ଅଞ୍ଚଳର ଉନ୍ନତି ସହରର ଉଭୟ ପାର୍ଶ୍ୱ ସହିତ ଷ୍ଟେଶନର ସଂଯୋଗୀକରଣ ଷ୍ଟେଶନ ଭବନର ଉନ୍ନତୀକରଣ କରାଯାଉଛି। ପ୍ରତୀକ୍ଷା କକ୍ଷ, ଶୌଚାଳୟ, ବସିବା



ଅଶ୍ୱିନୀ ବୈଷ୍ଣବ।

ବ୍ୟବସ୍ଥା, ଜଳ ବୁଥଗୁଡ଼ିକର ଉନ୍ନତି କରାଯାଉଛି। ଯାତ୍ରୀ ଯାତାୟାତ ଅନୁକୂଳ ପ୍ରଶସ୍ତ ଫୁଟ ଓଭର ବ୍ରିଜ, ଏୟାର କନକୋର୍ସ ବ୍ୟବସ୍ଥା, ଲିଫ୍ଟ, ଏସ୍କାଲେଟର, ରାମ୍ପର ବ୍ୟବସ୍ଥା ପ୍ଲାଟଫର୍ମ ଚଟାଣ ଏବଂ ପ୍ଲାଟଫର୍ମ ଛାତର ଉନ୍ନତି ବ୍ୟବସ୍ଥା କରାଯାଉଛି। ସେହିପରି 'ୱାନ ଷ୍ଟେଶନ ୱାନ ପ୍ରଡକ୍ଟ' ଭଳି ଯୋଜନା ମାଧ୍ୟମରେ ସ୍ଥାନୀୟ ଉତ୍ପାଦ ପାଇଁ କିଓସ୍କ ବ୍ୟବସ୍ଥା, ପାର୍କିଂ କ୍ଷେତ୍ର, ବହୁମୁଖୀ ସଂଯୋଗୀକରଣ ଦିବ୍ୟାଙ୍ଗଜନଙ୍କ ପାଇଁ ସୁବିଧା, ଉନ୍ନତ ଯାତ୍ରୀ ସୂଚନା ବ୍ୟବସ୍ଥା, ପ୍ରତ୍ୟେକ ଷ୍ଟେଶନର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅତ୍ୟାଧୁନିକ ଲାଉଞ୍ଜ, ବ୍ୟବସାୟିକ ବୈଠକ ପାଇଁ ମନୋନୀତ ସ୍ଥାନ, ଲ୍ୟାଣ୍ଡସ୍କେପିଙ୍ଗ ଇତ୍ୟାଦି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଯୋଜନାରେ ସ୍ଥାୟୀ ଏବଂ ପରିବେଶ ଅନୁକୂଳ, ଆବଶ୍ୟକତା ଅନୁଯାୟୀ ବାଲାଷ୍ଟଲେସ ଟ୍ରାକ ଇତ୍ୟାଦି ବ୍ୟବସ୍ଥା, ପର୍ଯ୍ୟାୟ ଏବଂ ସମ୍ଭାବ୍ୟତା ଏବଂ ଦୀର୍ଘକାଳୀନ ଷ୍ଟେଶନରେ ସିଟି ସେଣ୍ଟର ସୃଷ୍ଟି କରିବାର ପରିକଳ୍ପନା କରାଯାଇଛି। ଏହି ଯୋଜନା ଅଧୀନରେ ବିକାଶ ପାଇଁ ଏ ପର୍ଯ୍ୟନ୍ତ ୧୩୩୭ଟି ଷ୍ଟେଶନ ଚିହ୍ନଟ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୭୨ଟି ଷ୍ଟେଶନର କାର୍ଯ୍ୟ ଶେଷ ହୋଇଛି।

ରେଳ ଷ୍ଟେଶନରେ ମାଗଣା ଷ୍ଟଲ ଆବଣ୍ଟନ ପାଇଁ ବର୍ତ୍ତମାନର ନୀତିରେ କୌଣସି ବ୍ୟବସ୍ଥା ନାହିଁ।

# ଟାଟା ଷ୍ଟିଲ୍‌କୁ ୨୭୩୦ କୋଟିର ନେଟ୍ ଲାଭ

ଭୁବନେଶ୍ୱର,୮।୨ (ଅନୁରାଧା ମହାରଣା)

ଟାଟା ଷ୍ଟିଲ ପକ୍ଷରୁ ୨୦୨୬-୨୭ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ୨୭୩୦ କୋଟି ଟଙ୍କାର ନେଟ୍ ଲାଭ ହାସଲ କରାଯାଇଛି। ଏହା ଗତବର୍ଷ ତୁଳନାରେ ୮୨୫% ବୃଦ୍ଧି ପାଇଛି। ୨୦୨୫ ଅକ୍ଟୋବରରୁ ଡିସେମ୍ବର ତିନି ମାସରେ କମ୍ପାନୀର ଆୟ ୫୭,୦୦୨ କୋଟି ଟଙ୍କା ଏବଂ ଏବିଡଟା ୮୩୦୯ କୋଟି ଟଙ୍କା ହୋଇଛି। ଏବିଡଟା ଗତ ବର୍ଷ ତୁଳନାରେ ୩୯% ବୃଦ୍ଧି ପାଇଛି। ଭାରତରେ କମ୍ପାନୀର ଆୟ ୩୫,୭୨୫ କୋଟି ଟଙ୍କା ଓ ଏବିଡଟା ୮୨୯୨ କୋଟି ଟଙ୍କା ହୋଇଛି, ଯାହା ୨୩% ମାର୍ଜିନ ସୃଷ୍ଟି କରିଛି। ଅଶୋଧିତ ଇସ୍ପାତ ଉତ୍ପାଦନ ଗତ ବର୍ଷ ତୁଳନାରେ ୧୨% ବଢ଼ି ୬.୩୪ ନିୟୁତ ଟନ୍ ହୋଇଛି । ନେଦରଲାଣ୍ଡସରେ କମ୍ପାନୀର ଆୟ ୧୩୫୪ ନିୟୁତ ୟୁରୋ ଓ ଏବିଡଟା ୫୫ ନିୟୁତ ୟୁରୋ ହୋଇଛି। ତରଳ ଇସ୍ପାତ ଉତ୍ପାଦନ ୧.୬୮ ନିୟୁତ ଟନ୍ ଓ ଯୋଗାଣ ୧.୪୦ ନିୟୁତ ଟନ୍ ହୋଇଛି। ବ୍ରିଟେନରେ କମ୍ପାନୀର ଆୟ ୪୬୮ ନିୟୁତ ପାଉଣ୍ଡ ଓ ଡେଲିଭରି ୦.୫୨ ନିୟୁତ ଟନ୍ ରହିଛି। କମ୍ପାନୀ ଏହି ତିନି ମାସରେ ପୁଞ୍ଜି ବ୍ୟୟ ୩୨୯୧ କୋଟି ଟଙ୍କା ଏବଂ ୯ ମାସରେ ୧୦,୩୭୦ କୋଟି ଟଙ୍କା ରହିଛି । ନିଟ୍ ଋଣ ତ୍ରୟମାସିକ ଭିତ୍ତିରେ ୫୨୦୬ କୋଟି ଟଙ୍କା ହ୍ରାସ ପାଇଁ ୮୧,୮୩୪ କୋଟି ଟଙ୍କା ହୋଇଛି। ଟାଟା ଷ୍ଟିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପରିଚାଳନା ନିର୍ଦ୍ଦେଶକ ଟି. ଭି. ନରେନ୍ଦ୍ରନ କହିଛନ୍ତି , 'ଆମର ବିଶ୍ୱ ପରିଚାଳନା ପରିବେଶ ଟାରିଫ୍, ଭୂ-ରାଜନୈତିକ ପରିବର୍ତ୍ତନ ଏବଂ ନୀତି ପାର୍ଥକ୍ୟ ଯୋଗୁ ପ୍ରଭାବିତ ହେଉଛି। ଟାଟା ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ମୁଖ୍ୟ ଆର୍ଥିକ ଅଧିକାରୀ କୌଶିକ ଚଟ୍ଟୋପାଧ୍ୟାୟ କହିଛନ୍ତି, ଏକ ଆହ୍ୱାନପୂର୍ଣ୍ଣ ପରିଚାଳନା ପରିବେଶ ସତ୍ତ୍ୱେ ଟାଟା ଷ୍ଟିଲ ସ୍ଥିର ପ୍ରଦର୍ଶନ ଦେଇଛି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓପନ ଚେସ୍: ସଞ୍ଜୀବନ ଚାମ୍ପିୟନ

**ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ୯ମ ରାଧା ରମଣ ପାଣିଗ୍ରାହୀ ସ୍ମାରକୀ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ବଡଗଡସ୍ଥିତ ଓଁ ଗୁରୁକୁଳ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସଞ୍ଜୀବନ ନାୟକ ୪.୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ବିଶ୍ୱନାଥ ମହାପାତ୍ର, ସ୍ୱପ୍ନିଲ ପ୍ରିୟଦର୍ଶୀ ଓ ରଶ୍ମିତା ପାତ୍ର ୪ ପଏଣ୍ଟ ଲେଖାଏ ପାଇ ପଛକୁପଛ ରହିଛନ୍ତି। ମୁଖ୍ୟ ପୁରସ୍କାର ବ୍ୟତୀତ ବିଭିନ୍ନ ବୟସ ଓ ବାଳିକା ବର୍ଗରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏଜ୍ ଗ୍ରୁପ୍ ଏବଂ ୩ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବାବେଳେ ବିଶ୍ୱନାଥ ଗୋପାଳ ପ୍ରସାଦ ଓ ସ୍କୁଲ ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ରାଜ୍ୟ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ ବେହୁରା, ସ୍ୱର୍ଗତ ରାଧାରମଣଙ୍କ ବୋହୂ ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ନାତୁଣୀ ଶୁଭଶ୍ରୀ ପାଣିଗ୍ରାହୀ ଓ ଶୁଭସ୍ମିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।




ପୁରସ୍କାର ସହ ଚାମ୍ପିୟନ ସଞ୍ଜୀବନ ନାୟକ।

# ରାଜ୍ୟ ପାରା ଆଥଲେଟିକ୍ସ ଉଦ୍‌ଯାପିତ




ଚାମ୍ପିୟନ ପୁରୀ ଦଳର ପାରା ଆଥଲେଟମାନେ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ରାଜ୍ୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଛି। ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୪୦୦ରୁ ଊର୍ଦ୍ଧ୍ୱ ପାରା ଆଥଲେଟ୍ ଅଂଶଗ୍ରହଣ କରିଥିଲେ। ଶେଷରେ ୧୭ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ ବ୍ରୋଞ୍ଜ ପଦକ ସହ ପୁରୀ ଚାମ୍ପିୟନ ଏବଂ ୧୧ ସ୍ୱର୍ଣ୍ଣ, ୧୩ ରୌପ୍ୟ ଓ ୭ ବ୍ରୋଞ୍ଜ ପଦକ ହାସଲ କରି ଖୋର୍ଦ୍ଧା ଜିଲା ରନରଅପ୍ ହୋଇଛି। ରାଜ୍ୟ କ୍ରୀଡ଼ା ବିଭାଗର ଉପ ସଚିବ ଅମିତ କୁମାର ନାୟକ ମୁଖ୍ୟ ଅତିଥି ଏବଂ ରୋଟାରି ସଭାପତି ମନୋଜ କୁମାର ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ପାରା ସ୍ପୋର୍ଟ୍ସ ଆସୋସିଏଶନ ସଭାପତି କମଳାକାନ୍ତ ରଥ, ସମ୍ପାଦକ ସୁନୀଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

**ନଗେଶ ଟ୍ରଫି ଜାତୀୟ ଦୃଷ୍ଟିବାଧିତ କ୍ରିକେଟ**

# ସୁପର-୮ ପାଇଁ ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)**

ନଗେଶ ଟ୍ରଫି ଜାତୀୟ ଦୃଷ୍ଟିବାଧିତ ପୁରୁଷ କ୍ରିକେଟ ପ୍ରତିଯୋଗିତାର ସୁପର-୮ ପର୍ଯ୍ୟନ୍ତ ଚଳିତ ମାସ ୯ରୁ ୧୩ ପର୍ଯ୍ୟନ୍ତ ଦିଲ୍ଲୀରେ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଦଳର ୧୬ ଦିନିଆ ପ୍ରଶିକ୍ଷଣ ଏବଂ ପ୍ରସ୍ତୁତି ଶିବିର ହାଇ-ଟେକ୍ ମେଡିକାଲ କଲେଜ ଗ୍ରାଉଣ୍ଡରେ ହେବାପରେ ରବିବାର ଦଳ ଘୋଷଣା କରାଯାଇଛି। ଦିଲ୍ଲୀରେ ପହଞ୍ଚି ଯାଇଥିବା ଓଡ଼ିଶା ଦଳ ଏହାର ପ୍ରଥମ ସୁପର-୮ ମ୍ୟାଚ ସୋମବାର ଉତ୍ତରାଖଣ୍ଡ ବିପକ୍ଷରେ ଖେଳିବ। **ଓଡ଼ିଶା ଦଳ:** ଲିଙ୍ଗରାଜ ରାଉତରା (ଅଧିନାୟକ), କାଳିଆ ପ୍ରଧାନ, ଦେବରାଜ ବେହେରା, ଅନିଲ କୁମାର ମଲିକ, ରଞ୍ଜନ କୁମାର ହାଁସଦା, ବାଦଲ ଦୀପ୍, ପଙ୍କଜ ଭୁଏ, ଲାଲପ୍ରସାଦ ସୋରେନ, ଅଞ୍ଜନ ସିଂ, ରାମଦାସ ଟୁଡୁ, ସୁକଦେବ ସୋରେନ, ସୁଖରାମ ମାଝି, ଧନପତି ଗୌଡ଼ା। କୋଚ୍: ଚନ୍ଦ୍ରଶେଖର ପଟ୍ଟନାୟକ, ମ୍ୟାନେଜର: ମହମ୍ମଦ ଜାଫର ଇକ୍‌ବାଲ।

# ସର୍ଭିସେସ୍‌କୁ ୮ମ ସନ୍ତୋଷ ଟ୍ରଫି ଟାଇଟଲ

**ଧାକୁଖାନା(ଆସାମ),୮।୨(ପି.ଟି.)**

ଜାତୀୟ ଫୁଟବଲ ଚାମ୍ପିୟନଶିପ୍ ସନ୍ତୋଷ ଟ୍ରଫିର ୭୯ତମ ସଂସ୍କରଣରେ ସର୍ଭିସେସ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ସର୍ଭିସେସ ୧-୦ ଗୋଲରେ କେରଳକୁ ପରାସ୍ତ କରି ଏହି ସଫଳତା ପାଇଛି। ଏହା ସର୍ଭିସେସର ଅଷ୍ଟମ ସନ୍ତୋଷ ଟ୍ରଫି ଟାଇଟଲ। ମ୍ୟାଚ୍‌ଟି ୯୦ ମିନିଟ୍ ପର୍ଯ୍ୟନ୍ତ ଗୋଲ ଶୂନ୍ୟ ରହିଥିଲା। ଅତିରିକ୍ତ ସମୟର ଦ୍ୱିତୀୟାର୍ଦ୍ଧରେ ଅଭିଷେକ ପାୱାର (୧୦୯ତମ ମିନିଟ୍) ଗୋଲ ଦେଇଥିଲେ। ସର୍ଭିସେସ ଅନ୍ତିମ ଥର ୨୦୨୩-୨୪ ସିଜନରେ ଚାମ୍ପିୟନ ହୋଇଥିଲା। ସେହିଭଳି ଅନ୍ତିମ ଥର ୨୦୧୨-୧୩ ସଂସ୍କରଣ ଫାଇନାଲରେ ସର୍ଭିସେସ ଓ କେରଳ ପରସ୍ପରକୁ ଭେଟିଥିଲେ। ସେଥର ସର୍ଭିସେସ ପେନାଲ୍ଟି ଶୁଟ୍‌ଆଉଟ(୪-୩)ରେ ବିଜୟୀ ହୋଇଥିଲା। ଅନ୍ୟପକ୍ଷରେ ୭ ଥର ଚାମ୍ପିୟନ କେରଳ ଲଗାତର ଦ୍ୱିତୀୟ ଥର ପାଇଁ ଫାଇନାଲରେ ପରାସ୍ତ ହୋଇଛି। ଗତ ସିଜନର ଫାଇନାଲରେ କେରଳ ପେନାଲ୍ଟି ଶୁଟଆଉଟ୍‌ରେ ପଶ୍ଚିମ ବଙ୍ଗଠାରୁ ପରାଜିତ ହୋଇଥିଲା।

# ତମାଣ୍ଡୋ ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବରୁ ଖେଳାଳିଙ୍କ ଗହଣରେ ବାଚସ୍ପତି ସୁରମା ପାଢ଼ୀ ଓ ଅନ୍ୟ ଅତିଥିବୃନ୍ଦ।

**ଯାଁଳା, ୮।୨(ବୁଲା ବାରିକ)**

ରାଜଧାନୀ ଉପକଣ୍ଠ ତମାଣ୍ଡୋ ଖେଳପଡ଼ିଆରେ ରବିବାର ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଆଦିତ୍ୟ ଏକ୍ସଆଇ ଏବଂ ଏମ୍‌ଏମ୍‌ସିସି ସମ୍ବଲପୁର ମଧ୍ୟରେ ହୋଇଥିଲା। ଟସ୍ ଜିତି ଆଦିତ୍ୟ ଏକ୍ସଆଇ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏମ୍‌ଏମ୍‌ସିସି ସମ୍ବଲପୁର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ବିନିମୟରେ ୨୩୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସରୋଜ ପଣ୍ଡା ୧୨୦ ଏବଂ ବିବେକ କୁମାର ୭୪ ରନ କରିଥିଲେ। ଜବାବରେ ଆଦିତ୍ୟ ଏକ୍ସଆଇ ୧୬.୫ ଓଭରରେ ୩ ଉଇକେଟ ବିନିମୟରେ ୨୪୧ ରନ ସଂଗ୍ରହ କରି ବିଜୟୀ ହୋଇଛି। ଦଳ ପକ୍ଷରୁ ମରୋଜୁ ପ୍ରଶାନ୍ତ ୧୨୬ରନ କରିଥିଲେ। ବିଶ୍ୱଜିତ ଅଧିକାରୀ ଏବଂ ଅବଦୁଲ ରହିମ ଖାନ୍ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ମରୋଜୁ ପ୍ରଶାନ୍ତଙ୍କୁ ତମାଣ୍ଡୋ କ୍ରିକେଟ କ୍ଲବ ସଭାପତି ଆଶିଷ କୁମାର ପଟ୍ଟନାୟକ ପୁରସ୍କୃତ କରିଥିଲେ।

ଏହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ସମ୍ମାନିତ ଅତିଥି ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଜଟଣୀର ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଭାଜପା ନେତା ବିଶ୍ୱ ରଞ୍ଜନ ବଡ଼ଜେନା, କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

# ମୟୂରଭଞ୍ଜ ଅବକାରୀ ଜିଲା ଚାମ୍ପିୟନ




ଉଦ୍‌ଯାପନୀ ସମାରୋହରେ ଯୋଗଦେଇଥିବା ଅତିଥିବୃନ୍ଦ।

## ରାଜ୍ୟ ଅବକାରୀ କ୍ରୀଡ଼ା ସମାରୋହ ଉଦ୍‌ଯାପିତ

**କଟକ,୮।୨(କାର୍ତ୍ତିକ ସାହୁ)**

କଟକସ୍ଥିତ ସତ୍ୟବ୍ରତ ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ଅବକାରୀ ବିଭାଗର ୫୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାରେ କାର୍ଯ୍ୟରତ ଅବକାରୀ ସିପାହି ଦିଲୀପ କୁମାର ସାମନ୍ତ ୧୦ ପଏଣ୍ଟ ପାଇ ପୁରୁଷ ବର୍ଗରେ ବ୍ୟକ୍ତିଗତ ଭାବେ ପ୍ରଥମ ସ୍ଥାନ ଏବଂ ଅବକାରୀ ଗୋଇନ୍ଦା ସଂସ୍ଥାରେ କାର୍ଯ୍ୟରତ ଅବକାରୀ ସିପାହି ରୋଜାଲିନ ବେହେରା ୧୦ ପଏଣ୍ଟ ପାଇ ମହିଳା ବର୍ଗରେ ବ୍ୟକ୍ତିଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମୟୂରଭଞ୍ଜ ଅବକାରୀ ଜିଲା ୩୧ ପଏଣ୍ଟ ପାଇ ରାଜ୍ୟସ୍ତରୀୟ ଚାମ୍ପିୟନ ହୋଇଥିବାବେଳେ ନବରଙ୍ଗପୁର ଅବକାରୀ ଜିଲା ୨୦ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛି।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଏସ୍‌ବିସିଏଲର ପରିଚାଳନା ନିର୍ଦ୍ଦେଶକ ଦେବେନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅବକାରୀ ଆୟୁକ୍ତ ପି. ଅନ୍ୱେଷା ରେଡ୍ଡୀ, ଅବକାରୀ ବିଭାଗର ଅତିରିକ୍ତ ଶାସନ ସଚିବ ଅର୍ଚ୍ଚନା ଦାସ ପଟ୍ଟନାୟକ ଏବଂ ଭାରତୀୟ କନିଷ୍ଠ ମହିଳା ଫୁଟବଲ ଦଳର କୋଚ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଉତ୍ସବରେ ଅବକାରୀ ବିଭାଗ, ଅବକାରୀ ନିର୍ଦ୍ଦେଶାଳୟ ଏବଂ ଓଏସ୍‌ବିସିର ଅଧିକାରୀ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଓଡ଼ିଶାର ସମସ୍ତ ୩୩ଟି ଅବକାରୀ ଜିଲା ଓ ୪ଟି ଇଆଇ ଆଣ୍ଡ୍ ଇବି ୟୁନିଟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ମୋଟ ୮୦୯ ଜଣ ପୁରୁଷ ପ୍ରତିଯୋଗୀ ୧୬ଟି ବିଭାଗରେ ଏବଂ ୧୮୧ ଜଣ ମହିଳା ପ୍ରତିଯୋଗୀ ୧୧ଟି ବିଭାଗରେ ଭାଗନେଇଥିଲେ। ପ୍ରତିଯୋଗିତାଗୁଡ଼ିକ ମଧ୍ୟରେ ମୁଖ୍ୟତଃ ୧୦୦ ମି ଦୌଡ଼, ୨୦୦ ମି. ଦୌଡ଼, ୪୦୦ ମି ଦୌଡ଼, ୮୦୦ ମି. ଦୌଡ଼, ୧୫୦୦ ମି. ଦୌଡ଼, ୩୦୦୦ ମି. ଦୌଡ଼, ଲମ୍ବଡିଆଁ, ଉଚ୍ଚଡିଆଁ, ଟ୍ରିପଲ ଜମ୍ପ, ଶଟ୍‌ପୁଟ୍ ଥ୍ରୋ, ଡିସ୍କସ୍ ଥ୍ରୋ, ଜାଭେଲିନ ଥ୍ରୋ, ଭଲିବଲ, ବ୍ୟାଡ୍‌ମିଣ୍ଟନ ଆଦି ଅନୁଷ୍ଠିତ ହୋଇଥିଲା।

# ସରିତାଙ୍କ ଶତକ, ଓଡ଼ିଶାର ଦ୍ୱିତୀୟ ବିଜୟ

**କଟକ,୮।୨ (କୁମାରଶ୍ରୀ):** ସିନିୟର ମହିଳା ଏକଦିବସୀୟ ଟ୍ରଫିରେ ଓଡ଼ିଶା ବିଜୟ ଧାରା ଜାରି ଅବ୍ୟାହତ ରଖିଛି। ରାଜକୋଟର ନିରଞ୍ଜନ ସାହ ଷ୍ଟାଡିୟମରେ ରବିବାର ଖେଳାଯାଇଥିବା ଦ୍ୱିତୀୟ ଲିଗ୍‌ରେ ଓଡ଼ିଶା ୧୦୬ରନରେ ଆସାମକୁ ପରାସ୍ତ କରିଛି। ଲଗାତର ଦ୍ୱିତୀୟ ବିଜୟ ସହ ୮ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଏଲିଟ ଗ୍ରୁପ-ଏ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ୧୦ ତାରିଖରେ ଉତ୍ତରପ୍ରଦେଶ ବିପକ୍ଷରେ ଦଳ ୩ୟ ଲିଗ୍ ମ୍ୟାଚ୍ ଖେଳିବ। ଆସାମ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ସରିତା ମେହେରଙ୍କ ଶତକୀୟ(୧୨୭ବଲରୁ ୧୦୦ରନ) ପାଳି ଏବଂ ଅଧିନାୟିକା ସୁଶ୍ରୀଙ୍କ ଅପରାଜିତ ୮୫ରନ ସହାୟତାରେ ଓଡ଼ିଶା ୪ ଉଇକେଟ ହରାଇ ୨୭୮ରନ ସଂଗ୍ରହ କରିଥିଲା। ଜବାବରେ ଆସାମର ପାଳି ୧୭୨ରନରେ ସୀମିତ ରହିଥିଲା। ଗାୟତ୍ରୀ ଗୁରୁଙ୍ଗ ସର୍ବାଧିକ ୪୨ରନ କରିଥିଲେ। ଓଡ଼ିଶା ପକ୍ଷରୁ ଶୁଭ୍ର ନିର୍ଝରିଣୀ ସ୍ୱାଇଁ ୩ଟି ଉଇକେଟ ଅକ୍ତିଆର କରିଥିବା ବେଳେ ରୀମାଲକ୍ଷ୍ମୀ ଏକ୍କା ଏବଂ ତରଣା ପ୍ରଧାନଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। ଶତକୀୟ ପାଳି ଖେଳିଥିବା ସରିତାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

# ଟିମ୍ ଅଫ୍ ଦି ଟୁର୍ନାମେଣ୍ଟରେ ବୈଭବ ସୂର୍ଯ୍ୟବଂଶୀ

**ଦୁବାଇ, ୮।୨ (ପି.ଟି.):** ଆଇସିସି ୧୬ ବର୍ଷରୁ କମ୍ ବିଶ୍ୱକପ୍ ଉଦ୍‌ଯାପିତ ହେବା ପରେ ଟିମ୍ ଅଫ୍ ଦି ଟୁର୍ନାମେଣ୍ଟ ମନୋନୀତ କରାଯାଇଛି। ଏଥିରେ ସ୍ଥାନ ପାଇଥିବା ୩ଜଣ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଅଛନ୍ତି ବ୍ୟାଟିଂ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀ। ୧୪ ବର୍ଷୀୟ ସୂର୍ଯ୍ୟବଂଶୀ ଇଂଲଣ୍ଡ ବିପକ୍ଷ ଫାଇନାଲରେ ୮୦ ବଲରୁ ୧୭୫ ରନ ସ୍କୋର କରିଥିଲେ। ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ୧୨ ଜଣିଆ ଦଳରେ ସେ କନିଷ୍କ ଚୌହାନ ଓ ହେନିଲ ପଟେଲଙ୍କ ସହ ଯୋଗ ଦେଇଛନ୍ତି। ଭାରତ ରେକର୍ଡ ୬ଷ୍ଠ ଥର ପାଇଁ ଟାଇଟଲ ବିଜେତା ହୋଇଥିଲା। **୧୯ ବର୍ଷରୁ କମ୍ ପୁରୁଷ ବିଶ୍ୱକପ୍ ଟିମ୍ ଅଫ୍ ଦି ଟୁର୍ନାମେଣ୍ଟ:** ବୈଭବ ସୂର୍ଯ୍ୟବଂଶୀ (ଭାରତ) ଭିରାନ ଚାମୁଣ୍ଡିଥା (ଶ୍ରୀଲଙ୍କା), ଫୈଜଲ ଖାନ୍ ଶିନୋଜାଦା (ଆଫଗାନିସ୍ତାନ), ଥୋମାସ ରିଉ [ଉଇକେଟକିପର, ଅଧିନାୟକ] (ଇଂଲଣ୍ଡ), ଅଲିଭର ପିକ୍ (ଅଷ୍ଟ୍ରେଲିଆ), ବେନ୍ ମାୟେସ (ଇଂଲଣ୍ଡ), କନିଷ୍କ ଚୌହାନ (ଭାରତ), ନୁରିସ୍ତାନୀ ଓମାରଜାଇ (ଆଫଗାନିସ୍ତାନ), ଭିଟେଲ ଲାୱିସ (ୱେଷ୍ଟଇଣ୍ଡିଜ), ଅଲି ରାଜା (ପାକିସ୍ତାନ), ମାନି ଲୁମ୍ସଡେନ୍ (ଇଂଲଣ୍ଡ), ହେନିଲ ପଟେଲ (ଭାରତ)।

# ଜାତୀୟ ମାଉଣ୍ଟେନ୍ ସାଇକ୍ଲିଂରେ ଭାଗନେବ ଓଡ଼ିଶା

**କଟକ, ୮।୨ (କୁମାରଶ୍ରୀ):** ଫେବୃୟାରୀ ୧୦ରୁ ଅରୁଣାଚଳପ୍ରଦେଶରେ ୨୨ତମ ଜାତୀୟ ମାଉଣ୍ଟେନ୍ ସାଇକ୍ଲିଂ ପ୍ରତିଯୋଗିତା ଆରମ୍ଭ ହେବ। ଏଥି ନିମନ୍ତେ ଘୋଷିତ ରାଜ୍ୟ ଦଳ ଆଜି ଅରୁଣାଚଳପ୍ରଦେଶ ଯାତ୍ରା କରିଛି। ଦଳରେ ଟିକେଶ୍ୱର ମାଝୀ, ସି ହେମ୍ବ୍ରମ, ସୂରଜ କୁମାର ସେଠୀ, ଐଶକାନ୍ତ ଜେନା, ରବୀନ୍ଦ୍ର ହେମ୍ବ୍ରମ, ଜିତେନ୍ଦ୍ର କୁମାର ଦାସ, ତନୁଜ କହଁର, ରାଜ ଟପ୍ପୋ, ପରମିତା ପୂର୍ତ୍ତି, ନମିତା ଧାରୁଆ ସାମିଲ ହୋଇଛନ୍ତି। ପ୍ରଦ୍ୟୁମ୍ନ ବିଶୋୟୀ, ଅନିତା କୁମାରୀ, ଅଜୟ ବିଶ୍ୱାସ ମ୍ୟାଚ ଅଫିସିଆଲ ଭାବେ ଦଳ ସହ ଯାତ୍ରା କରିଛନ୍ତି। ଓଡ଼ିଶା ସାଇକ୍ଲିଂ ସଂଘ ସମ୍ପାଦକ ପ୍ରସନ୍ନ କୁମାର ରାଉତ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସେମିରେ ଉତ୍ତରାଖଣ୍ଡ

**ଜାମଶେଦପୁର,୮।୨:** ଚଳିତ ରଣଜୀ ଟ୍ରଫି ଘରୋଇ ଟୁର୍ନାମେଣ୍ଟରେ ରବିବାର ଉତ୍ତରାଖଣ୍ଡ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ ଅଭୟ ନେଗି ଓ ମୟଙ୍କ ମିଶ୍ରାଙ୍କ ପେସର-ସ୍ପିନ ଯୋଡ଼ିର ଘାତକ ବୋଲିଂ ଯୋଗୁ ଉତ୍ତରାଖଣ୍ଡ ଏକ ଇନିଂସ ୬ ରନ୍‌ରେ ଝାଡ଼ଖଣ୍ଡକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଭେଟେରାନ ବାମହାତୀ ସ୍ପିନର ମୟଙ୍କ ୫ ଓ ପେସର ନେଗି ୪ ଉଇକେଟ ନେଇଥିଲେ। ପ୍ରଥମ ଇନିଂସରେ ଝାଡ଼ଖଣ୍ଡ ୨୩୫ ରନ କରିଥିବା ଉତ୍ତରାଖଣ୍ଡ ୩୭୧ ରନ କରିଥିଲା। ୧୩୬ ରନରେ ପଛୁଆ ଥିବା ଝାଡ଼ଖଣ୍ଡ ଦ୍ୱିତୀୟ ଇନିଂସରେ ୧୩୦ ରନରେ ଅଲଆଉଟ୍ ହୋଇଯାଇଥିଲା।


# Classified Everyday
0674-2580101, 9692975378




REAL ESTATE

**SALE**

ଭୁବନେଶ୍ୱର **GITA Engineering College** ନିକଟ **Infocity- 2** ପାଖରେ ଘରବାରି, **Boundary** ଥାଇ ପ୍ଲଟ୍ ବିକ୍ରିହେବ। **6372753860, 7008095537.** D-3215




Wellness relax body massage & jointpain treatment by trend therapist. 6372110065. D-76951

All types of physiotherapy and massage contact 9556924059/ 7656969134. D-3339

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

**LOST**

Before Executive Magistrate, Digapahandi, affidavit No.- A/46-27.01.2026, I, Gopal Das Gupta (74), S/o.- Ramnath Gupta, Vill./P.O./P.S.- Digapahandi, on dated 21.01.2026 about 7 PM when I was travelling from bike I lost my bag on the way carrying original sale deed vide document No.- 3334/1986 and did not traced it out. If anybody finds it kindly inform the above address or Police Station Digapahandi. D-3338

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**AFFIDAVIT**

By virtue of an affidavit before the Executive Magistrate, Bhadrak, I, Basantilata Misra, Age- 71Yrs., W/o.- Muralidhar Misra, At/P.O.- Kheranga, P.S.- Chandabali, Dist.- Bhadrak, Odisha, 756131 declare that CISF department, Nalco, Angul has mentioned my name in family pension paper Basanti lata Mishra, D.O.B.- 05.09.1957 but in my Aadhaar card and other documents correct name is Basantilata Misra, D.O.B.- 15.07.1954, both are same and one person. Henceforth, I will be known as Basantilata Misra for all future purposes. D-3340

By virtue of an affidavit sworn before the Executive Magistrate, Tirtol, vide affidavit No.497 dated- 03.02.2026, it is hereby declare that Rabi Narayan Das and Baishnab Charan Das are one and the same person (myself). Similarly, Keshab Das and Keshab Charan Das are one and the same person (my father). This declaration is made for correction, clarification and all legal and official purposes. D-3335

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୨ (ଶ୍ରୀ ଆଶୁତୋଷ ସାମଲ, ଓ.ଏ.ଏସ୍.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫ (ଖ) ଅନୁଯାୟୀ
ଆର୍. ପି. କେସ୍ ନଂ.- ୧୩୬୪/୨୦୧୪

ପ୍ରେମଶୀଳା ମିଶ୍ର .............ବାଦୀ
ବନାମ
ନାରାୟଣ ପ୍ରସାଦ ପଟ୍ଟନାୟକ ଏବଂ ଅନ୍ୟମାନେ .........ପ୍ରତିବାଦୀ

ନୋଟିସ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

ପ୍ରତିବାଦୀ ନଂ.- ୧. ନାରାୟଣ ପ୍ରସାଦ ପଟ୍ଟନାୟକ, ପିତା- ସ୍ୱର୍ଗତ ଯୁଗଳ ଚରଣ ପଟ୍ଟନାୟକ, ସା.- ଓଗାଳପଡ଼ା, ପୋଷ୍ଟ- ଯାଁଳା, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.- ୨. ରମାକାନ୍ତ ବେହେରା, ପିତା- ଲିଙ୍ଗରାଜ ବେହେରା, ସା- ପ୍ଲଟ୍ ନଂ.- ଏମ୍-୪/୩୭, ଆଚାର୍ଯ୍ୟ ବିହାର, ଥାନା- ସହିଦ ନଗର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀ ନମ୍ବର- ୧ ଓ ୨ଙ୍କୁ ଏହି ସମ୍ବାଦପତ୍ର ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ ବାଦୀମାନେ ନିମ୍ନଲିଖିତ ଜମିକୁ ଦଲିଲ ଓ ଦଖଲ ଦୃଷ୍ଟେ ରେକର୍ଡ କରିବାପାଇଁ ଉକ୍ତ ରିଭିଜନ କେସ୍ ଦାଖଲ କରିଅଛନ୍ତି। ସମସ୍ତ ପ୍ରତିବାଦୀମାନଙ୍କୁ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ପଠାଯାଇଥିଲେ ହେଁ ଉପରୋକ୍ତ ପ୍ରତିବାଦୀମାନଙ୍କୁ ନୋଟିସ ଜାରି ନ ହୋଇ ଫେରିଆସିଅଛି। ଇତ୍ୟବସରରେ ଉକ୍ତ କେସ୍‌ର ଶୁଣାଣି ତା. ୦୬.୦୨.୨୦୨୬ ରିଖ ଦିବା ୧୧:୩୦ ଘଟିକାକୁ ସ୍ଥିର କରାଯାଇଅଛି। ଜମିର ବିବରଣୀ ନିମ୍ନରେ ଦିଆଗଲା:

ଜମିର ବିବରଣୀ

ମୌଜା- ଓଗାଳପଡ଼ା, ତହସିଲ- ଜଟଣୀ, ଥାନା- ଜଟଣୀ, ଜିଲ୍ଲା- ଖୋର୍ଦ୍ଧା, ସାବିକ ଖାତା ନଂ.- ୧୩୬, ସାବିକ ପ୍ଲଟ୍ ନଂ.- ୧୪୧, ଏରିଆ ଏ୦.୧୭୫ଡି. ସ୍ୱଧରୁ ଏ୦.୦୬୫ଡି. ଓ ସାବିକ ପ୍ଲଟ୍ ନଂ.- ୧୪୨, ଏ.୦.୦୭୦ଡି. ସ୍ୱଧରୁ ଏ.୦.୦୪୫ଡି., ହାଲ୍ ଖାତା ନଂ.- ୩୦୧, ହାଲ୍ ପ୍ଲଟ୍ ନଂ.- ୨୭୧୦, ଏରିଆ ଏ.୦.୧୫୦ଡି ସ୍ୱଧରୁ ଏ୦.୦୬୫ଡି., ହାଲ୍ ପ୍ଲଟ୍ ନଂ.- ୨୭୧୨, ଏରିଆ ଏ.୦.୦୭୦ଡି ସ୍ୱଧରୁ ଏ୦.୦୪୫ଡି.।

ଏଣୁ ଉପରୋକ୍ତ ପ୍ରତିବାଦୀ ନମ୍ବର- ୧ ଓ ୨ ନିଜେ କିମ୍ବା କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ କୋର୍ଟ ନମ୍ବର- ୨ରେ ଉପସ୍ଥିତ ହୋଇ ଉପରୋକ୍ତ ମାମଲାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା.
ଭୁବନେଶ୍ୱର
ଅତିରିକ୍ତ ଆୟୁକ୍ତଙ୍କ ଆଦେଶକ୍ରମେ
ସ୍ୱା./- କୋର୍ଟ ଅଫିସର
D-3322

**ମନେ ପଡ଼ନ୍ତି**

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱ. ପ୍ରତାପ ଚନ୍ଦ୍ର ବରାଳ
ଆବିର୍ଭାବ: ୨୦.୦୪.୧୯୬୨ | ତିରୋଧାନ: ୨୧.୦୨.୨୦୨୫
(ଜଗନ୍ନାଥ ଲେନ୍, ଦଣ୍ଡତୋଟା, ପୁରୀ)
(Retired Establishment Officer, Directorate of Prison & Correctional Services, Bhubaneswar, Odisha)
ଚାହିଁ ଚାହିଁ ବର୍ଷଟିଏ ବିତିଗଲା, ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ଆଦର୍ଶ ଆମମାନଙ୍କର ଜୀବନରେ ପାଥେୟ ହେଉ, ଆଜିର ଏହି ପୁଣ୍ୟ ତିଥିରେ ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ବରାଳ ପରିବାରବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ସହଯୋଗୀ
D-3338

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

# ଭୂତଳ ଜଳରେ ୟୁରାନିୟମ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

"ଭୂତଳ ଜଳକୁ ୟୁରାନିୟମ ଆସିଥାଏ ମୁଖ୍ୟତଃ ଭୂଜନିତ ପ୍ରକ୍ରିୟା ମାଧମରେ। ତେବେ ତାହାର ଅତ୍ୟଧିକ ଉତ୍ତୋଳନକୁ ମଧ ଅନ୍ୟ ଏକ କାରଣ ରୂପେ ଗ୍ରହଣ କରାଯାଏ। ଡ୍ୟୁକ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ମତରେ ଭୂତଳ ଜଳାଧାର ତହିଁରେ ମିଶିବା ଲାଗି ଅଧିକ ମାତ୍ରାରେ ଦାୟୀ। ପୁନଶ୍ଚ ଏହାର ଘନତ୍ୱ ଅତ୍ୟଧିକ ଥିବା ସ୍ଥାନଗୁଡିକରେ 'ବାଇକାର୍ବୋନେଟ୍'ର ମାତ୍ରା ମଧ ଖୁବ୍ ବେଶି।"



ଦ୍ରୁତ ସହରୀକରଣ, ଶିଳ୍ପାୟନ ତଥା ସଘନ କୃଷି ସହିତ ତାଳଦେଇ ବଢ଼ି ଚାଲିଛି ସମଗ୍ର ପୃଥିବୀରେ ଜଳ ପ୍ରଦୂଷଣ, ବିଶେଷ କରି ନଦୀ ଜଳ। ଏଣୁ ଅଧିକରୁ ଅଧିକ ବଢୁଛି ଭୂତଳ ଜଳ ଉପରେ ନିର୍ଭରଶୀଳତା। ତେବେ ଏହା ମଧ ପ୍ରଦୂଷଣମୁକ୍ତ ନୁହେଁ। ଅନେକ ସ୍ଥାନରେ ଏହାର ପାନୀୟ ତଥା ସେଚନ ଉପଯୋଗିତା ନ ଥିବା ଜଣାପଡ଼ିଲାଣି। ଏଥିରେ ଥିବା ବିଭିନ୍ନ ବିବିଧ ପ୍ରଦୂଷକମାନଙ୍କ ମଧ୍ୟରେ ମାରାତ୍ମକ ହେଲେ ଆର୍ସେନିକ, ଫ୍ଲୋରାଇଡ୍ ଏବଂ ସୀସା, ପାରଦ, କାଡମିୟମ ଆଦି ବିବିଧ ଭାରିଧାତୁ। ଏଗୁଡିକ ନାନାରୂପେ ଆମ ଶରୀର ମଧ୍ୟକୁ ପ୍ରବେଶ କରୁଛନ୍ତି। ଫଳରେ ସୃଷ୍ଟି ହେଉଛି ବିବିଧ ସ୍ୱାସ୍ଥ୍ୟ ସମସ୍ୟା। ଏବେ ଏଥିରେ ୟୁରାନିୟମର ମଧ ସନ୍ଧାନ ମିଳିଲାଣି। ଆମ ଦେଶର ୧୨ଟି ରାଜ୍ୟର ଭୂତଳ ଜଳ ଏହାଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହେବାର ଜଣାପଡ଼ିଛି।

ଏଗୁଡିକ ମଧରେ ପ୍ରଥମ ସ୍ଥାନରେ ରହିଛି ପଞ୍ଜାବ। ସେଠାରେ ପ୍ରତି ୧୦ଟି କୂପର ଜଳ ମଧ୍ୟରୁ ତିନୋଟିରେ ଏହାର ଘନତ୍ୱ ଭାରତୀୟ ମାନକ ବ୍ୟୁରୋ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ନିର୍ଦ୍ଧାରିତ ନିରାପଦ ମାତ୍ରା 'ପ୍ରତି ବିଲିୟନ ଭାଗରେ ୩୦ ଭାଗ'ରୁ ଅଧିକ ହେବାର ଦେଖାଯାଇଛି। ହାରାହାରି ଭାବେ ଏହା ତା'ର ୧୭.୭ ଗୁଣ ଏବଂ କେତେକ ସ୍ଥାନରେ ଅତ୍ୟଧିକ ଅର୍ଥାତ୍ ପ୍ରତି ବିଲିୟନ ଭାଗରେ ୫୩୨ ଭାଗରେ ପହଞ୍ଚିଛି।

ପ୍ରାୟ ୨୯ ପ୍ରତିଶତ ଭୂତଳ ଜଳରେ ଅଧିକ ୟୁରାନିୟମ୍ ଥିବା ପଞ୍ଜାବକୁ ବାଦ୍ ଦେଲେ ଯେଉଁ ରାଜ୍ୟଗୁଡିକ ଏହାଦ୍ୱାରା ବିଶେଷଭାବରେ ପ୍ରଭାବିତ ସେଗୁଡିକ ହେଲେ ହରିୟାଣା (୧୪.୪ ପ୍ରତିଶତ), ଉତ୍ତର ପ୍ରଦେଶ (୯.୨ ପ୍ରତିଶତ), ରାଜସ୍ଥାନ (୮.୬ ପ୍ରତିଶତ), ଦିଲ୍ଲୀ (୩.୯ ପ୍ରତିଶତ), ଓଡ଼ିଶା (୦.୬୯ ପ୍ରତିଶତ), ତେଲଙ୍ଗାନା (୧.୪୩ ପ୍ରତିଶତ), ଛତିଶଗଡ଼ (୦.୧୨ ପ୍ରତିଶତ), ତାମିଲନାଡୁ (୩.୪ ପ୍ରତିଶତ) ଏବଂ ମଧ୍ୟପ୍ରଦେଶ (୧.୩ ପ୍ରତିଶତ)। ଏଗୁଡିକ ବ୍ୟତୀତ ୨୦୧୯ ମସିହାରେ ଅନୁଷ୍ଠିତ ସର୍ବେକ୍ଷଣ ଅନୁସାରେ ଭୂତଳ ଜଳରେ ମାତ୍ରାଧିକ ୟୁରାନିୟମ ଥିବା ଅନ୍ୟ ରାଜ୍ୟଗୁଡିକ ହେଲା– ଆନ୍ଧ୍ର ପ୍ରଦେଶ, ହିମାଚଳ ପ୍ରଦେଶ, ମହାରାଷ୍ଟ୍ର, ଗୋଆ, ବିହାର, କର୍ନାଟକ, ପଶ୍ଚିମବଙ୍ଗ (ଗ୍ରାଉଣ୍ଡ ୱାଟର ଇୟର ବୁକ୍ ୨୦୨୧–୨୦୨୨ ଅନୁସାରେ)।

ଏହି ତେଜସ୍କ୍ରିୟ ଧାତୁଟି ଏକ ବୃକ୍‌ବିଷ। ଅତଏବ ଏହାଦ୍ୱାରା ସଂକ୍ରମିତ ଜଳ ପାନ କରୁଥିବା ଲୋକଙ୍କର ବୃକ୍କ ବା କିଡ୍‌ନୀ ଠିକ୍ ଭାବରେ କାମ କରେ ନାହିଁ ଏବଂ ତାହା ମଧ ନଷ୍ଟ ହୋଇଯିବାର ଆଶଙ୍କା ରହିଛି। ପୁନଶ୍ଚ ୟୁରାନିୟମ ପ୍ରତି ଉନ୍ମୁକ୍ତ ରହିବା ଅସ୍ଥି କ୍ଷୟ, କିଡ୍‌ନୀ ଏବଂ ପରିସ୍ରା ନଳୀରେ କ୍ୟାନ୍‌ସରର କାରଣ ମଧ ହୋଇପାରେ। ଶିଶୁ, ବୃଦ୍ଧ ଓ ପୂର୍ବରୁ କୌଣସି କିଡ୍‌ନୀ ରୋଗରେ ପୀଡ଼ିତ ଥିବା ଲୋକ ଏହାଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି। ୟୁରାନିୟମ ଏକ ତେଜସ୍କ୍ରିୟ ପଦାର୍ଥ ହୋଇଥିଲେ ହେଁ ପାନୀୟ ଜଳରେ ତାହା ରାସାୟନିକ ବିଷ ରୂପେ କାର୍ଯ୍ୟ କରେ।

ଭୂତଳ ଜଳକୁ ୟୁରାନିୟମ ଆସିଥାଏ ମୁଖ୍ୟତଃ ଭୂଜନିତ ପ୍ରକ୍ରିୟା ମାଧମରେ। ତେବେ ତାହାର ଅତ୍ୟଧିକ ଉତ୍ତୋଳନକୁ ମଧ ଅନ୍ୟ ଏକ କାରଣ ରୂପେ ଗ୍ରହଣ କରାଯାଏ। ଡ୍ୟୁକ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ମତରେ ଭୂତଳ ଜଳାଧାର ତହିଁରେ ମିଶିବା ଲାଗି ଅଧିକ ମାତ୍ରାରେ ଦାୟୀ। ପୁନଶ୍ଚ ଏହାର ଘନତ୍ୱ ଅତ୍ୟଧିକ ଥିବା ସ୍ଥାନଗୁଡିକରେ 'ବାଇକାର୍ବୋନେଟ୍'ର ମାତ୍ରା ମଧ ଖୁବ୍ ବେଶି। ଉକ୍ତ ରସାୟନଟି ଶିଳା ଉତ୍ସରୁ ୟୁରାନିୟମ ନିର୍ଗତ କରାଏ ବୋଲି ମତ ଦିଅନ୍ତି ଉକ୍ତ ଗବେଷକ ଦଳର ମୁଖ୍ୟ ରାଚେଲ କୋୟଟେ। ସେ ମଧ ସତର୍କ କରାନ୍ତି ଯେ, ଏହା ପଛରେ କେତେକ ମାନବକୃତ କାରଣ ମଧ ରହିଥାଇପାରେ। ଉଦାହରଣସ୍ୱରୂପ, ଅତ୍ୟଧିକ ଭୂତଳ ଜଳ ଉତ୍ତୋଳନ, ଏହାର ସ୍ତର ହ୍ରାସ କ୍ଷେତ୍ରରେ ରାସାୟନିକ ସାରର ବହୁଳ ବ୍ୟବହାର ଏବଂ ନାଇଟ୍ରେଟ୍ ପ୍ରଦୂଷଣ ଏହି ସମସ୍ୟାକୁ ବୃଦ୍ଧି କରାଇଥାଏ। ଦେଶର ପ୍ରାୟ ସମସ୍ତ ଭୂତଳ ଜଳାଧାରଗୁଡ଼ିକୁ ଅତ୍ୟଧିକ ଜଳ ବ୍ୟବହାର ଏବଂ ତାହାଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟାଗୁଡ଼ିକ ବିଷୟରେ ଭାବା ଆଣବିକ କେନ୍ଦ୍ର ଏବଂ ହୋମିଭାବା ଜାତୀୟ ପ୍ରତିଷ୍ଠାନ ଦ୍ୱାରା ୨୦୨୧ ମସିହାରେ ନିଶ୍ଚିତ କରାଯାଇଥିଲା। ତହିଁରେ ଆର୍ସେନିକ, ଫ୍ଲୋରାଇଡ୍ ଏବଂ ୟୁରାନିୟମର ମାତ୍ରା ବୃଦ୍ଧି ହେବାର ଅନ୍ୟତମ ମୁଖ୍ୟ କାରଣ।

ଏଠାରେ ସୂଚନାଯୋଗ୍ୟ ଯେ, ଗତବର୍ଷ ଗବେଷଣା ପତ୍ରିକା 'ନେଚର'ରେ ପ୍ରକାଶିତ ଏକ ନିବନ୍ଧ ଅନୁସାରେ ବିହାରର ୬ଟି ଜିଲାରେ ମା' କ୍ଷୀରରେ ୟୁରାନିୟମର ସନ୍ଧାନ ମିଳିଛି। ଅବଶ୍ୟ ଏହା ତୁଳନାତ୍ମକ ଭାବରେ କମ୍। ତେବେ ଶିଶୁ ତାହା ଦୀର୍ଘଦିନ ଧରି ପାନ କରିବା ଦ୍ୱାରା ବିବିଧ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି କରିପାରେ ବୋଲି ମନେ କରାଯାଉଛି। ସମ୍ଭବତଃ ମା'ର ଶରୀରରେ ଏହି ମୌଳିକ ପଦାର୍ଥଟି ପାନୀୟ ଜଳ ମାଧମରେ ହିଁ ଆସୁଛି। ଏପରି ସ୍ଥଳେ କ୍ଷେତରେ ସେଚିତ ଜଳରୁ ଏହା ଶସ୍ୟ ମଧ୍ୟକୁ ପ୍ରବେଶ କରିବାର ସମ୍ଭାବନାକୁ ଏଡାଇ ଦେଇ ହେବ ନାହିଁ।

ସାଧାରଣ ଭାବେ ଭୂତଳଜଳକୁ ୟୁରାନିୟମମୁକ୍ତ କରିବା ଲାଗି ଏବେ କୌଣସି ବ୍ୟବସ୍ଥା ନାହିଁ। ତେବେ ପାନୀୟ ଜଳକୁ ବିଶୋଧନ ଲାଗି ଭାବା ପରମାଣୁ ଗବେଷଣା କେନ୍ଦ୍ର ଏବଂ ମିଶ୍ର ବସ୍ତୁ ପରଦା ପଦ୍ଧତି ବା 'ହାଇବ୍ରିଡ ମେମ୍ବ୍ରେନ୍ ଟେକନିକ'ର ବିକାଶ ଘଟାଉଛି। ପୁନଶ୍ଚ ଓଲଟା ପରାସରଣ ବା 'ରିଭର୍ସ ଅସମୋସିସ୍' ପ୍ରକ୍ରିୟାରେ ଜଳକୁ ତହିଁରୁ ବିମୁକ୍ତ କରି ପାନୀୟ ରୂପେ ଯୋଗାଇବା ପାଇଁ ମଧ ବ୍ୟବସ୍ଥା ହେଉଛି।

–ଉଷାନିବାସ, ୧୨୪/୨୪୪୫
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

**ଆଜି ଅନ୍ତର୍ଜାତୀୟ ଅପସ୍ମାର ଦିବସ**

## ସଚେତନତା ହିଁ ମୂଳ କଥା



ଅପସ୍ମାର ବା ଏପିଲେପ୍‌ସୀ ଏକ ପ୍ରକାର ମସ୍ତିଷ୍କ ରୋଗ। ଏହାକୁ 'ମୃଗୀ ରୋଗ' ବୋଲି ମଧ କହନ୍ତି। ରୋଗୀ ଓ ଜନସାଧାରଣଙ୍କଠାରେ ଏପିଲେପ୍‌ସୀ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରତିବର୍ଷ ଫେବୃଆରୀ ଦ୍ୱିତୀୟ ସୋମବାର ଦିନ ପାଳନ କରାଯାଇଥାଏ 'ଅନ୍ତର୍ଜାତୀୟ ଅପସ୍ମାର ଦିବସ' ବା 'ଇଣ୍ଟରନ୍ୟାଶନାଲ ଏପିଲେପ୍‌ସୀ ଡେ'। ଏ ନେଇ ଚଳିତବର୍ଷର ଥିମ୍ ରହିଛି– 'ମୋର ଅପସ୍ମାର ବା ଏପିଲେପ୍‌ସୀ ସମ୍ପର୍କିତ ବ୍ୟକ୍ତିଗତ ଅଭିଜ୍ଞତା'। ଏ ସମ୍ପର୍କରେ ଡା. ନିତ୍ୟାନନ୍ଦ ସ୍ୱାଇଁ କହନ୍ତି, "ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିକୁ ସାଧାରଣତଃ ହଠାତ୍ ବାରମ୍ବାର ବାତ ମାରିଥାଏ। ମସ୍ତିଷ୍କସ୍ଥ ସ୍ନାୟୁକୋଷର କାର୍ଯ୍ୟଧାରାରେ ବିଘ୍ନ ତଥା ବିଶୃଙ୍ଖଳା ସୃଷ୍ଟି ହିଁ ଏଭଳି ଲକ୍ଷଣ ପ୍ରକାଶ ପାଇବାର କାରଣ। ପୃଥିବୀରେ ରହିଛନ୍ତି ପାଖାପାଖି ୫ କୋଟି ଏପିଲେପ୍‌ସୀ ରୋଗୀ। ବାତ ମାରିବାକୁ 'ଫିଟ୍‌ସ' ବୋଲି କହନ୍ତି। ଅଧାଅଧି ରୋଗୀଙ୍କ କ୍ଷେତ୍ରରେ ରୋଗର କୌଣସି କାରଣ ଠଉରେଇ ହୁଏ ନାହିଁ। ବାତ ମାରିବା ଆରମ୍ଭ ହେବା ପୂର୍ବରୁ ଯେଉଁ ସବୁ ସୂଚନା ପ୍ରକାଶ ପାଇଥାଏ, ତାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଗନ୍ଧ ଛାଡ଼ିବାର କିଛି କୁଆଡ଼େ ସୂଚନା ନ ଥାଇ ହଠାତ୍ ଗନ୍ଧ ବାରିବାର ଅନୁଭବ, କୌଣସି ସୋର୍‌ଶବ୍ଦ ନ ଥାଇ ହଠାତ୍ ଶବ୍ଦ ଶୁଣିବାର ଅନୁଭବ, ପାଟି ଭିତରେ କିଛି ନ ଥାଇ ଆକସ୍ମିକ ଭାବରେ ସ୍ୱାଦ ଅନୁଭବ, କୌଣସି ଅସ୍ୱସ୍ତି ନ ଥାଇ ପେଟରେ ହଠାତ୍ ଅସ୍ୱସ୍ତି ଅନୁଭବ, ଆଖି ସାମ୍ନାରେ ହଠାତ୍ ଆଲୁଅ ଚକ୍‌ମକ୍ କରିବା ଇତ୍ୟାଦି ହେଉଛି 'ଅରା'ର କେତୋଟି ଲକ୍ଷଣ। ଏଥିପାଇଁ କରାଯାଇଥାଏ ଇଲେକ୍ଟ୍ରୋଏନ୍‌ସେଫାଲୋଗ୍ରାଫି ବା ଇ.ଇ.ଜି., ଭିଡିଓ ଇ.ଇ.ଜି., ମୁଣ୍ଡରେ ଏକ୍ସ–ରେ। ମସ୍ତିଷ୍କରେ ସି.ଟି. ସ୍କାନ୍, ଏମ୍.ଆର୍.ଆଇ. ସ୍କାନ୍, ପି.ଇ.ଟି. ସ୍କାନ୍, ରେଡିଓ ଆଇସୋଟୋପ୍ ସ୍କାନିଂ ଏବଂ ମ୍ୟାଗ୍ନେଟୋଏନ୍‌ସେଫାଲୋଗ୍ରାଫି ଆଦି ପରୀକ୍ଷା। ଏପିଲେପ୍‌ସୀର ପ୍ରକାର ବିବିଧ। ଏହାର ଚିକିତ୍ସା ପାଇଁ ଏକାଧିକ ଔଷଧ ଉପଲବ୍ଧ। ତେଣୁ ସ୍ନାୟୁରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ଚିକିତ୍ସା କରାଇବା ବିଜ୍ଞତାର କାର୍ଯ୍ୟ।"

## ଅଜୀର୍ଣ୍ଣ ସମସ୍ୟା ଥିଲେ...



ସାଧାରଣତଃ ଯଦି ଖାଦ୍ୟ ଠିକ୍ ଭାବରେ ହଜମ ନ ହେଲା ତେବେ ଅଜୀର୍ଣ୍ଣ ସମସ୍ୟା ଦେଖାଯାଇଥାଏ। ଏହାପଛରେ ମଧ ଆଉ କେତୋଟି କାରଣ ରହିଛି। ଆବଶ୍ୟକତା ଠାରୁ ଅଧିକ ଖାଇବା, ଖାଇବାକୁ ଇଚ୍ଛା ନ ଥାଇ ଖାଇବା, ଖାଇବାରେ ଅନିୟମିତତା, ଅଧିକ ସମୟ ଉପବାସ ରହିବା କିମ୍ବା ତେଲମସଲାଯୁକ୍ତ ଖାଦ୍ୟ ଅଧିକ ଖାଇବା ଦ୍ୱାରା ଜଣେ ବ୍ୟକ୍ତି ଅଜୀର୍ଣ୍ଣ ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ଏଭଳି କେତେକ ଘରୋଇ ଉପଚାର ରହିଛି, ଯାହାକୁ ଅନୁସରଣ କଲେ ଏଥିରୁ କେତେକାଂଶରେ ଉପଶମ ମିଳିଥାଏ। ଖାଇ ସାରିବା ପରେ ଏକ ଚାମଚ ଅଦା ରସରେ ଲେମ୍ବୁ ଏବଂ ଅଳ୍ପ ମହୁ ମିଶାଇ ଏହି ମିଶ୍ରଣକୁ ଖାଆନ୍ତୁ। ପ୍ରତିଦିନ କିଛି ପରିମାଣରେ ନିମ୍ବ ରସ ସେବନ କରନ୍ତୁ। ଏହାଦ୍ୱାରା ପାଚନ କ୍ରିୟା ଆହୁରି ଦୃଢ଼ ହୋଇଥାଏ। ରାତିରେ ଶୋଇବାକୁ ଯିବାର ଅତିକମ୍‌ରେ ଦୁଇ ଘଣ୍ଟା ପୂର୍ବରୁ ରାତ୍ରଭୋଜନ ଶେଷ କରନ୍ତୁ। ଏହାଦ୍ୱାରା ଖାଇଥିବା ଖାଦ୍ୟ ସହଜରେ ହଜମ ହୋଇଥାଏ। ରାତିରେ ସବୁବେଳେ ହାଲୁକା ଏବଂ ସୁପାଚ୍ୟ ଖାଦ୍ୟ ଖାଆନ୍ତୁ। ଖାଇବା ପରେ ଅଳ୍ପ ପାନ ମଧୁରୀ ଚୋବାଇ ଖାଆନ୍ତୁ। ଏହାଦ୍ୱାରା ଖାଦ୍ୟ ସହଜରେ ହଜମ ହୋଇଥାଏ। ସବୁଠରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସୁଷମ ତଥା ଭିଟାମିନଯୁକ୍ତ ଖାଦ୍ୟ ଠିକ୍ ସମୟରେ ଖାଆନ୍ତୁ ଏବଂ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଖାଦ୍ୟ ଖାଇବାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ। ଖାଦ୍ୟ ଖାଉଥିବା ବେଳେ ବାରମ୍ବାର ପାଣି ପିଇଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କ୍ଷୀର

ନିୟମିତ କ୍ଷୀର ପିଇଲେ ତାହା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ତେବେ ଏହାର ଏକ ଖାସ୍ ଗୁଣ ରହିଛି। ତାହା କ'ଣ ଜାଣନ୍ତି? ପ୍ରତିଦିନ କ୍ଷୀର ପିଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥାଏ ବୋଲି ଏକ ସର୍ଭେରୁ ଜଣାପଡ଼ିଛି। କ୍ଷୀରର ଅଧିକ ଉପକାରୀ ଗୁଣ ବିଷୟରେ ତର୍ଜମା କରିବା ସମୟରେ ଟୋକିଓ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ଏକଥା ଜାଣିପାରିଛନ୍ତି। କେବଳ ସେତିକି ନୁହେଁ, ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ରୋଗପ୍ରତିରୋଧକ ଶକ୍ତିଜନିତ ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ଏହି ସର୍ଭେର ପରିସରଭୁକ୍ତ କରିଥିଲେ। ସର୍ଭେ ସମୟରେ ସେମାନଙ୍କୁ ଖାଦ୍ୟ ଖାଇବାକୁ ଦିଆଯିବା ସହ ନିୟମିତ କ୍ଷୀର ପିଇବାକୁ ସେମାନେ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ, ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଏମାନଙ୍କର ରୋଗପ୍ରତିରୋଧକ ଶକ୍ତିରେ କେତେ ଉନ୍ନତି ଘଟୁଛି ତାହାକୁ ମଧ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ପରିଶେଷରେ ଜଣାପଡିଥିଲା ଯେ ସବୁଦିନ କ୍ଷୀର ପିଇବା ଫଳରେ ସେମାନଙ୍କର ରୋଗପ୍ରତିରୋଧକ ଶକ୍ତି ପୂର୍ବାପେକ୍ଷା ଦୃଢ଼ ହୋଇଛି।



## ମେଦବହୁଳତା ଓ ଭ୍ରାନ୍ତ ଧାରଣା



ଆମ ଶରୀରରେ ଓଜନ ନିୟନ୍ତ୍ରଣରେ ରହିବା ଦରକାର। ଏହାକୁ ନେଇ କେତେକ ଭ୍ରାନ୍ତ ଧାରଣା ରହିଛି। ଅବ୍ୟବସ୍ଥିତ ଜୀବନଶୈଳୀ ଏବଂ ନିୟମିତ ବ୍ୟାୟାମ ନ କରିବା ଦ୍ୱାରା ଓଜନ ବଢ଼ିଥାଏ ବୋଲି ଧାରଣା ରହିଛି। ହେଲେ ଏହା ଅନେକାଂଶରେ ଠିକ୍ ନୁହେଁ। ବରଂ ସବୁବେଳେ ଚିନ୍ତାରେ ରହିବା, ହରମୋନ୍ କ୍ଷରଣ ଠିକ୍ ଭାବରେ ନ ହେବା ଦ୍ୱାରା ଓଜନ ବୃଦ୍ଧି ହୋଇଥାଏ। କେତେକ ଭାବିଥାଆନ୍ତି ଯେ ଅଧିକ ପତଳା ହୋଇଯିବା, ମେଦବହୁଳତା କମିଯିବା ଦ୍ୱାରା ଜଣେ ଦୁର୍ବଳ ହୋଇଯାଆନ୍ତି। ହେଲେ ଏଭଳି ଧାରଣା ଭୁଲ୍। ଓଜନ ଯଦି ଆବଶ୍ୟକତାଠାରୁ ଅଧିକ କମିଗଲା କିମ୍ବା ଜଣେ ଅଧିକ ପତଳା ହୋଇଯାଆନ୍ତି, ତେବେ ତାହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଆଉ ଏକ କଥା। କ୍ୟାଲୋରୀଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା ମେଦବହୁଳତା ବଢ଼ିଥାଏ ବୋଲି ଭାବିବା ଆଦୌ ଠିକ୍ ନୁହେଁ। ଆମେ ପ୍ରତିଦିନ ଯେତିକି ଖାଦ୍ୟ ଖାଉଛେ ସେହି ଅନୁସାରେ ପରିଶ୍ରମ କରିବା ଦରକାର। ତେବେ ଓଜନ ଠିକ୍ ରହିବ। ମେଦବହୁଳତା କମାଇବା ଲାଗି କେତେକ ମନକୁ ମନ ଭିନ୍ନ ଭିନ୍ନ ପ୍ରଣାଳୀ ଆପଣେଇ ଥାଆନ୍ତି। ହେଲେ ଏଭଳି କରିବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➤ଯଦି ଆପଣଙ୍କର ବ୍ଲଡପ୍ରେସର ସମସ୍ୟା ରହିଛି ତେବେ ଏ ନେଇ ସତର୍କ ରହିବା ନିହାତି ଦରକାର। କାରଣ ଯଦି ଏହା ଦୀର୍ଘଦିନ ଧରି ଅସନ୍ତୁଳିତ ରହିଲା ତେବେ ତାହା ହୃଦ୍‌ରୋଗର କାରଣ ସାଜିବାର ଆଶଙ୍କା ରହିଛି।

➤ଟମାଟୋରେ ଅନେକ ପ୍ରକାର ଉପକାରୀ ଗୁଣ ରହିଛି। ତେଣୁ ସକାଳ ଜଳଖିଆରେ ଗୋଟିଏ କିମ୍ବା ଦୁଇଟି ଟମାଟୋ ସାମିଲ କରନ୍ତୁ।





➤ଆମର ମନ ସବୁବେଳେ ସକାରାତ୍ମକ ରହିବା ଦରକାର। କିନ୍ତୁ ଏହା ଅନେକ ସମୟରେ ସମ୍ଭବ ହୋଇ ନ ଥାଏ। ପ୍ରତିଦିନ କିଛି ସମୟ ପ୍ରାର୍ଥନା କରନ୍ତୁ। ଏହାଦ୍ୱାରା ମନ ଶାନ୍ତ ରହିଥାଏ ଏବଂ ମନରେ ସକାରାତ୍ମକ ଭାବନା ଜାଗ୍ରତ ହୋଇଥାଏ।

➤ଯଦି କୌଣସି ବ୍ୟକ୍ତି ଗୁରୁତର ରୋଗରେ ଆକ୍ରାନ୍ତ ତେବେ ତାଙ୍କ ସହ ସେହି ରୋଗ ବିଷୟରେ ଆଲୋଚନା ନ କରିବା ଭଲ। କାରଣ ଏହାଦ୍ୱାରା ତାଙ୍କ ମନରେ ନକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ।

➤ଅଙ୍ଗୁରରେ ଭିଟାମିନ୍–ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ବ୍ୟାକ୍ଟେରିଆ, ଭାଇରସ୍, ଇଷ୍ଟ ଆଦି ସଂକ୍ରମଣରୁ ମଧ ଏହା ଆମକୁ ସୁରକ୍ଷା ପ୍ରଦାନ କରେ।

➤ଗାଜର ଶରୀରର ଓଜନକୁ ସନ୍ତୁଳିତ ରଖେ, କାରଣ ଏଥିରେ ଫାଇବର୍ ପ୍ରଚୁର ପରିମାଣରେ ରହିଛି।

## ଅଦୃଶ୍ୟ ଆକ୍ରମଣକାରୀ : ମାଇକ୍ରୋପ୍ଲାଷ୍ଟିକ

(ଶେଷ ଭାଗ)

ବିଶ୍ୱ ସ୍ତରରେ, ମାଇକ୍ରୋପ୍ଲାଷ୍ଟିକ୍ ଏକ ସର୍ବବ୍ୟାପୀ ପ୍ରଦୂଷକ ପାଲଟିଛି। ଏଗୁଡ଼ିକୁ ଗଭୀର ସମୁଦ୍ର ଅବଶେଷ, ଧ୍ରୁବୀୟ ବରଫ ପାହାଡ଼, ଉଷ୍ଣକଟିବନ୍ଧୀୟ ବର୍ଷାଜଳ ଏବଂ ମାନବ ରକ୍ତପ୍ରବାହରେ ଆବିଷ୍କାର କରାଯାଇଛି। ଗ୍ରେଟ୍ ପ୍ୟାସିଫିକ୍ ଆବର୍ଜନା ପ୍ୟାଚ୍ ଭଳି ବିପୁଳ ସଞ୍ଚୟ କ୍ଷେତ୍ରଗୁଡ଼ିକରେ ସମୁଦ୍ର ଗର୍ଭ ମଧ୍ୟରେ ପରିକ୍ରମା କରୁଥିବା ଟ୍ରିଲିୟନ ପ୍ଲାଷ୍ଟିକ୍ କଣିକା ରହିଛି। ଅପର୍ଯ୍ୟାପ୍ତ ବର୍ଜ୍ୟ ପରିଚାଳନା ଭିତ୍ତିଭୂମି ଥିବା ଅଞ୍ଚଳଗୁଡ଼ିକ, ବିଶେଷକରି ଏସିଆ, ଆଫ୍ରିକା ଏବଂ ଦକ୍ଷିଣ ଆମେରିକାର କିଛି ଅଂଶରେ ଅସମାନ ଭାବରେ ପ୍ରଭାବିତ ହୁଏ, ତଥାପି ସବୁଠାରୁ ଦୂରବର୍ତ୍ତୀ ଇକୋସିଷ୍ଟମ ମଧ ଏଥିରୁ ବଞ୍ଚିତ ନୁହେଁ। ଏହି ବିଶ୍ୱସ୍ତରୀୟ ସଞ୍ଚାଳନ ମାଇକ୍ରୋପ୍ଲାଷ୍ଟିକକୁ ପୃଥିବୀର ପ୍ରାକୃତିକ ଚକ୍ରରେ ଏକୀକୃତ କରେ, ଯେଉଁଠାରେ ସେମାନେ ବାୟୁ, ଜଳ, ମାଟି ଏବଂ ଜୀବଜଗତ ମଧ୍ୟରେ ନିରନ୍ତର ଗତି କରନ୍ତି।

ସମସ୍ୟାର ପରିମାଣ ସତ୍ତ୍ୱେ, ପ୍ରଶମନ ପାଇଁ ପଥ ରହିଛି। ଅନାବଶ୍ୟକ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା, ବର୍ଜ୍ୟବସ୍ତୁ ପରିଚାଳନା ପ୍ରଣାଳୀରେ ଉନ୍ନତି ଆଣିବା, ସାମଗ୍ରୀ ନବସୃଜନକୁ ଆଗକୁ ବଢ଼ାଇବା ଏବଂ ଏକକ–ବ୍ୟବହାର ପ୍ଲାଷ୍ଟିକ୍ ଏବଂ ଉଦ୍ଦେଶ୍ୟମୂଳକ ଭାବରେ ଯୋଡ଼ାଯାଇଥିବା ମାଇକ୍ରୋପ୍ଲାଷ୍ଟିକ୍ ପ୍ରତିବନ୍ଧକ ନୀତିଗୁଡ଼ିକୁ ସମର୍ଥନ କରିବା ଭବିଷ୍ୟତର ଏହାର ନିର୍ଗମନ ଯଥେଷ୍ଟ ହ୍ରାସ କରିପାରିବ। ଜୈବବିଘଟନଯୋଗ୍ୟ ସାମଗ୍ରୀ, ମାଇକ୍ରୋବାୟଲ୍ ପ୍ଲାଷ୍ଟିକ୍ ଅବକ୍ଷୟ ଏବଂ ଏନଜାଇମ୍–ଆଧାରିତ ପୁନଃଚକ୍ରଣ ଉପରେ ଗବେଷଣା ପ୍ରତିଶ୍ରୁତିପୂର୍ଣ୍ଣ ଦୀର୍ଘକାଳୀନ ସମାଧାନ ପ୍ରଦାନ କରେ। ବ୍ୟକ୍ତିଗତ କାର୍ଯ୍ୟ, ଯେତେବେଳେ ସମାଜ ମଧ୍ୟରେ ବହୁଳ ହୁଏ, ତାହା ମଧ ପଦ୍ଧତିଗତ ପରିବର୍ତ୍ତନକୁ ଚଳାଇବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।



ମାଇକ୍ରୋପ୍ଲାଷ୍ଟିକ୍ ହେଉଛି ଆନ୍ଥ୍ରୋପୋସିର ଏକ ପରିଭାଷିତ ପ୍ରତୀକ, ଯାହା ସ୍ଥାୟିତ୍ୱ ଅପେକ୍ଷା ସୁବିଧାକୁ ପ୍ରାଥମିକତା ଦେଉଥିବା ଏକ ଫୋପଡ଼ା ସଂସ୍କୃତିକୁ ପ୍ରତିଫଳିତ କରେ। ସେମାନଙ୍କର ଉପସ୍ଥିତି ମାନବ ବ୍ୟବହାର ଧାରାକୁ ଦୂର ମହାସାଗର, ଦୂର ହିମବାହ ଏବଂ ଅଦୃଶ୍ୟ ଜୈବିକ ପ୍ରକ୍ରିୟା ସହିତ ସଂଯୋଗ କରେ। ମାଇକ୍ରୋପ୍ଲାଷ୍ଟିକ୍ ପ୍ରଦୂଷଣକୁ ସମାଧାନ କରିବା ପାଇଁ କେବଳ ପ୍ରଯୁକ୍ତିବିଦ୍ୟା ଏବଂ ନୀତିଗତ ସମାଧାନ ଆବଶ୍ୟକ ନୁହେଁ ବରଂ ପ୍ଲାଷ୍ଟିକ୍ ଏବଂ ପ୍ରାକୃତିକ ବିଶ୍ୱ ସହିତ ମାନବତାର ସମ୍ପର୍କର ମୌଳିକ ପୁନର୍ବିଚାର ମଧ ଆବଶ୍ୟକ। କେବଳ ସାମୂହିକ ଦାୟିତ୍ୱ ଏବଂ ନିରନ୍ତର କାର୍ଯ୍ୟ ମାଧ୍ୟମରେ ଅଦୃଶ୍ୟ ଆକ୍ରମଣକୁ ହ୍ରାସ କରାଯାଇପାରିବ ଏବଂ ପୃଥିବୀର ଇକୋସିଷ୍ଟମର ଅଖଣ୍ଡତାକୁ ସଂରକ୍ଷିତ କରାଯାଇପାରିବ।

– ଡ. ଶିବାନୀ ମହାପାତ୍ର
ମୋ: ୬୩୭୨୫୯୮୯୯୩

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଫେବୃଆରୀ ୯/୨୦୨୬ Bhubaneswar, Monday, February 9/ 2026



New Dr. Juneja's Roop Mantra® Ayurvedic Face Cream & Face Washes

Goodness of 12 herbs for Skin care

Helpful in protection from : Scars • Wrinkles • Pimples • Dull Skin

ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍‌ରେ ରହିଥିବା ଏଲୋଭେରା, ତୁଳସୀ, ଦ୍ରାକ୍ଷା, ହରିଦ୍ରା, ଚନ୍ଦନ, ବାଦାମ ଇତ୍ୟାଦି ଆୟୁର୍ବେଦିକ ଚେରମୂଳି ଚେହେରାର ପ୍ରାକୃତିକ ଆର୍ଦ୍ରତାକୁ ସୁରକ୍ଷିତ ରଖି ଏକ ଟ୍ରିଟମେଣ୍ଟ ଭଳି କାମ କରିଥାଏ । ଏହାର ପୋଷକ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଚେହେରା ତ୍ୱଚାର ଯୁବସୁଲଭତା ବଜାୟ ରଖିବାରେ ସହାୟତା କରିଥାଏ । ଏହା ରୁକ୍ଷ/ନିସ୍ତେଜ ତ୍ୱଚା, କୁଞ୍ଚନ, ଆଖିତଳେ କଳା ଦାଗ, ପ୍ରସାରଣ ଦାଗ ଆଦିର ପ୍ରବନ୍ଧରେ ବିଶେଷ ସହାୟକ ଅଟେ ।

24x7 Helpline: 87259 66666 • www.roopmantra.com
Available at all medical & general stores

Clinically Tested* *For efficacy and safety.


# ଇଂଲଣ୍ଡର ରୋମାଞ୍ଚକ ବିଜୟ




ଶେଷ ଓଭରରେ ଚମତ୍କାର ବୋଲିଂ କରି ଇଂଲଣ୍ଡକୁ ଜିତାଇଥିବା ସାମ୍ କୁରାନଙ୍କୁ ସାଥୀ ଖେଳାଳିଙ୍କ ବଧେଇ ।

ମୁମ୍ବାଇ,୮।୨

ଚଳିତ ଟି୨୦ ବିଶ୍ୱକପ୍‌ରେ ରବିବାର ଅପରାହ୍ନରେ ଖେଳାଯାଇଥିବା ଏକ ରୋମାଞ୍ଚକ ପୂର୍ଣ୍ଣ ମ୍ୟାଚ୍‌ରେ ଇଂଲଣ୍ଡ ୪ ରନରେ ନେପାଳକୁ ହରାଇ ଦେଇଛି। ଇଂଲଣ୍ଡ ଦ୍ୱାରା ପ୍ରଦତ୍ତ ୧୮୫ ରନର ଟାର୍ଗେଟକୁ ନେଇ ଓହ୍ଲାଇଥିବା ନେପାଳ ଶେଷ ପର୍ଯ୍ୟନ୍ତ ଖେଳିବା ସତ୍ତ୍ୱେ ୬ ଉଇକେଟ ହରାଇ ୧୮୦ ରନ କରିପାରି ଥିଲା। ମ୍ୟାଚ୍‌ରେ ଇଂଲଣ୍ଡ ପାଇଁ ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ୱିଲ ଜ୍ୟାକ୍ସଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଇଂଲଣ୍ଡ ଆସନ୍ତା ୧୧ ତାରିଖରେ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍‌କୁ ଭେଟିବ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୪ ରନ କରିଥିଲା। ଦଳ ପାଇଁ ଜେକବ ବେଥେଲ ୫୫ (୪ ଲେଖାଏ ଚୌକା ଓ ଛକା) ଓ ଅଧିନାୟକ ହ୍ୟାରୀ ବ୍ରୁକ ୫୩ (୪ ଚୌକା ଓ ୩ ଛକା) ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ୱିଲ ଜ୍ୟାକ୍ସ ୧୮ ବଲରେ ୩୯ (୧ ଚୌକା ଓ ୪ ଛକା) ଓ ଜୋସ ବଟଲର ୨୬ (୫ ଚୌକା) ରନ୍ କରିଥିଲେ। ନେପାଳ ପକ୍ଷରୁ ଦିପେନ୍ଦ୍ର ସିଂ ଆଇରି ଓ ନନ୍ଦନ ଯାଦବ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ନେପାଳ ପାୱରପ୍ଲେ ଓଭର ମଧ୍ୟରେ ଦୁଇ ଓପନର ଅସିଫ ଶେଖ (୭) ଓ କୁଶାଳ ଭୁର୍ତ୍ତେଲ (୨୯ ରନ୍, ୪ ଚୌକା ଓ ୧ ଛକା)ଙ୍କୁ ହରାଇଥିଲା। ଅଧିନାୟକ ରୋହିତ ପୌଡେଲ (୩୯ରନ, ୨ ଲେଖାଏ ଚୌକା ଓ ଛକା) ଓ ଦିପେନ୍ଦ୍ର ସିଂ ଆଇରି (୪୪ରନ, ୬ ଚୌକା ଓ ୧ ଛକା) ତୃତୀୟ ଉଇକେଟରେ ୫୪ ବଲରେ ଦ୍ରୁତ ୮୨ ରନ ଯୋଡ଼ିଥିଲେ। ହେଲେ ଦୁଇ ସେଟ୍ ବ୍ୟାଟର କ୍ରମାଗତ ଓଭରରେ ପାଭିଲିଅନ ଫେରିଥିଲେ। ଶେଷ ଆଡ଼କୁ ଲୋକେଶ ବାମ ୨୦ ବଲରେ ବିସ୍ଫୋରକ ବ୍ୟାଟିଂ କରି ୩୯ (୪ ଚୌକା ଓ ୨ ଛକା) ରନ କରି ଅପରାଜିତ ରହିଥିଲେ। ତାଙ୍କ ଇନିଂସ ଯୋଗୁ ନେପାଳ ପାଖରେ ବିଜୟ ସୁଯୋଗ ସୃଷ୍ଟି ହୋଇଥିଲା। ଦଳକୁ ଅନ୍ତିମ ଓଭରରେ ଜିତିବା ପାଇଁ ୧୦ ରନ ଦରକାର ଥିବା ଇଂଲଣ୍ଡର ସାମ୍ କୁରାନ ଚମତ୍କାର ବୋଲିଂ କରି ନେପାଳକୁ କେବଳ ୫ ରନ କରିବାକୁ ଦେଇଥିଲେ। ଫଳରେ ନେପାଳ ୨୦ ଓଭରରେ ୬ ଉଇକେଟ ହରାଇ ୧୮୦ ରନ କରିବାକୁ ସକ୍ଷମ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ: ୨୦ ଓଭରରେ ୧୮୪/୭ (ଜେକବ ବେଥେଲ-୫୫, ହ୍ୟାରୀ ବ୍ରୁକ-୫୩, ୱିଲ ଜ୍ୟାକ୍ସ-୩୯*, ଦିପେନ୍ଦ୍ର ହସିଂ ଆଇରି-୨/୨୩, ନନ୍ଦନ ଯାଦବ-୨/୨୫)। ନେପାଳ: ୨୦ ଓଭରରେ ୧୮୦/୬ (ଦିପେନ୍ଦ୍ର ସିଂ ଆଇରି-୪୪, ରୋହିତ ପୌଡେଲ-୩୯, ଲୋକେଶ ବାମ-୩୯*, ଲିଆମ ଡସନ-୨/୨୧)।

**ଟି୨୦ ବିଶ୍ୱକପ୍**

**(ଆଜିର ମ୍ୟାଚ୍)**

**ସ୍କଟଲାଣ୍ଡ ବନାମ ଇଟାଲୀ**
ସ୍ଥାନ: କୋଲକାତା, ସମୟ: ପୂର୍ବାହ୍ନ ୧୧ଟା

**ଜିମ୍ବାୱେ ବନାମ ଓମାନ**
ସ୍ଥାନ: କଲମ୍ବୋ, ସମୟ: ଅପରାହ୍ନ ୩ଟା

**ଦକ୍ଷିଣ ଆଫ୍ରିକା ବନାମ କାନାଡ଼ା**
ସ୍ଥାନ: ଅହମଦାବାଦ, ସମୟ: ସନ୍ଧ୍ୟା ୭ଟା

ପ୍ରସାରଣ: ଜିଓ ହଟ୍‌ଷ୍ଟାର

# ଆଫଗାନିସ୍ତାନକୁ ହରାଇଲା ନ୍ୟୁଜିଲାଣ୍ଡ

ଚେନ୍ନାଇ, ୮।୨ (ପି.ଟି.)

ଟିମ୍ ସିଫର୍ଟଙ୍କ ଆକ୍ରମଣାତ୍ମକ ଅର୍ଦ୍ଧଶତକ ସହାୟତାରେ ନ୍ୟୁଜିଲାଣ୍ଡ ଚଳିତ ଆଇସିସି ଟି୨୦ ବିଶ୍ୱକପ୍ ଗ୍ରୁପ୍ 'ଡି'ର ଏକ ମ୍ୟାଚରେ ଆଫଗାନିସ୍ତାନକୁ ୫ ଉଇକେଟରେ ହରାଇ ଦେଇଛି। ରବିବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ଗୁଲ୍‌ବଦିନ ନାଇବ୍ (୬୩ ରନ)ଙ୍କ ଅର୍ଦ୍ଧ ଶତକ ସହାୟତାରେ ନିର୍ଦ୍ଧାରିତ ଓଭରରେ ୬ଉଇକେଟ ବିନିମୟରେ ୧୮୨ ରନ କରିଥିଲା। ଦଳର ସ୍କୋରରେ ସିଦ୍ଦିକୁଲ୍ଲା ଅଟଳ (୨୯ରନ) ଓ ରହମାନୁଲ୍ଲା ଗୁର୍‌ବାଜ (୨୭)ଙ୍କ ଉପଯୋଗୀ ଅବଦାନ ମଧ୍ୟ ଥିଲା। ଜବାବରେ ନ୍ୟୁଜିଲାଣ୍ଡ ସିଫର୍ଟଙ୍କ ୬୫ ଏବଂ ଗ୍ଲେନ ଫିଲିପ୍ସଙ୍କ ୪୨ ରନ ସହାୟତାରେ ୧୭.୫ ଓଭରରେ ୫ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ୧୮୩ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ନ୍ୟୁଜିଲାଣ୍ଡ ଏକଦା ମାତ୍ର ୧୪ ରନ ସ୍କୋରରେ ଏହାର ଦୁଇଜଣ ବ୍ୟାଟରଙ୍କୁ ହରାଇ ଦେଇଥିବା ବେଳେ ସିଫର୍ଟ ଓ ଫିଲିପ୍ସ (୨୫ ବଲ୍‌ରେ ୪୨ରନ) ତୃତୀୟ ଉଇକେଟରେ ୪୭ବଲ୍‌ରୁ ମୂଲ୍ୟବାନ ୭୪ ରନ ଯୋଗ କରି ଦଳର ସ୍ଥିତିରେ ସୁଧାର ଆଣିଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ : ୨୦ ଓଭରରେ ୧୮୨/୬ (ଗୁଲ୍‌ବଦିନ ନାଇବ-୬୩; ଲୋକି ଫର୍ଗୁସନ-୨/୩୨)। ନ୍ୟୁଜିଲାଣ୍ଡ: ୧୭.୫ ଓଭରରେ ୧୮୩/୫ (ଟିମ୍ ସିଫର୍ଟ-୬୫; ମୁଜିବୁର ରହମନ-୨/୩୧)।

# ଶ୍ରୀଲଙ୍କା ଜିତିଲା

**କଲମ୍ବୋ,୮।୨:** ଚଳିତ ଟି୨୦ ବିଶ୍ୱକପ୍‌ରେ ରବିବାର ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚ୍‌ରେ ଶ୍ରୀଲଙ୍କା ୨୦ ରନରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଶ୍ରୀଲଙ୍କା ଦ୍ୱାରା ପ୍ରଦତ୍ତ ୧୬୪ ରନର ଟାର୍ଗେଟକୁ ପିଛା କରି ଆୟର୍ଲାଣ୍ଡ ୧୪୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଶ୍ରୀଲଙ୍କା ଆସନ୍ତା ୧୨ ତାରିଖରେ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ଓମାନକୁ ଭେଟିବ।

ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ଆରମ୍ଭରୁ କମିଲ ମିଶାରା(୧୪)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ପଥୁମ ନିଶଙ୍କା ଓ କୁସାଲ ମେଣ୍ଡିସ ଦ୍ୱିତୀୟ ଉଇକେଟରେ ୩୪ ରନ ଯୋଡ଼ିଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ନିଶଙ୍କା (୨୪), ପବନ ରତନାୟକେ (୫) ଓ ଦୁନିଥ ୱେଲାଲେଜ (୧୦)ଙ୍କ ଉଇକେଟ ହରାଇଥିଲା। ଏହିଠାରୁ କୁସାଲ ଓ କାମିଣ୍ଡୁ ମେଣ୍ଡିସ ପଞ୍ଚମ ଉଇକେଟରେ ୨୯ ବଲରେ ଦ୍ରୁତ ୬୭ ରନ କରି ଦଳୀୟ ସ୍କୋରକୁ ୧୫୦ ପାର କରାଇଥିଲେ। କାମିଣ୍ଡୁ ୧୯ ବଲରେ ୪୪ (୪ ଚୌକା ଓ ୨ ଛକା) ରନ କରି ଆଉଟ୍ ହେବାରୁ ଏହି ଯୋଡ଼ି ଭାଙ୍ଗିଥିଲା। ଅଧିନାୟକ ଦାସୁନ ଶନକା ଖାତା ଖୋଲିବା ପୂର୍ବରୁ କ୍ୟାଚ୍ ଆଉଟ୍ ହୋଇଥିଲେ। ଫଳରେ ଶ୍ରୀଲଙ୍କା ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୬୩ ରନ କରିଥିଲା। କୁସାଲ ୪୩ ବଲରେ ୫ ଚୌକା ସହ ୫୬ ରନ କରି ଅପରାଜିତ ରହିଥିଲେ। ଜବାବରେ ଆୟର୍ଲାଣ୍ଡ ଖୁବ ଶସ୍ତାରେ ଅଧିନାୟକ ପଲ ଷ୍ଟର୍ଲିଙ୍ଗ (୬)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ରସ ଆଡେଆର ୩୪ (୫ ଚୌକା ଓ ୧ ଛକା), ହ୍ୟାରୀ ଟେକ୍ଟର ୪୦(୧ ଚୌକା), ଲର୍କାନ ଟକର ୨୧ ରନ କରିଥିଲେ। ଏକଦା ୧୦୪ ରନରେ ୨ ଉଇକେଟ ହରାଇଥିବା ଆୟର୍ଲାଣ୍ଡ ମାତ୍ର ୧୪୩ ରନରେ ଅଲଆଉଟ୍ ହୋଇଯାଇଛି। ଶ୍ରୀଲଙ୍କା ପାଇଁ ୱାନିନ୍ଦୁ ହସରଙ୍ଗା ଓ ମହିଶ ତିକ୍ଷଣା ୩ଲେଖାଏ ଉଇକେଟ ନେଇଥିଲେ।

# ଗୋଲ୍ଡେନ କିଙ୍ଗ୍ ସ୍ନୁକର: ଆଶୁତୋଷଙ୍କୁ ଟାଇଟଲ୍

କଟକ,୮।୨(କୁମାରଶ୍ରୀ)

ସିଡିଏସ୍ଥିତ ଗୋଲ୍ଡେନ କ୍ୟୁ ସ୍ନୁକର କାଫେରେ ଗୋଲ୍ଡେନ କିଙ୍ଗ ଓପନ୍ ସ୍ନୁକର ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ରୋମାଞ୍ଚକ ଫାଇନାଲ ମୁକାବିଲାରେ ଆଶୁତୋଷ ପାଢ଼ୀ ୪-୩ ଫ୍ରେମରେ ନିଶାନ୍ତ ବିଶ୍ୱାଳଙ୍କୁ ପରାସ୍ତ କରି ଚାମ୍ପିୟନ ଟାଇଟଲ୍ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ଦୁଇ ସେମିଫାଇନାଲ୍‌ରେ ନିଶାନ୍ତ ୪-୧ ଫ୍ରେମରେ ଆକାଶ ମହାପାତ୍ରଙ୍କୁ ଏବଂ ଆଶୁତୋଷ ୪-୧ ଫ୍ରେମରେ ଅନୁଜ ପଣ୍ଡାଙ୍କୁ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ପୁରସ୍କାର ସ୍ୱରୂପ ଚାମ୍ପିୟନ ଆଶୁତୋଷଙ୍କୁ ଟ୍ରଫି ସମେତ ୨୫ହଜାର ଓ ରନରଅପ ନିଶାନ୍ତଙ୍କୁ ଟ୍ରଫି ଏବଂ ୧୩ହଜାର ଟଙ୍କାର ଆର୍ଥିକ ପୁରସ୍କାର ରାଶି ମିଳିଥିଲା। ଦୁଇ ସେମିଫାଇନାଲିଷ୍ଟ ଆକାଶ ଏବଂ ଅନୁଜଙ୍କୁ ଟ୍ରଫି ଏବଂ ୬ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ସୁବ୍ରତ ଦାସ, ସୁଦୀପ୍ତ ଦାଶ, ରାକେଶ ରୋଶନ ପ୍ରଧାନ, ଚିରାଗ ଅରୋରା ୩ହଜାର ଟଙ୍କା ଲେଖାଏ ପୁରସ୍କାର ଆକାରରେ ହାସଲ କରିଥିଲେ। ସର୍ବାଧିକ ବ୍ରେକ ପଏଣ୍ଟ ହାସଲ କରିଥିବା ଆଶୁତୋଷ ପାଢ଼ୀଙ୍କୁ ଟ୍ରଫି ଏବଂ ୫ ହଜାର ଟଙ୍କାର ପୁରସ୍କାର ମିଳିଥିଲା। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଗୋଲ୍ଡେନ କିଙ୍ଗ ସ୍ନୁକର ସେଣ୍ଟର ମାଲିକ ଜ୍ଞାନରଞ୍ଜନ ବେହେରା, କୋ-ଫାଉଣ୍ଡର ସ୍ମୃତିରଞ୍ଜନ ବେହେରା, ସହଯୋଗୀ ରାଜେନ୍ଦ୍ର ପୁହାଣ, ଭବାନୀ ଶଙ୍କର ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ।




ଗୋଲ୍ଡେନ କିଙ୍ଗ୍ ସ୍ନୁକର ଟାଇଟଲ ବିଜେତା ଆଶୁତୋଷ ପାଢ଼ୀ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଭାରତୀୟ କ୍ୟାମ୍ପରେ ପଦ୍ମିନୀ, ସୁମିତ୍ରା, ଆକାଶ

ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)

ଇଣ୍ଡିଆନ ବ୍ଲାଇଣ୍ଡ ସ୍ପୋର୍ଟ୍ସ ଆସୋସିଏଶନ (ଆଇବିଏସ୍ଏ) ଆନୁକୂଲ୍ୟରେ ଚଳିତ ମାସ ୧୧ରୁ ୧୩ ପର୍ଯ୍ୟନ୍ତ ଦିଲ୍ଲୀର ନିଜାମୁଦ୍ଦିନଠାରେ ଆଇବିଏସ୍ଏ ଭାରତୀୟ ଦୃଷ୍ଟିବାଧିତ ମହିଳା ଫୁଟବଲ ଦଳର ଖେଳାଳି ଚୟନ ଶିବିର ଅନୁଷ୍ଠିତ ହେବ। ସେହିପରି ୧୫ରୁ ୧୮ ପର୍ଯ୍ୟନ୍ତ କେରଳର କୋଚିଠାରେ ପୁରୁଷ ଦୃଷ୍ଟିବାଧିତ ଭାରତୀୟ ଫୁଟବଲ ଦଳର ଚୟନ ଶିବିର ହେବ। ଏହି ଦୁଇ ଶିବିର ଲାଗି ଓଡ଼ିଶା ବ୍ଲୁସ୍ ଆଇ ଦୃଷ୍ଟିବାଧିତ ମହିଳା ଫୁଟବଲ ଦଳର ପଦ୍ମିନୀ ଗୁଡୁ, ସୁମିତ୍ରା ସିଂ ଏବଂ ଆକାଶ ପଡ଼ିଆମୀ ମନୋନୀତ ହୋଇଛନ୍ତି। ବ୍ଲୁସ୍ ଆଇର ଅଧ୍ୟକ୍ଷ ତ୍ରିଲୋଚନ ବେଉରାଙ୍କ ସୂଚନା ଅନୁଯାୟୀ ଆସନ୍ତା ଏପ୍ରିଲରେ ଜାପାନରେ ହେବାକୁ ଥିବା ଏସିଆ ଓସିଆନା ଚାମ୍ପିୟନଶିପ୍ ପାଇଁ ଆଇବିଏସଏ ପକ୍ଷରୁ ଏହି ଚୟନ ଶିବିର ଆୟୋଜନ କରାଯାଉଛି। ୨୦୨୫ ଡିସେମ୍ବରରେ ଉତ୍ତରାଖଣ୍ଡଠାରେ ଅନୁଷ୍ଠିତ ଜାତୀୟ ଦୃଷ୍ଟିବାଧିତ ଫୁଟବଲ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଏହି ଶିବିରକୁ ନିମନ୍ତ୍ରଣ କରାଯାଇଛି। ରବିବାର ପଦ୍ମିନୀ ଓ ସୁମିତ୍ରା ଶିବିରରେ ଯୋଗଦେବା ପାଇଁ ଦିଲ୍ଲୀ ଯାତ୍ରା କରିଛନ୍ତି। ଆସନ୍ତା ୧୩ରେ ଆକାଶ ପଡିଆମୀ କେରଳ ଯିବେ।

**ଦୃଷ୍ଟିବାଧିତ ଫୁଟବଲ**



ପଦ୍ମିନୀ ଗୁଡୁ ଓ ସୁମିତ୍ରା ସିଂ।




ଆକାଶ ପଡ଼ିଆମୀ

# ପାକିସ୍ତାନ ଗସ୍ତରେ ଆଇସିସି ଉପମୁଖ୍ୟ

କରାଚୀ,୮।୨(ପି.ଟି.)

ଆସନ୍ତା ୧୫ ତାରିଖରେ ଭାରତ ବିପକ୍ଷରେ ହେବାକୁ ଥିବା ମ୍ୟାଚ୍‌କୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଥିବା ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସହ ଆଲୋଚନା କରିବା ପାଇଁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଉପ ମୁଖ୍ୟ ଇମ୍ରାନ ଖ୍ୱାଜା ଲାହୋରରେ ପହଞ୍ଚିଛନ୍ତି। ଆଇସିସିରେ ସିଙ୍ଗାପୋରର ପ୍ରତିନିଧିତ୍ୱ କରୁଥିବା ଖ୍ୱାଜା ବିଶ୍ୱ କ୍ରିକେଟ ପରିଚାଳନା ସଂସ୍ଥାରେ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଏବଂ ଜଣେ ଆସୋସିଏଟ୍ ସଦସ୍ୟ ନିର୍ଦ୍ଦେଶକ ଭାବେ ତାଙ୍କର ଭୋଟିଂ ଅଧିକାର ମଧ୍ୟ ରହିଛି।

ଖ୍ୱାଜା କିଛିଦିନ ହେଲା ପିସିବି ମୁଖ୍ୟ ମହସିନ ନକଭିଙ୍କ ସହ କଥା ହେଉଛନ୍ତି। ସେ ନକଭି ଓ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ମୁଖ୍ୟ ଅମିନୁଲ ଇସ୍ଲାମଙ୍କ ସହ କଥା ହେବା ପାଇଁ ଲାହୋର ଟ୍ରାଭେଲ କରିଛନ୍ତି। ଲାହୋରରେ ଥିବା ଅମିନୁଲ ରବିବାର ନକଭିଙ୍କୁ ଭେଟିଛନ୍ତି। ଭାରତ ବିପକ୍ଷ ହାଇଭୋଲ୍ଟେଜ ମ୍ୟାଚ୍ ଖେଳିବା ପାଇଁ ପିସିବିକୁ ବୁଝାଇବା ଲାଗି ହେବାକୁ ଯାଉଥିବା ବୈଠକରେ ଅମିନୁଲ ଯୋଗ ଦେଇପାରନ୍ତି ବୋଲି ସୂତ୍ରରୁ କୁହାଯାଇଛି।

ଭାରତ ବିପକ୍ଷ ମ୍ୟାଚ୍ ବର୍ଜନ କରିବା ସମ୍ପର୍କରେ ସରକାରଙ୍କଠାରୁ ମିଳିଥିବା ନିର୍ଦ୍ଦେଶ ବିଷୟରେ ଏପର୍ଯ୍ୟନ୍ତ ନକଭି ମତାମତ ଦେଇ ନାହାନ୍ତି। କିନ୍ତୁ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଶ୍ରୀଲଙ୍କା ବୋର୍ଡ ପକ୍ଷରୁ ମେଲ କରାଯିବା ପରେ ପରିସ୍ଥିତିରେ ସୁଧାର ଆସିଛି। ଆଇସିସି ସିଇଓ ସଂଯୋଗ ଗୁପ୍ତା ଶ୍ରୀଲଙ୍କା କ୍ରିକେଟ (ଏସ୍ଏଲ୍ସି) ସଭାପତି ଶାମି ସିଲଭାଙ୍କୁ ଭେଟିବା ପାଇଁ କଲମ୍ବୋରେ ରହିଛନ୍ତି।

**ଟି୨୦ ବିଶ୍ୱକପ୍ ମ୍ୟାଚ୍ ବୟକଟ**

**ଏସିଆନ୍ ଶୁଟିଂ ଚାମ୍ପିୟନଶିପ୍**

# ଏଲାଭେନିଲ-ବବୁତା ଯୋଡ଼ିଙ୍କୁ ସ୍ୱର୍ଣ୍ଣ ପଦକ

**ନୂଆଦିଲ୍ଲୀ, ୮।୨ (ପି.ଟି.):** ଭାରତୀୟ ଶୁଟରମାନେ ଏଠାରେ ଚାଲିଥିବା ଏସିଆନ ଚାମ୍ପିୟନଶିପ୍ (ରାଇଫଲ/ପିସ୍ତଲ)ରେ ସେମାନଙ୍କ ଆଧିପତ୍ୟ ବଜାୟ ରଖିଛନ୍ତି। ଅଲିମ୍ପିଆନ ଏଲାଭେନିଲ ଭାଲାରିଭାନ ଓ ଅର୍ଜୁନ ବବୁତା ୧୦ ମିଟର ଏୟାର ରାଇଫଲ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। କାର୍ନି ସିଂ ରେଞ୍ଜ୍‌ରେ ଭାରତର ହିମାଂଶୁ ଧିଲନ ଓ ସମ୍ଭାବୀ କ୍ଷୀରସାଗର ଜୁନିୟର କାଟେଗୋରୀର ସମାନ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଛନ୍ତି। ଶନିବାର ମହିଳା ଏୟାର ରାଇଫଲରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ଏଲାଭେନିଲ ୪ଟି ଦଳକୁ ନେଇ ଫାଇନାଲରେ ୨୪ ଶଟ୍‌ରୁ ୨୫୩.୪ ଫାୟାର କରିଥିବା ବେଳେ ବବୁତାଙ୍କାର ଆରମ୍ଭ ଭଲ ହୋଇ ନ ଥିଲେ ମଧ୍ୟ ପଦକ ରାଉଣ୍ଡରେ ୨୫୧.୬ ସ୍କୋର କରିଥିଲେ। ସ୍ୱର୍ଣ୍ଣ ପାଇଁ ଏହା ଯଥେଷ୍ଟ ଥିଲା। ଶନିବାର ବ୍ୟକ୍ତିଗତ ସଫଳତା ପରେ ହିମାଂଶୁ ଓ ସମ୍ଭାବୀ ଶନିବାର ସେମାନଙ୍କ ବ୍ୟକ୍ତିଗତ ସଫଳତା ପରେ ମିକ୍ସଡ ଟିମ୍ ପ୍ରତିଯୋଗିତାରେ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଭାରତୀୟ ଯୋଡ଼ି ଫାଇନାଲରେ କାଜାଖସ୍ତାନର ଏଲିନା ସତପାୟେଭା ଓ ତାମରଲାନ କାବୁଲୋଭ (୪୮୮.୬)ଙ୍କଠାରୁ ୧୩.୮ ପଏଣ୍ଟ ଆଗରେ ସ୍ୱର୍ଣ୍ଣ ଜିତିଥିବା ବେଳେ ମାଳଦ୍ୱୀପର ଇଶା ଶାହିଦ ଓ ମାଇଦି ମହମ୍ମଦଙ୍କୁ ବ୍ରୋଞ୍ଜ ମିଳିଥିଲା।

# ଭାରତକୁ ଜିତାଇଲେ ଦକ୍ଷିଣେଶ୍ୱର

**ଡେଭିସ କପ୍**

ବେଙ୍ଗାଲୁରୁ, ୨।୮ (ପି.ଟି.)

ଦକ୍ଷିଣେଶ୍ୱର ସୁରେଶଙ୍କ ପ୍ରଭାବୀ ପ୍ରଦର୍ଶନକୁ ପାଥେୟ କରି ଭାରତ ଏଠାରେ ଚାଲିଥିବା ନେଦରଲାଣ୍ଡସ ବିପକ୍ଷ ଡେଭିସ କପ୍ ମ୍ୟାଚକୁ ୩-୨ରେ ଜିତି କ୍ୱାଲିଫାୟର୍ସ ରାଉଣ୍ଡ-୨ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଡିକେ ଭାବେ ପରିଚିତ ୨୫ ବର୍ଷୀୟ ଦକ୍ଷିଣେଶ୍ୱର ନେଦରଲାଣ୍ଡସ ବିପକ୍ଷରେ ତାଙ୍କର ଦୁଇ ସିଙ୍ଗଲ୍ସ ମ୍ୟାଚ ଏବଂ ୟୁକି ଭାମ୍ବ୍ରିଙ୍କୁ ନେଇ ଡବଲ୍ସ ମ୍ୟାଚ ଜିତି ଭାରତ ପାଇଁ ଏହି ସ୍ମରଣୀୟ ବିଜୟ ଆଣିଦେଇଛନ୍ତି। ଭାରତୀୟ ଡେଭିସ୍ କପ୍ ମ୍ୟାଚରେ ଏହା ହେଉଛି ଏକ ବିରଳ ସଫଳତା। ୨୦୦୪ରେ ଜାପାନ ବିପକ୍ଷ ମୁକାବିଲାରେ ଲିଆଣ୍ଡର ପେସ୍‌ଙ୍କ ଭୂମିକାକୁ ଏହା ମନେ ପକାଇ ଦେଉଛି। ଦକ୍ଷିଣେଶ୍ୱର ନିର୍ଣ୍ଣାୟକ ମ୍ୟାଚରେ ଗଏ ଡି' ଓଡେନ୍‌ଙ୍କୁ ୬-୪, ୭-୬ (୪)ରେ ପରାସ୍ତ କରି ଭାରତର ନୂଆ ଡେଭିସ୍ କପ୍ ହିରୋ ଭାବେ ଉଭା ହୋଇଛନ୍ତି।

# ଜାତୀୟ ସବ୍‌ଜୁନିୟର ଭଲିବଲ ଲାଗି ଚୟନ ଟ୍ରାଏଲ



ଭଲିବଲ ଟ୍ରାଏଲରେ ଭାଗ ନେଇଥିବା ଖେଳାଳିମାନେ କର୍ମକର୍ତ୍ତାଙ୍କ ଗହଣରେ।

ଭୁବନେଶ୍ୱର, ୮।୨ (ତପନ ସ୍ୱାଇଁ)

ପଶ୍ଚିମବଙ୍ଗ ହୁଗୁଳିସ୍ଥିତ ବନ୍ଦେଲଠାରେ ୪୬ତମ ଜାତୀୟ ସବ୍‌ଜୁନିୟର ଭଲିବଲ ଚାମ୍ପିୟନଶିପ୍ ଚଳିତ ମାସ ୨୪ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ପକ୍ଷରୁ ରାଜ୍ୟଦଳର ଚୟନ ଟ୍ରାଏଲ୍ (ବାଳିକା ଓ ବାଳକ) ରବିବାର କିଟ୍ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏଥିରେ ଭାଗ ନେଇଥିଲେ। ଦିନସାରା ଦକ୍ଷତା, ପ୍ରଦର୍ଶନ ଓ ଅନ୍ୟ ଆନୁଷଙ୍ଗିକ ଦିଗକୁ ତର୍ଜମା କରାଯିବା ପରେ ୨୦ ବାଳିକା ଓ ୨୦ ବାଳକ ଶର୍ଟଲିଷ୍ଟ ହୋଇଛନ୍ତି। ଅନ୍ତର୍ଜାତୀୟ ଭଲିବଲ ଫେଡେରେଶନ (ଏଫ୍ଆଇଭିବି) ଲେଭଲ-୨ କୋଚ୍ ଲୋତକ ବିନ୍ଦୁ ଦାଶ, ଲେଭଲ-୧ ଅନ୍ତର୍ଜାତୀୟ କୋଚ୍ ସୁଦର୍ଶନ ପଟ୍ଟନାୟକ, ଓଭିଏ ସମ୍ପାଦକ ଗଗନେନ୍ଦୁ ଦାଶ ଏବଂ ଅନ୍ୟ କେତେକ ଅଭିଜ୍ଞ ଅଫିସିଆଲ ଓ କୋଚ୍ ଏହି ଟ୍ରାଏଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍ଆଇ)ର ମୁଖ୍ୟ ପୃଷ୍ଠପୋଷକ ତଥା ରାଜ୍ୟ ଆସୋସିଏଶନ ସଭାପତି ଅଚ୍ୟୁତ ସାମନ୍ତ ମନୋନୀତ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ